DSE-3
Block-1

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବି
Odisha State Op
Sambalp

# ସ୍ନାତକ କାର୍ଯ୍ୟକ୍ରମ

## ଶୃଙ୍ଖଳାକୈନ୍ଦ୍ରିକ ଇଚ୍ଛାଧିନ ପାଠ-ଓଡ଼ିଆ

**Discipline Specific Electives ( DSE ) - Course -Odia**

ଓଡ଼ିଆ ପଦ୍ୟ ସାହିତ୍ୟ

ଜଗନ୍ନାଥ ଜଣାଣ - କବିସୂର୍ଯ୍ୟ ବଳଦେବ ରଥ

ଆକାଶ ପ୍ରତି – ମଧୁସୂଦନ ରାଓ

ଯାତ୍ରା ସଂଗୀତ – ବୈକୁଣ୍ଠନାଥ ପଟ୍ଟନାୟକ

ମୌସୁମୀ – ରାଧାମୋହନ ଗଡ଼ନାୟକ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

ଡ଼ିଏସ୍ଇ - ୩
ଓଡ଼ିଆ ପଦ୍ୟ ସାହିତ୍ୟ

## ବ୍ଲକ୍ ୧ ପଦ୍ୟ ସାହିତ୍ୟ

ପ୍ରଥମ ଏକକ : ବିଂଶ ଶତାବ୍ଦୀର ଓଡ଼ିଆ କାବ୍ୟ କବିତାର ଧାରା

ଦ୍ୱିତୀୟ ଏକକ : ଜଗନ୍ନାଥ ଜଣାଣ - କବିସୂର୍ଯ୍ୟ ବଳଦେବ ରଥ

ତୃତୀୟ ଏକକ : ଆକାଶ ପ୍ରତି - ମଧୁସୂଦନ ରାଓ

ଚତୁର୍ଥ ଏକକ : ଯାତ୍ରା ସଙ୍ଗୀତ - ବୈକୁଣ୍ଠ ନାଥ ପଟ୍ଟନାୟକ

ପଞ୍ଚମ ଏକକ : ମୌସୁମୀ - ରାଧାମୋହନ ଗଡ଼ନାୟକ

**ପାଠ୍ୟକ୍ରମ : ଡ଼ିଏସ୍ଇ - ୩**

**ବ୍ଲକ୍ : ୦୧**

**ପ୍ରଥମ ସଂସ୍କରଣ : ୨୦୨୨**


**ଲେଖକ : ଡକ୍ଟର ନଟବର ଶତପଥୀ**

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ ।

(ପ୍ରଥମ ଏକକ)

**ଡକ୍ଟର ପ୍ରମୋଦ କୁମାର ପାଢୀ**

ଅବସରପ୍ରାପ୍ତ ପ୍ରଧାପକ, ଅଞ୍ଚଳ ମହାବିଦ୍ୟାଳୟ

ପଦ୍ମପୁର, ବରଗଡ଼ ।

(ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଏକକ)

**ସମୀକ୍ଷକ : ଡକ୍ଟର ରୁଦ୍ରାଣୀ ମହାନ୍ତି**

ସହକାରୀ ପ୍ରଧାପିକା, ଓଡ଼ିଆ ବିଭାଗ,

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ।

(ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଏକକ)

**ସଂଯୋଜିକା : ଡକ୍ଟର ସୁନୀତି ଦେବତା**

ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।



**ପ୍ରକାଶକ**

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ


© OSOU, 2022. **"Padya Sahitya"** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ବିଂଶ ଶତାବ୍ଦୀର ଓଡ଼ିଆ କାବ୍ୟ କବିତାର ଧାରା

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୩.୧ କାବ୍ୟକବିତାର ବିକାଶ ପର୍ବ
୧.୩.୨ ସାମ୍ୟବାଦର ସ୍ୱର
୧.୩.୩ ସଚ୍ଚିରାଉତରାୟ ଓ ପଲ୍ଲିଚିତ୍ର
୧.୩.୪ ନୂଆ କବିତାର ପଦଚିହ୍ନ
୧.୩.୫ ଆଧୁନିକ କବିତା - ପ୍ରୟୋଗବାଦୀ କବିତା
୧.୪ ସାରାଂଶ
୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୬ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

୧୯୨୦-୩୫ ସମୟ ମଧ୍ୟରେ ଓଡ଼ିଆ କବିତାର ସ୍ୱରରେ ଘଟିଛି ବହୁ ପରିବର୍ତ୍ତନ, ୧୮୯୫ରୁ ୧୯୨୦ ମଧ୍ୟରେ ଯେତେସବୁ ଆଙ୍ଗିକର ପରୀକ୍ଷା ନିରୀକ୍ଷା ହୋଇଥିଲା, ୧୯୨୦-୩୫ ମଧ୍ୟରେ ତା'ର ବିକାଶ ଘଟିଛି । କିନ୍ତୁ ୧୯୩୫ ପରଠାରୁ ଆସିଛି ପରିବର୍ତ୍ତନ । ଆସିଛି ନୂଆଭାବ କବିତା ରାଜ୍ୟରେ । ପୂର୍ବ ପରିଚ୍ଛେଦରେ ଆଲୋଚିତ କବିମାନଙ୍କ ମଧ୍ୟରୁ ଅନେକ ୧୯୩୫ ପରେ ମଧ୍ୟ ଲେଖା ଅବ୍ୟାହତ ରଖିଛନ୍ତି, ସେମାନଙ୍କ ସହ ସମାନ୍ତରାଳ ଭାବେ ନୂଆ ରୀତିର କବିତା ଗତି କରିଛି । ଯେପରି କାଳିନ୍ଦୀଚରଣ, ଗୋଦାବରୀଶ (ମିଶ୍ର ଓ ମହାପାତ୍ର), ମାନସିଂହ, ଗଡ଼ନାୟକ ଏବଂ ଅନ୍ୟମାନେ । ଓଡ଼ିଆ କବିତା ରାଜ୍ୟରେ ୧୯୩୫ ଏକ ମୋଡ଼ ପରିବର୍ତ୍ତନର କାଳ । ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଢ଼ାହୁଏ 'ନବଯୁଗ ସାହିତ୍ୟ ସଂସଦ' ନାମରେ ଏକ ସଙ୍ଗଠନ ଏବଂ ଛଅଦିନ ଧରି (୨୯-୧୧-୧୯୩୫ରୁ ୪-୧୨-୧୯୩୫) ଜନ୍ମ ଉତ୍ସବ ପାଳନ କରାଯାଏ । ଉତ୍ସବ ଆରମ୍ଭରେ କବି ଅନନ୍ତ ପଟ୍ଟନାୟକ ଲେଖିଥିବା ଗୀତଟିଏ ବୋଲନ୍ତି ମାଳତୀ ଚୌଧୁରୀ । ଏଇଟି ଆହ୍ୱାନମୂଳକ ରଚନା, ଯଥା –

ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନହରା,
ବକ୍ଷ ଶୋଣିତେ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରା ।

ଆଭିମୁଖ୍ୟ ସ୍ପଷ୍ଟ। ନବୀନ ଯୁଗ ଆସିଛି, ନବୀନ ଯୁଗର ତରୁଣମାନେ ଆଲୋକର ବାର୍ତ୍ତା ପ୍ରଚାର କରନ୍ତୁ। ପ୍ରଶ୍ନ ହୋଇଛି, ଏହି ନୂଆ ଆଲୋକ କ'ଣ ? ଏ ବିଷୟରେ ଅବଗତ ହେବାକୁ ଏଇ ଅଧ୍ୟାୟର ଆବଶ୍ୟକତା ରହିଛି।

## ୧.୨ ଶିକ୍ଷଣୀୟ ବିଷୟ

**ଏହି ଏକକ ଶେଷରେ ଆପଣ ଜାଣିବାକୁ ପାଇବେ :-**

- ଆଧୁନିକ ଓଡ଼ିଆ କବିତାର ବିକାସ ପର୍ବରେ ସାମ୍ୟବାଦର ପ୍ରଭାବ।
- ସାମାଜିକ ପ୍ରେରଣାରୁ ରଚିତ ସାହିତ୍ୟର ସାହିତ୍ୟିକ ଆବେଦନ ।
- ଓଡ଼ିଆ ସାହିତ୍ୟରେ ବିଭିନ୍ନ ପରୀକ୍ଷାନିରୀକ୍ଷା। ଓ ଆଧୁନିକତାର ପ୍ରଭାବ।
- ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସାହିତ୍ୟିକ ଶୈଳୀର ପ୍ରଭାବ।

## ୧.୩ ବିଷୟ ପ୍ରବେଶ

ଓଡ଼ିଆ ସାହିତ୍ୟରେ ପରିବର୍ତ୍ତନର ସୂତ୍ରପାତ ହୋଇଛି ଉପର ଅଂଶରେ କଥିତ ପ୍ରଗତିଶୀଳ ମତବାଦଦ୍ୱାରା। ସେଥିପାଇଁ ଅନୁକୂଳ ପରିସ୍ଥିତି ଓ ପରିବେଶ ସୃଷ୍ଟି କରିଛନ୍ତି ପ୍ରଥମ କରି ଭଗବତୀ ଚରଣ ପାଣିଗ୍ରାହୀ (୧୯୦୭-୧୯୪୩)। ସେ ଥିଲେ କାଳିନ୍ଦୀ ଚରଣଙ୍କ ବଡ଼ଭାଇ। ପାଟଣା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଏମ୍.ଏ. ପାଶ୍ ପରେ ସମାଜ ସେବାରେ ମନୋନିବେଶ କରିଥିଲେ ଏବଂ ଭାରତୀୟ କମ୍ୟୁନିଷ୍ଟ ଦଳରେ ଯୋଗଦେଇ ଓଡ଼ିଶାରେ ତା'ର ଭିତ୍ତିଭୂମି ପକାଇଥିଲେ। ସମାଜ, ରାଜନୀତି, ଦର୍ଶନ ଓ ସାହିତ୍ୟ ବୁଝିବାପାଇଁ ସାମ୍ୟବାଦ ସମ୍ପର୍କରେ ଜ୍ଞାନର ଅତ୍ୟାବଶକତା ଥିଲା। ଓଡ଼ିଶା ସେ ବେଳକୁ ପ୍ରାୟତ ନେତା ଶୂନ୍ୟ। ପଣ୍ଡିତ ଗୋପବନ୍ଧୁ ନ ଥିଲେ, ନ ଥିଲେ କୁଳବୃଦ୍ଧ ଓଡ଼ିଆ ଜାତିର ମୁକୁଟ ମଧୁସୂଦନ ଦାସ। ଉତ୍କଳ ସମ୍ମିଳନୀର ସଂଗ୍ରାମ ସତ୍ତ୍ୱେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯାଇ ନ ଥିଲା। ଓଡ଼ିଶାର ବିପ୍ଳବୀ ନାୟକମାନେ ଜଣକ ପରେ ଜଣେ ଆଖିବୁଜି ଦେଇଥିଲେ। ନୂଆ ସମାଜ ଗଢ଼ିବା ଲକ୍ଷ୍ୟ ନେଇ ଭଗବତୀ ରାଜନୀତିକ ସଙ୍ଗଠନରେ ପ୍ରବେଶ କରିଥିଲେ। ମିସନାରିମାନେ ମନେ କରିଥିଲେ ଯେ ଓଡ଼ିଶା ହେଉଛି କୁସଂସ୍କାରର ଏକ ବିରାଟ ପାତ୍ର (କରେଇ)। ତେଣୁ ସେମାନେ ସଂସ୍କାର ନାମରେ ଖ୍ରୀଷ୍ଟଧର୍ମ ପ୍ରଚାର କରି ଧର୍ମ ଆଳରେ ପାଶ୍ଚାତ୍ୟ ସଂସ୍କୃତିର ସ୍ଥାପନ କରିସାରିଥିଲେ। ଧର୍ମ ଯେତେ ଉଦାରତା ଓ ସହିଷ୍ଣୁତା ପ୍ରଚାର କରିବା କଥା ତାହା ସେବେଳକୁ ପୌତ୍ତଳିକତାରେ ପରିଣତ ହୋଇଥିଲା। ଜାତୀୟ ସ୍ୱାଧୀନତା ସଂଗ୍ରାମ ଚାଲିଥିଲା। ସେଇ ସହିତ ମଧ୍ୟ ଚାଲିଥିଲା ପ୍ରଜା ଆନ୍ଦୋଳନ, ଅର୍ଥାତ ଗଡ଼ଜାତ ମୁଲକରେ ପ୍ରଜାପୀଡ଼ନ ବିରୋଧରେ ଲଢ଼େଇ। ଅପରପକ୍ଷରେ ପୃଥିବୀରେ ସାମ୍ୟବାଦୀ ବିପ୍ଳବ ଘଟି ସାରିଲାଣି। ରୁଷିଆରେ ବଲ୍‌ସେଭିକ ଆନ୍ଦୋଳନ ମାଧ୍ୟମରେ ଆସିଯାଇଛି ନୂଆ ସରକାର – କମ୍ୟୁନିଷ୍ଟ ମତବାଦର ସରକାର।

କାର୍ଲମାକ୍ସଙ୍କ ସାମ୍ୟବାଦୀର ନୀତିର ପ୍ରୟୋଗ ହୋଇଛି ଲେନିନଙ୍କ ନେତୃତ୍ୱରେ। ଏହି ମତବାଦରେ ପ୍ରାଚୀନ ମୂଲ୍ୟବୋଧ, ସଂସ୍କୃତି ଓ ଆଦର୍ଶକୁ ବୁର୍ଜୁଆ ସଂସ୍କୃତି କୁହାଯାଇଛି ଏବଂ ଏହି ସଂସ୍କୃତିର ବିରୋଧରେ ଶ୍ରମିକ ଶ୍ରେଣୀ ପ୍ରତିବାଦ କରି ଶ୍ରମ ସଂସ୍କୃତିର ଶ୍ରେଷ୍ଠତା ଦେଖାଇ ସାରିଛନ୍ତି। ପ୍ରାଚୀନ ଚିନ୍ତାଧାରା ବଦଳି ଯାଇଛି। ନୂଆ ବିଚାରର ସଂସ୍କୃତିକୁ ଶ୍ରମିକର ସଂସ୍କୃତି କୁହାଯାଇଛି। ସେହିପରି ଶ୍ରମିକର ଲଢ଼େଇରେ ପ୍ରତିଷ୍ଠିତ ଶାସନକୁ କୁହାଯାଇଛି 'ସର୍ବହରାର ଏକଛତ୍ରବାଦ'। ଅର୍ଥାତ୍ ଯେଉଁମାନେ ତଳ ଶ୍ରେଣୀର ଲୋକ, ଯେଉଁମାନଙ୍କର ଜୀବନର ସଂସ୍କୃତି, ଆଦର୍ଶକୁ ସମ୍ପୂର୍ଣ୍ଣ ଅବହେଳା କରାଯାଇଥିଲା ଏବେ ସେମାନଙ୍କର ଆଦର୍ଶକୁ ଗୁରୁତ୍ୱ ଦିଆଯାଇ ସେମାନଙ୍କ ପ୍ରତିନିଧିଙ୍କୁ ନେଇ ଶାସନର ନୂଆ ନାମକରଣ ହୋଇଛି। ପୃଥିବୀରେ ଆସିଛି ପରିବର୍ତ୍ତନର ବାର୍ତ୍ତା। ସେହି ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ 'ନବଯୁଗ ସାହିତ୍ୟ ସଂସଦ' ନେତୃତ୍ୱ ନେଇଛି। ଏହା ପୂର୍ବରୁ ଭାରତରେ ହିନ୍ଦୀର ବିଶିଷ୍ଟ ଲେଖକ ପ୍ରେମଚାନ୍ଦଙ୍କ ନେତୃତ୍ୱରେ ଗଢ଼ାଯାଇଛି 'ଅଖିଳ ଭାରତ ପ୍ରଗତିଶୀଳ ଲେଖକସଂଘ'। ସେହି ସଂଘ ନୂତନ ସାହିତ୍ୟର ଇସ୍ତାହାର ଘୋଷଣା କରିଛି। ସେଥିରେ କୁହାଯାଇଥିବା କଥାର ମର୍ମହେଉଛି – (କ) ଭାଗ୍ୟ, ଭଗବାନ, ଜାତି, ଧର୍ମ ଭିତ୍ତିକ ସମସ୍ତ ବିଶ୍ୱାସକୁ ପରିହାର କରାଯିବ, (ଖ) ଅତୀତକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ ନ କରି ତା'ର ବିଜ୍ଞାନସମ୍ମତ ବିଚାର ମାଧ୍ୟମରେ ଯାହା ଶ୍ରେୟସ୍କର ତାହା ଗ୍ରହଣ କରାଯିବ, (ଗ) ଶ୍ରମ ଓ ଶ୍ରମ ସଂସ୍କୃତି ଭିତ୍ତିକ ସମାଜକୁ ଦିଆଯିବ ପ୍ରାଧାନ୍ୟ, (ଘ) ପରମ୍ପରା ନାମରେ ଅନ୍ଧବିଶ୍ୱାସ, କୁସଂସ୍କାର, ଦେବବାଦକୁ ସ୍ୱୀକାର କରାଯିବ ନାହିଁ, ତା'ର ବିକଳ୍ପରେ ଏକ ପ୍ରଗତିକାମୀ ଶ୍ରଦ୍ଧାପୂର୍ଣ୍ଣ ସମାଜ ଗଠନ ପାଇଁ ଉତ୍ସାହିତ କରାଯିବ, (ଙ) ବିଜ୍ଞାନ ଓ ବୈଜ୍ଞାନିକ ବିଚାର ପଦ୍ଧତି ଉପରେ ଆସ୍ଥା ସ୍ଥାପନ ହେବ ନୂଆ ଶୋଷଣହୀନ ସମାଜ ଗଠନର ରୂପରେଖ। ସାହିତ୍ୟ ହେବ କର୍ମବାଦର ପ୍ରେରକ ଶକ୍ତି। ଭ୍ରଷ୍ଟାଚାର, ଦୁର୍ନୀତି ଓ ଅସାମାଜିକ ଶକ୍ତିର ବିରୋଧାଚରଣ ହେବ ଏହାର ଲକ୍ଷ୍ୟ।

## ୧.୩.୧ କାବ୍ୟକବିତାର ବିକାଶ ପର୍ବ

ଏହିପରି ଇସ୍ତାହାର ଥିଲା ନବଯୁଗ ସାହିତ୍ୟ ସଂସଦର ଆଭିମୁଖ୍ୟ। ଭଗବତୀ ଚରଣ ପାଣିଗ୍ରାହୀ ଏକ ଆଦିବାସୀ ଚରିତ୍ର ଘିନୁଆକୁ ନାୟକ ରୂପେ ନେଇ ଲେଖିଲେ ଗଳ୍ପ ଶିକାର। ଶ୍ରେଣୀ ସଂଘର୍ଷର ତାତ୍ତ୍ୱିକ ବିଷୟ ଆଧାରରେ ଏହି ଗଳ୍ପ ଆଣିଥିଲା ପ୍ରଥମ ଥରପାଇଁ ମାର୍କସବାଦୀ କଳାର ଆଭିମୁଖ। ନବଯୁଗ ସାହିତ୍ୟ ସଂସଦର ମୁଖପତ୍ର 'ଆଧୁନିକ' ପତ୍ରିକା ଥିଲା ଏକ କ୍ରାନ୍ତିର ସୂତ୍ରଧର। ଏହି କ୍ରାନ୍ତିର ବାହକମାନେ ହେଉଛନ୍ତି ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ସଚ୍ଚି (ରାଉତରା)ଦା ନନ୍ଦ ରାଉତରାୟ, ରଘୁନାଥ ଦାସ ପ୍ରମୁଖ କବିମାନେ। ଅନନ୍ତ ପଟ୍ଟନାୟକ ଅନ୍ଧବିଚାର, କୁସଂସ୍କାର ଓ ପରମ୍ପରାବାଦୀ ସାମାଜିକ ନୀତିନିୟମ ବିରୋଧରେ ମୁଣ୍ଡ ଟେକି ଲେଖିଛନ୍ତି – 'ଚାଲିଲି ମୁଁ ଚାଲିଲି।' କହିଛନ୍ତି –

"ମୁଁ ଏଇ ଜନ୍ମିଲି ଆରେ,
ଉତ୍ସବରେ ବନ୍ଧୁକ କ୍ରୀଡ଼ାରେ
ନବତମ ଯାତ୍ରୀ ମୁହିଁ,
ବାପା ମୋର, ଭାଇ ମୋର ଏଇ ନିଅ
ମଥା ମୋର ଆଜି।"

ଶୋଷକଙ୍କପାଇଁ ତାଙ୍କର ଘୋଷଣା ଥିଲା –

"ଆସିଛି ମୁଁ ଆସିଛି,
ଯାଚଜ୍ଞାର ଅର୍ଜିସ୍ତୂପ ଠେଲି ମୁଁ ଆସିଛି
ସ୍ଥବିରତାର ମର୍ମଭେଦ କରି ମୁଁ ଆସିଛି (ତାରୁଣ୍ୟର ଅଭିଯାନ)।"

ଯୌବନର ଆଦ୍ୟକାଳରୁ ମାର୍କସବାଦ ପ୍ରତି ଅନୁରାଗ ହେତୁ ସେ ବିରୋଧ କରିଛନ୍ତି ଜାତିବାଦୀ ବ୍ରାହ୍ମଣ ସଂସ୍କୃତି ଓ ତା'ର କର୍ମକାଣ୍ଡ ପଦ୍ଧତିକୁ ; ଭାଗ୍ୟ ଭଗବାନ, ସମାଜ ପତି, ଲୁଣ୍ଠନକାରୀ ଅତ୍ୟାଚାରୀ ମଣିଷମାନଙ୍କୁ ଓ ସେମାନଙ୍କ ଆଶ୍ରୟରେ ଥିବା ମଠ ମନ୍ଦିର, ଦେବବାଦକୁ। ଧନ ଓ ଧର୍ମ ପ୍ରତିଷ୍ଠା କରିଥିବା ସଂସ୍କୃତିର ସେ ଥିଲେ ବିରୋଧୀ। ଲେଖିଛନ୍ତି ପ୍ରତିବାଦର କବିତା –

"କାହିଁ ଭଗବାନ କାହିଁବା ସ୍ୱର୍ଗ କହ
କାହାପାଇଁ ବସି ଗଢ଼ାଅ କାଷ୍ଠମାଳ,
ପୃଥିବୀ କା'ପାଇଁ କରିଲ ଦେଉଳମୟ।
ଶ୍ରମିକ ମରେ ଯେ ଶରୀରୁ ରକ୍ତ ଢାଳି
ସମାଜ ପତି ହେ ଧର୍ମର ବାନା ଟେକି
ନର ଦେବତାର ମସ୍ତକେ ପଦ ଚାପ,
ଶତ ସଂହିତା ପୁରାଣତନ୍ତ୍ର ଲେଖି
ନିଜ ଭୋଗ ଲାଗି ମନ୍ଦିରେ ଦେବ ଥାପ।"

ମାର୍କସବାଦୀ କବି ନିଜକୁ ଜନଗଣର ଦରଦୀ ମୁଖପାତ୍ର ମନେକରନ୍ତି। ସେ ସାହିତ୍ୟ ଲେଖିବେ ସମାଜର ଦାୟବଦ୍ଧତା ପାଇଁ ଦଳିତ, ପୀଡ଼ିତର ମୁକ୍ତି ପାଇଁ। ନୂଆ ଶୋଷଣହୀନ ସମାଜ ଗଠନ ତାଙ୍କର ଲକ୍ଷ୍ୟ। ସାହିତ୍ୟ ତାଙ୍କ ମତରେ ଦଳିତର ରକ୍ଷକ, ଶୋଷକ ମୁଣ୍ଡରେ ବଜ୍ରତୁଲ୍ୟ। ସେ କବିତାରେ ସୂଚାଇ ଦେଇଛନ୍ତି ଯେ ଶୋଷକର ଅଛି ବହୁଦେଶ, ବହୁବେଶ, ବହୁଜାତି, ବହୁରୂପ। ସେ ସବୁକୁ ଚିହ୍ନିବାକୁ ହେବ। ସର୍ବହରା, ଦଳିତ, ଶ୍ରମିକର ଭେଦ ନାହିଁ, ନାହିଁ ରୂପ। ତା'ର ଗୋଟିଏ ପରିଚୟ 'ସେ ସର୍ବହରା'। ସୋଭିଏତ ରୁଷ ଥିଲା ସେ କାଳରେ ସାମ୍ୟବାଦର ନେତୃତ୍ୱ ନେଉଥିବା ରାଷ୍ଟ୍ର। ଆମେରିକା ନେତୃତ୍ୱରେ ପୁଞ୍ଜିବାଦର ପ୍ରସାର ଏବଂ ଏଥିପାଇଁ ବିଶ୍ୱରେ ବାଣିଜ୍ୟକେନ୍ଦ୍ର ସ୍ଥାପନ ପାଇଁ ନାନା କୂଟନୀତି ଚାଲିଥିଲା। ଆମେରିକା ନେତୃତ୍ୱରେ ପୁଞ୍ଜିବାଦୀ ସଭ୍ୟତା ଓ ସଂସ୍କୃତିର ଅଭିଯାନ ଏବଂ ସୋଭିଏତ ରୁଷର ନାୟକତ୍ୱରେ ସାମ୍ୟବାଦ। ସର୍ବହରାର ଏକଛତ୍ରବାଦର ସଂଗ୍ରାମ, ଏପରି ଦୁଇଟି ଗୋଷ୍ଠିର କୌଶଳ ପୃଥିବୀ ବ୍ୟାପୀ 'ଶୀତଳ ଯୁଦ୍ଧ'ର ପରିସ୍ଥିତି ସୃଷ୍ଟି କରିଥିଲା। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ଗଠିତ ଆଦର୍ଶ ଆମେରିକାକୁ ବିରୋଧ ଓ ରୁଷିଆକୁ ସମର୍ଥନ ଦେବା ବିସ୍ମୟକର ନ ଥିଲା। ଏହିହେତୁ ବହୁକାଳ ଯାଏ ରୁଷିଆ ପନ୍ଥାରେ ପରିଚାଳିତ ସଙ୍ଗଠନ ସାହିତ୍ୟରେ ଶୋଷଣବାଦର ବିରୋଧ ଅର୍ଥ ପୁଞ୍ଜିବାଦର ବିରୋଧକୁ ବୁଝାଉଥିଲା।

## ଅନନ୍ତ ପଟ୍ଟନାୟକ :

ଅନନ୍ତ ପଟ୍ଟନାୟକ ଜାଣିଥିଲେ ଯେ ସମାଜରୁ ବୈଷମ୍ୟ ଦୂର କରିବାକୁ ହେଲେ ଦରକାର ନିରନ୍ତର ସଂଗ୍ରାମ । ତେଣୁ ସେ ସଙ୍ଗଠନ ଏବଂ ସାହିତ୍ୟ ଉଭୟରେ ନିଜର କର୍ତ୍ତବ୍ୟ ଅବ୍ୟାହତ ରଖିଥିଲେ । ବହୁ ବିଭାଗରେ ତାଙ୍କର କୃତିତ୍ୱ ଥିଲା; କିନ୍ତୁ ମୁଖ୍ୟ ପରିଚୟ ଥିଲା କବି । ସେ ଲେଖିଛନ୍ତି ଛାଇର ଛିଟା, ଅଲୋଡ଼ା ଲୋଡ଼ା, ଅରତୁ ରତୁ, ଅବାନ୍ତର, କିଞ୍ଚିତ, ଶାନ୍ତିଶିଖା, ତର୍ପଣ କରେ ଆଜି ପ୍ରଭୃତି କବିତା ଗ୍ରନ୍ଥ ।

କୁହାଯାଏ ଓଡ଼ିଆ ପ୍ରଗତିଶୀଳ (ପ୍ରଗତିବାଦୀ ଠିକ ନୁହେଁ) କବିଙ୍କ ମଧ୍ୟରେ ଅନ୍ୟତମ ଆଦ୍ୟବିନ୍ଧାଣି ହେଉଛନ୍ତି ଅନନ୍ତ ପଟ୍ଟନାୟକ । ପ୍ରଗତିଶୀଳତାର ଅର୍ଥ ବ୍ୟାପକ ହୋଇପାରେ । ସାରଳାଦାସ ମଧ୍ୟ ସବୁକାଳ ପାଇଁ ପ୍ରଗତିଶୀଳ; କିନ୍ତୁ ସେ ଆଧୁନିକ ରାଜନୀତିକ ମତବାଦ ଦୃଷ୍ଟିରୁ ପ୍ରଗତିଶୀଳ ନୁହଁନ୍ତି । ଏଣୁ ଯଥାର୍ଥ ଅଭିଧାର୍ଥ ହେବ ସାମ୍ୟବାଦୀ କବି । ଉପରେ ସାମ୍ୟବାଦୀ ରାଜନୀତିକ ବିଚାର ସମ୍ପର୍କରେ ସୂଚନା ରହିଛି । କବି ପୁଞ୍ଜିବାଦର ବିରୋଧୀ । ପୁଞ୍ଜିବାଦ ଶ୍ରମିକ ଶ୍ରେଣୀର ବିରୋଧୀ ଅର୍ଥାତ ଶ୍ରମରୁ ଅଧିକ ପୁଞ୍ଜି ଆଦାୟ କରେ; କିନ୍ତୁ ଶ୍ରମିକକୁ ଉପଯୁକ୍ତ ମୂଲ୍ୟ ଦିଏ ନାହିଁ । ଏଣୁ ପୁଞ୍ଜିବାଦ ଏକ ଶୋଷଣପ୍ରିୟ ସଂସ୍କୃତି । ପ୍ରଖ୍ୟାତ ଔପନ୍ୟାସିକ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କର ଅନନ୍ତବାବୁ ଥିଲେ ଜଣେ ଦୂରସମ୍ପର୍କୀୟ ଭାଇ । ବନ୍ଧୁବାନ୍ଧବ । ସେଇ ଗୋପୀନାଥ ଲେଖିଛନ୍ତି ଅନନ୍ତଙ୍କ ବିଷୟରେ –

"ସେ ନୂଆ ଚେତନାର ପୃଷ୍ଠଭୂମି କଥା କହେ ।" ସେତେବେଳେ ଯେଉଁ ପ୍ରକାର କବିତା ଲେଖା ଯାଉଥିଲା, ବେଶୀଭାଗ ଥିଲା ଜନଜୀବନଠାରୁ ଦୂର । ସମାଜଚେତନା ଓଡ଼ିଆ ସାହିତ୍ୟକୁ ନୂଆ ନୁହେଁ, କି ସମାଜ ଚେତନା କେବଳ ଯେ ନବଯୁଗ ଗୋଷ୍ଠି ସୃଷ୍ଟି ହେଲା ଦିନଠୁ ଓଡ଼ିଶାକୁ ଆସିଲା, ତା' ନୁହେଁ । ତାକୁତ ମୁଁ ଦେଖୁଛି, ଆମର ଯେ ଆଦିମହାକବି ସାରଳାଦାସ, ତାଙ୍କ ତାଳପତ୍ର ପୋଥିରେ । ସେ ଦେଖାଇଛନ୍ତି ଯେ ସାଧାରଣଙ୍କ ଉପରେ କେହି ନାହିଁ । ସାଧାରଣ ସ୍ତରକୁ ନ ଆସିଲେ ମଣିଷ ମଣିଷ ପଦବାଚ୍ୟ ହୁଏ ନାହିଁ । ଆମ ଧର୍ମରେ ବି ସେଇ ଚିହ୍ନ । ଶ୍ରୀଜଗନ୍ନାଥଙ୍କ ମୁଣ୍ଡ ଉପରେ ଆଗ ଥୁଆ ହୁଏ ଦୁବଘାସ । ଆଉ ଓଡ଼ିଶାର ରାଜା ଚଣ୍ଡାଳ ସ୍ତରକୁ ଓହ୍ଲେଇ ଯା'ନ୍ତି ତାଙ୍କ ସେବା କଲାବେଳେ । ଦେଖାଇ ଦିଅନ୍ତି ଯେ, ଏ ସାଧାରଣ ବ୍ୟକ୍ତି, ଏହି ପ୍ରଧାନ । ଯେ ଯେତେବଡ଼ ହୋଇଥାଉ ସେ ତାଙ୍କରି ସେବକ । ତା'ପରେ ତ କେତେକାଳ ବିତିଗଲା । ଦେଶର ନାନା ସୁବିଧା ଅସୁବିଧାର ବେଳ । ଯେତେବେଳେ ଇତିହାସ କ୍ରମରେ ଓଡ଼ିଆ ଜାତି – ଚାରିଆଡ଼େ ଦିଶିଲା ଖାଲି ଅନ୍ଧାର ଯେତେବେଳେ ଭାବିଲା ନିଜ ଶକ୍ତିରେ କିଛି କରିପାରୁ ନାହିଁ, କି ପାରିବ ନାହିଁ । ସେତେବେଳେ ନିରାଶ୍ରୟ ହୋଇ ସେ ଭାଗ୍ୟକୁ ଆବୋରିଲା, ଭଗବାନକୁ ଡରିଲା । ସେଥିରେ ଶାନ୍ତି ପାଇଲା । ତା'ପରେ ସମୟ ଆସିଲା ଯେତେବେଳେ ସାମାନ୍ତବାଦୀ ସମାଜ ଏତେ ପ୍ରବଳ ହୋଇ ଉଠିଲା ଯେ ବିଳାସ କରୁଥିବା ରାଜା, ସାମନ୍ତମାନେ ଯେଉଁ ପ୍ରକାର ସାହିତ୍ୟକୁ ଉପଭୋଗ କରିବେ, ମାଣ୍ଡିରେ ଆଉଜି, ମଣିଷର ଦୁଃଖ ଦୁର୍ଦ୍ଦଶା ଗାଧୋଇ ଯାଉ, ଶବ୍ଦ ଜାଲ କେମିତି ଚିକ୍‌କଣ କରି ବିଛାଇଯାଇ ପାରୁଚି । ଶବ୍ଦକୁ କିପରି ସୁନ୍ଦର କରି ପାଲିସ୍ କରାଯାଇ ପାରୁଛି... ଏଇ ସବୁରେ ସେମାନେ ମାତିଥିଲେ । ସମୟ ଆସିଲା ରବୀନ୍ଦ୍ରନାଥ ନୋବେଲ ପୁରସ୍କର ପାଇଲେ । ରବୀନ୍ଦ୍ରନାଥ ତ ମହାନ୍ । ଜୀବନର ସବୁଦିଗ ସେ ସ୍ପର୍ଶ କରିଛନ୍ତି । କିନ୍ତୁ ତାଙ୍କର ଯେଉଁ ରୋମାଣ୍ଟିକ କବିତା, ଆକାଶି କବିତା,

ସେଇ ପ୍ରକାର କବିତାମାନ ଓଡ଼ିଶାରେ ରଚିତ ହେଲା। ବଙ୍ଗଭାଷା ଓଡ଼ିଆ ଭାଷାକୁ ପ୍ରଭାବିତ କଲା। ଭାସିଲେ ଥୋଡ଼େ ସେ ବାଟେ। ସାରକଥା ହେଲା ୧୯୩୦/୩୨, ଏଇ ସମୟ ବେଳକୁ ସାଧାରଣତଃ କବିତା ସାଧାରଣ ଜନଜୀବନଠାରୁ ଦୂରେଇଗଲା, ଚିତ୍ର କଲା ଆଉକିଛି। ଏଇ ସମୟରେ ଯୋଡ଼ିଏ ଧାରା ଏଇ ମାଟିକୁ ଆସିଥାଏ। ଗୋଟିଏ ମହାତ୍ମାଙ୍କ ଗାନ୍ଧିବାଦ – ସତ୍ୟ, ଅହିଂସା ଇତ୍ୟାଦି ଓ ତା' ଉହାଡ଼ରେ ତାଙ୍କ ବିରାଟ ମାନବବାଦ। କିନ୍ତୁ ମଳିମୁଣ୍ଡିଆଙ୍କ ଭିତରେ ଯେ ହତାଶା ଆଉ ଆକ୍ରୋଶ। ତାଙ୍କ ଭିତରେ ଯେଉଁ ଅହଙ୍କାର ନିଆଁ ଜଳୁଛି, ତାଙ୍କ ତତଲା ନିଃଶ୍ୱାସ ଓ ତାକୁ ବାଟଦେବା, ତାକୁଧରି ଗୋଟାଏ ନୂଆବାଟ ଖୋଜିବା। ଏକଥା ଆସିଲା ମାର୍କସ ଲେନିନ – ଏଇମାନଙ୍କଠୁ ୧୯୩୦/୩୨ ପରେ, ଏଇ ମାର୍କସଙ୍କ ଦର୍ଶନ। ମାର୍କସିଷ୍ଟ ସାହିତ୍ୟ ଏଠି ବେଶି ବେଶି ଆଲୋଚିତ ହେବାକୁ ଲାଗିଲା। ସେଇ ଆଲୋଚନାକୁ ଜାଣତରେ ଦୂରକୁ ଦୂରକୁ ବିଛେଇ ଦେଇ – ଏ କାର୍ଯ୍ୟ କରୁଥିଲେ ନବବାବୁ, ଭଗବତୀବାବୁ ଓ ଠିକ୍ ସେମାନଙ୍କ ପଛେ ପଛେ ଗୁରୁଚରଣବାବୁ। ଆମେ ଦେଖୁଯେ, ବାମପନ୍ଥୀ ସକ୍ରିୟ ଯଜ୍ଞରେ ଆଗ ମିଶିଲେ ଓ ତା'ର ପ୍ରସାର କଲେ ଗୁରୁଚରଣ ପଟ୍ଟନାୟକ। ସେ ଥିଲେ ବେଶୀଭାଗ କର୍ମଯୋଗୀ। ଆଉ ଭାବୁକ ଅନନ୍ତ ପଟ୍ଟନାୟକ, ତାଙ୍କରି ଭାବନା ଠେଲାରେ କେତେ ପରିମାଣରେ ଓ ନିଜ ଭିତରେ ନିହିତ ଥିବା ମାନବବାଦୀ ଆବେଗରେ ଏ ନୂଆ ପ୍ରକାର କବିତା ଆଡ଼କୁ ମନଦେଲେ। ସେଇଟା ଖାଲି ଉଚ୍ଛ୍ୱାସ ନୁହେଁ (ସେ ମୋର ଅନନ୍ତ – ଡକ୍ଟର ଗୋପୀନାଥ ମହାନ୍ତି, 'ଅନନ୍ତ ବିଚିତ୍ରା'ର ମୁଖବନ୍ଧ)।

ଗୋପୀନାଥ ମହାନ୍ତି ଯାହା ବୁଝିଥିଲେ ସେଥିରୁ ସରଳ କରି କଥା କହିହେବ ନାହିଁ। କି ତତ୍ତ୍ୱ ଭିତରକୁ ପଶିବା ଦରକାର ନାହିଁ। ଅନନ୍ତବାବୁଙ୍କ ପୂର୍ବରୁ ରବୀନ୍ଦ୍ରନାଥଙ୍କ ପ୍ରଭାବ ଓଡ଼ିଆ କବିତାକୁ ଆସିଥିଲା ସବୁଜ କବିମାନଙ୍କଦ୍ୱାରା ପ୍ରତ୍ୟକ୍ଷରେ, ଆଉ କିଏ କେତେ ଯେ ନିଜ ନିଜ ବାଟରେ ତାଙ୍କୁ ଓଡ଼ିଆକୁ ନ ଆଣିଛନ୍ତି କହିହେବ ନାହିଁ। ସେ କଥା ଏଇଠି ଭିନ୍ନ କଥା। ଅନନ୍ତ ପଟ୍ଟନାୟକ କବିତା ମାଧ୍ୟମରେ ମାର୍କସବାଦକୁ ଆଣିଲେ, ସର୍ବହରାଙ୍କ ପାଇଁ – ଅର୍ଥାତ ଓଡ଼ିଶାର ସାଧାରଣ ଗରିବ ଚାଷି ମୂଲିଆଙ୍କ ପାଇଁ, ଏ କଥା ସ୍ପଷ୍ଟହେବ – ତାଙ୍କ ରକ୍ତଶିଖା କବିତା ଗ୍ରନ୍ଥର ମୁକ୍ତି ସଙ୍ଗୀତରୁ – ଲେଖିଲେ –

"ମୂଲକଯାକର ମାଲିକ ଚାଷୀ
ମଜୁରିଆ କୁଲି ହେ ଉପବାସୀ
ତୋଳିଧର ତୋର ପତାକା ଆସି
ତୋହରି ରକତେ ଲାଲ।
ଦେଶେ ଦେଶେ ଆଜି ଶୁଭେ ଆବାଜ
ଦଳିତ ଶୋଷିତ ସାଜରେ ସାଜ
ଧରଣୀରୁ ସାରି ଧନିକ ରାଜ
ମୁକ୍ତିର ଦୀପ ଜାଳ।

× × ×

ସନ୍ତକ ତୋର ହାତୁଡ଼ି ଦାଆ
ସମ୍ମୁଖେ ତୋର ଖୋଲିଛି ରାହା
ମନେରଖ ତୁହି ତୋହରି ସାହା
ଉଠାଅ ତୋର ଜୟକାର ।"

ସିଧାସଳଖ ଆହ୍ୱାନ କୁଲି ଶ୍ରମିକମାନଙ୍କୁ । 'ତୁହି ତୋହରି ସାହା', ତୁମେମାନେ ଏକଜୁଟ ହୁଅ (ଦୁନିଆର ସର୍ବହରା ଏକଜୁଟ ହୁଅ – Workers all countries unite – ଏଇଆ ଥିଲା କମ୍ୟୁନିଷ୍ଟମାନଙ୍କୁ ଆହ୍ୱାନ । 'ରକ୍ତଶିଖା'ର ଆଉ ଏକ କବିତା – 'ଆଗେ ଚାଲ'; 'ଆମେ ମୂଲିଆର ଜାତି ଜାଗିବୁ' । 'ଶାନ୍ତି ଶିଖା' କବିତା ସଂକଳନର 'ଆସିଛି ମୁଁ ଆସିଛି' ଏକ ଚେତାବନି, ଆହ୍ୱାନଧର୍ମୀ କବିତା । କବି କହୁଛନ୍ତି –

"ଦୁଃଖର ଦୁର୍ଭେଦ୍ୟ ପ୍ରାଚୀର ଭାଙ୍ଗି ମୁଁ ଆସିଛି,
ରକ୍ତର ଦୁସ୍ତର ପାରାବାର ଲଘି ମୁଁ ଆସିଛି ।
କୃମିକୀଟର ଉଲ୍ଲଙ୍ଘ ଉଲ୍ଲାସ ଚିରି ମୁଁ ଆସିଚି ।
ଲଲାଟରେ ଭବିଷ୍ୟର ଉତ୍କୀର୍ଣ୍ଣ ଲିପି ଘେନି
ସ୍ଫୁଲିଙ୍ଗର ଚଳୋର୍ମି ମୁଁ ଆସିଛି ।
ପ୍ରାଣର ଅଧିପ ମୁଁ ସୂର୍ଯ୍ୟ,
ସ୍ନେହର ପ୍ରତିଭୂ ମୁଁ ଚନ୍ଦ୍ର ।"

ଆହ୍ୱାନ ଦେଉଛନ୍ତି ସତର୍କ କରାଇ –

"କବନ୍ଧର ନୃତ୍ୟ ରଚନା କର, କିଏରେ ବନ୍ଦକର ।
ବିକୃତିର ବିଗ୍ରହ ରଚନା କର କିଏ ? ତଫାତ ହୁଅ ।
ବନ୍ଧୁକର ବର୍ତ୍ମରୋଧ କରି ମୁଁ ଆସିଛି ।"

ପୁଣି ତାଙ୍କର ଆହ୍ୱାନ – ସତର୍କ କରିବାର ତେଜ –

ଲଙ୍ଗଳର ପଥରୋଧ କର କିଏ ? – ପ୍ରସ୍ତର !
ଶସ୍ୟର ସ୍ମିତରୋଧ କର କିଏ ? – ପଙ୍ଗପାଳ !
ଆତ୍ମାର କଣ୍ଠରୋଧ କର କିଏ ? – ଆତତାୟି !

ବୁଝାଇବାର ଆବଶ୍ୟକତା ନାହିଁ – ମୃତ୍ୟୁ ରଚନାକାରୀକୁ ଚେତାବନି, ମଣିଷକୁ ତା'ର ସ୍ୱାଧିକାରରୁ ବଞ୍ଚିତ କରି କିଏ ତାକୁ ବିକୃତ କରୁଛି ? ମୁଁ ଆସିଛି ବନ୍ଧୁକର ପଥରୋଧ କରିବି – ଅର୍ଥାତ ଆତତାୟୀଙ୍କ କବଳରୁ ଜୀବନ ରକ୍ଷା କରିବା ମୋର କାମ । ପଥରର ଘନତା ଯଦି ଲଙ୍ଗଳର ପଥରୋଧ କରେ, ପଙ୍ଗପାଳ ଯଦି ଦାବି କରେ

ଫସଲ, ଆତ୍ମାର କଣ୍ଠ / ଡାକରା ଯଦି କେହି ଆତତାୟି ବନ୍ଦ କରେ, ମୁଁ ହେବି ତା'ର ବିରୋଧୀ ମହାନ ପ୍ରତିବାଦୀ ଶକ୍ତି। ଅର୍ଥାତ କବି ଏହିସବୁ ପ୍ରତିକୂଳ ଅବସ୍ଥାରୁ ଜୀବନକୁ ରକ୍ଷା କରିବାର ବ୍ରତରେ ଦୀକ୍ଷିତ। କବି ଜୀବନ ପ୍ରେମୀ। ତେଣୁ ଜୀବନପଥରୁ ସେ ହଟାଇବେ ପ୍ରତିବନ୍ଧକ। ପ୍ରତିବନ୍ଧକ ଅନେକ ଓ ଭୟଙ୍କର ମଧ; କିନ୍ତୁ ଜୀବନପ୍ରେମ ପାଖରେ ସେସବୁ ତୁଚ୍ଛ। ଜୀବନ ବିଦ୍ୱେଷୀମାନଙ୍କର ଥାଏ ମନରେ ଦ୍ୱନ୍ଦ୍ୱ, ଦୁର୍ବଳତା। ଅର୍ଥ ବାହୁବଳ ବା କ୍ଷମତା ବାହାରକୁ ଜଣାପଡ଼େ ବହୁ ଶକ୍ତିଶାଳୀ ପରି; କିନ୍ତୁ ତାହା ଆଭାସ ମାତ୍ର, ବାସ୍ତବ ନୁହେଁ। ଭିତରେ ଥାଏ ଦୁର୍ବଳତା ଓ ଆଶଙ୍କା; ତାହା ବହୁ ଭାଗରେ ବିଭକ୍ତ। ଗୋଟାପଣ ବା ଅଭଙ୍ଗ ନୁହେଁ, ବହୁ ଭଙ୍ଗଯୁକ୍ତ। ଶାସକ ଶ୍ରେଣୀ, ବର୍ଜୁଆ ଶ୍ରେଣୀ ବା ଧନିକମାନେ ଶାସନ, ଆଇନଶୃଙ୍ଖଳା କଥା କହି ଧମକାନ୍ତି, ଡରାଇଥା'ନ୍ତି। କବି ଅନନ୍ତଙ୍କ ପରି ଲଢୁଆ ସାମ୍ୟବାଦୀମାନେ ସେଥିକୁ ଭୃକ୍ଷେପ ନ କରି ସଂଗ୍ରାମକୁ ଜୀବନର ବ୍ରତ ବୋଲି ମାନି ନେଇଛନ୍ତି।

ତାଙ୍କର 'କିଞ୍ଚିତ' କବିତା ଗ୍ରନ୍ଥର ଗୋଟିଏ କବିତା 'ଝରରେ ରୁଧିର' ଏକ ଚମତ୍କାର ଗୀତିକବିତା ପରି ଅନୁପ୍ରାସ ବହୁଳ କବିତା।

"ଝରରେ ଅଧୀର ହୃଦୟୁ ରୁଧିର ଝରରେ ଝର
ଧାରା ଶିରାବଣ ଝରଣୁ ବଳିତୁ ଭସାଇ ନିଅରେ ଧରଣୀ ତଳ
ଝରରେ ରୁଧିର ଝରରେ ଝର। (୧)
ମୃତ୍ୟୁର ଜଳେ ପହଁରି ପହଁରି ତୋଳେ ଯେ ତୋ ଲାଗି ରକ୍ତ କଇଁ
କୃଷ୍ଣନାଗର ଦଂଶନେ ସେକି ପଡ଼ିବ ନଇଁରେ ପଡ଼ିବ ନଇଁ ?
ତୁଷାରେ ତୁଷାରେ ଶସ୍ୟର ହାସ
ନଗ୍ନ ଉଷାର ରକ୍ତ ପ୍ରୟାସ
ସ୍ୱପ୍ନ ବିହ୍ୱଳ ଫୁଟାଇଲା ଯେହୁ ଶିଳ୍ପୀ ସୃଜନୀ ତୂଳିକା ବହି
ରକ୍ତରେ ! ମୋର ହୃଦୟେ ଥାଉଁତୁ ପଡ଼ିବ ନଇଁକି ପଡ଼ିବ ନଇଁ ? (୨)।"

ଦ୍ୱିତୀୟ ପଦଟି ଗୁରୁତ୍ୱ ପୂର୍ଣ୍ଣ। ପଡ଼ିବ ନଇଁକି ପଡ଼ିବ ନଇଁ (?) ଏ ପ୍ରଶ୍ନ ବାରବାର। କାହା କଥା କୁହାଯାଉଛି ? ପଦର ପ୍ରଥମରେ ତା'ର ଉତ୍ତର ଅଛି। ଯିଏ ମୃତ୍ୟୁରୂପକ ଜଳରେ ପହଁରି ତୋ'ଲାଗି ରକ୍ତ କଇଁ ତୋଳେ ବା ତୋଳୁଛି ସେ କ'ଣ କୃଷ୍ଣନାଗର ଦଂଶନରେ ନଇଁପଡ଼ିବ ? ସେହିପରି ପର ପଦରେ କହୁଛନ୍ତି, ଯେଉଁ ଶିଳ୍ପୀ ସୃଜନର ତୂଳୀ ଧରି ତୁଷାର ଭିତରେ ଶସ୍ୟର ହାସ ଫୁଟାଇଛି, ସେହିପରି ଉଷାର ରକ୍ତିମ ଆଭାରେ ଯିଏ ସ୍ୱପ୍ନ ଆଙ୍କିଛି (ଉଷାକାଳକୁ ସ୍ୱପ୍ନମୁଖର କାଳ କୁହାଯାଇଛି) ସେ କବି, ସ୍ୱପ୍ନ ଦେଖାଇଥାଏ, ସେ କେବେ ନଇଁପଡ଼ିବ ନାହିଁ। କବିତାର ଅନ୍ୱୟାର୍ଥ ଏହିପରି। କିନ୍ତୁ ଏହାର ଲକ୍ଷ୍ୟାର୍ଥ ରହିଛି ଅନ୍ୟତ୍ର। କୃଷ୍ଣନାଗ ପୁଞ୍ଜିବାଦ ବା ସାମନ୍ତବାଦର ପ୍ରତୀକ। ଯେଉଁମାନେ ମରଣକୁ ପଛକରି ବା ମରଣ ରୂପକ ଜଳରେ ପହଁରି ରକ୍ତକଇଁ ଅର୍ଥାତ ଜୀବନର ଲକ୍ଷ୍ୟ ରୂପକ ଫୁଲ (ସର୍ବହରାର ଲକ୍ଷ୍ୟ ହାସଲ ବା ସାମ୍ୟଜୀବନର ସୁଖ) ଚେଷ୍ଟା କରୁଛନ୍ତି ସେମାନେ

ପୁଞ୍ଜିବାଦ / ସାମନ୍ତବାଦ / ଶାସକ ଶ୍ରେଣୀର ଦଂଶନ ବା ଆଘାତରେ ନଇଁ ପଡ଼ିବେ ନାହିଁ। ଯେଉଁ ଶିଳ୍ପୀର ଲକ୍ଷ୍ୟ ବରଫ ଭିତରେ ଶସ୍ୟ ଉତ୍ପନ୍ନ କରିବା, ଉଷାର ରକ୍ତିମ ଛଟା ଭିତରେ ସ୍ୱପ୍ନ ରଚିବା, ସେ କ'ଣ ସାମାନ୍ୟ ଆଘାତରେ ଭାଙ୍ଗିପଡ଼ିବ ? କବି ତାଙ୍କ ସାଥୀ (ପାଠକଙ୍କୁ ପରୋକ୍ଷରେ)ମାନଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି, ଯେଯାଏ ରକ୍ତ ଅଛି ହୃଦୟରେ ବା ଜୀବନ ଅଛି (ବା ଶେଷରକ୍ତ ବିନ୍ଦୁ ଥିବାଯାଏ) ନଇଁବ ନାହିଁ, ଭାଙ୍ଗିବ ନାହିଁ। ଅର୍ଥାତ ଲକ୍ଷ୍ୟହାସଲ ଏକମାତ୍ର ବ୍ରତ। 'ଉତିଷ୍ଠତ ଜାଗ୍ରତ ପ୍ରାପ୍ୟବରାନ ନିବୋଧର୍ତ', ଉପନିଷଦର ବାଣୀ ପରି ଏହା ଚରମବାଣୀ, ଲକ୍ଷ୍ୟର ଚରମ ଶପଥ।

କବି ଏଇଥିପାଇଁ କମିଟେଡ଼, ପ୍ରତିଜ୍ଞାବଦ୍ଧ। ଏଇ ଉକ୍ତିରେ ଗୋଟିଏ କଥା ବାସ୍ତବ। ସେଇଟି ହେଉଛି ଜୀବନର ବ୍ରତ ବା ଶପଥ। ପଥଚ୍ୟୁତ ହେଲେ ଶପଥ ଭାଙ୍ଗେ, ଲକ୍ଷ୍ୟଚ୍ୟୁତ ହେଲେ ମିଳେ ଉପହାସ। କବି କିନ୍ତୁ ଅଚଳ, ନିର୍ଭୀକ। ଆସୁ ପଛେ ମୃତ୍ୟୁ, ସଂଗ୍ରାମପଥରୁ ସେ ଓହରିବେ ନାହିଁ। କମ୍ୟୁନିଷ୍ଟମାନେ ଏକଦା ଏଇ ପଣ କରିଥିଲେ। ସଂସାରରୁ ଦୂର କରିବେ ଅନ୍ୟାୟ, ଅନୀତି; ସ୍ୱେଚ୍ଛାଚାରକୁ ଦମନ କରିବେ। ସୁଖ, ଶାନ୍ତି, ନ୍ୟାୟ ଓ ସମତାର ଜୀବନ ସୃଷ୍ଟି କରିବେ। ଏଇ ଲକ୍ଷ୍ୟ ନେଇ ସାମ୍ୟବାଦୀ ସମାଜ ପ୍ରତିଷ୍ଠାର ସ୍ୱପ୍ନ ଦେଖାଇ ଥିଲେ।

ନବଯୁଗ ସାହିତ୍ୟ ସଂସଦର ଅନ୍ୟତମ ପୁରୋଧା ସଚ୍ଚିଦାନନ୍ଦ ରାଉତରାୟ ବା ସଚ୍ଚିରାଉତରା (୧୯୧୩-୨୦୦୪) ଥିଲେ ପ୍ରାଥମିକ ସ୍ତରରେ କମ୍ୟୁନିଷ୍ଟ ମତବାଦର ପୃଷ୍ଠପୋଷକ। ଆଦ୍ୟଜୀବନରେ ରଚିତ କେତେକ କବିତା 'କବିତା ୧୯୮୭' ନାମକ ଗ୍ରନ୍ଥରେ ସଂକଳିତ। ସେଥିରୁ ୩୫ଟି କବିତା ବ୍ରହ୍ମପୁରରୁ ପ୍ରକାଶିତ ସାପ୍ତାହିକ 'ନବୀନ' ପତ୍ରିକାରେ ପ୍ରକାଶ ପାଇଥିଲା। କବିଙ୍କ ସଂକଳନ ମଧ୍ୟରେ ପାଥେୟ 'ଅଭିଯାନ', 'ବାଜିରାଉତ' ସଂକଳନ ତିନୋଟି ପ୍ରଗତିଶୀଳବୋଧର ପ୍ରତିନିଧିତ୍ୱ କରେ। ପ୍ରଥମ କାଳର କୃତିରେ 'ଭଗବାନ ଅଛ କାହିଁ' ଓ 'ଶ୍ରମିକର ଶ୍ରୀପଞ୍ଚମୀ' ଦୁଇଟି ସ୍ମରଣଯୋଗ୍ୟ କବିତା। ପ୍ରଥମଟି ସମୟାନ୍ତରରେ ପରିବର୍ଦ୍ଧିତ ହୋଇ ସ୍ଥାନିତ ହୋଇଛି 'ଅଭିଯାନ' ସଂକଳନରେ (୧୯୩୮)। ଏହି ସଂକଳନରେ କବି ନିଜ ସମ୍ପର୍କରେ କହିଛନ୍ତି ଯେ, "ଏହାର କବିତାଗୁଡ଼ିକ ତତ୍କାଳୀନ ଗଡ଼ଜାତ ପ୍ରଜା ଆନ୍ଦୋଳନ ତଥା କୃଷକ ଓ ଶ୍ରମିକ ଆନ୍ଦୋଳନରେ ଏକ ଅଦ୍ଭୁତ ଜାଗରଣ ଆଣିଦେଇଥିଲା। ବିଶେଷତ, 'ମାର ତୁ ଯେତେ ଗୁଳି' ଓ 'ବିପ୍ଲବର ଜନ୍ମଦିନେ' ପ୍ରଭୃତି କବିତାଗୁଡ଼ିକ ବୋଲିବୋଲି ଅନେକ ସହିଦ ଫୌଜର ଗୁଳିଚୋଟରେ ମୃତ୍ୟୁବରଣ କରିଥିବା କଥା ମଧ୍ୟ ଲେଖକ ଭଲଭାବରେ ଜାଣେ," (ଅଭିଯାନ ଦ୍ୱିତୀୟ ସଂସ୍କରଣର ଭୂମିକା)। କବିଙ୍କ କଥା ସତ୍ୟ ହୋଇଥିଲେ କବିତାର ପ୍ରଭାବ କେତେ ଯେ ଆଲୋଡ଼ନ କରିପାରେ ତାହା ଅନୁଭବ କରିହୁଏ। କବିଙ୍କର ସେଇ କବିତା ଏହିପରି –

"ମାର୍ ତୁ ଯେତେ ଗୁଳି
ମରିବୁ ପଛେ ଡରିବୁ ନାହିଁ, ଯାଆନା ଏହା ଭୁଲି।
ଘୋଡ଼ା ସବାର ସିପାହି ତୋର ଚଢ଼ାଉ ଯେତେ କର
ପତେଇ ଦେଇ ଛାତିର ହାଡ଼ ହୋଇବୁ ଆଗଭର।
ରଖ୍ ତୋ ଲାଠି କାଠର ଲାଠି ହାଡ଼ର ଆମ ଛାତି
ମରଣ ଆମ ମୈତ୍ର ଜାଣ, କଷଣ ଆମ ସାଥୀ।"

ତୋ ଲାଠି କାଠର, ଆମ ଛାତି ହାଡ଼ର। କାଠ ଠାରୁ ହାଡ଼ ଅଧିକ ଟାଣ। କାଠର ଲାଠି ପଛରେ ଅଛି ହୁକୁମ ପାଳିବାର ନିର୍ଦ୍ଦେଶ, ସେ ହୁକୁମ ବେତନଖିଆ ପରଜୀବୀମାନଙ୍କର; କିନ୍ତୁ ଆମ ହାଡ଼ କୃତ୍ରିମ ନୁହେଁ, ଏହାର ପଛରେ ଅଛି ଶହଶହ ବର୍ଷର କଷଣ ଭୋଗ। ଏହା ପରଜୀବୀ ନୁହେଁ, ସ୍ୱାଧୀନ। ଅର୍ଥାତ୍ ଯେଉଁମାନେ ନିଜ ମାଟି ଚଷି, ଲୁହଲହୁ ଦେଇ ଜୀବନ ଗଢ଼ିଛନ୍ତି, ଏ ସବୁ ପ୍ରକାର ଅବିଚାର ଅନ୍ୟାୟ ଶୋଷଣ ମୁହଁରେ ଟଳି ଯାଇଛନ୍ତି, ସହିଛନ୍ତି ଅତ୍ୟାଚାର, ମରଣକୁ ଡରି ନାହାନ୍ତି; ସେଇମାନେ ଆଜି ଏକ ହୋଇଛନ୍ତି। ତାଙ୍କର ଲକ୍ଷ୍ୟ 'ହୁଙ୍କାପିଟା ଶାସନକୁ ଦଳି ଦେବେ'। ଆଉ ଏକ କବିତା 'ବିପ୍ଳବର ଜନ୍ମଦିନେ' –

"ଆଣରେ ତୋର ଲାଲ ଫଉଜ ଉଡ଼ାରେ ତୋର ରକ୍ତଧ୍ୱଜା
ବିପ୍ଳବର ଜନ୍ମଦିନେ ହତିଆର ତୋ ପଜାରେ ପଜା।
ଦେଲା ଯେ ତୋତେ ମରଣ କ୍ଳେଶ / ବିଚାର ତା'ର ହୋଇନି ଶେଷ।
ଜନଗଣର ଅଦାଲତେ ସେ ପାଇଛି ଆଜି ମରଣ ସଜା।

× × ×

ତୋ ଲହୁ ଲୁଟି ହେଲା ଯେ ବଡ଼ / ଚୂରିଲା ତୋର ଦିହର ହାଡ଼
କବର ତାର ଗଡ଼ରେ ଗଡ଼ / ଲାଲ ପାଇକ ବିଗୁଲ ବଜା।"

କବି ଯେଉଁ ସମୟରେ ଏ କବିତା ଲେଖିଛନ୍ତି ସେ ସମୟ କେବଳ ଓଡ଼ିଶା ନୁହେଁ, ଭାରତ ବର୍ଷରେ ଏକ ସଙ୍କଟର କାଳ। ଓଡ଼ିଶା / ଭାରତର ଶାସନ ଇଂରେଜ ଶାସନର ଅଧୀନରେ ଥିଲା। ବିଶେଷ କରି ଓଡ଼ିଶାର ଗଡ଼ଜାତର ଶାସକମାନେ ବ୍ରିଟିଶ ଶାସକ ସାହାଯ୍ୟରେ ନିଜ ଅଞ୍ଚଳରେ ଅତ୍ୟାଚାର ଲୀଳା ରଚନା କରିଥିଲେ। ଏଇଠି ଗୋଟିଏ ଐତିହାସିକ ଲକ୍ଷଣ ବୁଝିବା କଥା। ବ୍ରିଟିଶ ସରକାର ଗଡ଼ଜାତ ଅଞ୍ଚଳରୁ ସିଧାସଳଖ କର ଆଦାୟ କରୁ ନ ଥିଲା। ଗଡ଼ଜାତର ଶାସକ ମାଧ୍ୟମରେ କର ଆଦାୟ କରୁଥିଲା। ସେଠାରେ ଜଣେ ପଲିଟିକାଲ ଏଜେଣ୍ଟ ବା ଦେବାନ ନିଯୁକ୍ତି କରାଯାଉଥିଲା। ଫକୀରମୋହନଙ୍କ 'ଆତ୍ମଚରିତ' ପଢ଼ିଲେ ଜାଣିହେବ, ଏହି ଦେବାନମାନେ କିପରି ଷଡ଼ଯନ୍ତ୍ର କରି ଗଡ଼ଜାତ ମୂଳକକୁ ଶୋଷଣ କରୁଥିଲେ। ସାମାନ୍ୟ ଗଣ୍ଡଗୋଳ ହେଲେ ନିଆଯାଉଥିଲା ବ୍ରିଟିଶ ସେନାଙ୍କ ସାହାଯ୍ୟ। ସେଇମାନଙ୍କ ଅତ୍ୟାଚାର ବିରୋଧରେ ଗଢ଼ି ଉଠିଥିଲା ପ୍ରଜାଆନ୍ଦୋଳନ। ଢେଙ୍କାନାଳ, ତାଳଚେର, କୁଜଙ୍ଗ, ନୀଳଗିରି, କନିକା ପ୍ରଭୃତି ଅଞ୍ଚଳରେ ପ୍ରଜାମାନେ ସଙ୍ଗଠିତ ହୋଇ ଆନ୍ଦୋଳନ କରିଥିଲେ। ବାଜିରାଉତ ସମ୍ପର୍କରେ ଯାହା କୁହାଯାଏ, ସେ ଘଟଣା ମଧ୍ୟ ପ୍ରଜା ଆନ୍ଦୋଳନର ଗୋଟିଏ ଘଟଣାରୁ ଜନ୍ମ। କବି ସଚ୍ଚିରାଉତରା ଅନ୍ୟ କବିମାନଙ୍କ ପରି ପ୍ରତ୍ୟକ୍ଷରେ ପ୍ରଜା ଆନ୍ଦୋଳନକୁ ସମର୍ଥନ ଓ ସଙ୍ଗଠନ ମାଧ୍ୟମରେ ବ୍ରିଟିଶ ଶାସନ ସହ ସାମନ୍ତବାଦୀ ଶୋଷଣକୁ ବିରୋଧ କରିଥିଲେ। କଥିତ କବିତାରେ ଗୋଟିଏ ଇତିହାସ, ବ୍ରିଟିଶ / ସାମନ୍ତବାଦର ଶୋଷଣ ଅତ୍ୟାଚାରର ଇତିହାସ ମିଳି ପାରିବ। ଜନଗଣଙ୍କଠାରୁ ଅଧିକ ଶକ୍ତିଶାଳୀ କେହି ନାହିଁ। ଜନତା ଶାସକର ଅତ୍ୟଚାରର ବିଚାର କରିଛି, ପ୍ରତିଜ୍ଞା କରିଛି ଶତ୍ରୁର କବର ରଚନା କରିବ। କବି ସେହିମାନଙ୍କ ଉଦ୍ଦେଶ୍ୟରେ ଆହ୍ୱାନ ଦେଇ କବିତା ଲେଖିଛନ୍ତି। ତାଙ୍କର ଆହ୍ୱାନର ଆଉ ଏକ କବିତା 'ବାଜି ରାଉତ' (୧୯୪୨ରେ ସଂକ୍ଷିପ୍ତ ଆକାରରେ) ଓ ପରେ ୧୯୪୩ରେ ପରିବର୍ଦ୍ଧିତ ହୋଇ ପ୍ରକାଶ ପାଇଛି। ଲେଖିଛନ୍ତି ବାଜିରାଉତର ଚିତାନଳକୁ ପ୍ରତୀକ କରି –

"ନୁହେଁ ବନ୍ଧୁ ନୁହେଁ ଏହା ଚିତା / ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା,
ନୁହେଁ ଏହା ଜଳିଯିବା ପାଇଁ / ଏହାର ଜନମ ଏଥି ଜାଳିପୋଡ଼ି
ଦେବାକୁ ଧସାଇ।

ବାଜିରାଉତ ଉଦ୍ଦେଶ୍ୟରେ କହିଛନ୍ତି –

ଏ ଶିଖା ଦେଇଛି ଆଜି
ଇତିହାସେ ହାତ ଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠ ଫୁଲ ମୁକୁଳିତ ମୃତ୍ୟୁହୀନ ପ୍ରାଣ।"

କବିତାଟି ଆହ୍ୱାନଧର୍ମୀ, ବିଶେଷକରି ଗୋଟିଏ ଇତିହାସର ଘଟଣାକୁ ବିମ୍ବିଟିଏ କରି ଜାତୀୟ ସଚେତନତା ସୃଷ୍ଟି କରିବାପାଇଁ ଉଦ୍ଦିଷ୍ଟ।

## ମନମୋହନ ମିଶ୍ର :

ଅନନ୍ତ ପଟ୍ଟନାୟକଙ୍କ ସମସାମୟିକ କବି ମନମୋହନ ମିଶ୍ର (୧୯୨୦-୨୦୦୦) ସବୁ କମ୍ୟୁନିଷ୍ଟଙ୍କ ଭିତରେ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ। ତାଙ୍କ ସ୍ୱର ଅତ୍ୟନ୍ତ ଉଗ୍ର – ଅର୍ଥାତ ଶ୍ରମିକମାନଙ୍କୁ ପ୍ରତ୍ୟକ୍ଷ ଆହ୍ୱାନ – 'କୋଟିକଣ୍ଠେ' କବିତା ଗ୍ରନ୍ଥରେ ଦେଇଛନ୍ତି। ତାଙ୍କର କବିତା ଗ୍ରନ୍ଥଗୁଡ଼ିକ 'ଜନତାର ଡାକ', 'ଆବାଜ', ଲୁହକୁ ତୋର ସମ୍ଭାଳ। ସେ ଥିଲେ ଅତ୍ୟନ୍ତ ମେଧାବୀ ଛାତ୍ର, ଇଂରାଜୀରେ ଏମ୍.ଏ ପଢ଼ିଥିଲେ। ଜଣେ ପ୍ରବୀଣ ସମାଲୋଚକର ପ୍ରତିଭା ଥିଲା। ସେ ଲେଖିଛନ୍ତି, 'ଚଳନ୍ତି ଭାଷାର ପ୍ରୟୋଗ' ଓ 'ଚଳନ୍ତି ଭାଷାର ବିଜ୍ଞାନ'। ଉଭୟ ପଦ୍ୟ ଓ ଗଦ୍ୟରେ ଥିଲା ସମାନ ପ୍ରଜ୍ଞାର ଛଟା। ତେବେ ଓଡ଼ିଆ ସାହିତ୍ୟରେ ମନମୋହନ ଅଧିକ ପରିଚିତ ଥିଲେ 'ଚାରଣ' କବି ରୂପେ। ମଧୁର କଣ୍ଠରେ ଗୀତ ଗାଉଥିଲେ। ସବୁଗୁଡ଼ିକ ଉଦ୍‌ବୋଧନମୂଳକ। ଜୀବନର ପ୍ରଥମ ପାଦରେ ସେ କଟକ ମ୍ୟୁନିସପାଲ୍‌ଟିର ଥିଲେ (କଂଗ୍ରେସ ଦଳର) ଚେୟାରମ୍ୟାନ୍। ସେ କାଳର ଦୈନିକ ସମ୍ବାଦପତ୍ର କଳିଙ୍ଗର ସମ୍ପାଦକ। କିନ୍ତୁ ଏହା ତାଙ୍କର ଅସଲ ପରିଚୟ ନୁହେଁ। ସବୁଥିରୁ ବିଦାୟ ନେଇ ଲେଖିଲେ ମାଟିର ମଣିଷଙ୍କ ପାଇଁ କବିତା, ଯୋଗ ଦେଲେ ସି.ପି.ଆଇ.ଏମ୍.ଏଲ୍. (ସବୁଠାରୁ ବିପ୍ଳବୀ କମ୍ୟୁନିଷ୍ଟ) ଦଳରେ। ଲଢ଼ିଲେ ଖଟିଖିଆ ବଣଜଙ୍ଗଲର ଆଦିବାସୀଙ୍କପାଇଁ। ବହୁ ସମୟ ତାଙ୍କର କଟିଛି ଜେଲ୍ ଭିତରେ; କିନ୍ତୁ ମନମୋହନ ମିଶ୍ର ଭାଙ୍ଗି ନାହାନ୍ତି, ବିପ୍ଳବର ପଥ ଛାଡ଼ି ନାହାନ୍ତି। ଓଡ଼ିଶାର 'ପ୍ରଜାମେଳି' ଆନ୍ଦୋଳନ ହେଉ ଅବା ବାଲ୍‌କୋ ଆନ୍ଦୋଳନ, ବାଲିଆପାଳର ଘାଟି ବିରୋଧୀ ଆନ୍ଦୋଳନ (୧୯୮୫-୮୭) ସବୁଠି ସେ ଥିଲେ ଆଗରେ। ସେ କାଳରେ ରଚିତ କବିତା ବହିଗୁଡ଼ିକ ଚଟି ଚଟି ବହି ରୂପେ ହଜାର ହଜାର ସଂଖ୍ୟାରେ ବିକ୍ରି ହୋଇଥିଲା। ଲୋକେ ଯେଉଁଠି ଅନ୍ୟାୟ ଅତ୍ୟାଚାର ସରକାରୀ ଅବହେଳା ବିରୋଧରେ ଲଢ଼ିଛନ୍ତି, ମନମୋହନ ମିଶ୍ର ସେଇଠି ଅଛନ୍ତି। କଲିକତାର ଓଡ଼ିଆ ବସ୍ତି, ଆସାମର ଚା' ବଗିଚା, କଟକ, ପୁରୀ, ବ୍ରହ୍ମପୁରରେ ମେଡ଼ିକାଲ ମେହେନ୍ତର ସଂଘର ଧର୍ମଘଟ – ସବୁଠି ମନମୋହନ। ଛାତ୍ର ଧର୍ମଘଟ, ଚାଷିର ପାଣିପାଇଁ ଆନ୍ଦୋଳନ, ଦୀର୍ଘଦିନ ଧରି ସେ ଥିଲେ ସାଧାରଣ ମଣିଷର ବଞ୍ଚିବାର ଅଧିକାର ଲଢ଼େଇର ଆଗରେ। ସୁଲଳିତ କଣ୍ଠରେ

ଗାଉଥିଲେ ଗୀତ, ସେଥିରେ ଥିଲା ବଜ୍ରର ନାଦ, ପୁଣି ଥିଲା ଲାଳିତ୍ୱ। ତାଙ୍କ କବିତା ପଢ଼ିଲେ ହୁଏତ ଆନନ୍ଦ ମିଳିବ ନାହିଁ, ଗାନ କଲେ ତା'ର ମାୟାରେ ଯେ କେହି ଦୁର୍ବାର ହୋଇ ଉଠିବ। ଗାଇଛନ୍ତି କବିତା – ଲେଖାରେ ଏହାର ନାମ ରହିଛି ମୁକତିର ସୂର୍ଯ୍ୟପରା ଉଇଁଲା –

"ତୋର ମୁକତିର ସୂର୍ଯ୍ୟ ପରା ଉଇଁଲା,
ଉଇଁଲା, ଆଖି ତୋର କିଆଁ ଛଳଛଳ,
ଯାହା ଲାଗି ଲଢ଼ିଲୁ ତୁ, କାରାଗାରେ ସଢ଼ିଲୁ ତୁ,
ଫାସି ମଞ୍ଚେ ଚଢ଼ିଲୁ
ପାଇଛୁ କି ତାରେ ଅବିକଳ।
ଛୁଞ୍ଚିମୁନ ଭୂମିପାଇଁ, ଘୁଞ୍ଚିଲାନି କୁରୁସାଇଁ
ବଞ୍ଚିତ ସେ ଭାବଗ୍ରାହୀ, ସାରଥି ହୋଇଲେ ଯାଇ
ଗୀତା ଛଳେ ଉଲୁସାଇ ଅରଜୁନ ବଳରେ
ଆଖି କିଆଁ ଛଳଛଳ।

ଆଉ ଗୋଟିଏ ଗୀତ ବୋଲିଥିଲେ ଆସାମର ଚା' ବଗିଚାର ଓଡ଼ିଆ ଶ୍ରମିକପାଇଁ – ୧୯୪୨ ମସିହାରେ।

କେତେଦୂରେ ତୋର ଓଡ଼ିଶା ମାଟିରେ, କାହିଁ ମହାନଦୀ ପାଣି,
ଗୋରା ସରକାର ଦାଉରୁ ଏ ଦେଶେ ଆସିଲୁ ଭୋକିପରାଣି,
ନ ଥିଲା କି ତୋର ପାଣିରେ ମାଛରେ ନ ଥିଲାକି ବିଲେ ଧାନ,
ନ ଥିଲା କି ତୋର ପାହାଡ଼େ କାଠରେ ଝାଳବୁହା ଅରଜନ,
ସବୁ ଅରଜନ କାହା ପାଶେ ଦେଲୁ ଏ କଥା ନପାରୁ ଜାଣି,
ଆରେ ଭାଇ ଏ କଥା ନ ପାରୁ ଜାଣି,
କେତେ ଦୂରେ ତୋର ଓଡ଼ିଶା ମାଟିରେ କାହିଁ ମହାନଦୀ ପାଣି ॥ ୧ ॥
ଖଳାରୁ ତୋ ଧାନ ରଜା ନେଲା ଅଧେ, ଅଧେ ନେଲା ସାହୁକାର,
ସାହା ହେଲା ତାକୁ ବିଲାତି ବନ୍ଧୁକ ସଇତାନ ସରକାର।"

ଏ କବିତା ଗୀତରେ ଲେଖା। ଗୋଟିଏ କାଳପାଇଁ ଲେଖା ହୋଇଥିଲା। କିନ୍ତୁ ଯୁଗ ଯୁଗକୁ ତା'ର ପ୍ରଭାବ ଅଛି – ଯେଉଁଠି ଅଛି ଶୋଷଣ, ରାଜା / ସରକାରର କଷଣ, ନିଜ ଭିଟାମାଟି ଛାଡ଼ି ଦାଦନ ଖଟୁଛି ମଣିଷ, ତା'ପାଇଁ ଏ କବିତାର ମୂଲ୍ୟ କଳି ହେବ ନାହିଁ। ଶିକ୍ଷିତ ଚାକିରିଜୀବୀଙ୍କୁ ଖଟକା ଲାଗିପାରେ; କିନ୍ତୁ ଯେଉଁ କଷଣ ସହି ରାଜା ସାହୁକାରଠୁ ଗୋଇଠା ମାଡ଼ ଖାଇ ପ୍ରବାସକୁ ଚାଲିଗଲେ କୁଲି ମଜୁରିଆ ହେଇ ତା'ର ଚିତ୍ର ଇତିହାସରେ ରହିଛି ଏକ କଳଙ୍କ ହୋଇ। ସେଇ କଳଙ୍କର ଇତିହାସ ଜାଣିବାପାଇଁ ଏ କବିତାର ମୂଲ୍ୟ ଅନେକ।

## ରଘୁନାଥ ଦାସ :

ଏଇ ସମକାଳରେ ଆଉଜଣେ କବି ରଘୁନାଥ ଦାସ (୧୯୧୯-୧୯୮୪) ଥିଲେ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ। ସ୍ୱାଧୀନତା ଲାଭର ଉତ୍ସାହ ଖୁବ୍ ଅଳ୍ପ ଦିନରେ ଫିକା ପଡ଼ି ଯାଇଥିଲା। ତେଣୁ ଜଣେ ସ୍ୱାଧୀନତା ସଂଗ୍ରାମୀ ହୋଇ ମଧ୍ୟ ସ୍ୱାଧୀନତାକୁ ଗ୍ରହଣ କରିପାରୁ ନ ଥିଲେ। ଛାତ୍ର ଜୀବନରେ ନାନା ଦାବି ନେଇ ବହୁବାର ବିଭିନ୍ନ ଧର୍ମଘଟର ନେତୃତ୍ୱ ନେବା ଫଳରେ ରେଭେନ୍ସା କଲେଜରୁ ମିଳିଥିଲା ଖରାପ ଆଚରଣର ସାର୍ଟିଫିକେଟ। ଏଣୁ ସରକାରୀ ଚାକିରି ତାଙ୍କପାଇଁ ଥିଲା ନିଷିଦ୍ଧ। ଫଳରେ ଓକିଲାତିରେ ପ୍ରବେଶ କରିଥିଲେ। ତାଙ୍କର କବିତା ଲେଖା ଚାଲିଥିଲା, ୧୯୭୩ରେ ପ୍ରଥମ କବିତା ସଂକଳନ 'ଅଗଷ୍ଟ ପନ୍ଦର ଓ ଅନ୍ୟାନ୍ୟ କବିତା' ପ୍ରକାଶ ପାଇଲା। ବହୁକାଳଯାଏ ସେ ଲେଖା ବନ୍ଦ କରିଥିଲେ। ୧୯୮୩ରେ ପ୍ରକାଶ ପାଇଲା – 'ପୁନଶ୍ଚ' ଏବଂ ପରେ 'ଉବାଚ' ନାମରେ ଅନ୍ୟ ଏକ କବିତା ସଂକଳନ। 'ଅଗଷ୍ଟ ପନ୍ଦର ଓ ଅନ୍ୟାନ୍ୟ କବିତା'ର ପ୍ରଥମ ତିନୋଟି କବିତା ୧୯୪୭, ୧୯୪୮, ୧୯୪୯ରେ ସ୍ୱାଧୀନତାର ମୋହ ଭାଙ୍ଗିଥିବାର ଚିତ୍ର। ଏ କବିତାଗୁଡ଼ିକ ତତ୍କାଳର ପ୍ରତିବାଦର ଚିତ୍ର। ଯେଉଁ ଆଶା ଉଦ୍ଦୀପନାରେ ଯୁବକମାନେ ପାଠପଢ଼ା ଛାଡ଼ିଥିଲେ, ଗୁଳିଗୁଳା ଆଗରେ ଶୋଇଥିଲେ ସତ୍ୟାଗ୍ରହୀ ହୋଇ ବା ଭୋଗିଥିଲେ କାରାଦଣ୍ଡ, ସବୁ କଷଣ ଭୁଲିଥିଲେ ସ୍ୱାଧୀନତା ଲାଭରେ। ମାତ୍ର ସ୍ୱାଧୀନତା ଦେଇ ପାରିଲା ନାହିଁ ତ୍ୟାଗର ମୂଲ୍ୟ। କ୍ଷମତା ଲୋଭ ଗ୍ରାସ କଲା ଶାସକଙ୍କୁ।

"ଅଗଷ୍ଟ ପନ୍ଦର କ୍ଷମା ତାର ନାହିଁ ନାହିଁ।
ମିଥ୍ୟାବାଦୀ ବିଶ୍ୱାସଘାତକ, ମାରୀଚ ସେ,
ମରୀଚିକା, ଛଦ୍ମବେଶୀ ଭଣ୍ଡ ପ୍ରତାରକ
ଆଜି ବୁଝେ ଅତୀତରେ ମୋର ଭୁଲ, ଭ୍ରମ ଆପଣାର
ଆପଣା ମୁକ୍ତିକୁ ମୁଁ ଯେ ମଣିଥିଲି ଦାନ ଉପହାର।
ମୂଲ୍ୟ ତାର କରିଥିଲି ଦୟାବନ୍ତ ଶତ୍ରୁର କରୁଣା
ହୁଡ଼ିଥିଲି ମୁକ୍ତି ମାର୍ଗ, ଭୁଲିଥିଲି ବନ୍ଧୁକକୁ ଚୂନା
କରିବାକୁ ହେବ ମୋତେ ନିଜ ବଳେ ବଜ୍ରମୁଷ୍ଟିଘାତେ,
ଭୁଲିଥିଲି – ସୂର୍ଯ୍ୟ ସେ ଯେ ଜନ୍ମଲଭେ ରକ୍ତାକ୍ତ ପ୍ରଭାତେ।"

ସ୍ୱାଧୀନତାର ମୂଲ୍ୟ ନିରର୍ଥକ ହୋଇଛି, କାରଣ ଦେଶି ସୌଦାଗରମାନେ ବଣିଜ କରିବା ନ୍ୟାୟରେ କ୍ଷମତା, ଭୋଗବିଳାସର ପୋତ ମେଲିଛନ୍ତି। କବିଙ୍କ କାଳରେ ଯାହାଥିଲା ଅନୁଭବ ଆଜି ତାହା ବହୁଗୁଣରେ ବଢ଼ିଛି। ରାଜନୀତିକ ବ୍ୟଭିଚାର ବଢ଼ିଛି, ମିଛ ପ୍ରତିଶ୍ରୁତିର ଶାସନ ଚାଲିଛି। ଦେଶର ଲୋକଙ୍କୁ ହାତଟେକା ଚାଉଳ ବା ଖାଦ୍ୟ ଦେଇ ପଙ୍ଗୁ କରାଯାଉଛି। ଗୋଟିଏ ସ୍ୱାଧୀନ ଜାତି ଆତ୍ମମର୍ଯ୍ୟାଦାରେ ବଞ୍ଚେ, ଏକ ଟଙ୍କାରେ ଚାଉଳ, ପାଞ୍ଚ ଟଙ୍କାରେ ଭାତ ଖାଇ କେହି କେବେ ଭବିଷ୍ୟତ ଗଢ଼େ ନାହିଁ।

କବିଙ୍କ 'ଦକ୍ଷ ଯଜ୍ଞ' ଗୋଟିଏ ସାର୍ଥକ କବିତା। କହୁଛନ୍ତି –

"ଦକ୍ଷରାଜା ଯଜ୍ଞ କରେ ଆଡ଼ମ୍ବରେ, ଯଜ୍ଞ କରେ ।
ମନ୍ତ୍ର ପଢ଼ା .... ଯନ୍ତ୍ର ଗଢ଼ା ....
ବହୁତ ଘିଅ ହେଉଚି ପୋଡ଼ା / ଅନେକ ହାତୀ / ଅନେକ ଘୋଡ଼ା
ଧାଡ଼ିକି ଧାଡ଼ି ଅଟ୍ଟାଳିକା ହେଲାଣି ଛିଡ଼ା
ଟମକ ବାଜେ, ପାଇକ ନାଚେ ପଲ୍ଲୀପୁରେ ।
ଦକ୍ଷରାଜା ଯଜ୍ଞ କରେ ଆଡ଼ମ୍ବରେ, ଯଜ୍ଞ କରେ ।
କର୍ମଚାରୀ କେଜାଣି କେତେ / ମୁହୁର୍ମୁହୁ ହୁକୁମ ଛୁଟେ
ଅମାର ଭରେ ଅଜଣା କ୍ଷେତେ
ଘଡ଼ିକି ଘଡ଼ି ଫତୁଆ ଜାରି ଇଚ୍ଛା ମତେ
କଲମ ଗାର ଖଣ୍ଡାଧାରେ ଶାସନ ଚଳେ / ଦକ୍ଷରାଜା ...."

ବିଦ୍ରୁପାତ୍ମକ କବିତା । କାହାକୁ ବିଦ୍ରୂପ କରୁଛନ୍ତି କବି ? ଦକ୍ଷରାଜା କିଏ ? ଶାସନ ମୁଖ୍ୟ ନୁହେଁ କି ? ରାଜାର ବିଳାସ ହୁକୁମ ଦେବାରେ, ଘଡ଼ିଘଡ଼ିକି ମତ ଓ ବିଚାର ପରିବର୍ତ୍ତନ । ଖଣ୍ଡାଧାର ହିଁ କଲମଗାର । ଏହା ସ୍ୱେଚ୍ଛାଚାରର ଗୋଟିଏ ନମୁନା । ଗଣତନ୍ତ୍ର ରାଜତନ୍ତ୍ରଠାରୁ କେତେ ଅବା ତଫାତ୍ ! ଶେଷରେ କହୁଛନ୍ତି –

"ଜାଗରେ ଜାଗ ଯୋଗେଶ୍ୱର / ସତୀର ଶବ ସ୍କନ୍ଧେ ତୋଳ
ତ୍ରିଶୂଳେ ଭରି ଶକ୍ତି ତୋର / ଚରଣେ ଛୁଟା ତାଣ୍ଡବର ଧ୍ୱଂସରୋଳ,
ସୃଷ୍ଟି ଛଡ଼ା ବହ୍ନି ଜଳା ତ୍ରିନେତ୍ରରେ । ଦକ୍ଷରାଜା ଯଜ୍ଞ କରେ ....
ଭ୍ରୂକୁଟି ନାଚୁ ବିଷାଣ ଧରି / ଡମ୍ବରୁ ବାଜୁ ଭୟଙ୍କରୀ,
ମରିବାର ଯେ ଯାଉ ସେ ମରି / ବଜ୍ରାଘାତେ ତୁଙ୍ଗଗିରି ଉଠୁରେ ଥରି,
ପ୍ରଳୟ ରଚ ଚହଟ ମିଛ ସ୍ୱୟଂବରେ / ଦକ୍ଷରାଜା ଯଜ୍ଞ କରେ..."

ପୁରାଣର ଦକ୍ଷ ଯଜ୍ଞ ଏଇଠି ଇଙ୍ଗିତ ମାତ୍ର । ମନେପଡୁଛି ଦକ୍ଷ ଯଜ୍ଞରେ ସତୀଙ୍କ ଅପମାନର ପ୍ରତିଶୋଧ ନେବାପାଇଁ ଶିବ କିପରି ରୁଦ୍ର ରୂପ ଧରିଥିଲେ । ସେଇଟିକୁ ମିଥ୍ ଭାବେ ନେଇ କବି ଆହ୍ୱାନ କରୁଛନ୍ତି, ଏବେ ଅତ୍ୟାଚାରୀ ନୃଶଂସ ଶାସକର ଧ୍ୱଂସ ଆବଶ୍ୟକ । ଜନସାଧାରଣ ଶିବଙ୍କ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତୁ, ତ୍ରିଶୂଳ ଧରି ଅହମିକାର ଯଜ୍ଞ ନାଶ କରନ୍ତୁ । କବିତାଟି ମିଥ୍ ପ୍ରତୀକଧର୍ମୀ ରଚନା । ଏହାର ଉଦ୍ଦେଶ୍ୟ ଜନସାଧାରଣ ରୁଦ୍ରଙ୍କ ପରି ପ୍ରତିବାଦ କରନ୍ତୁ ସ୍ୱେଚ୍ଛାଚାର ଶାସନ ବିରୋଧରେ । କବିଙ୍କ ଆଉ କେତୋଟି କବିତାରେ ପରମାଣୁ ଅସ୍ତ୍ର ବ୍ୟବହାର ହେତୁ ଯୁଦ୍ଧର ଭୟାବହ ପରିସ୍ଥିତିର ମର୍ମନ୍ତୁଦ ଚିତ୍ର ଦେଖିବାକୁ ମିଳେ – କବିତା 'କୋରିଆ'ରେ । ଯୁଦ୍ଧ ପିଶାଚର ରକ୍ତମୁଖା ଆୟୋଜନ ସମ୍ପର୍କରେ କବି କହୁଛନ୍ତି –

"ଶସ୍ତ୍ରେ ଛେଦିଲି ହିଁ ଛିଡ଼େ ନାହିଁ / ବହ୍ନିରେ ଦହିଲି ପୋଡ଼େ ନାହିଁ /
ଜଳେ ବୁଡ଼ାଇଲି ବୁଡ଼େ ନାହିଁ / ଆକାଶେ ଛାଇଲି ବୋମାବାହି /

ତଥାପି ନ ମରେ
ଉଦ୍ଦୀପିତ ଶିଖାସମ ତେଜି ଉଠେ ଦକ୍ଷିଣେ ଉତ୍ତରେ
ଅକ୍ଷୁନ୍ନ, ଅକ୍ଷତ
ଶବ୍ଦବ୍ୟୂହ, ଲକ୍ଷସେନା, କୋଟି ଅସ୍ତ୍ର ସବୁ ହେଲା ବ୍ୟର୍ଥ।
ଅଦ୍‌ଭୂତ ତା ପ୍ରାଣ
ଆଜି ପୁଣି ଜୀଇଉଠେ କାଲି ଯାକୁ କଲି ମୁଁ ଶ୍ମଶାନ।"

ଚମତ୍କାର ଏକ ସ୍ୱୀକାରୋକ୍ତି। ଇତିହାସର କଥା। କୋରିଆ ଉପରେ ସାମ୍ରାଜ୍ୟବାଦୀ ଆମେରିକାର ଆକ୍ରମଣର କଥା। ୧୯୫୦ ବେଳକୁ ପ୍ରାୟ ଭିଏତନାମ, କୋରିଆ ଆମେରିକାର ଯୁଦ୍ଧ ପିପାସାର ନିଆଁରେ ବାରବାର କ୍ଷତିଗ୍ରସ୍ତ ହୋଇଛି; ମାତ୍ର ସେ ଦେଶର ନାଗରିକ ପରାଜୟ ସ୍ୱୀକାର କରି ନାହାଁନ୍ତି। ଓଡ଼ିଶା ପରି ଦାରିଦ୍ର୍ୟରେ ସଢୁଥିବା ଏକ ଜାତିର ସ୍ୱାଭିମାନ; ଆତ୍ମରକ୍ଷା କରିବା ସହିତ ଶତ୍ରୁକୁ ପ୍ରତିଜବାବ ଦେବା ପରି ନୈତିକ ବଳ ଓ ପ୍ରତିରୋଧ ଶକ୍ତି ଥିଲା ଅମାପ। ବିଶ୍ୱର ସବୁଠାରୁ ବଡ଼ ଶକ୍ତିକୁ ନିଜ ମାଟିରେ କୋରିଆ ଓ ଭିଏତନାମବାସୀ ଜବାବ ଦେଇଥିଲେ। ଭିଏତନାମରେ ୧୯ ବର୍ଷ ଯୁଦ୍ଧ ହେଲା। ବହୁ କ୍ଷତି ସହିଲା ଦେଶ; କିନ୍ତୁ ହାର ମାନିଲା ନାହିଁ। ଆହୁରି ବିଚିତ୍ର କଥା, ଏତେ ଧ୍ୱଂସଲୀଳାରେ ମଧ୍ୟ ଗୋଟିଏ କୌଣସି ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେଲା ନାହିଁ। କବି କୋରିଆ ପରୋକ୍ଷରେ ଭିଏତନାମର ମାଟି / ଲୋକଙ୍କ ଅପରାଜେୟ ଅବସ୍ଥାର ଚିତ୍ର ଦେଇଛନ୍ତି। ଯୁଦ୍ଧ ବିରୋଧରେ, ମାନବ ପ୍ରେମର ପକ୍ଷ ନେଇ କବିଙ୍କ କବିତାଗୁଡ଼ିକ କେବଳ ପ୍ରାଣସ୍ପର୍ଶୀ ନୁହେଁ, ପୁଞ୍ଜିବାଦୀ ଆମେରିକାର ଔଦ୍ଧତ୍ୟର ପରିଚୟ ଦିଏ। ରଘୁନାଥ ଦାସଙ୍କ ଅନେକ କବିତା ପୁଞ୍ଜିବାଦ, ସ୍ୱେଚ୍ଛାଚାର, ଅନ୍ୟାୟ, ଅନୀତିର ପ୍ରତିବାଦର କବିତା। ସେଥିରେ ରହିଛି ମଣିଷ ପ୍ରତି ଶ୍ରଦ୍ଧା, ଶୁଭେଚ୍ଛା। ସମସ୍ୟା ଦୂର କରିବାକୁ ହେଲେ ମଣିଷ ଏକଜୁଟ ହେବ, ଲଢ଼ିବ, ସେ ହିଁ ନିଜେ ନିଜ ଭାଗ୍ୟର ନିର୍ମାତା। ତାହା ଆତ୍ମବିଶ୍ୱାସର କବିତା। କବିଙ୍କ 'ପଦଧ୍ୱନି' ନାମକ ଆଉ ଏକ କବିତା : କବି କହୁଛନ୍ତି –

"ଯାହାର ଏ ପଦଧ୍ୱନି ଶୁଣାଯାଏ ଉତ୍ତର ମେରୁରେ
ମାଞ୍ଚୁରିଆ ଖେତେ ଖେତେ, ୟାଂସୀତଟେ, ଇରାବତୀ କୂଳେ
ସାଇଗନ ଉପକଣ୍ଠେ ଇନ୍ଦୋନେଶା, ଉତ୍ୟକ୍ତ ମାଳୟେ
ଯାହାର ଉନ୍ନତ ଧ୍ୱଜା ଉଡ଼ିଉଠେ ତ୍ରସ୍ତ ହିମାଳୟେ
ଯା ପଥେ ମଶାଲ ତେଜେ ସମ୍ମିଳିତ ଦକ୍ଷିଣ ଆଫ୍ରିକା
ଅଷ୍ଟ୍ରେଲିଆ ନାବିକର ନେତ୍ରେ ନେତ୍ରେ ଯା ଲାଗି ପ୍ରତୀକ୍ଷା
ଆବାହନ ଗୀତି ଯାର ଶୁଭେ, ଶୁଭେ ଲକ୍ଷକୋଟି ଜିଭେ
ଜାଣେ ଜାଣେ ସେମାନେ ଆସିବେ।

× × ×

ସେମାନେ ଆସିବେ
ହିମଗିରି ଦୃପ୍ତବାଧା ଲଙ୍ଘି, ଚିରି ବିନ୍ଧ୍ୟାଚଳ ବକ୍ଷ
ଅଗଣିତ ଜନତାର ଅଗ୍ରଗାମୀ ଆସିବେ ଅସଂଖ୍ୟ
ଆସିବେ ଆକାଶ ପଥେ, ଜଳସ୍ରୋତେ, ଗହନ ଜଙ୍ଗଲେ
ସମୁଦ୍ର ଲହଡ଼ି କାଟି ଜୀର୍ଣ୍ଣକରି ହଜାର ଜିହଲେ
ଆସିବେ ନବୀନୋଚ୍ଛ୍ୱାସେ ଯୁଗାନ୍ତର ବନ୍ଧନ ତୁଟାଇ
ଆସିବେ ମୁକ୍ତିର ଗାନେ କଣ୍ଠେ କଣ୍ଠେ ଲହର ଛୁଟାଇ
ବିଷନ୍ନ ବିଶ୍ୱକୁ ଛାଇ ଉଦୟର ଅପୂର୍ବ ବିଭବେ
ସେମାନେ ଆସିବେ।"

ସେ କାଳର ପରିସ୍ଥିତିର ଏକ ଚମତ୍କାର ଦୃଶ୍ୟର ପଟ୍ଟଭୂମିରେ ରଚିତ ଏଇ କବିତା। କିଏ ଆସିବେ? କାହିଁକି ଆସିବେ? କେଉଁଠୁ ଆସିବେ, ସେ କଥା ତ କବି କହିଲେ। ପର ପଦରେ କହିଛନ୍ତି, "ଶିଖିନି ଯେ ଚାଲିବାକୁ ସମଷ୍ଟି ମେଳରେ / ହରିଣୀର ରକ୍ତ ପିଇ ଲାଞ୍ଜ ପିଟେ ଯେ ହିଂସ୍ରର ଗହ୍ୱରେ।" ହରିଣୀର ଶିକାର ଖୁବ୍ ଗର୍ବର କଥା? ସରଳ ନିରୀହ ଜନତା ସେଇ ହରିଣୀ, ତା'ର ରକ୍ତପିଇ ବଡ଼ ଶିକାରୀ ବୋଲି ଯଦି କେହି ଗର୍ବ କରେ ତାକୁ କ'ଣ କୁହାଯିବ? ବିଶ୍ୱରେ ପୁଞ୍ଜିବାଦ ଯେଉଁ ବଜାର ତନ୍ତ୍ର ଓ ଦ୍ରବ୍ୟସଂସ୍କୃତିର ହାଟ ଖୋଲିଛି, ସେଥିରେ ହଜିଯାଇଛି ମଣିଷର ଅସଲ ପରିଚୟ। ଶ୍ରମ, ଶ୍ରମଜୀବୀ, ଶ୍ରମସଂସ୍କୃତି, ସରଳ ନିରୀହର ମାନବିକ ମୂଲ୍ୟବୋଧକୁ ନଷ୍ଟ କରିଛି ପୁଞ୍ଜିବାଦ, କେଉଁଠି ଅବା ଧନ, କ୍ଷମତାର ବିଷବଳୟ। କବି ଲେଖିଥିବା କାଳ କଥା ଛାଡ଼; ଏବେବି ବିଶ୍ୱ ବା ଭାରତବର୍ଷରେ ଯାହା ଚାଲିଛି ବିରାଟ ବଜାର ସଂସ୍କୃତି, କ୍ଷମତାର ସାମ୍ରାଜ୍ୟ, ସେଥିରେ ହଜିଛି ମୂଲ୍ୟବୋଧ, ଆତ୍ମସମ୍ମାନ, ସ୍ୱାଭିମାନ। ଗରୀବକୁ ନାନା ପ୍ରକାର ପ୍ରୋତ୍ସାହନ ଦିଆଯାଉଛି। ଗଣତନ୍ତ୍ରର ପବିତ୍ରତା ଭ୍ରଷ୍ଟାଚାର ଓ ନୀତିହୀନ ଯୋଜନାର କମ୍ବଳ ତଳେ ମୃତବତ ଶୋଇଯାଇଛି। ଏହିପରି ଅବସ୍ଥାର ପରିବର୍ତ୍ତନ ଘଟିବ। ପରିବର୍ତ୍ତନକାମୀ ବିପ୍ଳବୀମାନେ ଆସୁଛନ୍ତି। ସେଇମାନଙ୍କ ପଦଧ୍ୱନି ଶୁଭୁଛି। ଆଶାର କଥା ଶୁଣାଇଛନ୍ତି କବି। ଭରସା ରଖିଛନ୍ତି ଆଗାମୀ ପିଢ଼ି ଉପରେ। ସେମାନେ ନିଷ୍କଳଙ୍କ, ସବୁ କଳଙ୍କ କାଳିମା ପୋଛିବାପାଇଁ ସେମାନେ ଆସିବେ ସୂର୍ଯ୍ୟଚନ୍ଦ୍ର ପରି ଅସୀମ ଆଲୋକର ତେଜ ନେଇ। ଉଜ୍ଜ୍ୱଳ କରିବେ ପୃଥିବୀକୁ; ପୋଛିଦେବେ ଘୃଣା, ହିଂସା, ଦ୍ୱେଷ, ଅନାଚାର। ଆଗାମୀ ବିଶ୍ୱ ହେବ ପ୍ରେମର ସହୃଦୟତାର।

## ସାମ୍ୟବାଦର କେତେଜଣ ଜୟଧ୍ୱନିକାରୀ :

ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଶିବିର ବେଶିଦିନ ପ୍ରଭାବ ପକାଇ ପାରି ନାହିଁ କିମ୍ବା ଏହି ଦର୍ଶନରେ ଖୁବ୍ ବେଶୀ ସ୍ରଷ୍ଟା ଅନୁପ୍ରାଣିତ ହୋଇପାରି ନାହାନ୍ତି। ଏ କ୍ଷେତ୍ରରେ କବି ରବି ସିଂହ ଏକମାତ୍ର ବ୍ୟତିକ୍ରମ। ସେ ନିଜକୁ ନିଃସଙ୍ଗ ପଦାତିକ ରୂପେ ଜୀବନର ରଣାଙ୍ଗନରେ ଆବିଷ୍କାର କରିଛନ୍ତି, ଖାଦ୍ୟ ଓ ବାସର ଅନ୍ୱେଷଣ କରୁ କରୁ।

ନିଃସଙ୍ଗତା ଅର୍ଥାତ ଜୀବନର ଏ ଦୁଇ ମୁଖ୍ୟ ଉପାଦାନ ପାଇଁ ସେ ପାଇ ନାହାନ୍ତି ସାଥିସହୋଦର। ପିତା ରାମଚନ୍ଦ୍ର ସିଂହ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସ୍ୱଚ୍ଛଳ ବ୍ୟକ୍ତି; ମାତ୍ର ଶେଷକୁ ଅତ୍ୟାଚାରରେ ଜୀବନ ଛାଡ଼ିଲେ। ରବି ସିଂହ ସେ ବେଳକୁ କିଶୋର ମାତ୍ର। ସହାୟ ପରଘର ପିଣ୍ଡା, ନଈର ପାଣି ବା କାହାର ହାତଟେକା ଭାତ ମୁଠାଏ। ସେହି ଅବସ୍ଥାରୁ ଉଠିଉଠି କଟକ ସହରରେ ସେ ପାଇଲେ ନିଜର ପରିଚୟ। ଲେଖିଛନ୍ତି ରାଶିରାଶି କବିତା। ପ୍ରଥମ କବିତା ଗ୍ରନ୍ଥ 'ପଥପ୍ରାନ୍ତର କବିତା' ପରେପରେ 'ଚରମ ପତ୍ର', 'ଲାଲ ପାଗୋଡ଼ାର ପ୍ରେତ', 'ସର୍ବହରା', 'ବିଦୀର୍ଣ୍ଣ', 'ଭ୍ରୁକୁଟି', 'ଅଗ୍ନି'।

ସେ ନିଜ ବିଷୟରେ କହିଛନ୍ତି, "ଯେଉଁ ଶେଷହୀନ ଯୁଦ୍ଧରେ ମୁଁ ସେନାପତିତ୍ୱ କରିଥିଲି ସେ ଯୁଦ୍ଧ ହେଉଛି ଦାନବବାଦ ବିରୋଧରେ ମାନବବାଦର। ମିଥ୍ୟା ବିରୋଧରେ ସତ୍ୟର, ଅସାମ୍ୟ ବିରୋଧରେ ସାମ୍ୟର, ଶୋଷଣ ବିରୋଧରେ ଶୋଷିତର, ପୁଞ୍ଜିବାଦ ବିରୋଧରେ ସମାଜବାଦର।" ବାସ୍ତବରେ ତାଙ୍କର କବିତା ସମଗ୍ର ଏଇ ଚିତ୍ର ବହନ କରେ। କବି ରବି ସିଂହ ପ୍ରଗତିଶୀଳ ଓଡ଼ିଆ କବିତାର ବଡ଼ଦାଣ୍ଡରେ ସବୁଠାରୁ ଦୀର୍ଘ ଇତିହାସର ପ୍ରତିନିଧି, ତାଙ୍କ ନିରବତାରେ ପ୍ରଗତିଶୀଳ କାବ୍ୟ ଚେତନା ମନ୍ଥର ହୋଇଛି ଓ ଭିନ୍ନ ମୋଡ଼ ନେଇଛି।

ଏଠାରେ ଏହି କାବ୍ୟ ପ୍ରକ୍ରିୟାରେ ଆଉ କେତେଜଣଙ୍କ ନାମ ସ୍ମରଣକୁ ଆସେ। ସେମାନଙ୍କ ମଧ୍ୟରେ ଅଛନ୍ତି କବି ବ୍ରଜନାଥ ରଥ, କବି ଆଶୁତୋଷ ପରିଡ଼ା, କବି ସମରେନ୍ଦ୍ର ନାୟକ। ବ୍ରଜନାଥ ଠିକ୍ ଅର୍ଥରେ ରାଜନୀତିକ ସାମ୍ୟବାଦର ସମର୍ଥକ ହେଲେ ହେଁ ତାଙ୍କ କାବ୍ୟସ୍ୱର ଅଧିକ ମାନବିକ ମୂଲ୍ୟବୋଧ ସହ ଜଡ଼ିତ। ତାଙ୍କ କାବ୍ୟ ସ୍ୱରରେ ମିଳେ ଶୋଷଣ, ସ୍ୱେଚ୍ଛାଚାର, ଦୁର୍ନୀତି, ଅମଲାତାନ୍ତ୍ରିକ କ୍ଷମତାବାଦ, ସାମନ୍ତବାଦ ବିରୋଧରେ ଅସନ୍ତୋଷର ଚିତ୍ର। ସେ ପ୍ରତିବାଦୀ; କିନ୍ତୁ ନିର୍ଦ୍ଦିଷ୍ଟ ସୀମା ଭିତରେ ଗତିଶୀଳ। ଆଶୁତୋଷବାବୁ ଅଧିକ ବ୍ୟଞ୍ଜନାଧର୍ମୀ କାବ୍ୟଚିତ୍ର ନିର୍ମାଣରେ ଦକ୍ଷ, ସମରେନ୍ଦ୍ର ମଧ୍ୟ ତଦନୁରୂପ। ପ୍ରତ୍ୟକ୍ଷ ସଂଗ୍ରାମର ଯେଉଁ ଚିତ୍ର ପୂର୍ବ କବିମାନଙ୍କ କ୍ଷେତ୍ରରେ ଦେଖାଯାଏ କଥିତ ଦୁଇ କବି ସେଥିରେ ଭିନ୍ନ। ଆଶୁତୋଷବାବୁଙ୍କ ଚଣ୍ଡାଳ, ଶବ୍ଦଭେଦୀ, ଅଙ୍ଗାର ଗାର, ଲହୁଲୁହାଣ ପ୍ରଭୃତି କବିତା ଗ୍ରନ୍ଥ ସାମାଜିକ ବାସ୍ତବବାଦର ଚିତ୍ର ଉପସ୍ଥାପନ କରେ। ମଣିଷର ସାମାଜିକ ଜୀବନ ତାଙ୍କ ଦୃଷ୍ଟିରେ ସମସାମୟିକ ରାଜନୀତି, ଅର୍ଥନୀତି ବା ସାମଗ୍ରିକ ଭାବେ ପ୍ରତିଷ୍ଠିତ କୌଣସି ବ୍ୟବସ୍ଥା ନିରପେକ୍ଷ ନୁହେଁ। ବ୍ୟବସ୍ଥାଟି ଏକ ବ୍ୟୂହ। ସେହି ବ୍ୟୂହ ଭେଦପାଇଁ ଅଭିମନ୍ୟୁ ହେବାକୁ ହେଲେ ବ୍ୟକ୍ତିକୁ ବହୁତଳ ବିଶିଷ୍ଟ ସମାଜ ଓ ଅର୍ଥନୀତିକୁ ବୁଝିବାକୁ ହେବ। ସେ ବିଶ୍ୱାସ କରନ୍ତି ଆଜିର ଭାରତୀୟ ସମାଜ ଅର୍ଦ୍ଧ ସାମନ୍ତବାଦ ଓ ଅର୍ଦ୍ଧ ଉପନିବେଶବାଦର କବଳରେ ମୁମୂର୍ଷୁ। ଏଣୁ ତାଙ୍କ କବିତା ଅନେକ ସାମ୍ୟବାଦୀ କବିଙ୍କ ସ୍ଲୋଗାନଠାରୁ ପୃଥକ ଏବଂ ଅଧିକ କଳାତ୍ମକ। ସମରେନ୍ଦ୍ର ନାୟକ ଓଡ଼ିଆ ପ୍ରଗତିବାଦୀ କାବ୍ୟସ୍ୱରର ଧାରାରେ ଆଣିଛନ୍ତି ପରିବର୍ତ୍ତନ। ଆଜିର ଭାରତବର୍ଷ ପରିପ୍ରେକ୍ଷୀରେ ସେ ପ୍ରଗତିଶୀଳ କାବ୍ୟଚିନ୍ତାକୁ ପ୍ରଯୋଗବାଦୀ ଧାରାରେ ମିଶାଇଛନ୍ତି, ଅର୍ଥାତ୍ ଆଣବିକ ଶକ୍ତିର ଭୟ, ଯୁଦ୍ଧ ଓ ସନ୍ତ୍ରାସର କ୍ଷୁଧାର ପଞ୍ଜାତଳେ ନିର୍ଯାତିତ ମଣିଷକୁ ରକ୍ଷା କରିବାକୁ ହେଲେ ମାନବ ଶୃଙ୍ଖଳ ଗଠନ ଓ ସାମାଜିକ ସଙ୍ଗଠନର ଆବଶ୍ୟକତା ରହିଛି। ଗଣସଙ୍ଗଠନ ପାଇଁ ଗଣଶିକ୍ଷାର ଆବଶ୍ୟକତା ଉପରେ ସେ ଦେଇଛନ୍ତି ଗୁରୁତ୍ୱ।

## ୧.୩.୩ ସଚ୍ଚିରାଉତରାୟ ଓ ପଲ୍ଲୀଚିତ୍ର

୧୯୩୫ ପରବର୍ତ୍ତୀ କାଳର ଓଡ଼ିଆ କବିତାରେ କବି ସଚ୍ଚିରାଉତରାଙ୍କ ଆତ୍ମପ୍ରକାଶ ତିନୋଟି ସାହିତ୍ୟିକ ପ୍ରାରୂପର ସଂକେତ ବହନ କରେ। ପ୍ରଥମଟି ପ୍ରଗତିଶୀଳ ଧାରା, ଦ୍ୱିତୀୟଟି ପଲ୍ଲୀଜୀବନ ପ୍ରୀତି, ତୃତୀୟଟି ଆଧୁନିକ ପ୍ରୟୋଗବାଦୀ କବିତା। ଏହି ଆଲୋଚନାରେ ପ୍ରଥମଟି ବିଷୟରେ ଆଲୋକପାତ କରାଯାଇଛି। ବର୍ତ୍ତମାନ ଦ୍ୱିତୀୟ ଧାରାର ସୂଚନା ଦେବା ଆବଶ୍ୟକ ମନେହେଉଛି। କାରଣ ଓଡ଼ିଶାର ଯଥାର୍ଥ ପରିଚୟ ରହିଛି ତା'ର ପଲ୍ଲୀଜୀବନରେ। ଓଡ଼ିଆ ସାହିତ୍ୟର ଆଦିକବି ସାରଳାଦାସ ଘୋଷଣା କରିଥିଲେ, ମୁଁ ରଚନା କରୁଛି 'ସଂସାର ଜନହିତେ' ବା 'ଜନଗଣ ହିତେ'। ଏହି ସଂସାର ବା ଜନଗଣ ହେଉଛନ୍ତି ଓଡ଼ିଶା କାହିଁକି ଭାରତବର୍ଷର ଆଦିସ୍ତରର ଲୋକ ସାଧାରଣ। ସେମାନଙ୍କ ବୃହତ୍ତର ହିତରେ କବିଙ୍କ କାବ୍ୟସାଧନା। ସେମାନଙ୍କ ଜୀବନବୃତ୍ତ ହିଁ ଦେଶର ସମାଜ, ସଂସ୍କୃତି, ସାହିତ୍ୟ, ଅର୍ଥନୀତି ଓ ଯାବତୀୟ କଳାତ୍ମକ ଆଙ୍ଗିକର ଭାବ ସମ୍ପଦ। ସାହିତ୍ୟର ସବୁ କାଳରେ ସେହିମାନେ ହିଁ ମୂଳଶକ୍ତି ଓ ମୁଖ୍ୟ ପ୍ରତିପାଦ୍ୟ ବିଷୟ। ସମାଜ ହିଁ ପଲ୍ଲୀ ଓ ପଲ୍ଲୀହିଁ ଏକ ଜୀବନବୋଧର କେନ୍ଦ୍ରସ୍ଥଳୀ। କବି ନନ୍ଦକିଶୋର ବଳଙ୍କ କବିତାରେ ତା'ର ସୂଚନା ଦିଆଯାଇଛି। ତାଙ୍କ ପରେ ସଚ୍ଚିରାଉତରା ପଲ୍ଲୀକୁ ଦେଖିଛନ୍ତି ଭିନ୍ନ ଏକ ଦୃଷ୍ଟିରେ ତାଙ୍କ 'ପଲ୍ଲିଶ୍ରୀ' (୧୯୪୧) କବିତା ଗ୍ରନ୍ଥରେ। ଏଥିରେ ସ୍ଥାନ ପାଇଛି ୧୪ଟି କବିତା। ପ୍ରତ୍ୟେକ ସ୍ୱତନ୍ତ୍ର ଓ ଗ୍ରାମ ଜୀବନ ଚିତ୍ରର ଭିନ୍ନଭିନ୍ନ ସ୍ତରର ସମାବେଶ।

'ପଲ୍ଲିଶ୍ରୀ'ର ପ୍ରଥମ କବିତା 'ଛୋଟ ମୋର ଗାଆଁଟି'। କାଳକୁ ପ୍ରତିହତ କରି ଗାଁର ରୂପଶ୍ରୀ ନିତ୍ୟ କାଳରେ ବିଦ୍ୟମାନ ହେବା ପରି ଦୃଶ୍ୟ ସକଳକୁ ନେଇ ଗଢ଼ା, ତା'ର ନାଆଁ ଭୂଗୋଳ ପୋଥିରେ ନ ଥାଉ; କିନ୍ତୁ ରହିଛି କବିଙ୍କ ଚିତ୍ତ ଓ ଅନ୍ତରକୁ ଆଚ୍ଛାଦିତ କରି।

"ଛୋଟ ମୋର ଗାଆଁଟି / ଭୂଗୋଳ ପୋଥିପତରେ
ପଛେ ନ ଥାଉ ତା'ର ନାଆଁଟି।
ମାଟିର ସେଇ ସରଗ ମୋର / ସେଇଠି ଅଛି ମୋ ଷଠିଘର
ଜଳିବ ପୁଣି ସେଇଠି ଶେଷେ / ମୋହରି ଚିତା ନାଆଁଟି।"

ଗ୍ରାମ ଥିଲା ସେଦିନ ବ୍ୟକ୍ତିଜୀବନର ସ୍ମରଣର ତୀର୍ଥକ୍ଷେତ୍ର, ଥିଲା ଜୀବନ ପ୍ରେରଣାର ମାହାତ୍ମ୍ୟଭୂମି। ତା'ର ମନଭୁଲା ରୂପ ଭରି ରହିଥିଲା ଶାଗୁଆ କୋମଳ ପରିବେଶ ଭିତରେ; ତା'ର ନଈର ପାଣି, ଝରଣାର କୁଳୁକୁଳୁ ନାଦରେ କବିତାର ଝଙ୍କାର, ଆଖିରେ ଆଙ୍କିଥିଲା ରୂପର ଛବି –

"ଝରଣା ତାର କଲା ଯେ କବି / ନୟନେ ଦେଲା ରୂପର ଛବି
ବୁହାଇ ଦେଲା ସପନ ଢେଉ / ପଥର ବୁକେ ନିହାତି। × × ×
ଆଲୁଅ ତାର କି ମନୋହର / ଅନ୍ଧକାର ତାଠାରୁ ଭଲ
ଜୀବନପଥେ ସକଳ ତାର / ଫିଟାଏ ନୂଆ ରାହାଟି।"

ଏ ଦୃଶ୍ୟ କବିର ପଦବନ୍ଧ ଭିତରେ ଯେତିକି ଶ୍ରୀ ସମ୍ପଦର ଅବତାରଣା କରିଛି, ମନେହୁଏ ଭାଷାର ଚିତ୍ର ଏହାଠୁ

ଅଧିକ ମନୋଜ୍ଞ ଓ ମନ୍ମୟ ହେବା ସମ୍ଭବ ନୁହେଁ।

'ପଲ୍ଲିଶ୍ରୀ'ର ସଂକଳନର 'ପଲ୍ଲୀ ସକାଳ', 'ପଲ୍ଲୀ ସଞ୍ଜ', 'ରେଙ୍ଗୁନ ଯାତ୍ରୀ', 'ପହିଲି ରଜ' କବିତାଗୁଡ଼ିକ ମନୋଜ୍ଞ। ଏହାର ଭାବ ଓ ଭାଷାର ପଟାନ୍ତର ନାହିଁ। ଭାବ ପାଇଁ ଲୋଡ଼ା ହୁଏ ଭାଷା, ଭାଷାର ସର୍ଜନଶକ୍ତି କବିତ୍ୱର ବିଷୟ। କେତୋଟି ଉଦାହରଣ ମାଧ୍ୟମରେ ତା'ର ପରିଚୟ ମିଳିପାରିବ।

"ସରଗ ଘରର ନୂଆବୋହୂ କେବେ କୁହୁଡ଼ି
ଓଢ଼ଣା ମଥାନେ ଟାଣି
ବାସି ତାର ଫୁଲ ଦେବ ଗୋ ଓଳାଇ
ଛିଞ୍ଚି ଦେଇ ନାଲି ଗୋବର ପାଣି।
ପୂରୁବ ଅଗଣା ଲିପା ପୋଛା କରି ଛାଇ ଆଲୁଅର
ପିଠଉ ଗୋଳା
ଛୁଞ୍ଚକନା ତାର କେବେ ସେ ଆସି ଗୋ ମେଘ
ଆଢୁଆଳେ ଦେବ ଗୋ ଗୋଳି।"

ସମାନ୍ତର ଭାବେ ପ୍ରକୃତି ଓ ବାସ୍ତବ ଗାଁ ଦାଣ୍ଡର ଘରଆଗର ଗୋବର ପାଣି ପକାଇବାର ଦୃଶ୍ୟ ବର୍ଣ୍ଣନା କରାଯାଇଛି। ଗାଁବାସୀ କୋଉ ନୂଆବୋହୂ ଗୋବର ପାଣି ପକାଇ ଅଗଣା ପରିଷ୍କାର କରିବା ଚିତ୍ରକୁ ସକାଳର ମନୋରମ ଉଷା କାଳର ପର ମୁହୂର୍ତ୍ତର ଦୃଶ୍ୟର କଥା ଭିତରେ କବି ସରଗ ରାଇଜର ପ୍ରତିଛବି ଓହ୍ଲେଇ ଆଣିଛନ୍ତି ମାଟିର ନିତ୍ୟ ସକଳର ଦୃଶ୍ୟ ଭିତରକୁ।

କବି ଭାବକୁ ରୂପ ଦିଅନ୍ତି ନିର୍ଦ୍ଦିଷ୍ଟ ଦୃଶ୍ୟ ବା କଥାର ପ୍ରସଙ୍ଗକୁ ନେଇ। ଆକାଶର ଅଗଣାରୁ ସରଗଘରର ବୋହୂ ବାସି ତାରା ଫୁଲ ଓଳାଇ ନେବାପରି ପ୍ରାକୃତିକ ଘଟଣା ସହ ମର୍ତ୍ତ୍ୟର ଗୋବର ପାଣି ପକାଇବା ରୂପକଟିର ଚମତ୍କାରିତା କବିତ୍ୱର ନିଦର୍ଶନ।

ନିତିନିତି ଦେଖା ଦୃଶ୍ୟ ଭିତରେ ଭୁଲା ଘଟଣାର ଅଭୁଲା ସ୍ମୃତି ଆଙ୍କି ଦେଉଥିବା ଏହି ପଦ ଭାଷାର ନୂଆ ରୂପ ରସପୂର୍ଣ୍ଣ କାରୁକାର୍ଯ୍ୟର ଭୂରିଭୂରି ଉଦାହରଣ ମିଳେ। ଏହାର ପୂର୍ବ ପଦଗୁଡ଼ିକରେ କହିଛନ୍ତି କବି – "ଝିପିଝିପି ପୁଣି ଅଦିନିଆ ମେଘ ଆପୁଡ଼ାଇ ତାକୁ ଦିଏ ଶୁଆଇ", "ଛାଇଲଗା ନିଦ ମାଡ଼ିମାଡ଼ି ପଡ଼େ ଭାରି ଆଖିପତା ବେନି ରହିଛି ଲାଖି" ରଜ ପୂର୍ବଦିନ ଶେଷ ରାତିରେ କୁମାରୀ ମନର ଉଚ୍ଛନ୍ନତା ପରିବେଶର ବାସ୍ତବ ଚିତ୍ରଦ୍ୱାରା କେତେ ମଧୁର ଭାବେ ବିବୃତ ନ କରିଛି ! ଜାଙ୍ଗୁଲୁ ଜାଙ୍ଗୁଲୁ ରାତି, କାକର ହକଳା ବଣବୁଦା, ଶିଉଳି ସାଉଁଳା ପାଣିତୁଠ, ଦ୍ୱିତୀୟା ଜହ୍ନର ଆଡ଼ହସ, ମହୁଆ ନିଶାର ନରମ ପହଡ଼, ଡମ୍ଫୁଣି ସଞ୍ଜ, ମେଘୁଆ ସଞ୍ଜର ଆଡ଼ରୁଷା ଜହ୍ନ, ତରା ରାଇଜର ନିଦମଡ଼ା ଗୀତ, ଝରଣା ସମ ଅଚେତା ଘୁମ, ସପନ ରସରେ ଜୁଆଇ ଧରା, ନକିନକି ଦେହ ତନୁପାତେଳି, ଖଟୁଆତରା, ପଳାସର ନାଲିଓଠ ପରି ଅଭିବ୍ୟକ୍ତି କାବ୍ୟିକ ପ୍ରସଙ୍ଗକୁ ବହୁ ଅର୍ଥପୂର୍ଣ୍ଣ କରିଛି ଭାଷାର ଯାଦୁରେ।

ଆଉଏକ ଉପମା –

ଗରଭିଣୀ ନାରୀ କୁକ୍ଷିସମ ଭାରି ଆକାଶଟା
ଦିଶେ ମଇଳା ଝଳି
ନବତମାଳର ନୀଳ ପତରକୁ ନେଡ଼ିରେ
ଅବା କେ ଦେଇଛି ଦଳି।

ଆକାଶ ନଇଁ ଆସିଛି। ତା'ର ସାଦୃଶ୍ୟ ଗର୍ଭବତୀ ନାରୀର ପେଟ ସହିତ, ପେଟର ପଟାପଟା ଦାଗ ହେତୁ କିଛି ଧଳା ଓ କିଛି ମଳିନ ଦେଖାଯାଏ। ସେହି ଅବସ୍ଥାର ଚିତ୍ର ତମାଳ ପତ୍ର ନେଡ଼ିରେ ଦଳିଦେବା ପରି ଦେଖାଯାଉଛି। ପହିଲି ରଜର ସକାଳୁ ବରଷା ହେତୁ ଏହି ଚିତ୍ରଟି ଦେଇଛନ୍ତି।

କବି ସଚ୍ଚିରାଉତରାୟ ନନ୍ଦକିଶୋରଙ୍କ ପଲ୍ଲୀ ସ୍ମୃତିକୁ ନିଜର ଅନୁଭୂତିରେ ମିଶାଇ ଏକ ନୂଆ ପଲ୍ଲୀଭାଷାର କାବ୍ୟିକ ରୂପ ପ୍ରସ୍ତୁତ କରିଛନ୍ତି। କାବ୍ୟରୀତିରେ କଥ୍ୟରୀତିର ସମନ୍ୱୟ କରି କବି ସ୍ମରଣୀୟ ହୋଇଛନ୍ତି। ଏହି ରୀତିର ଆଉ ଦୁଇଟି ଉଦାହରଣ ଦେଇ ଆଲୋଚନା ସମାପ୍ତ କରିବାକୁ ହେବ।

୧. ଭାଙ୍ଗିବାକୁ ନିତି ପହଡ଼ ତୋହର ଖଞ୍ଜିବ କିଏ
ଦାସୀ ଦୁଇଗୋଟା, ସାଧବ ଝିଅଟୁ, ଉଠମ ଯାଏ।

ବୁଢ଼ିମା ନାତୁଣିକୁ କହୁଛୁ 'ତୋର ପହଡ଼ ନିଦ ଭାଙ୍ଗିବାକୁ ଦାସୀ ଦୁଇଟା ଦରକାର ପରା, ତୁ ତ ସାଧବଝିଅ, ଦାସୀ ପୋଇଲି ଖଞ୍ଜା ନ ହେବ କାହିଁକି ! ଏ ବ୍ୟଙ୍ଗର ଭାଷା। ଛିଗୁଲେଇବାର ଭାଷା। 'ଉଠମ ଯାଏ', ଚମତ୍କାର କଥନ ଶୈଳୀର ବ୍ୟବହାର। ଅର୍ଥାତ୍, "କ'ଣ ମିଳିବ ମ, ସାଆନ୍ତାଣିଟା ଯେମିତି, ରଖ ମ, ମୁଁ ଯାଏ ତେଣେ କେତେ କାମ" – ଏହିପରି ଏକ ଅର୍ଥ ଉତ୍ପନ୍ନ ହୁଏ।

୨. ମଲାରେ ଦେଖମ, ଭୁଆଁ ବିଲେଇଟା ପିଏ ଓଖର
ତଡ଼ିଦେବା ପାଇଁ ଦିଶୁନି କାହାକୁ, କିଏ ମ ମୋର, (ପଲ୍ଲି ସକାଳ)।

ଘରର ବୁଢ଼ିମା', କହୁଛି ମନକୁ ମନ ନୁହେଁ କାହାକୁ ଶୁଣେଇ ଶୁଣେଇ, ଦେଖମ (ତ) ଭୁଆଁ ବିରାଡ଼ି ଦୁଧ ପିଉଛି, ତାକୁ ତଡ଼ିଦେବା ପାଇଁ, କାହାକୁ ଦିଶୁନି ? କିଏମ ମୋର, ଅର୍ଥାତ୍, ମୋର ଏଗୁଡ଼ା କିଏବା, ଅବା ମୋର କି ଗରଜ ପଡ଼ିଛି ସବୁ କଥାକୁ ନିଘା କରିବାକୁ ! ସ୍ୱଗତ ପରି ଏହି ଅଭିବ୍ୟକ୍ତି କବିତାର ପ୍ରାଣଶକ୍ତିକୁ କେତେ ମହାର୍ଘ କରିଛି ବୁଝିବା ଲୋକହିଁ ଅନୁଭବ କରିପାରିବ। ଭାଷା ମନସ୍ତତ୍ତ୍ୱର ବାହକ; ଏ କଥା ବୁଝିବାକୁ ଅସୁବିଧା ହୁଏ ନାହିଁ। ସରଳ, ବ୍ୟଞ୍ଜନାତ୍ମକ, କଥ୍ୟ ରୀତି, ନୂଆ ଉପମାନ, ନୂଆ ପରିବେଶ, ସବୁ ମିଶିକରି କବିତା ରାଜ୍ୟ ହୋଇଉଠିଛି ମନୋଜ୍ଞ।

ଗାଁର ଝିଅଟିଏ – କହୁଛି ଆତ୍ମ ସମ୍ଭାଷଣରେ

"ମୁଁ ତ ଭ୍ରଥ ନାହାକ ଝୁଅ

ମତେ ନ ଜାଣେ କିଏ ସେ କୁହ,
ବାପ ମୋ ଗାଆଁର ବଡ଼ ମକଦମ
ଗୁଣ ଗାଇ ଅଖା ଧୂଅ।
× × ×
ମୁଁ କି ଇମିତି ସିମିତି ଜଣେ
ମୁଁ ତ ଗୋଟିଏ କାହାଣେ ପଣେ
ମୁଁ ତ ଚାଲିଯାଉଥିଲେ ପୃଥୀ ଦୁଲୁଦୁଲୁ
ଶିଆଳ ପଳାଏ ବଣେ।"

ନିରୀହ ଆତ୍ମଫୁଲା ଗୁଣର ଝିଅ, ବାପ ଭ୍ରଥ ନାହାକ, ଗାଁର ମକଦମ। ଚାଲି ଯାଉଥିଲେ ପୃଥ୍ୱୀ ଦୁଲୁଦୁଲୁ କମ୍ପେ, ଶିଆଳ ବଣକୁ ପଳାଏ। ଆତ୍ମମ୍ଭରିତା / ଆତ୍ମବଡ଼େଇ କରୁଥିବା ଝିଅ ସବୁ ଗାଁରେ ଏମିତି ମିଳିବେ। ବାହାଦୁରି ପଣରେ ସରିଛି ତା'ର ଗୁଣଗ୍ରାମ। ସଚ୍ଚିବାବୁଙ୍କ ପଲ୍ଲିଶ୍ରୀ ପଲ୍ଲୀର ଚିତ୍ର ଦେଇଛି, ତା' ସହିତ ଦେଇଛି ପଲ୍ଲିର ଏହିପରି ଅଭିମାନୀ / ଆତ୍ମ ବଡ଼େଇ ପରିପୂର୍ଣ୍ଣ ଝିଅର ଏକ ନିଟୋଳ ଚିତ୍ର। ତା'ର ଅହଂକାର ଅଛି; କିନ୍ତୁ ନିର୍ଦ୍ଦୋଷ, ତାହା କାହାର କ୍ଷତି କରେନା, ଆତ୍ମପ୍ରଶଂସାରେ କେବଳ ନିଜକୁ ଯାହା ଦେଖେଇ ହେବାର ଗୁଣଟି ଚିହ୍ନେଇ ଦିଏ।

## ୧.୩.୪ ନୂଆ କବିତାର ପଦଚିହ୍ନ

ସଚ୍ଚି ରାଉତରାୟଙ୍କ କବିତା ନୂଆ ମୋଡ଼ ନେଇଛି ପାଣ୍ଡୁଲିପି (୧୯୪୭)ରେ। ଏହି କବିତା ରଚନା ବେଳକୁ ସଚ୍ଚିବାବୁ ପ୍ରଗତିଶୀଳ କ୍ୟାମ୍ପ ଛାଡ଼ିଛନ୍ତି; ଆସିଛନ୍ତି ଆଧୁନିକ ପ୍ରୟୋଗବାଦୀ କବିତା ମଞ୍ଚକୁ। କବିତା ୧୯୬୨ ବହିରେ ସେ ପୂର୍ଣ୍ଣରୂପେ ଆଧୁନିକ କବିତାର ପ୍ରତିନିଧି ହୋଇଗଲେଣି। 'ପାଣ୍ଡୁଲିପି'ରେ ପାଠକ ଏହାର ପ୍ରସ୍ତୁତି ପର୍ବ ବିଷୟ ଉପଲବ୍ଧି କରିପାରିବେ। ଏହି ସଂକଳନରେ କବି ଆଧୁନିକ କବିତା ଓ କବି ବିଷୟରେ ସ୍ପଷ୍ଟ କେତୋଟି ସ୍ପଷ୍ଟ କଥା କହିଛନ୍ତି। (କ) ଅତୀତରେ ଗୀତିକବିତା ଥିଲା ବ୍ୟକ୍ତି ପ୍ରଧାନ, କାରଣ ଗୀତି କବିତା କବିର ବ୍ୟକ୍ତିଗତ ଭାବୋଚ୍ଛ୍ୱାସ ଓ ଖିଆଲ ଭିତରୁ ଜନ୍ମ ନିଏ। ଯେଉଁ ସମାଜ ଗୀତିକବିତାର ମୂଳ ଉତ୍ସର ପ୍ରେରଣା ଥିଲା ସେ ସମୟ ଓ ସମାଜ ବଦଳିଯାଇଛି। ଆସିଛି ଏପରି ଏକ ସମାଜ ଯେଉଁଠି ସ୍ୱବିରୋଧ, ସଂଘର୍ଷ ଓ ନାନାବିଧ ଘଟଣାସ୍ରୋତ ଝଡ଼ ହାଉଆ କବିର ନିରୋଳା କୁଞ୍ଜବନରେ ଧକ୍କା ମାରୁଛି। କବି ସମାଜ ସମ୍ପର୍କରେ ଆଉ ଅସମ୍ବନ୍ଧ ହୋଇପାରୁ ନାହିଁ। ସମାଜ ଓ ବସ୍ତୁ ନିରପେକ୍ଷ ହୋଇ ଶାନ୍ତିର କଳ୍ପନା କରିପାରୁ ନାହିଁ। ପୂର୍ବ କବିମାନଙ୍କ ପରି ଭାବଭୋଳା ପାଗଳ ପରି ସ୍ୱପ୍ନ ରସରେ ମତୁଆଳ ହୋଇପାରୁ ନାହିଁ। (ଖ) ନାନ୍ଦୀମୁଖ – ପାଣ୍ଡୁଲିପିରେ କବି ମନେ କରୁଛନ୍ତି ସେ (ବା କବିମାନେ) ସମ୍ମୁଖୀନ ହେଉଛନ୍ତି ଏକ ବାସ୍ତବବାଦୀ ସମାଜ ଓ ଜୀବନ ସମସ୍ୟାର। ସମସ୍ୟାର ବହୁ ଦିଗ ପ୍ରଶସ୍ତ ହୋଇପଡ଼ିଛି – ଯନ୍ତ୍ରର ଅଭ୍ୟୁଦୟ, ବିଜ୍ଞାନ, ଯୁଦ୍ଧ, କ୍ଷମତାଲୋଭ,

ରାଜନୀତିକ ଦ୍ୱନ୍ଦ୍ୱ, କ୍ଷମତାନ୍ଧତା, ପୁରାତନ ଐତିହ୍ୟର ଲୋପ, ସାମାଜିକ ସଂହତି ହ୍ରାସ ଓ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ। ଆଧୁନିକ ରାଜନୀତିକ ଦର୍ଶନ ଓ ନୂତନ ଶ୍ରେଣୀର ଆବିର୍ଭାବ – ଏପରି ବହୁତଳ ବିଶିଷ୍ଟ ଏକ ବିଶ୍ୱ ଓ ତା'ର ସନ୍ଦିଗ୍ଧ ଭୂମିକା କବିକୁ ବାଧ୍ୟ କରିଛି ନୂଆ ଭାବରେ ଜୀବନକୁ ଦେଖିବାପାଇଁ। କବି ସମାଜରୁ ପ୍ରାୟତ ବିଚ୍ଛିନ୍ନ ହୋଇ ଏକ ଆତ୍ମଜଗତ ରଚନା କରିଛି। ସେହି ଜଗତରେ ସେ ଏକାକୀ। ଆସିଛି ନୂଆ ସମାଜ, ନୂଆ ଜୀବନ, ତେଣୁ କବିତାର ରୂପ ବଦଳିବ; ବଦଳିବାକୁ ବାଧ୍ୟ। ଏହି ପରିସ୍ଥିତିରେ ଗୀତିକବିତାର ମୃତ୍ୟୁ ଘଟିଛି ଓ ଜନ୍ମ ନେଇଛି ତୀକ୍ଷ୍ଣ ବ୍ୟଙ୍ଗର କବିତା। କବି ପକ୍ଷରେ ଶ୍ରୋତାପାଇଁ ଶ୍ରୁତିମଧୁର ଗୀତିମୟ କବିତା ଲେଖିବା ସମ୍ଭବ ନୁହେଁ। ଏହା ବିକଳ୍ପରେ ସେ ଲେଖିବେ ପରିବର୍ତ୍ତିତ ସମାଜ ଓ ଜୀବନର କବିତା। ପାଣ୍ଡୁଲିପିର ପ୍ରଥମ କବିତା 'ଝଡ଼' ଉଦାହରଣ ନିଆଯାଉ –

"ଏଇ ଯେ ଆସୁଛି ଝଡ଼, କରି ସଖି ତାରେ ନମସ୍କାର
ତା ପଦେ ପ୍ରଣତି ବାଢ଼େ ଗିରିବନ ନଦୀ ପାରାବାର।
× × ×
ଏ ଝଡ଼ ଦେଇଛି ସଖି ତୁମକୁ ଯେ ମୋର ପରିଚୟ
ଭାଙ୍ଗିବାର ମନ୍ତ୍ର ସାଥେ ଗଢ଼ିବାର ଭୂମିକା ଅକ୍ଷୟ।
× × ×
ଜୀବନର କୋଟି ଆଶା ପରାଣର ନୀରବ କ୍ରନ୍ଦନ
ଯାହା ମୋ ହୋଇନି କୁହା ପଦେ ବହି ବାଧାର ବନ୍ଧନ।"

ଝଡ଼ ଆଣିବ ରୂପାନ୍ତର, ଭାଙ୍ଗିବା ସହ ଗଢ଼ିବାର ମନ୍ତ୍ର, ଯାହା ଆଜିଯାଏ ରହିଛି ଅକୁହା ସେ କଥା କହିବାକୁ ଏଇ ଝଡ଼ ଦେଇଯିବ ଗୋଟିଏ ନୂଆ ଶିକ୍ଷା।

ପାଣ୍ଡୁଲିପି ଦୁଇଭାଗରେ ବିଭକ୍ତ – ପ୍ରଥମଟି 'ଧୂସର' – ଏଥିରେ ରହିଛି ୨୭ଟି କବିତା। ମୁଖ୍ୟ କବିତା କେତୋଟି - କୋଣାର୍କ, ଶାଜାହାନ, ଅସମାପିକା, କବିତାରକବର, ପଶୁ। ଦ୍ୱିତୀୟ ଭାଗ 'ଲୋହିତ' ୪୩ଟି କବିତା – ଏହାର ଜ୍ୟାମିତି, ପ୍ରତିମା ନାୟକ, ଗୋପବନ୍ଧୁ ଦାସ, ଚନ୍ଦ୍ରାବତୀ, ନବଜାତକ, ମାଟିଆ ବୁରୁଜରେ ଜହ୍ନ, ଲାବଣ୍ୟବତୀକୁ ଚନ୍ଦ୍ରଭାନୁର ଚିଠାଉ, ଅଳକା ସାନ୍ୟାଲ, ରାଜଜେମା କବିତାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। କବିତାଗୁଡ଼ିକ ଆଧୁନିକ ଜୀବନର ସଂକଟ, ଦୂରବସ୍ଥା, ଯନ୍ତ୍ରଣାର ସ୍ୱର ପ୍ରତିଫଳନ କରେ। 'ପ୍ରତିମା ନାୟକ' କବିତା ଉଦାହରଣ ରୂପେ ନିଆଯାଉ। ପ୍ରତିମା ସହ କବିଙ୍କର ଦେଖାହୁଏ ସେହି ସମୟ ଓ ସ୍ଥାନରେ –

"ଆକାଶରେ ଫିକା ଜହ୍ନ-ସାବୁନର ଫେଣ ପରି ସଫା
ଆଲୁଅ ଓ ଅନ୍ଧାରର ମଧ୍ୟେ ସେ ଯେ କରିଅଛି ରଫା।
ବହୁଦୂରେ ଯନ୍ତ୍ରଶାଳେ ଚିମ୍‌ନିଟା କାଶେ ନିଜ ଛାଁଏ
ଧାନ-ସିଡ଼ି ନଦୀ ଟପି ଆଠଟାର ଡାକଗାଡ଼ି ଧାଏଁ।

ପଢ଼ିଅଛି କବିତାରେ ଏତେବେଳେ କାନ୍ଦେ ଚକ୍ରବାକ
ହଠାତ ଯେ ଦେଖାହେଲା ବହୁଦିନେ ପ୍ରତିମା ନାୟକ।"

ଏକ ଭିନ୍ନ ପରିବେଶ – ଆଲୁଅ ଅନ୍ଧାର ଭିତରେ ବୁଝମଣା କରିବା ପରି ଆକାଶର ଫିକା ଜହ୍ନ, ତା'ର ଉପମା ସାବୁନର ଫେଣ ପରି ସଫା। ଉପମା ପରିବର୍ତ୍ତେ ଏହି ବ୍ୟବହାରକୁ ଚିତ୍ରକଳ୍ପ କୁହାଯାଉଛି। ଧାନବିଲର ସିଡ଼ି ଟପି ଡାକଗାଡ଼ି ଧାଉଁଛି, ଦୂରରେ କାରଖାନାର ଚିମିନି କାଶୁଛି, ଅର୍ଥାତ୍ ଶବ୍ଦ ଶୁଭୁଛି। ଏହି ସମୟରେ ହଠାତ୍ କବିଙ୍କର ପ୍ରତିମା ନାୟକ ସହ ଦେଖାହୁଏ। ସେ କିପରି ଦେଖାଯାଉଛି ? –

"ମୁଖ ତାର ବ୍ରଣଦୁଷ୍ଟ ହାତରେ ତା ଚମଡ଼ାର ବ୍ୟାଗ
ଶୀର୍ଣ୍ଣ ସାଧା ଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ।
ତନୁ ତାର ରୋଗ ଜୀର୍ଣ୍ଣ, ବ୍ରଣେ ତାର ମ୍ଳାନ ମୁହଁଯାକ
ଶ୍ଳଥ, ଋଜୁ ଦେହ ଶିଖା ଢାଙ୍କି ଅଛି ଖାକିର ପୋଷାକ।
ଜାପାନୀ କାଗଜ ଫୁଲ ପରି ଦେହେ ବୟସର ଧୂଳି
ପଚାରିଲି 'ଭଲ ଅଛ'? କଣ୍ଠେ ମୋର ବିଷନ୍ନ ଗୋଧୂଳି।"

ତାର ମୁହଁ ବ୍ରଣରେ ପୂର୍ଣ୍ଣ, ଶୁଖିଲା, ବ୍ୟର୍ଥତାର ଚିହ୍ନ ସ୍ପଷ୍ଟ ବାରିହେଇ ପଡୁଛି, ଦେହ ରୋଗରେ ପୀଡ଼ିତ, ସରୁ ପତଳା ଦେହ; ପିନ୍ଧିଛି ଖାକି ପୋଷାକ। ଦେଖାଯାଉଛି ଯେପରି ଜାପାନୀ ଫୁଲ ଉପରେ ଛାଇଯାଇଛି ବୟସର ଧୂଳି। ହାତରେ ଧରିଛି ଚମଡ଼ା ବ୍ୟାଗ୍।

ହସିଲା ପ୍ରତିମା –
ଆକାଶର ନୀଳ ରେଖା ଗେରୁଆ ମାଟିର ନାଲ୍ ସୀମା
ଛୁଏଁ ଯେଉଁଠାରେ –
ସେଇଠାରେ – ସ୍ୱପ୍ନ ଆଉ ବାସ୍ତବର ମୁହାଁଣ ସେ ପାରେ
ଦୁହେଁ ଆମେ ହୋଇଥିଲୁ ଠିଆ
ଆମ ପଛେ ଶୋଇଥିଲା ଦୀର୍ଘ ଦୁଇବର୍ଷର ଦୁନିଆ
ଦୀର୍ଘ ଦୁଇ ବର୍ଷର ଜଗତ –
ଧୂସର ଧୂମିଳ, ଧ୍ୱାଂତ, ଭୟଙ୍କର ପୁଣି ଯୁଦ୍ଧରତ।

ଆକାଶ ଓ ଗେରୁଆ ମାଟିର ନାଲି (ନାଲ, ଲୋକ କଥିତ ଭାଷାରେ) ସୀମା ଯେଉଁଠି ଦିଗ୍‌ବଳୟ ଛୁଇଁଚି, ସେଇଠି ସେମାନେ ଠିଆ ହୋଇଥିଲେ ସେ ପରିବେଶ ଜଣା ଯାଉଥିଲା ସ୍ୱପ୍ନ ଆଉ ବାସ୍ତବତାର ମୁହାଁଣର ଆରପାଖ। ଦେଖା ହୋଇଥିଲା ଦୁଇବର୍ଷ ପରେ। ଦୁଇବର୍ଷକୁ କବି ଦୀର୍ଘ ବୋଲି କହୁଛନ୍ତି, କାରଣ ଏହି ଦୁଇବର୍ଷ ଭିତରେ ଘଟିଛି ଅନେକ ପରିବର୍ତ୍ତନ। ସମୟ ହୋଇଛି ଧୂସର, ଧୂଆଁଳିଆ, ଧ୍ୱାନ୍ତ (ଅନ୍ଧକାର, ତିମିର – କାରଣ

ଯୁଦ୍ଧ ପରିବେଶ ହେତୁ)। ପ୍ରତିମା ଦର୍ଶନରେ ଏମ୍‌ଏ ପଢୁଥିଲା, ବାହାଘର ଭାଙ୍ଗିଗଲା। ବାପ ମରିଗଲା, ପରିବାର ଭିନ୍ନେ ହୋଇଗଲେ। ଦର୍ଶନ ବହି ଛାଡ଼ି ସେ ସପ୍ଲାଇରେ ଚାକିରି କଲା, ଦରମା କିଛି ଖରାପ ନୁହେଁ। ଏଇ ଇତିହାସ ତା'ର –

"ଏଇ ଇତିହାସ
ପ୍ରତିମା ନାୟକ ହସେ ଓଠେ ତାର ସ୍ୱପ୍ନର ଆଭାସ।
ମୁହଁରେ ଖାକିର ହସ ଆଖିରେ ତା ରାତିର ଇସାରା
ଦୁଇପାଖେ ଦ୍ରୁତ ବନ ଗତିବାନ ନକ୍ଷତ୍ରର ଧାରା
ଆହା, ହସୁ ହସୁ ପ୍ରତିମା ନାୟକ
ଅଞ୍ଚଳ ତା ନାଇଁ ନେହେ ଦେଖି ଅଛି ଖାକିର ପୋଷାକ।"

ଜୀବନର ବ୍ୟର୍ଥତା ଓ ମୁହଁରେ ଖାକିର ହସ, ସେ ଜାଣେ ତା'ର ଜୀବନର ବିଫଳତା, ତା'ର ଶରୀରର ମଳିନତା, ତଥାପି ସେଇଠି ରହିଛି ପ୍ରେମ (ରାତିର ଇସାରା) ଓ ମିଳନର ଆଶା। ଖାକିର ପୋଷାକ ପିନ୍ଧିଛି। ପଣତ କାନି କାହିଁ ଯେ ସେ ପୋଛି ପକାଇବ ମୁହଁର ବ୍ୟର୍ଥତା ! ନାରୀର ବେଶଭୂଷା, ସଂସାର ବଦଳିଛି, ସେ ଲାବଣ୍ୟବତୀ ନୁହେଁ କି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ନୁହେଁ, ଜୀବନର ଦୁଃଖ ଦ୍ୱନ୍ଦ୍ୱ ବାସ୍ତବତାର ସମ୍ମୁଖୀନ ହେଉଛି। ସେଇ ଭିତରେ ସେ ଯଦି ହସିପାରେ, ହସୁ।

## ୧.୩.୫ ଆଧୁନିକ କବିତା – ପ୍ରୟୋଗବାଦୀ କବିତା

ନୂଆ ଓଡ଼ିଆ କବିତାର ପୃଷ୍ଠଭୂମିରେ ଥିଲା କେତୋଟି ଆନ୍ତର୍ଜାତୀୟ ଚିତ୍ର। ପୃଥିବୀର ସର୍ବତ୍ର ନ ହେଲେ ବି ୟୁରୋପ ଓ ଆମେରିକା ଏବଂ ଏସିଆ ମହାଦେଶରେ ଖେଳିଯାଇଥିଲା ବିଶ୍ୱ ଯୁଦ୍ଧର ଭୟାବହ ପରିଣତି, ମାର୍କସବାଦର ନୂଆ ସମାଜ-ସଂସ୍କୃତି-ରାଜନୀତି ଓ ଅର୍ଥନୀତିର ବ୍ୟାଖ୍ୟା ଓ ହିସାବ। ନୂଆ ମନସ୍ତତ୍ତ୍ୱର ଚିତ୍ର, ବିଶ୍ୱବ୍ୟାପି ସାମ୍ରାଜ୍ୟବାଦ ବିରୋଧରେ ଅସନ୍ତୋଷ, ବ୍ୟକ୍ତିଗତ ସ୍ୱାଧୀନତାର ମୋହ, ଦରିଦ୍ର ଶୋଷିତ ଶ୍ରମିକଙ୍କ ମନରେ କଷଣରୁ ତ୍ରାହି ପାଇବାର ଉଦ୍ୟମ ଭାରତରେ ସ୍ୱାଧୀନତା ସଂଗ୍ରାମ – ସାମ୍ରାଜ୍ୟବାଦ ପ୍ରତି ଘୃଣା, ଅସନ୍ତୋଷ, ଦେଶିୟ ରାଜା, ଜମିଦାରମାନଙ୍କ ପ୍ରତି ଅବିଶ୍ୱାସ ଓ ସେମାନଙ୍କ ବିରୋଧରେ ଲଢେଇ – ବଡ଼ ଅଶ୍ୱସ୍ତିର କାଳ। ସବୁ ଉପରେ ବ୍ୟକ୍ତିର ଅଧିକାର, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଉତ୍ସୁକତା ଭାରତବର୍ଷରେ ଥିଲା ଅଧିକ ଚର୍ଚ୍ଚାର ବିଷୟ। ଓଡ଼ିଶା ଏଥିରୁ ମୁକ୍ତ ନଥିଲା। ବିଶ୍ୱ ଓ ଭାରତର ସବୁଚିନ୍ତା ଏଇ ଭୂଇଁରେ ହୋଇଥିଲା ପ୍ରତିଫଳିତ। ଅପରପକ୍ଷରେ ସାହିତ୍ୟର କେତୋଟି ଘଟଣାର ପ୍ରତିଧ୍ୱନି ଶୁଭୁଥିଲା। ଇଂରାଜୀ ସାହିତ୍ୟ ୧୮ଶ ଶତକର ରୋମାଣ୍ଟିସିଜିମ ପରିହାର କରି ବାସ୍ତବବାଦୀ ଆଭିମୁଖ୍ୟ ଗ୍ରହଣ କରିଥିଲା। ୱାଡର୍ସୱାର୍ଥ, କିଟସ, ବାଇରନ, ଶେଲି ପ୍ରଭୃତି ଆଉ ମୋହପାଶରେ ବନ୍ଦି କରିବାକୁ ସମର୍ଥ ନଥିଲେ। ସେମାନଙ୍କ ବିକଳ୍ପରେ ଆସିଥିଲେ ଟି.ଏସ ଏଲିଅଟ, ଟି.ଇ ହ୍ୟୁମ, ଏଜରାପାଉଣ୍ଡ, ଆମିଲୁଏଲ ପ୍ରଭୃତି ଇଂରେଜ କବି, ଏଡଗାର ଆଲାନପୋ, ହ୍ୱିଟମ୍ୟାନ ପ୍ରଭୃତି ଆମେରିକାର କବି ଏବଂ ଫ୍ରାନ୍ସର କବି ର୍‍ୟାମ୍ବୋ, ମାଲାର୍ମେ, ଭରଲେନ

ବାର୍ଗଶଁ ଆଦି। ଏଣିକି ସବୁନୂଆ। ନୂଆ ବିଷୟ, ନୂଆ ଭାଷା, ନୂଆ ବ୍ୟାକରଣ - କବିତାର ପରୀକ୍ଷା ନିରୀକ୍ଷାର ନବତମ ଦିଗନ୍ତ - କୁହାଗଲା ନୂଆ ଜୀବନ ପାଇଁ ଲେଖାହେବ ନୂଆ କବିତା। ଭଲହେଲା, ସାପ କାତି ଛଡାଏ, ମଣିଷ କାହିଁକି ପୁରୁଣା ନିର୍ମୋକରେ ଅସୁନ୍ଦର ଦିଶିବ? ଅବଶ୍ୟ ଆଉ ପାଟବସନ, କାନରେ କୁଣ୍ଡଳ, ମୁଣ୍ଡରେ ତାରକା ଖଚିତ ପଗଡି କି ବେକରେ ସୁନାର ମାଳି - ସବୁ ଅଭିଲା ଦିଶିଲା। ସାମନ୍ତବାଦୀ ପୃଥିବୀ ଓହ୍ଲେଇ ଆସିଲା ଧୂଳି ଧୂସରିତ ମଳିନ ମାଟିକୁ, ଏବେ ସେମାନେ କହିବେ ଆଖିଦେଖା ଅନୁଭୂତିର କଥା, ସ୍ୱପ୍ନର କଥା ନୁହେଁ, କଳ୍ପନାରେ ଘୂରିବୁଲି ଆଉ ଉପମାର ସନ୍ଧାନ କରିବେ ନାହିଁ।

ଓଡ଼ିଆ କବିତାରେ ସେଇମାନଙ୍କୁ ଅନୁକରଣ କରିବାର ପଥ ପ୍ରଥମେ ସଚ୍ଚିରାଉତରାୟ ଦେଖାଇଲେ। ପ୍ରତିମା ନାୟକ କବିତାରେ ସୂଚନା ରହିଛି ବାସ୍ତବତାର ସଂକେତ ଦେଇ କବି ମଣିଷର ଅନ୍ତର୍ମନକୁ ବୁଝିବାର କି ପ୍ରକାର ଉଦ୍ୟମ କରିଛନ୍ତି। ବିଂଶ ଶତାବ୍ଦୀ କାଳର ପ୍ରବାହରେ ଆଣିଛି ସବୁଜ ପରିବର୍ତେ ଧୂସର ଏକ ପରିବେଶ, ଯୁଦ୍ଧ ପୃଥିବୀର ସବୁଜିମା ଉପରେ କଳାମେଘ ପରି ଢାଙ୍କି ଦେଲା ବିଷାଦ, ଅତୀତର ମଧୁମୟ ପୃଥ୍ୱୀ (ମଧୁସୂଦନ ଓ ଗଙ୍ଗାଧରଙ୍କ କବିତା)ର ସରସତା ପୋଡିଯାଇ ପଡିରହିଲା ଏକ ଧୂସର ପୋଡାଭୂଇଁ। ଜୀବନର ଉଜ୍ଜ୍ୱଳ ବିଭାରେ ଯାହାଥିଲା ଶୁଭ୍ର ଓ ମଙ୍ଗଳମୟ ସେସବୁ ହୋଇଗଲା ଅସ୍ପଷ୍ଟ, ଅସତ୍ୟ, ଯାହାକୁ ମୂଲ୍ୟବୋଧ ବୋଲି ମାନିନେଇ ଆଦର୍ଶର ପଗଡି ପିନ୍ଧା ହେଉଥିଲା ସେସବୁ ପ୍ରତି ପ୍ରକାଶ ପାଇଲା ସନ୍ଦେହ, ମୂଲ୍ୟବୋଧରେ ଦେଖାଗଲା ସଂଶୟ। ଫଳରେ ସମାଜ ଓ ସାହିତ୍ୟ, ସଭ୍ୟତା ଓ ସଂସ୍କୃତି ବିଷୟରେ ଅନିକେତ ଜୀବନ ଓ ଅନିଶ୍ଚିତ ମନ ବାରମ୍ବାର ପ୍ରଶ୍ନ କଲା "କେଉଁଟା ସତ୍ୟ"? ସଚ୍ଚିବାବୁ ଅସମାପିକା କବିତାରେ ଏହି ପ୍ରଶ୍ନ ଉଠାଇଛନ୍ତି-

"ଏକଦା ଯା ଥିଲା ସତ୍ୟ, ଆଜି ମନେ ଆଣଇ ସଂଶୟ<br>
ଶତ ପ୍ରଶ୍ନ ତୋଳେ ମଥା, ମନେହୁଏ ଅସ୍ତ ନା ଉଦୟ,<br>
କେଉଁଟା ପରମ ସତ୍ୟ? ଆଗନ୍ତୁକ ନବାଗତ ଜନ<br>
ଅତୀତେ ପାରେନା ବୁଝି, ବିଦ୍ରୋହର ଧ୍ୱଜା ତୋଳେ ମନ<br>
ଯା ଆସିଛି, ଅନାଗତ କହେ ତାର ବିପରୀତ କଥା,<br>
ପ୍ରତିବାଦ କରେ ଆଜି ଗତକାଲି ଦେଲା ଯେ ବାରତା।<br>
ମନେହୁଏ ପ୍ରେମବଡ଼, ପୁଣି ଭାବେ ପ୍ରେମଠାରୁ ବଡ,<br>
ଜୀବନର ଏଇଗତି ଧାବମାନ ଅବିଶ୍ରାନ୍ତ ଝଡ଼।"

(ଅସମାପିକା)।

'ଅସମାପିକା' କବିତାଟି କବି ରାଧାନାଥ ରାୟଙ୍କ 'ନନ୍ଦିକେଶ୍ୱରୀ' ଖଣ୍ଡକାବ୍ୟର ରାଜାଝିଅ ନନ୍ଦିକାଙ୍କୁ ଲକ୍ଷ୍ୟକରି ଲେଖାଯାଇଛି। ପାଠକମାନେ ମନେ ପକାନ୍ତୁ ନନ୍ଦିକା ରେଚର (ଳ) ଗଂଗଙ୍କୁ ପ୍ରେମକରି ପ୍ରତ୍ୟାକ୍ଷିତ ହେବାପରେ ଆତ୍ମହତ୍ୟା କରିବା ବିଷୟ। କବି ସଚ୍ଚିବାବୁ ସେଇ ଘଟଣାକୁ ଅସମାପିକା କବିତାରେ ପ୍ରତିଧ୍ୱନିତ କରି ପ୍ରଶ୍ନ ଉଠାଇଛନ୍ତି, "ନନ୍ଦିକାଙ୍କପାଇଁ କେଉଁକଥାଟି ବଡଥିଲା? ପ୍ରେମ ନା ଦେଶଦ୍ରୋହ, ଜାତିଦ୍ରୋହ, ପିତାଦ୍ରୋହ? ନିଶ୍ଚୟ ପ୍ରେମଥିଲା ବଡ। ମାତ୍ର ନିରାଶ ହେବା ପରେ ଆସିଲା ସଚେତନତା ଓ ଦୁଃଖ; ଅପମାନ, ଅନୁଶୋଚନାରେ

ଆତ୍ମହତ୍ୟା କଲେ ରାଜକୁମାରୀ। ଅତୀତର ଏଇ କଥା ବୁଝିବାକୁ ବ୍ୟକ୍ତି ମଣିଷ କଣ ଅସମର୍ଥ ? ତାର ମନ ପ୍ରତିବାଦରେ ପୂର୍ଣ। ପୁଣି କେତେବେଳେ ବିଦ୍ରୋହୀ ମନରେ ଅତୀତ ଓ ବର୍ତମାନର ଶୃଙ୍ଖଳ ଭାଙ୍ଗି ଭବିଷ୍ୟତ ମାର୍ଗରେ ଯିବାପାଇଁ ଆହ୍ୱାନ କରେ।

ସଚ୍ଚିବାବୁ ବିଂଶ ଶତକର କବି, ଆଧୁନିକ (ସେକାଳ) କବିତାକୁ ସାଧାରଣ ମଣିଷର ଜୀବନର କଥା ବୋଲି କହି ନିଜ କବିତାର ମୂଲ୍ୟବୋଧ ବିଷୟରେ ସଫେଇ ଦେଇଛନ୍ତି - ରାଜଜେମା କବିତାରେ

"ମୁଁ କହିଲି - ଶୁଣ ଶୁଣ ରାଜକୁମାରୀ
ମୁଁ ଆସିଛି ବିଂଶ ଶତକର କିନାରା ହୋଇ ପାରି
ମୋ କଣ୍ଠରେ ଜ୍ୱଳନ୍ତ ବିପ୍ଳବ
କାନ୍ଧରେ ମୋର ପୁରାତନର ଶବ।
ନକରି କିଛି ଭୂମିକା
ଅଥବା ଅଳଙ୍କାରର ଟୀକା-
କହିବି, ମୁଁ ଅଟେ / କବି ପ୍ରଚାରକ /
ପୁଞ୍ଜିବାଦୀ ସମାଜର ଧ୍ୱଂସର ଗାୟକ
× × ×
ମୁଁ ସଚ୍ଚିରାଉତରା (ନୁହେଁ ଟାଗୋର ବା ଶେଲି)
ମୁଁ ଏଇ ମାଟିର ଧରା / ଆଉ ଆକାଶର କବି
କାମ ନୁହଁ ମୋ ଖାଲି ଆଙ୍କିବା କାଗଜରେ ଛବି।
ପେଶାଦାର ଗାୟକ ମୁଁ ନୁହଁ / ତୁମେ ମୋର ଛପା ବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି / ଏଇ ପୃଥିବୀର ସବୁ ମଣିଷ ଜାତି
ତାର ପ୍ରତିଟି ଖବର / ରୂପ ପାଏ କବିତାରେ ମୋର।
ଖାଲି ମୋ ସମାଜ ବା ଦେଶର ନୁହେଁ,
ତାର ନୂତନ ଖସଡା / ମଣିଷର ପ୍ରେମ ଅଶ୍ରୁ, ସୁଖ ଦୁଃଖ / ଖାପଛଡା
ମଣିଷର ଲହୁଲୁହେ କବିତା ମୋ ନୀଳ
ଜୀବନର ସୁବର୍ଣ ଦଲିଲ।
ରାଜକୁମାରୀ - ରଖ, ରଖ ବକ୍ତୃତା।
ଯୁକ୍ତି ତର୍କର ସବୁ ଅଡୁଆ ସୂତା
ଯାହା ସୁନ୍ଦର ତା' କବିତା
ତାହା ସ୍ୱୟଂପ୍ରକାଶ / ଯେପରି ଏଇ ସବିତା।
ସଚ୍ଚିରାଉତରାଓ - ଯାହା ସତ୍ୟ ତାହା କବିତା

ମଣିଷର ଜୀବନ ବୋଧର ଛବି ତା
ତାହା ସ୍ୱୟଂପ୍ରକାଶ
ତଥାପି ପ୍ରକାଶର ଅପେକ୍ଷା ରଖେ ତା
ଯେପରି ଏଇ ସବିତା।"

କବିତାଟି ରାଜକୁମାରୀ ସହ କଥୋପକଥନ ଭଂଗୀରେ ରଚିତ। ରାଜକୁମାରୀ ସାମନ୍ତବାଦର ପ୍ରତିନିଧି, ଅଳସେଇ, ଏସରାଜ ବଜାଇ ଆନଂଦରେ ବଞ୍ଚୁଥିବା ଚରିତ୍ର। ସେଇଠି ଅଛି ଅନେକ ସ୍ୱପ୍ନକୁ ବାସ୍ତବ ସୁଖଭୋଗରେ ପରିଣତ କରିବାର ନିଶା। ଅପରପକ୍ଷରେ କବି ସଢ଼ିରାଉତରା ସାଧାରଣ ମଣିଷ ଶ୍ରେଣୀର ପ୍ରତିନିଧି - କବି, ତାଙ୍କର କାମ ହେଉଛି କବିତାରେ ସେମାନଙ୍କ ସୁଖଦୁଃଖ -ଯାହା ଜୀବନର ବାସ୍ତବ କଥା ତାର ରୂପ ଅଂକନ କରିବା। କବି ନିଜର ସାଧନା ଓ କର୍ତବ୍ୟର କଥା କହିବା ସହିତ ତାଙ୍କ କବିତା ଟାଗୋର ବା ଶେଲିଙ୍କ ପରି ରୋମାଣ୍ଟିକ କବିମାନଙ୍କ ଠାରୁ ପୃଥକ ବୋଲି ଯୁକ୍ତି ଦର୍ଶାଇଛନ୍ତି।

ଗତ ଶତକର କବିତା ଏଣୁ ମଣିଷ ଜୀବନର ପ୍ରତିନିଧିତ୍ୱ କରୁଥିଲା। ଏହା କବିତାର ଆତ୍ମା, ବକ୍ତବ୍ୟ ବସ୍ତୁ। କିନ୍ତୁ କବିତାର ଆଙ୍ଗିକ ବା କଥନ ଭଙ୍ଗୀ / ଶୈଳୀଟି କିପରି ଥିଲା ? ଏ ପ୍ରଶ୍ନର ଉତ୍ତର ହେଉଛି କବିତା ହେବ ସ୍ୱତନ୍ତ୍ର ଏକ ଚିତ୍ରଣକଳା। ଅତୀତର ଉପମାଦି ପରିବର୍ତେ ଏଥିରେ ଆଙ୍ଗିକ ହେବ ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଏବଂ ଛନ୍ଦହେବ ଗଦ୍ୟଛନ୍ଦ। ଏଠାରେ ଆଙ୍ଗିକ ବୋଲି ଯାହା କୁହାଯାଉଛି ପ୍ରତୀକ, ଚିତ୍ରକଳ୍ପ ଓ ମିଥ ଆଦି ଠିକ ଅର୍ଥରେ ଆଙ୍ଗିକ ନୁହେଁ ଅତୀତର ଆଙ୍ଗିକ ଆତ୍ମିକ ଭେଦରେ ଯାହା କୁହାଯାଇଥାଏ। ଏହାର ଭାବ ଭାଷାର ସାମାନ୍ୟ ଅର୍ଥର ଉର୍ଦ୍ଧ୍ୱକୁ ଉଠି ଭାବାତ୍ମକ ଗଭୀର ଅର୍ଥସୀମାକୁ ଛୁଇଁପାରେ, ଏଣୁ ଆଙ୍ଗିକ ଭିତରେ ସୀମିତ ନୁହେଁ।

**ପ୍ରତୀକ -** ପ୍ରତ୍ୟେକ ବସ୍ତୁର ଗୋଟିଏ ଗୋଟିଏ ନାମ ଥାଏ। ପଥର, ମାଟି, ପାଣି, ଗଛ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା - ଏସବୁ ବସ୍ତୁ। ଆମେ ଶବ୍ଦଟି ଶୁଣୁଶୁଣୁ ତାର ଅର୍ଥ ବୁଝିଯାଉ। କିଂତୁ ସାହିତ୍ୟରେ ଏସବୁର ବ୍ୟବହାର ଭିନ୍ନଭିନ୍ନ ଅର୍ଥରେ କରାଯାଏ, ଯେପରି, 'ତାଙ୍କର ଜୀବନସୂର୍ଯ୍ୟ ଅପରାହ୍ନରେ ବର୍ତମାନ ଉପସ୍ଥିତ'। 'ଗଛପରି ବଢୁଥାଏ ଜୀବନ ଡାଳପତ୍ର ମେଲି, ପାଠ ନ ପଢି ପିଲାଟା ମାଟି ହୋଇଗଲା', 'ଆକାଶ ପରି ବ୍ୟାପକ ହେଉ ତୁମର କୀର୍ତ୍ତି', ଏପରି ବ୍ୟବହାରଦ୍ୱାରା କଥିତ ଶବ୍ଦ ପ୍ରତୀକ ହୋଇଯାଏ। ଏଥିରୁ ବୁଝିବାକୁ ହେବ ବସ୍ତୁର ଅନ୍ତରାଳରେ ଥାଏ ଭାବ। ସେଇ ଭାବ ବ୍ୟବହାର ଦ୍ୱାରା ଅର୍ଥ ବଦଳାଇ ପାରେ। ମାୟାମୃଗକୁ ଧରିବା କ୍ଷଣି ସେ ଯେପରି ପଳାଇ ଯାଇ ଆଉ ଏକ ରୂପ ଦେଖାଏ ପ୍ରତୀକର ଅର୍ଥ ସେହିପରି। ବ୍ୟକ୍ତିକୁ ବ୍ୟକ୍ତି ପୃଥକ ଅର୍ଥ ଦେଇ ଏହାହୁଏ ପ୍ରଜ୍ଞାପୃଷ୍ଟ ଭାଷା। ପ୍ରତୀକ ପ୍ରଜ୍ଞାର ଜଗତରୁ ଅବତରଣ କରେ। କାଳ, ସ୍ଥାନ, ପାତ୍ର ଭେଦରେ ଭିନ୍ନଭିନ୍ନ ଅର୍ଥ ସୃଷ୍ଟି କରେ। ଟ୍ରାଫିକର ନାଲିନେଳି ଆଲୁଅ ସଙ୍କେତ ଦିଏ, ମାତ୍ର ରାସ୍ତାର ଧରରେ ଯଦି ମଶାଲ ଚିତ୍ରର ବିଜ୍ଞାପନ ଥାଏ ତେବେ ତାହାହେବ 'ଜ୍ଞାନ'ର ପ୍ରତୀକ। ସୂଚନା ମିଳିବ ଯେ ରାସ୍ତାଧାରରେ କେଉଁଠି ଅଛି ସ୍କୁଲଟିଏ, ଧୀରେ ଗାଡି ଚଳାଅ। ଦୁଇଟି ପିଲାର ଚିତ୍ରଥିବା ରାସ୍ତାକଡର ଚିତ୍ର ଆମେ ଦେଖିଛେ, ସେ ଚିତ୍ର ଏକ ସଂକେତ,. ମାତ୍ର ବିଦ୍ୟାର ଅର୍ଥ ବୁଝାଉଥିବା 'ମଶାଲ' ହେବ ପ୍ରତୀକ। କବିତାରେ ପ୍ରତୀକର ବ୍ୟବହାର ବହୁ ପ୍ରାଚୀନ, କିନ୍ତୁ ଆଧୁନିକ କବିତାରେ ଏହାର ସ୍ଥାନ ବହୁ ଗୁରୁତ୍ୱପୂର୍ଣ୍ଣ - ଯେପରି - ପାଣ୍ଡୁଲିପିରେ

– 'ଝଡ଼' । ବର୍ଷା ପବନର ଝଡ ନୁହେଁ ଏକ ବିରାଟ ପରିବର୍ତ୍ତନର ସ୍ରୋତ / ମୂଲ୍ୟବୋଧ ସୂଚନା / କେତେକେତେ ଅର୍ଥ କରାଯାଇପାରିବ । ଏହିପରି ବଂଶୀ –

"ବଇଁଶୀଟି ମୋର ଦେଇଗଲି ସଖି
ତୁମରି କରେ
ବଜାଇବ ଯେବେ ଭିଜାଇବ ନାଇ ନୟନଜଳେ ।"

ଏହିପରି 'ପଶୁ' କବିତା – "ମଣିଷର ପଚା ଦେହୁ ମୁହିଁ ଜନମିଛି ଅନାଦିକାଳର 'ପଶୁ' – ବୁଝିପାର କେହୁ" – ହିଂସ୍ରତା ଅର୍ଥଠାରୁ ଆହୁରି ବ୍ୟାପକ ଅର୍ଥ ହୋଇପାରେ । ବୁଭୁକ୍ଷା, ପିଶାଚତ୍ୱ, ରାକ୍ଷସୀଭାବ – ଏପରି କେତେ ଅର୍ଥ । 'ମାଟିଆ ବୁରୁଜର ଜହ୍ନ' କବିତାରେ ଜହ୍ନ, ଇଗଲ, କଳାଘୁମ ଅଜଗର ରାତି ପଦ୍ୟାଂଶର ଅଜଗର ପଦଗୁଡିକ ଗୋଟିଏଗୋଟିଏ ପ୍ରତୀକ । ଏହିପରି ଗୁରୁପ୍ରସାଦ ମହାନ୍ତିଙ୍କ 'ସମୁଦ୍ରସ୍ନାନ' କବିତା ଗ୍ରନ୍ଥରେ 'କାଳପୁରୁଷ', 'ଗୋବର ଗଣେଶ', 'ଚମ୍ପାଫୁଲ', 'କପୋତ କପୋତି', 'ଝାଉଁବଣ', ରଙ୍ଗଣିଫୁଲ', 'ଧାନଚୋପା', କବି ରମାକାନ୍ତଙ୍କ କଳାହସ, ଗରୁଡ, ଘଣ୍ଟା, ଝରାପତ୍ର ପ୍ରଭୃତି ସାମାନ୍ୟ ଅର୍ଥ ଅତିକ୍ରମ କରି ଭାବରାଜ୍ୟର ସୀମା ବହୁ ପ୍ରଶସ୍ତ କରିଥାଏ । ଏଇ ପ୍ରସଙ୍ଗରେ ଗୋଟିଏ ସିନେମା ଗୀତ ମନେପଡୁଚି – "ବହିଯାଏରେ ଗଂଗା, ଉଡେ ତ୍ରିରଙ୍ଗା", ଗଂଗା ଓ ତ୍ରିରଂଗାର ଅର୍ଥ ସୀମା ବୁଝିବା ଆଦୌ କଷ୍ଟ ନୁହେଁ । ବହମାନ ସମୟ ଭିତରେ କେତେ ମଣିଷ, ତାଙ୍କର ସୁଖଦୁଃଖର ସଂସାର ଚାଲିଛି, ତ୍ରିରଙ୍ଗା ଉଡୁଛି – ସବୁ ଭେଦକୁ ଅତିକ୍ରମ କରି ଏକତା / ବନ୍ଧୁତ୍ୱ / ସାମ୍ୟ ମୈତ୍ରୀର ଜୟଗାନ ଚାଲିଛି । ଏପରି ବୁଝିବାକୁ ହୁଏ । ମନେ ରଖିବାକୁ ହେବ ପ୍ରତୀକର ଅର୍ଥ ବ୍ୟାପକତା କବିତାକୁ ଦିଏ ସୌନ୍ଦର୍ଯ୍ୟ, ଶକ୍ତି ଓ ସମୃଦ୍ଧି । ପ୍ରତୀକକୁ ଧରି ପ୍ରତୀକବାଦୀ କବିତା ମଧ୍ୟ ସୃଷ୍ଟି ହୋଇଛି, ଏହାର ଅର୍ଥ କବିତାକୁ ସଂକ୍ଷିପ୍ତ, ସଂଗୀତ ପରି ମୂର୍ଚ୍ଛନାମୟୀ ଓ ଇଂଗିତ ପୂର୍ଣ କରିବା । ସଚ୍ଚିବାବୁଙ୍କ 'କବିତା ୧୯୬୨'ର "ଏକ ପ୍ରାର୍ଥନା" ବିଚାର କରିଲେ ପ୍ରତୀକବାଦୀ କବିତାର ବୌଦ୍ଧିକ ଆନନ୍ଦ ସହ ସଂଗୀତ ପରି କୋମଳ ଭାବର ମୂର୍ଚ୍ଛନା ଉପଲବ୍ଧି କରିହେବ –

"ମୋତେ କର ପ୍ରଜାପତି / ତୁମ ବଗିଚାରେ /
ହେ କୁସୁମାକର / ଦିଅ ମତେ କ୍ଷୁଧା ମାଇହିଏ
ମହୁର ସୋରେଇ ଆଉ / ପଞ୍ଚମ ସ୍ୱରର
ନୀଳନୀଳ ଶତାବ୍ଦୀଟିଏ ।"

ଅର୍ଥ ବୁଝିବା ପୂର୍ବରୁ ଶବ୍ଦର ଯାଦୁରେ ଥାଏ ଯେଉଁ ରହସ୍ୟ (ଅର୍ଥ) ଓ ସଂଗୀତର ମୂର୍ଚ୍ଛନା ସେଇଠି ପହଞ୍ଚି ହୋଇଯାଏ । କବି କୁସୁମାକରଙ୍କୁ ନିବେଦନ କରୁଛନ୍ତି ତାଙ୍କ ବଗିଚାର ପ୍ରଜାପତି ହେବାକୁ ତାଙ୍କର ଦରକାର ମାଇଲିଏ ନୀଳନୀଳ ଶତାବ୍ଦୀ ।

**ଚିତ୍ରକଳ୍ପ –** ଅନ୍ୟ ନାମ ରୂପକଳ୍ପ । ଅତୀତର କବିତା ଥିଲା ରସର କବିତା । ଉପେନ୍ଦ୍ର, ଦୀନକୃଷ୍ଣ ବା କବିସୂର୍ଯ୍ୟଙ୍କ କବିତାରେ ରସର ଉପାଦାନ ଥିଲା ବିଭିନ୍ନ ପ୍ରକାର । ଆଧୁନିକ କବିତା କିନ୍ତୁ ରୂପର; ଏହି ରୂପ ହେଉଛି ଶବ୍ଦର ଚିତ୍ର । ଅତୀତରେ ଉପମାକୁ ଧରି କବିତ୍ୱର ଗୁଣ ଓ ଗରିମା ନିର୍ଣ୍ଣୟ କରାଯାଉଥିଲା, ଏବେ ଉପମାର ସ୍ଥାନ

ନେଇଛି ଚିତ୍ରକଳ୍ପ। ଚିତ୍ରକଳ୍ପ ଅତୀତର ଉପମାରୁ ପାଇଛି ପ୍ରେରଣା ଏବଂ ଶବ୍ଦଚିତ୍ର ମାଧ୍ୟମରେ ଭାବଚିତ୍ର ଉପସ୍ଥାପନ କରିଛି। କବି ମନେ କରନ୍ତି ପାଠକ ନିଜର ପୂର୍ବ ଅନୁଭୂତିରୁ ଚିତ୍ରକଳ୍ପର ଗୁରୁତ୍ୱ ବୁଝିବା ସହଜ ହୁଏ, ଅର୍ଥାତ ଅନୁଭୂତିର ଏକ ବିଦ୍ୟୁତ ସୁଲଭ ସଂଚାର ଘଟେ ମନୋଜଗତରେ। 'ସାବୁନ ଫେଣ ପରି ସଫା', କହିଦେଲେ ପାଠକ ସାବୁନଫେଣ ଦେଖିଥିବାର ଅନୁଭୂତିରୁ ଚିତ୍ରକଳ୍ପର ଇଂଗିତ ବାରିପାରେ। ପ୍ରତୀକର ଅର୍ଥ ବ୍ୟାପକ, କିନ୍ତୁ ଚିତ୍ରକଳ୍ପର ଅର୍ଥ ନିର୍ଦ୍ଦିଷ୍ଟ, ଅର୍ଥ ଏକକତାହିଁ ଏହାର ମର୍ମ। ପତାକା କହିଲେ ବ୍ୟାପକ ଅର୍ଥ ବୁଝାଏ। ଏହା ପ୍ରତୀକ, କିନ୍ତୁ ତ୍ରିରଙ୍ଗା ପତାକା କହିଲେ ନିର୍ଦ୍ଦିଷ୍ଟ ଏକ ପତାକାକୁ ଇଂଗିତ କରେ, ଏହା ଚିତ୍ରକଳ୍ପ ପରି ନିର୍ଦ୍ଦିଷ୍ଟ।

କବିତାରେ ଚିତ୍ରକଳ୍ପର ବ୍ୟବହାର ପ୍ରତୀକ ପରି ପ୍ରାଚୀନ ହେଲେ ହେଁ କବିତାର ରୂପ ଗଠନରେ ଏହାର କାର୍ଯ୍ୟ ଉପମାଦ୍ୱାରା ସାଧିତ ହୋଇଆସିଛି। ଚିତ୍ରକଳ୍ପ ଉନବିଂଶ ଶତକର କାବ୍ୟଚିତ୍ର। କେତେକ ଉଦାହରଣ ସଚ୍ଚିବାବୁଙ୍କ କବିତା - **ପାଣ୍ଡୁଲିପିରୁ**

୧. ଉପରେ ସଫେଦ ଜହ୍ନ / ଅତି ପରିଚ୍ଛନ୍ନ
ବବୁର୍ଚିର ପଗଡି ପରି ସାଦା, (ଚନ୍ଦ୍ରାବତୀ)

୨. ରେଶମୀ ଜହ୍ନର ଇଷତ ଆଲୁଅର ଜରି
ନାରିକେଳର ଶ୍ୟାମଳ ଝାଲେରି ଉପରେ ଝରିପଡୁଛି, ଏରୋପ୍ଲେନ,

୩. ଉପରେ ନାସପାତି ରଙ୍ଗର ଜହ୍ନ
ତଳେ ଅସମ୍ଭବ ଅପରିଚ୍ଛନ୍ନ ଜନତାର ସୁଅ, ଗୋପବନ୍ଧୁ ଦାସ।

୪. ଆକାଶରେ ଫିକାଜହ୍ନ ସାବୁନର ଫେଣପରି ସଫା, ପ୍ରତିନାୟକ।

୫. ଯେପରି ସୁନାର ଦାଆ କାଟି କାଟି ଅନ୍ଧାର
ଫସଲ ବୁଣିଦିଏ ହୀରାର ମୁରୁଜ
ହସିଉଠେ ନଦୀପଠା କାଠଯୋଡି ପଥର ବୁରୁଜ, ରାମନାମ ସତ୍ୟହେ।

**କବିତା - ୧୯୬୭ରୁ**

୬. ପାଣିଖରା, ମଣ୍ଡଖରା ପଣସର ଖୋସା ପରି
ହଳଦିଆ ଚିକଣିଆ ଖରା, ଋରୋଟି ପ୍ରଗୀତ

୭. ସକାଳର ଜିକିଜିକି ଶୁଆପଖିଆ ପୋଖରାଜ ଖରା,

୮. ଅଗସ୍ତି ଫୁଲିଆ ଜହ୍ନ ପୋଛି ଅପରାହ୍ନ
ଏଇଲାଗେ ମୁରୁଜାଇ ଦେବ ନଈପଠା, ଏକ ଉତୀର୍ଣ୍ଣ ଶ୍ରାବଣ।

୯. କେଉଁ ନିର୍ଜନ ଘରର ହତାରେ

ରାତି ଜଗୁଆଳିର / ମିଂଜି ମିଂଜି ଲଣ୍ଠଣଟି ପରି
ମନଟା ବେଳେବେଳେ ଖାଁ ଖାଁ କରେ, ଦର୍ପଣ।

୧୦. ସଂଜବେଳେ ଏକ ହାସପାତାଳର ନିଶୂନ ହତା
ଏ ଦିହଟା ପ୍ରତିଛାୟା।

୧୧. ଖରାର ସୁରାକ ପିଆ ଛନଛନ ମାଛର ଆଖିରେ
ଆଖିର ମାଛରେ
କିଆଫୁଲ ଖରା ଝରିପଡେ। ଋରୋଟି ପ୍ରଗୀତ।

**କବି ଗୁରୁପ୍ରସାଦ ମହାନ୍ତିଙ୍କ କବିତାରୁ -**

୧. ଏ ମୃତ୍ୟୁ କେବଳ ଠିକ୍ ସହରର ସବୁ ଫ୍ୟୁଜ ଅକସ୍ମାତ ପୋଡିଗଲା ପରି,
ଏ ମୃତ୍ୟୁ ବା କାହାପାଇଁ ଚାକିରିରୁ ଅକସ୍ମାତ ଛୁଟି ନେଲାପରି। (ମୃତ୍ୟୁ)

୨. ଅରଖ ଫୁଲର ଫିକା ବାଇଗଣି ବଉଦ ଉପରେ
ସୂର୍ଯ୍ୟ କେବେ ରହିଯାଏ ମୁହୂର୍ତକ ହଳଦିଆ ପ୍ରଜାପତି ପରି
ଆକାଶର ଫିକା ନେଳି ହଳଦୀ ଓ ବାଇଗଣି ମୁଠା ମୁଠା ବଉଦ ଭିତରେ
ସୂର୍ଯ୍ୟ ପୁଣି କେବେ ନିଭେ ଧୀରେ ଧୀରେ ଛୋଟହୋଇ
ବ୍ୟାଟେରି ନଥିବା ସାନ ଟର୍ଚ ଲାଇଟ ପରି। (ହରେକୃଷ୍ଣ ଦାସ - ଦୁଇ),

**କବି ରମାକାନ୍ତ ରଥଙ୍କ କବିତାରୁ -**

୧. ହଠାତ ଅନ୍ଧାର ହେଲା କାନ୍ଥ ପରି ଓ ମୁଁ
ହେଲି ଅକ୍ଷମ ଅଚଳ, ବର୍ଷାରତୁ।

୨. ଲୁଗା ସବୁ ତିନ୍ତିଗଲେ ଏବଂ ଗ୍ରୀଷ୍ମର ଅଗ୍ନିରେ
ସିଝିଥିବା ମାଂସ ସବୁ ମୋ ଅସ୍ଥିରୁ ଖସିଲେ ଅସଂଖ୍ୟ
ଫୁଲପରି ଟପ୍‌ଟାପ୍ । ବର୍ଷାରତୁ

୩. ମାଂସସବୁ ଲୁଗା ପରି କାଳକ୍ରମେ ହୁଏ ପୁରାତନ
ପରିତ୍ୟକ୍ତ ହୁଏ କେଉଁ ଶ୍ମଶାନର କଦମ୍ବ ଡାଳରେ , ବର୍ଷାରତୁ।

ଏହାର ବ୍ୟାଖ୍ୟା -

(୧) ଅନ୍ଧାର କାନ୍ଥପରି - ଆଗକୁ ଯାଇହୁଏ ନାହିଁ ।

(୨) ଗ୍ରାଷ୍ମର ଅଗ୍ନିରେ ମାଂସ ସିଝିଲା ପରି ବର୍ଷା ପାଣିରେ ଦେହ ଥରଥର ହେଲା, ଅର୍ଥାତ ବର୍ଷାର ଶିହରଣ ଦେହରେ ଆଣିଲା କଂପନ, ମନେ ହେଲା ଫୁଲପରି ଖଣ୍ଡଖଣ୍ଡ ମାଂସ ଖସିପଡୁଛି।

(୩) କଦମ୍ବ ଡାଳ - ମିଥ୍ ପ୍ରତୀକ - ଶ୍ରୀକୃଷ୍ଣ ଗୋପୀମାନଙ୍କ ଲୁଗା କଦମ୍ବ ଡାଳରେ ଝୁଲାଇ

ଦେଇଥିଲେ । ତାର ସ୍ମୃତିରେ କବି ଏଠାରେ ଚିତ୍ରକଳ୍ପ ଦେଉଛନ୍ତି । ଦେହ ବା ମାଂସ ଲୁଗାପରି ପୁରୁଣା ହୁଏ ଏବଂ ମଶାଣିର କଦମ୍ବ ଡାଳରେ ଝୁଲିପଡେ, ଅର୍ଥାତ ମୃତ୍ୟୁରେ ମଶାଣିର ନିଆଁରେ ଝୁଲିପଡେ ବା ପୋଡିହୋଇଯାଏ ।

**ମିଥ୍ –** ପୁରାଣରୁ କବି ଚରିତ୍ର ବା ଘଟଣା ଆହରଣ କରିଥାନ୍ତି, କବି କହନ୍ତି ଯେ ଆଧୁନିକ ଜୀବନର କଥା ଲେଖିବା ବେଳେ ସେ ଭାଷାର ଅଭାବ ଅନୁଭବ କରନ୍ତି । ପୁରାଣ ହେଉଛି ଅସରନ୍ତି କାହାଣୀ, ଚରିତ୍ର ଓ ଘଟଣାର ଗନ୍ତାଘର । ସେଥିରୁ କବି ଉଦାହରଣ ଦେଇ ନିଜର ଅନୁଭବ ପାଇଁ ଆବଶ୍ୟକ ଭାଷାର ଅଭାବ ପୂରଣ କରନ୍ତି – ଉଦାହରଣ –

(୧) ‘ପଥର ନୁହେଁମ ଅହଲ୍ୟା ମୁଁ’ – ସୀତାକାନ୍ତ ମହାପାତ୍ର

ଅର୍ଥାତ ମତେ ଭାବନା ଗୋଟିଏ ପଥର, ମୁଁ ଅହଲ୍ୟା । ଅହଲ୍ୟା ପାଷାଣ ହୋଇଥିବା କଥା ପୁରାଣରେ କୁହାଯାଇଛି । ପାଷାଣ ଭିତରେ ଲୁଚିଛି ଅପୂର୍ବ ନାରୀଟିଏ । ସେହିପରି ଆଧୁନିକ ନାରୀ ନିଜକୁ ଅପାଙ୍‌କ୍ତେୟ ପଥର ବୋଲି ଭାବୁନାହିଁ ।

(୨) “ଏ କେଉଁ ଜୟଦ୍ରଥ ବଧ ଲାଗି ମଧ୍ୟାହ୍ନରେ ପୁଣି ଅନ୍ଧକାର” – ସୀତାକାନ୍ତ ମହାପାତ୍ର

କବିଙ୍କ ବର୍ଣନାରେ ବିଷୟ ହୋଇଛି ଆଜିର ସମାଜ ଓ ଜୀବନରେ ଘଟୁଥିବା ଘୋର ଅବ୍ୟବସ୍ଥା, ମୂଲ୍ୟବୋଧର ଅଭାବ, ନୀତିନ୍ୟାୟ ଅଧୋଗତି । ଏହି ପରିସ୍ଥିତିକୁ କିପରି ପ୍ରକାଶ କରିହେବ ? ଭାଷା ନାହିଁ ସେହି ଚିତ୍ରର ରୂପ ଦେବାପାଇଁ । ତେଣୁ ପୁରାଣର ଆଶ୍ରୟ ନେବାକୁ ହୋଇଛି । ପାଠକମାନେ ଜାଣନ୍ତି ମହାଭାରତ ଯୁଦ୍ଧର କଥା, ସ୍ମୃତିରେ ତାହା ରହିଛି । ପୁରାଣର ସ୍ମୃତି ଗୋଟିଏ ଜାତିର ଅତୀତର ଅନୁଭବ ବା ଅତୀତର ଘଟଣାର ପ୍ରତିଛବି, ତେଣୁ ଏହାକୁ Racial memory କୁହାଯାଏ । ମନତଳ ଅସରନ୍ତି ସ୍ମୃତିର ଭଣ୍ଡାର । ମହାଭାରତ ଯୁଦ୍ଧରେ ଜୟଦ୍ରଥକୁ ମାରିବାପାଇଁ ଶ୍ରୀକୃଷ୍ଣ ଚକ୍ରରେ ସୂର୍ଯ୍ୟଙ୍କୁ ଉହାଡରେ ରଖିଥିଲେ । ମଧ୍ୟାହ୍ନରେ ଅନ୍ଧକାର ହେଲାପରି ପରିସ୍ଥିତି ଉପୁଜିଲା । ଜୟଦ୍ରଥ ଲୁଚିଥିବା ସ୍ଥାନରୁ ବାହାରି ଆସିଲା । (ମନେ ପକାଅ – ସେ ଘଟଣା, ଅର୍ଜୁନ ଶପଥ କରିଥିଲେ ଯେ ସେଦିନ ଯୁଦ୍ଧରେ ସୂର୍ଯ୍ୟାସ୍ତ ପୂର୍ବରୁ ଜୟଦ୍ରଥକୁ ମାରି ପୁଅ ଅଭିମନ୍ୟୁର ମୃତ୍ୟୁର ପ୍ରତିଶୋଧ ନେବେ । ଏଣୁ ଜୟଦ୍ରଥ ଯୁଦ୍ଧଭୂମିରୁ ପଳାଇ ଲୁଚି ରହିଲେ । ଅନ୍ଧାର ହୋଇଗଲା, ଜୟଦ୍ରଥ ଲୁଚିବା ସ୍ଥାନରୁ ବାହାରି ଆସି ଝିଙ୍ଗାସ କଲେ, “ରେ ଅର୍ଜୁନ, ସଂଧ୍ୟା ହୋଇଗଲା ଏଥର ତୁ ନିଆଁ ଜାଳି ନିଜକୁ ଆତ୍ମାହୁତି ଦେ ।” ଠିକ୍ ସେହି ସମୟରେ ଶ୍ରୀକୃଷ୍ଣ ଚକ୍ରଟି କାଢି ଆଣିଲେ ଓ ସୂର୍ଯ୍ୟ ଦେଖାଗଲେ, ଅନ୍ଧାର ପରିବର୍ତେ ଫରିଆଡେ ମଧ୍ୟାହ୍ନ ପରି ଆଲୋକ ଛାଇଗଲା, ଅର୍ଜୁନ ଜୟଦ୍ରଥଙ୍କୁ ମାରିବାପାଇଁ ସୁଯୋଗ ପାଇଲେ) । ଏବେ କବି ସୀତାକାନ୍ତ ସେହି ଘଟଣାକୁ ସ୍ମୃତିରୁ ଆଣୁଛନ୍ତି ଓ କହୁଛନ୍ତି କେଉଁ ଜୟଦ୍ରଥପାଇଁ ମଧ୍ୟାହ୍ନରେ ଅନ୍ଧାର ଘୋଟିଛି ? ଏହା ଗୋଟିଏ ପ୍ରଶ୍ନ ପରି ପଚାରିବାକୁ ଚାହେଁ କାହିଁକି ଅନ୍ଧାକାର ? ଏଣୁ ମିଥରେ ସମାନ୍ତରାଳ ଭାବେ ଦୁଇଟି ଘଟଣାର ଉପସ୍ଥାପନ ହୁଏ । ପୁରାଣର ବିଷୟ ଓ ଆଧୁନିକ ପରିସ୍ଥିତି / ଘଟଣା ବା ଚରିତ୍ର । କବିଙ୍କର ଉଦ୍ଦେଶ୍ୟ ଦ୍ୱିତୀୟଟିର ଉପସ୍ଥାପନ କରିବା, ପୁରାଣ ଏଥିପାଇଁ ସାହାଯ୍ୟ କରେ, କେବଳ ଅବଲମ୍ବନ ହୋଇଥାଏ । ଏପରି କାବ୍ୟିକ ପ୍ରୟୋଗ ଏକ କୌଶଳ ମାତ୍ର ।

## ୧.୪ ସାରାଂଶ

ଆଧୁନିକ କବିତା ବୁଦ୍ଧିର କବିତା, ସେଥିରେ ବୌଦ୍ଧିକତାର ସ୍ଥାନ ଅମାପ। ପ୍ରତ୍ୟେକ କବି ପ୍ରାୟତ ଉଚ୍ଚ ଶିକ୍ଷିତ, ବହୁପପାଠୀ। ତେଣୁ କବିତା ହୁଏ ତାଙ୍କ ଜ୍ଞାନ, ଅନୁଭବ ଓ ଜୀବନର ନାନାଦି ଅନୁଭୂତିର କବିତା। ଆଧୁନିକ କବିତାକୁ ବୁଝିବାପାଇଁ ପାଠକ କବିଙ୍କ ମନୋଜଗତକୁ ବୁଝିବାକୁ ହେବ, ଅନ୍ୟଥା କବିତା ବୁଝିବା ସମ୍ଭବ ନୁହେଁ, ଏ କବିତା ପରୋକ୍ଷ ଭାବର କବିତା, ସିଧାସଳଖ ନୁହେଁ। କବି ବ୍ୟକ୍ତିଗତଅନୁଭୂତିକୁ ଆଶ୍ରୟ କରି ତାହାକୁ ସାର୍ବଜନୀନ ରୂପ ଦେବାକୁ ଚାହିଁଛନ୍ତି। ସେଇ ଅନୁଭୂତି ବଡ଼ ଦୁର୍ବୋଧ। କାରଣ ସେଥିରେ ତାଙ୍କର ଅନୁଭୂତି ସହ ପ୍ରଜ୍ଞା ଜଡ଼ିତ, ପ୍ରକାସଭଙ୍ଗୀ ବୌଦ୍ଧିକ, ଭାଷା ବ୍ୟଂଜନାଧର୍ମୀ। ଏଣୁ ପାଠକ ପାଖରେ ସିଧା ଅର୍ଥ ପ୍ରକାଶ କରିବାରେ ଅସମର୍ଥ। ଏଣୁ ଆଧୁନିକ କବିତା ବୁଝିବାରେ କଷ୍ଟ ହୁଏ। ଅନୁଭୂତି କବିତାକୁ ଯେତିକି ମାର୍ମିକ କରେ ତାହାଠାରୁ ଅଧିକ ବୌଦ୍ଧିକ କରିପାରେ ତାର ଉଦାହରଣ ଆଧୁନିକ କବିତାରୁ ମିଳିଥାଏ।

## ୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

୧) ଆଧୁନିକ ଓଡ଼ିଆ କବିତାର ପୃଷ୍ଠଭୂମିରେ ଥିବା ସଂଗଠନ ଓ ସଂଗଠକଙ୍କ ବିଷୟରେ ସୂଚନା ଦିଅ।

୨) ଆଧୁନିକ ସାହିତ୍ୟ ପତ୍ରିକା।

୩) ଛୋଟ ମୋର ଗାଆଁଟିର କବି ଓ ତାଙ୍କ ପରିଚୟ।

୪) ରାଜଜେମା କବିତାରେ କବିଙ୍କ ଆତ୍ମପରିଚୟ।

୫) କବିତାରେ ମିଥର ଆବଶ୍ୟକତା।

**(ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

୧) ଓଡ଼ିଆ ସାମ୍ୟବାଦୀ କବିତାର ସ୍ୱରୂପ ଆକଳନ କର।

୨) ଓଡ଼ିଆ ସାବ୍ୟବାଦୀ କବିତାକୁ କବି ଅନନ୍ତ ପଟ୍ଟନାୟକଙ୍କ ଅବଦାନ ଆଲୋଚନା କର।

୩) କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କାବ୍ୟିକ ଆଭିମୁଖ୍ୟ ଆଲୋଚନା କର।

୪) ଆଧୁନିକ ଓଡ଼ିଆ ପ୍ରୟୋଗବାଦୀ କବିତାର ସ୍ୱରୂପ ଆକଳନ କର।

## ୧.୬ ସହାୟକ ଗ୍ରନ୍ଥସୂଚୀ


- ସବୁଜରୁ ସାମ୍ପ୍ରତିକ – ପ୍ରଫେସର ନିତ୍ୟାନନ୍ଦ ଶତପଥୀ
- ସତୁରୀରୁ ସହସ୍ରାବ୍ଦୀ – ପ୍ରଫେସର ନିତ୍ୟାନନ୍ଦ ଶତପଥୀ
- ଆଧୁନିକ ଓଡ଼ିଆ କାବ୍ୟଜିଜ୍ଞାସା ଓ ଚିତ୍ରକଳ୍ପ – ପ୍ରଫେସର ଦାଶରଥୀ ଦାସ

# ଦ୍ୱିତୀୟ ଏକକ : ଜଗନ୍ନାଥ ଜଣାଣ - କବିସୂର୍ଯ୍ୟ ବଳଦେବ ରଥ

## ବିଷୟ ଗଠନ :

୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୪ କବିସୂର୍ଯ୍ୟ ବଳଦେବ ରଥଙ୍କ ପରିଚୟ

୨.୫ ଜଗନ୍ନାଥ ଜଣାଣ କବିତାର ପାଠ୍ୟାଂଶ

୨.୬ କବିତାର ବିଭିନ୍ନ ଦିଗ

୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୮ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ରୀତିଯୁଗର ଶେଷରଶ୍ମି ଯଶସ୍ୱୀ ସାଧକ କବିସୂର୍ଯ୍ୟ ବଳଦେବ ରଥଙ୍କ ରଚିତ ଏକ ବହୁ ଆଦୃତ କବିତା ହେଉଛି 'ଜଗନ୍ନାଥ ଜଣାଣ' । ମହାପ୍ରଭୁ ନୀଳାଦ୍ରିବିହାରୀ ଜଗନ୍ନାଥଙ୍କ ଅପାର ମହିମାକୁ ସଂଶିତ କବିତାରେ ବର୍ଣ୍ଣନା କରାଯାଇଛି । ଏହା ହେଉଛି ଏକ ଜଣାଣଭିତ୍ତିକ କବିତା । ସାଧାରଣତଃ ଯେ କୌଣସି ଜନୈକ ଭକ୍ତ ଭଗବାନଙ୍କ ସମ୍ମୁଖରେ ଉପବେଶନ କରି ଯେଉଁ ନିବେଦନ ମୂଳକ ସଙ୍ଗୀତ ଗାୟନ କରିଥାନ୍ତି ତାହା ହେଉଛି ଜଣାଣ । ଆଲୋଚ୍ୟ କବିତାରେ କବିସୂର୍ଯ୍ୟଙ୍କ ଐକାନ୍ତିକ ଭକ୍ତିର ଅଭ୍ରାନ୍ତ ନିଦର୍ଶନ ରହିଅଛି । ପ୍ରକୃତରେ ଉତ୍କଳର ଦେବତା ହେଉଛନ୍ତି ଜଗନ୍ନାଥ, ଉତ୍କଳର ଧର୍ମ ହେଉଛି ଜଗନ୍ନାଥ ଧର୍ମ । କବି ବଳଦେବଙ୍କ ପୂର୍ବରୁ ଓଡ଼ିଶାରେ ଜଗନ୍ନାଥ ଭକ୍ତିଧର୍ମର ପ୍ରାବଲ୍ୟ ରହିଥିଲା । ଓଡ଼ିଶା ତଥା ଓଡ଼ିଶା ବାହାରର ଅନେକ ସାଧକ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତିର ଅନେକ ସାଧନା କରିଯାଇଥିଲେ । ସମକାଳୀନ ଅନେକ କବି ମଧ୍ୟ ଜଗନ୍ନାଥଙ୍କ ଅନନ୍ତ ମହିମାକୁ ଅନୁଭବ ପୂର୍ବକ ତାକୁ ସ୍ୱକୀୟ ସାହିତ୍ୟରେ ରୂପାୟିତ କରିଥିଲେ । କବି ବଳଦେବ ମଧ୍ୟ ଥିଲେ ପ୍ରଭୁ ଜଗନ୍ନାଥଙ୍କ ପରମ ଭକ୍ତ । ଏହି କବିତାରେ ସେ ଭଗବାନ ଜଗନ୍ନାଥଙ୍କ ଅପୂର୍ବ ମହିମାକୁ ଅଭିବ୍ୟକ୍ତ କରିଛନ୍ତି । ସମସାମୟିକ ଯୁଗରେ ଜଗନ୍ନାଥଙ୍କ ପ୍ରତି କବି ଚେତନାରେ ଯେଉଁ ଅସୀମ ଭକ୍ତି ରହିଥିଲା ସେ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଅବଗତ ହେବା ଏକାନ୍ତ ଆବଶ୍ୟକ । ତଦ୍ୱାରା ଦେବତାପ୍ରୀତି ତଥା ଆଧ୍ୟାତ୍ମିକ ଭାବନାରେ ସେମାନେ ତଲ୍ଲୀନ ହୋଇପାରିବେ ତଥା ଭଗବତ୍ ପ୍ରେମର ମହାନତାକୁ ଉପଲବ୍ଧି କରିପାରିବେ ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ଜ୍ଞାନ ଆହରଣ କରିପାରିବେ-

- କବିସୂର୍ଯ୍ୟ ବଳଦେବ ରଥଙ୍କ ପରିଚୟ
- ଜଗନ୍ନାଥ ଜଣାଣ କବିତାର ପାଠ୍ୟାଂଶ
- କବିତାର ବିଭିନ୍ନ ଦିଗ
- କବିତାର ମର୍ମାର୍ଥ
- ଭକ୍ତି ଭାବନା
- କବିତ୍ୱ ଓ ଅଳଙ୍କାରର ପ୍ରୟୋଗ

## ୨.୩ ବିଷୟ ପ୍ରବେଶ

ଓଡ଼ିଆ ରୀତିଯୁଗର ଶେଷ ପର୍ଯ୍ୟାୟରେ ଯେଉଁ ସାଧକଶିଳ୍ପୀମାନେ କାବ୍ୟ - କବିତା ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଯାଇଥିଲେ ସେମାନଙ୍କ ମଧ୍ୟରୁ କବିସୂର୍ଯ୍ୟ ବଳଦେବ ରଥ ହେଉଛନ୍ତି ଅଗ୍ରଗଣ୍ୟ । ସେ ତତ୍କାଳୀନ କାବ୍ୟଧାରାକୁ ଅବଲମ୍ବନ ପୂର୍ବକ କାବ୍ୟ ରଚନା କରିବା ସଙ୍ଗେସଙ୍ଗେ ଚଉପଦୀ, ଚମ୍ପୂ, ଭଜନ ଓ ଜଣାଣ ଭଳି କ୍ଷୁଦ୍ର କବିତାଗୁଡ଼ିକ ରଚନା କରିଥିଲେ । ସେହି କବିତା ମଧ୍ୟରୁ ଆଲୋଚ୍ୟ 'ଜଗନ୍ନାଥ ଜଣାଣ' ହେଉଛି ଏକ ଶ୍ରେଷ୍ଠ ରଚନା । ବସ୍ତୁତଃ ସେ ତତ୍କାଳୀନ କବିମାନେ ରଚନା କରୁଥିବା ଜଣାଣ ଆଙ୍ଗିକକୁ ଗ୍ରହଣ କରି ଏହି କବିତାଟି ରଚନା କରିଛନ୍ତି । ଓଡ଼ିଶାର ବିଭିନ୍ନ କବି ମହାପ୍ରଭୁ ଜଗନ୍ନାଥଙ୍କୁ କେନ୍ଦ୍ର କରି ଯେଉଁ କବିତାଗୁଡ଼ିକ ରଚନା କରିଥିଲେ, ତନ୍ମଧ୍ୟରୁ ସଂଶିତ କବିତାଟି ବହୁଳ ଭାବରେ ଆଦୃତି ଲାଭ କରିଥିବା ଏକ କବିତା। କାରଣ ଏହି କବିତାରେ କବି ପ୍ରଭୁ ଜଗନ୍ନାଥଙ୍କ ଅଲୌକିକ ମହିମା ସମ୍ପର୍କରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସ୍ୱକୀୟ ଭକ୍ତିର ପରାକାଷ୍ଠାକୁ ପ୍ରଦର୍ଶନ କରିଛନ୍ତି । ସେ ଜଗନ୍ନାଥଙ୍କ ଭକ୍ତିରେ ସମ୍ପୂର୍ଣ୍ଣ ରୂପେ ତନ୍ମୟବିଲ୍ଲୋଳ ହୋଇ ଆପଣାର ଆତ୍ମସମର୍ପଣ ଭାବକୁ ପ୍ରକାଶ କରିଛନ୍ତି । ଭାରତୀୟ ଆଧାତ୍ମିକ ଚିନ୍ତନରେ ପରମପ୍ରଭୁଙ୍କ ପାଦ-ପଦ୍ମ ତଳେ ଆତ୍ମସମର୍ପଣ ହେଉଛି ଶ୍ରେଷ୍ଠତମ ଭକ୍ତିର ପରିଚାୟକ । ଆଲୋଚ୍ୟ କବିତାରେ ସେହି ଚିନ୍ତାଧାରାର ଅମ୍ଳାନ ପରିଚୟ ରହିଅଛି ।

## ୨.୪ କବିସୂର୍ଯ୍ୟ ବଳଦେବ ରଥଙ୍କ ପରିଚୟ

କବିସୂର୍ଯ୍ୟ ବଳଦେବ ରଥ ଓଡ଼ିଆ ରୀତିଯୁଗର ଶେଷ ପର୍ଯ୍ୟାୟର ଯଶସ୍ୱୀ କାବ୍ୟଶିଳ୍ପୀ । ସେ ୧୭୮୯ ଖ୍ରୀଷ୍ଟାବ୍ଦର ମାଘ ମାସ ଶ୍ରୀପଞ୍ଚମୀ ତିଥିରେ ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଉଜ୍ଜ୍ୱଳ ରଥ ଥିଲେ ପୁରୀ ଜିଲ୍ଲାର ମୂଳ ବାସିନ୍ଦା । ପୁରୀ ମଣିପୁର ଶାସନରୁ ଆଗମନ କରି ସେ ବଡ଼ଖେମୁଣ୍ଡି ଗ୍ରାମରେ ବାସ କରୁଥିଲେ । ସେହି ସମୟରେ ବଳଦେବ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସଂସ୍କୃତ

ଭାଷାର ଜଣେ ବଡ଼ ପଣ୍ଡିତ । ସେ ସଂସ୍କୃତ ଭାଷାରେ 'ସଜ୍ଜନାନନ୍ଦ ଚମ୍ପୂ' ଓ 'ରାମ ଚମ୍ପୂ' ନାମକ ଦୁଇଟି ଚମ୍ପୂ କାବ୍ୟ ରଚନା କରିଥିଲେ । ବଳଦେବ ବାଲ୍ୟ କାଳରେ ତାଙ୍କ ପିତାଙ୍କଠାରୁ ସଂସ୍କୃତ ଭାଷା ଶିକ୍ଷା କରିଥିଲେ । କବି ବଳଦେବଙ୍କୁ ଯେତେବେଳେ ଦଶ ବର୍ଷ ହେଉଥିଲା, ସେହି ସମୟରେ ତାଙ୍କ ମାତା ଇହଧାମ ତ୍ୟାଗ କରିଥିଲେ । ତେଣୁ ସେ ତାଙ୍କ ଅଜା ତ୍ରିପୁରାରୀ ହୋତାଙ୍କଦ୍ୱାରା ଲାଳିତ ପାଳିତ ହୋଇଥିଲେ ।

କବିଙ୍କ ଅଜା ତ୍ରିପୁରାରୀ ହୋତା ଥିଲେ ସଂସ୍କୃତ ଭାଷାର ଯଶସ୍ୱୀ ପଣ୍ଡିତ । ତାଙ୍କ ପ୍ରେରଣା ଲାଭକରି କବି ବଳଦେବ ସଂସ୍କୃତ ଓ ପ୍ରାକୃତ ଭାଷାରେ ଅଗାଧ ଜ୍ଞାନର ଅଧିକାରୀ ହୋଇପାରିଥିଲେ । ଉକ୍ତ ଉଭୟ ଭାଷାର ଅନେକ କାବ୍ୟକବିତା ପଠନ ପୂର୍ବକ ତାକୁ ଆୟତ୍ତ କରିଥିଲେ । ପନ୍ଦର ବର୍ଷ ବୟସରେ ସେ ବିବାହ କରିଥିଲେ । ବିବାହର କିଛି ବର୍ଷ ଅତିବାହିତ ହେବା ପରେ କବିଙ୍କ ପିତୃବିୟୋଗ ଘଟିଥିଲା ।

କବି ଓ ତାଙ୍କର ଜ୍ୟେଷ୍ଠ ଭ୍ରାତା ଜଳନ୍ତରର ରାଜାଙ୍କଦ୍ୱାରା ନିଯୁକ୍ତି ପାଇ ସପରିବାର ଜଳନ୍ତର ଚାଲିଯାଇଥିଲେ । ଜଳନ୍ତରରେ ତାଙ୍କ ପ୍ରତିଭାର ପ୍ରକୃତ ବିକାଶ ସାଧିତ ହୋଇଥିଲା । ତାଙ୍କ ଅସାଧାରଣ ପାଣ୍ଡିତ୍ୟ ଓ କବିତ୍ୱ ଅବଲୋକନ କରି ଜଳନ୍ତରର ରାଜା ରାମଚନ୍ଦ୍ର ଛୋଟରାୟ ବିମୁଗ୍ଧ ହୋଇ ଯାଇଥିଲେ । ପରବର୍ତ୍ତୀ ସମୟରେ ସେ ତାଙ୍କୁ ଫକବିସୂର୍ଯ୍ୟ' ଉପାଧିରେ ଭୂଷିତ କରିଥିଲେ । ସେଠାରେ ଅବସ୍ଥାନ କରିବା ସମୟରେ କବି ବଳଦେବ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟଶୈଳୀକୁ ଅନୁସରଣ କରି 'ଚନ୍ଦ୍ରକଳା' ଶୀର୍ଷକ ଏକ କାବ୍ୟ ରଚନା କରିଥିଲେ ।

କବିଙ୍କ କାବ୍ୟ-ପ୍ରତିଭାର ସୁଗନ୍ଧ ତତ୍କାଳୀନ ସମଗ୍ର ଉତ୍କଳକୁ ସଞ୍ଚାରିତ ହୋଇଥିଲା । ତାଙ୍କ ମହନୀୟ ପାଣ୍ଡିତ୍ୟ ସମ୍ପର୍କରେ ଶ୍ରବଣ କରି ଆଠଗଡ଼ର ରାଜା ବାଲୁଙ୍କେଶ୍ୱର ହରିଚନ୍ଦନ କିଛି କାଳ ତାଙ୍କ ନିକଟରେ ଅବସ୍ଥାନ କରିବା ପାଇଁ ନିମନ୍ତ୍ରଣ କରିଥିଲେ । ତାଙ୍କ ନିମନ୍ତ୍ରଣ ରକ୍ଷାକରି କବି ସପରିବାର ଯାଇ ଆଠଗଡ଼ରେ ଅବସ୍ଥାନ କରିଥିଲେ । ଏହି କାଳରେ ତାଙ୍କ କାବ୍ୟ ପ୍ରତିଭାର ଆହୁରି ବିକାଶ ସାଧିତ ହୋଇଥିଲା । କ୍ରମେ ତାଙ୍କ ପାଣ୍ଡିତ୍ୟ, ବହୁଶାସ୍ତ୍ରଦର୍ଶୀତା ଓ କବିପ୍ରତିଭା ସମ୍ପର୍କରେ ଅନେକ ରାଜା ମହାରାଜା ଅବଗତ ହୋଇଥିଲେ । ସେ ଏକଦା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ପୁରୀକୁ ଆଗମନ କରିଥିଲେ । ଜଗନ୍ନାଥଙ୍କୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ସେ ତତ୍କାଳୀନ ଗଜପତି ରାଜା ମୁକୁନ୍ଦ ଦେବଙ୍କୁ ମଧ୍ୟ ସାକ୍ଷାତ୍ କରିଥିଲେ । ତାଙ୍କ ଅପୂର୍ବ କବିତ୍ୱ ଶକ୍ତିର ପରିଚୟ ପାଇ ବିମୁଗ୍ଧ ହୋଇଯାଇଥିଲେ ରାଜା ମୁକୁନ୍ଦ ଦେବ । ସେ ତାଙ୍କ ରାଜସଭାରେ କବିଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବା ସଙ୍ଗସଙ୍ଗେ ଫକବିସୂର୍ଯ୍ୟ ରାୟଗୁରୁ ମହାପାତ୍ର' ଉପାଧି ପ୍ରଦାନ କରିଥିଲେ । କବିଙ୍କ ସାହିତ୍ୟରେ ଥିଲା ରସ ଓ ସଙ୍ଗୀତର ଅପୂର୍ବ ସମନ୍ୱୟ । ତେଣୁ ତାହା ତତ୍କାଳୀନ ରସଗ୍ରାହୀ ପାଠକ, ଶ୍ରୋତା ତଥା ରାଜାମହାରାଜାଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହେଉଥିଲା । ସେ ଅନେକ ରାଜ ଦରବାରକୁ ଯାଇ ପ୍ରଦର୍ଶନ କରିଥିଲେ ଆପଣାର କବିତ୍ୱ ଓ ଅନେକ ଉପଢୌକନ ଓ ପୁରସ୍କାର ଲାଭ କରିଥିଲେ । ପ୍ରଚୁର ଭୂସମ୍ପତ୍ତି ଓ ଧନ ଲାଭ କରି ଜୀବନର ଅନ୍ତିମ କାଳରେ ବେଶ୍ ସ୍ୱଚ୍ଛଳ ଓ ସ୍ୱଚ୍ଛନ୍ଦ ଜୀବନ ନିର୍ବାହ କରିଥିଲେ । ସେହି ମହାନ୍ ପ୍ରତିଭାଙ୍କ ବିୟୋଗ ଘଟିଥିଲା ୧୮୪୫ ମସିହାରେ । ମାତ୍ର ତାଙ୍କ ପାଣ୍ଡିତ୍ୟପୂର୍ଣ୍ଣ, ହୃଦୟରସାଣିତ, ବିଦଗ୍ଧ କାବ୍ୟକବିତା ଯୋଗୁଁ ସେ ଅମର ହୋଇ ରହିଛନ୍ତି ଓଡ଼ିଆ ପାଠକମାନଙ୍କର ହୃଦୟର ଗଭୀର କୋଣରେ ।

କବିସୂର୍ଯ୍ୟଙ୍କ ଅମର ଲେଖନୀ ନିଃସୃତ ସାହିତ୍ୟ ସମ୍ଭାର ହେଉଛି-ଚନ୍ଦ୍ରକଳା(କାବ୍ୟ), କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ(ଚମ୍ପୂକାବ୍ୟ), ଚୌପଦୀ ରତ୍ନାକର ବା ରତ୍ନାକର ଚମ୍ପୂ, ସଙ୍ଗୀତ କଳ୍ପଲତା, କବିତା କଲ୍ଲୋଳିନୀ, ହାସ୍ୟ କଲ୍ଲୋଳ ଇତ୍ୟାଦି । ଉକ୍ତ ରଚନାଗୁଡ଼ିକ ମଧ୍ୟରୁ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ତାଙ୍କର ଶ୍ରେଷ୍ଠତମ ରଚନା ରୂପେ ଗୃହୀତ ହୋଇଥାଏ । ଏଥିରେ ରସରାଜ ଭଗବାନ ଶ୍ରୀକୃଷ୍ଣ ଓ ମହାଭାବମୟୀ ଶ୍ରୀରାଧା ଠାକୁରାଣୀଙ୍କ ଅପୂର୍ବ ପ୍ରେମର ଆବେଗାତ୍ମକ ଅନୁଭୂତିକୁ ଅତି ଚମତ୍କାର ଭାବରେ ପରିବେଷଣ କରାଯାଇଛି । "କିଶୋରଚନ୍ଦ୍ରାନନ୍ଦ ଚମ୍ପୂ କବିସୂର୍ଯ୍ୟଙ୍କ ଶ୍ରେଷ୍ଠ କୃତି । କେବଳ କବିସୂର୍ଯ୍ୟଙ୍କ ରଚନାବଳୀ ମଧ୍ୟରେ ନୁହେଁ, ପରନ୍ତୁ ସମଗ୍ର ଓଡ଼ିଆ ସାହିତ୍ୟରେ 'ଚମ୍ପୂ' ଏକ ଅଦ୍ୱିତୀୟ କାବ୍ୟ । ଏଥିରେ କବିଙ୍କର ରଚନାଚାତୁରୀ ଓ ବାଗ୍ ବୈଦଗ୍ଧ୍ୟ ସମ୍ପୂର୍ଣ୍ଣ ରୂପେ ଆଳଙ୍କାରିକ କଳ୍ପନାବିଳାସ ଉପରେ ନିର୍ଭରଶୀଳ ହୋଇ ପାଠକର ବୋଧବୃଦ୍ଧିକୁ ରସାସ୍ୱାଦନର ଅନୁକୂଳ କରିଅଛି ।"(ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ-ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ-ପୃ.୧୫୨) ।

କବିଙ୍କ ଚନ୍ଦ୍ରକଳା କାବ୍ୟ ରୀତିଯୁଗର କାବ୍ୟାଦର୍ଶ ଅନୁଯାୟୀ ରଚିତ ହୋଇଅଛି । ମୁଖ୍ୟତଃ ଏହି କାବ୍ୟ ରଚନା ନିମିତ୍ତ କବି ଉପେନ୍ଦ୍ର ଭଞ୍ଜଙ୍କୁ ହିଁ ଆପଣାର ଆଦର୍ଶ ଭାବରେ ଗ୍ରହଣ କରିଛନ୍ତି । ନାୟକ ଅନଙ୍ଗ ସୁନ୍ଦର ଓ ନାୟିକା ଚନ୍ଦ୍ରକଳାଙ୍କ ପ୍ରେମ ଓ ପ୍ରଣୟକୁ ଆଧାର କରି କାବ୍ୟଟି ରଚନା କରାଯାଇଛି । ଏଥିରେ ନିହିତ ବିଷୟ ସଂଯୋଜନା, ଚାରିତ୍ରିକ ବିନ୍ୟାସ, କଳ୍ପନାବିଳାସ, ଆଳଙ୍କାରିକତା, ନାରୀ ରୂପ ବର୍ଣ୍ଣନା, ପ୍ରକୃତିବର୍ଣ୍ଣନା ଇତ୍ୟାଦି ରୀତି ଯୁଗର କାବ୍ୟାଦର୍ଶ ଅନୁଯାୟୀ ପରିବେଷିତ ହୋଇଅଛି । "ଏହାର ବର୍ଣ୍ଣନାକ୍ରମ ଭଞ୍ଜଙ୍କ ଲାବଣ୍ୟବତୀରୁ ଗୃହୀତ ହୋଇଥିଲେ ହେଁ କବିସୂର୍ଯ୍ୟ ଏଥିରେ ଅଲୌକିକ ରଚନାଚାତୁରୀ, ବିଚିତ୍ର ଅଳଙ୍କାର ସୃଷ୍ଟି ଓ ଯଥୋପଯୋଗୀ ଶବ୍ଦପ୍ରୟୋଗ କରି ନିଜ ପାଣ୍ଡିତ୍ୟର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । "(ଓଡ଼ିଆ ସାହିତ୍ୟର ଇତିହାସ - ଡ.ସୁରେନ୍ଦ୍ର କୁମାର ମହାରଣା-ପୃ.୩୧୪)

ତାଙ୍କ 'ଚଉପଦୀ ରତ୍ନାକର' କବିତାଗୁଚ୍ଛରେ ଅନେକ ଚଉପଦୀ ସଙ୍କଳିତ ହୋଇଅଛି । ସମସାମୟିକ ଓଡ଼ିଆ ସାହିତ୍ୟରେ ଚଉପଦୀ ରଚନାର ଯେଉଁ ପରମ୍ପରା ରହିଥିଲା ତାକୁ ଉପଜୀବ୍ୟ କରି କବି ଅନେକ ଚଉପଦୀ ସୃଷ୍ଟି କରିଛନ୍ତି । ବସ୍ତୁତଃ ରାଧାକୃଷ୍ଣ ପ୍ରେମ ପ୍ରଣୟ ଆଧାରିତ ତାଙ୍କର ଉକ୍ତ ଚଉପଦୀଗୁଡ଼ିକ ପାଠକ ହୃଦୟକୁ ବେଶ୍ ରସାଣିତ କରିଥାଏ । 'ସଙ୍ଗୀତ କଳ୍ପଲତା'ରେ ଅନ୍ତର୍ଭୁକ୍ତ କବିତାଗୁଡ଼ିକରେ ମଧ୍ୟ ତାଙ୍କ ପ୍ରେମଗର୍ଭିତ ଆବେଗାନୁଭୂତିର ଚରମ ପରିପ୍ରକାଶ ଘଟିଅଛି । କବିଙ୍କ କବିତା କଲ୍ଲୋଳିନୀ କବିତାଗୁଚ୍ଛରେ ତାଙ୍କ ଅଧ୍ୟାତ୍ମିକ ଅନୁରାଗଭକ୍ତିକ କବିତାଗୁଡ଼ିକ ସଙ୍କଳିତ ହୋଇଅଛି । ଉକ୍ତ କବିତାଗୁଡ଼ିକରେ କବି ମହାପ୍ରଭୁଙ୍କ ନିକଟରେ ଆପଣା ହୃଦୟର ଭକ୍ତି ଭାବନାକୁ ଅତି ହୃଦୟସ୍ପର୍ଶୀ ଭାବେ ପରିବେଷଣ କରିଛନ୍ତି । ହାସ୍ୟ କଲ୍ଲୋଳ କବିଙ୍କ ଏକ ହାସ୍ୟରସାତ୍ମକ ଗଦ୍ୟରଚନା । ଯେଉଁ ସମୟରେ ଓଡ଼ିଆ ଭାଷାରେ ଗଦ୍ୟ ରଚନାର ବିଶେଷ ଆବଶ୍ୟକତା ରହିଥିଲା ସେହି କାଳରେ କବି ଏହିଭଳି ଏକ ଲଳିତ ଓ ରମଣୀୟ ରଚନା ସୃଷ୍ଟି କରିଛନ୍ତି । ଏହି ଗଦ୍ୟ ଭିତରେ ଥିବା ଭାବସମ୍ଭାର ପାଠକ ହୃଦୟକୁ ବେଶ୍ ସ୍ପର୍ଶ କରିଥାଏ ।

କବିସୂର୍ଯ୍ୟ ରୀତିଯୁଗର ଶେଷ ପର୍ଯ୍ୟାୟରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଯାଇଥିବା ଯଶସ୍ୱୀ ସାରସ୍ୱତ ପ୍ରତିଭା । ସମକାଳରେ ଅନେକ ପ୍ରତିଭାଦୀପ୍ତ କବି ସୃଷ୍ଟି ହୋଇ ଆପଣାର ପ୍ରତିଭାକୁ ଉର୍ଜ୍ଜସ୍ୱଳ କରିଯାଇଥିଲେ ମଧ୍ୟ, ସେମାନଙ୍କ ଭିତରେ ଏକ ଉଜ୍ଜ୍ୱଳ ନକ୍ଷତ୍ର ଭଳି କବିସୂର୍ଯ୍ୟ ଦେଦୀପ୍ୟମାନ । ତାଙ୍କ ସୃଷ୍ଟ ବିଭିନ୍ନ ଚଉପଦୀ, ଚଉତିଶା, ଚମ୍ପୂ ଓ ସଙ୍ଗୀତରସାତ୍ମକ କବିତାବଳୀ ପରବର୍ତ୍ତୀ କାଳରେ ମଧ୍ୟ ଓଡ଼ିଆ ପାଠକମାନଙ୍କୁ ବିମୁଗ୍ଧ ଓ ରସାଣିତ କରିଥାଏ । ତେଣୁ ଓଡ଼ିଆ ସାହିତ୍ୟକୁ କବିସୂର୍ଯ୍ୟ ବଳଦେବ ରଥଙ୍କ ଅବଦାନ ଏକାନ୍ତ ଭାବରେ ଉଲ୍ଲେଖନୀୟ ଓ ପ୍ରଣିଧାନଯୋଗ୍ୟ ।

## ୨.୫ ଜଗନ୍ନାଥ ଜଣାଣ କବିତାର ପାଠ୍ୟାଂଶ

ଜଗନ୍ନାଥ ଜଣାଣ

ରାଗ - ତୋଡ଼ିପରଜ

କ୍ଷୀରମୟ ସିନ୍ଧୁ ଜେମା ଜୀବବନ୍ଧୁ, ତୁମ୍ଭେ ତ ଜଗତପତି
ଟେକି ସମ-ଦୃଷ୍ଟି ପତାକାକୁ ପୁଣି ଏ କି ପକ୍ଷପାତ ରୀତି
ହେ ମହାପ୍ରଭୁ !
କେ କି କଲା ମୁଁ ନ କଲି
କେ କି ଦେଲା ଅବା ମୁଁ ଅବା ନ ଦେବା ଘେନି ଏତେ ସରି ହେଲି ହେ ମହାପ୍ରଭୁ ! ।୧।
ମୃଗ ଯୁବତୀକି ରଖିଲ ଯେ ନାଶି ମୃଗୟୁ ବିଦ୍ୱେଷ ଦାଉ
ଚରଣପଙ୍କଜ ସ୍ମରଣ ବିନା ସେ କିସ କରିଥିଲା ଆଉ ହେ ମହାପ୍ରଭୁ !
କୁମ୍ଭୀର ଗ୍ରାସନ୍ତେ ଗାତ୍ର
ଜନେ କହିବାରେ ଅନେକପ-ରଜା ମନେ କଲା ସିନା ମାତ୍ର ହେ ମହାପ୍ରଭୁ ! ।୨।
ନୃପସଭା ମଧ୍ୟେ ଅସ୍ଥିର ହୁଅନ୍ତେ ଦ୍ରୁପଦ ଦୁତା ଆବର
ଧ୍ୟାନରୁ ତ ଆନ କିଛି କରିବାର କାନ ଶୁଣି ନାହିଁ ମୋର ହେ ମହାପ୍ରଭୁ !
ହିତେ ଯେ ଥାଅ ନିରତେ
ଲାଞ୍ଚ ଦେଇଥିଲେ କାଞ୍ଚନ କେତେ କି ପାଞ୍ଚ ପଣ୍ଡୁରାଜ ସୁତେ ହେ ମହାପ୍ରଭୁ ! ।୩।
ରୂପରେ କେଳଡ଼ି ଉପରେ ପତାକା ଦିଆଇଲ ଯେ କୁଜାକି
ଯାହା ହୋଇଥିଲା ଯାହା ହେଲା ତୁମ୍ଭ ପ୍ରସାଦ ବର୍ଣ୍ଣୁ ରଜକୀ ହେ ମହାପ୍ରଭୁ !
ଜଗତେ ତ ତାହା ଜଣା
ଅନ୍ଧକୁ ନେତ୍ର ମିଳିବାରୁ ହୋଇଛି ଯଶ ଡିଣ୍ଡିମ ବାଜଣା ହେ ମହାପ୍ରଭୁ ! ।୪।

ନଳକୁବେରଙ୍କ ଚରିତକୁ ବୁଧେ ବଳକୁ ଅଛନ୍ତି ଏବେ
ପ୍ରହ୍ଲାଦକୁ ମହା ଆହ୍ଲାଦ ଆପଣ କରିଛ ପରା ପୁରୂବେ ହେ ମହାପ୍ରଭୁ !
ମୁନିଙ୍କ ଆଶ୍ରମ ଶିଳା
ତୁମ୍ଭଙ୍କୁ କି ଉପକାର କରି ରୂପବତୀ ହୋଇ ବିଳସିଲା ହେ ମହାପ୍ରଭୁ ! ।୫।
କେବଳ ସୁଦାମା ଦ୍ୱିଜ ନିଜ ଶକ୍ତି ଅନୁରୂପ ଆଚରିଲେ
ଗଳିତାଏ ଖୁଦ ଜନର ଦେବାରୁ ଫଳ ତାଦୃଶ ଲଭିଲେ ହେ ମହାପ୍ରଭୁ !
ଆଉ କେ କି କଲା କହ
କାହା କାମକୁମ୍ଭ ପୂରିନାହିଁ ତୁମ୍ଭ ଅହେତୁକ ଅନୁଗ୍ରହ ହେ ମହାପ୍ରଭୁ ! ।୬।
ଅନନୁଗତ ତୋ ମନ ନୋହେ ବୋଲି ଆଜ୍ଞା ହେବ ଅବା ମୋତେ
ନାମ ସ୍ୱସୁତର ଡାକିବାରୁ ଦିବ୍ୟଧାମ ଲଭିଲେ କେମନ୍ତେ ହେ ମହାପ୍ରଭୁ !
ଅଜାମିଳ ମହୀସୁର
କେଉଁ ସାବଧାନେ ହୋଇ ନାମଗାନ କରିଥିଲେ ସେ ତୁମ୍ଭର ହେ ମହାପ୍ରଭୁ ! ।୭।
କବିରବି ରାୟଗୁରୁ ଯୋଡ଼ି କରଯୁଗକୁ ଛାମୁରେ କହେ
ଭଲ ଅବା ମନ୍ଦ କରିବାକୁ ତ ମୁଁ ମୋହର ଆୟତ୍ତ ନୁହେଁ ହେ ମହାପ୍ରଭୁ !
ସବୁ ତୁମ ଇଚ୍ଛା ସିନାରଖ ବା ନରଖ ମୋହରି ଗତି ତ ପତିତପାବନ ବାନା ହେ ମହାପ୍ରଭୁ ! ।୮।

## ୨.୬ କବିତାର ବିଭିନ୍ନ ଦିଗ

### କ) କବିତାର ମର୍ମାର୍ଥ :

ଆଲୋଚ୍ୟ କବିତାଟି କାବ୍ୟଶିଳ୍ପୀ ବଳଦେବ ରଥଙ୍କ ଏକ ବ୍ୟାଜସ୍ତୁତି ମୂଳକ ରଚନା । ବ୍ୟାଜସ୍ତୁତି ସଂସ୍କୃତ କାବ୍ୟତତ୍ତ୍ୱରେ ଏକ ଅଳଙ୍କାର ବିଶେଷ । ବିଶେଷତଃ ଯେଉଁଠାରେ ନିନ୍ଦା ଛଳରେ ସ୍ତୁତି କରାଯାଇଥାଏ ତାହା ହେଉଛି ବ୍ୟାଜସ୍ତୁତି । ସଂଶିତ କବିତାରେ କବିସୂର୍ଯ୍ୟ ପରମାତ୍ମା ଜଗନ୍ନାଥଙ୍କ ନିକଟରେ ଆପଣା ହୃଦୟର ଅଭିମାନପୂର୍ଣ୍ଣ ଅଭିଯୋଗ ବାଢ଼ିଛନ୍ତି । ଏହି ସଂସାରରେ ସେହି ଅନାଦି, ଅନନ୍ତ ଅଚ୍ୟୁତ ପରଂବ୍ରହ୍ମ ଅନେକ ବ୍ୟକ୍ତିଙ୍କୁ ଅଯାଚିତ ଭାବରେ ସ୍ୱକୀୟ କରୁଣା ପ୍ରଦାନ କରିଛନ୍ତି । କବି ନିଜେ କାମନା ପୂର୍ଣ୍ଣ ସକାଶେ ସମଗ୍ର ଜୀବନ ପ୍ରାର୍ଥନା କରିଥିଲେ ସୁଦ୍ଧା, ତାଙ୍କୁ ଦେବାର ତ ଦୂରେ ଥାଉ, ତାଙ୍କର ଡାକ ମଧ୍ୟ ଶୁଣୁନାହାନ୍ତି । ତେଣୁ କବିଙ୍କ ଭିତରେ ସୃଷ୍ଟି ହୋଇଛି ଅଭିମାନ । ସେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ କରିଛନ୍ତି ଦୁର୍ବାର ଅଭିଯୋଗ ।

ହେ କ୍ଷୀର ସମୁଦ୍ର ମଧ୍ୟରେ ବାସ କରୁଥିବା ମାତା ଲକ୍ଷ୍ମୀଙ୍କର ପରମ ଜୀବନର ବନ୍ଧୁ, ତୁମ୍ଭେ ହେଉଛି ସମଗ୍ର ଜଗତର ସ୍ୱାମୀ । ତୁମେ ସାରା ସଂସାର ଉପରେ ସମାନ ଦୃଷ୍ଟି ରୂପକ ପତାକା ଟେକି ଧରିଅଛ । ତୁମ ଦୃଷ୍ଟିରେ ଜଗତର ସମସ୍ତ ଜୀବଙ୍କ ମହତ୍ତ୍ୱ ସମାନ । ତଥାପି ବେଳେ ବେଳେ ତୁମ୍ଭେ କାହିଁକି ପକ୍ଷପାତ ଆଚରଣ କରିଥାଅ ? କାରଣ ପୃଥିବୀରେ ଯେଉଁମାନେ ତୁମର କରୁଣା ଲାଭ କରିଛନ୍ତି, ସେମାନେ କ'ଣ କରିଛନ୍ତି ଏବଂ ମୁଁ ଅବା କ'ଣ କରିନାହିଁ ? ସେମାନେ ଅବା କ'ଣ ଦେଇଛନ୍ତି ଏବଂ ମୁଁ ଅବା କ'ଣ ଦେଇନାହିଁ ? ଯେଉଥି ଯୋଗୁଁ କି ସେମାନେ ଆପଣଙ୍କ ଅଶେଷ କରୁଣା ଲାଭ କରିଛନ୍ତି ଓ ମୁଁ କିଛି ପାଇବାକୁ ସକ୍ଷମ ହୋଇନାହିଁ । ହେ ମହାପ୍ରଭୁ ! ତୁମ୍ଭେ ଅତୀତରେ ମୃଗ ଯୁବତୀକୁ ଶିକାରୀ କବଳରୁ ଉଦ୍ଧାର କରିଥିଲ । ସେ ତୁମ୍ଭର ପାଦ ପଦ୍ମ ସ୍ମରଣ ଛଡ଼ା ତ ଆଉ କିଛି କରି ନଥିଲା ! ସେହିପରି ଯେତେବେଳେ ଗଜରାଜକୁ କୁମ୍ଭୀର ଗ୍ରାସ କରିଥିଲା ସେତେବେଳେ କୁମ୍ଭୀରକୁ ବିନାଶ କରି ଗଜରାଜକୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିଥିଲ । ଲୋକଶ୍ରୁତି ଅନୁସାରେ ଗଜରାଜ କେବଳ ତୁମ୍ଭଙ୍କୁ ବିକଳରେ ସ୍ମରଣ କରିଥିଲା ମାତ୍ର ।

ହସ୍ତିନାର ରାଜସଭା ମଧ୍ୟରେ ଯେତେବେଳେ ଯାଜ୍ଞସେନୀ ଦ୍ରୌପଦୀଙ୍କୁ ବିବସନା କରାଯାଉଥିଲା, ସେତେବେଳେ ସେ ଅତ୍ୟନ୍ତ ବ୍ୟାକୁଳ ଚିତ୍ତରେ ତୁମ୍ଭଙ୍କୁ ଧ୍ୟାନ କରିଥିଲା । ଏତଦ୍‌ବ୍ୟତୀତ ଆଉ କିଛି କରିଥିଲା ବୋଲି ତ କେବେହେଲେ ଆମ୍ଭ କର୍ଣ୍ଣ ଶ୍ରବଣ କରିନାହିଁ । ତେବେ ପାଣ୍ଡବମାନେ ତୁମ୍ଭଙ୍କୁ କ'ଣ ଅଜସ୍ର ସୁବର୍ଣ୍ଣ ଲାଞ୍ଚ ଦେଉଥିଲେ, ଯେଉଁଥିପାଇଁ ତୁମ୍ଭେ ଦ୍ରୌପଦୀଙ୍କ ଇଜ୍ଜତ ରକ୍ଷା କରିଥିଲ ? କଂସର ଧନୁଯାତ୍ରା ଉତ୍ସବକୁ ଯିବା ସମୟରେ ସାଧାରଣ ରଜକିନୀ ଯୁବତୀ କୁବ୍‌ଜାକୁ ତୁମ୍ଭେ ଅପୂର୍ବ ସୁନ୍ଦରୀରେ ପରିଣତ କରିଦେଇଥିଲ । ସେ ତୁମ୍ଭଙ୍କୁ କ'ଣ ଦେଇଥିଲା ତାହା ତ ମଥୁରା ନଗ୍ରବାସୀ ଉତ୍ତମ ରୂପରେ ଜାଣିଥିଲେ । ଏହି ସଂସାରରେ ତୁମ୍ଭ ଦୟାରୁ ଅନ୍ଧକୁ ମଧ୍ୟ ନେତ୍ର ମିଳିବାର ଯଶ ନାଗରା ବାଦ୍ୟ ଭଳି ସଞ୍ଚାରିତ ହେଉଛି । ଦୁର୍ଦ୍ଦାନ୍ତ ରାକ୍ଷସ ହିରଣ୍ୟକଶ୍ୟିପୁର ପୁତ୍ର ପ୍ରହ୍ଲାଦ ତୁମ୍ଭଙ୍କୁ ପୂଜା କଲା ବୋଲି ତାଙ୍କୁ ଇନ୍ଦ୍ର ପଦ ପ୍ରଦାନ ପୂର୍ବକ ତା ଜୀବନକୁ ଧନ୍ୟ କରି ଦେଇଥିଲ । ତୁମ୍ଭର କ'ଣ ଉପକାର କରିଥିଲା ଯେ ପାଷାଣ ହୋଇ ପଡ଼ିଥିବା ଗୌତମ ଋଷିଙ୍କ ଆଶ୍ରମର ନାରୀ ଅହଲ୍ୟାକୁ ତୁମେ ଉଦ୍ଧାର କରିଥିଲ ?

ଅବଶ୍ୟ ତୁମ୍ଭର ସଖା ସୁଦାମା ଆପଣାର ଶକ୍ତି ଅନୁଯାୟୀ ସାମାନ୍ୟ ଖୁଦମୁଠାଏ ତୁମ୍ଭଙ୍କୁ ଦେଇଥିଲା । ମାତ୍ର ତାକୁ ତୁମେ ଅଚଳାଚଳ ସମ୍ପତ୍ତିର ଅଧିକାରୀ କରି ଦେଇଥିଲ । ଏହିପରି ତୁମ୍ଭର ଅଯାଚିତ ଅନୁଗ୍ରହ ଯୋଗୁଁ କାହାର ଅବା କାମନା ରୂପକ ମାଠିଆ ପୂର୍ଣ୍ଣ ହୋଇନାହିଁ ? ଯଦି ମୋତେ ତୁମ ପ୍ରତି ଶ୍ରଦ୍ଧା ନାହିଁ ବୋଲି ଆଦେଶ କରିବେ, ତା'ହେଲେ କେଉଁ ନ୍ୟାୟରେ ସମଗ୍ର ଜୀବନ ପାପ କରିଥିବା ଅଜାମିଳ କେବଳ ଆପଣାର ପୁତ୍ର ନାରାୟଣର ନାମ ଉଚ୍ଚାରଣ କରି ପରମ ପଦ ପ୍ରାପ୍ତ ହୋଇଥିଲା ? କେଉଁ କୌଶଳ ଅବଲମ୍ବନ କରି ସେ ମୋକ୍ଷ ଲାଭ କରିଥିଲା ପ୍ରଭୁ ! କୁହନ୍ତୁ ।

କବିତାର ଉପସଂହାରରେ କବି ଅତି ବିନମ୍ର ଭାବରେ କହିଛନ୍ତି ଯେ, ସଂସାରରେ ତୁମର ଭଲମନ୍ଦ ବିଚାର କରିବାର ଶକ୍ତି ତଥା କ୍ଷମତା କିମ୍ବା ଅଧିକାର ମୋ ପାଖରେ ନାହିଁ । କେବଳ ତୁମ୍ଭ ନିକଟରେ ମୋର ଇଚ୍ଛାକୁ ବ୍ୟକ୍ତ କରୁଛି । ମୋତେ ରକ୍ଷା କରିବା ନକରିବା ତୁମ୍ଭ ଉପରେ ନିର୍ଭର କରୁଛି । ତୁମ୍ଭେ ତ ପତିତପାବନ ରୂପ ଧାରଣ କରି ଅବସ୍ଥାନ କରୁଛ । ଭକ୍ତି ସହକାରେ ମୋର ନିବେଦନ ଗ୍ରହଣ କରିବ ବୋଲି ମୁଁ ନିଜକୁ ସମର୍ପଣ କରିଦେଉଛି ।

## ଖ) କବିତାରେ କବିଙ୍କ ଭକ୍ତି ଭାବନା :

'ଭକ୍ତି' ହେଉଛି ଭକ୍ତ ହୃଦୟର ଆବେଗାନୁଭୂତି । ଏହାରି ମାଧ୍ୟମରେ ଭକ୍ତ ଭଗବାନଙ୍କ ନାମ, ମହାତ୍ମ୍ୟ ଓ ଶକ୍ତିକୁ ସ୍ମରଣ ପୂର୍ବକ ତାଙ୍କ ନିକଟରେ ଆତ୍ମସମର୍ପଣ କରିଥାଏ । ହୃଦୟର ଯେଉଁ ଅନୁଭୂତିକୁ ସେ ଆପଣାର ସଖା, ସୁହୃଦ୍‌ଙ୍କ ନିକଟରେ ବ୍ୟକ୍ତ କରିପାରେନାହିଁ ତାକୁ ଅତି ସହଜରେ ଓ ସ୍ୱତଃସ୍ଫୂର୍ତ୍ତ ଭାବେ ଭଗବାନଙ୍କ ନିକଟରେ ପ୍ରକାଶ କରିଥାଏ ଓ କରୁଣା ଭିକ୍ଷା କରିଥାଏ । ତେଣୁ ସଂସାରରେ ଯୁଗେ ଯୁଗେ ଭକ୍ତିର ପରାକାଷ୍ଠା ପ୍ରଦର୍ଶିତ ହୋଇଅଛି । ଅନେକ ଭକ୍ତ ଆପଣା ଆପଣା ରୀତିରେ ସେହି ପରମକାରୁଣିକ ପରମେଶ୍ୱରଙ୍କ ନିକଟରେ ଆପଣାର ଦୁଃଖ ପ୍ରକାଶ କରି ସ୍ୱକୀୟ ମନସ୍କାମନା ପୂର୍ଣ୍ଣ କରିଛନ୍ତି । ଭକ୍ତିର ମାର୍ଗ ହେଉଛି ଭିନ୍ନ ଭିନ୍ନ । କେତେକ ଭକ୍ତ ଧ୍ୟାନ ଓ ଯୋଗ ସାଧନା ମାଧ୍ୟମରେ ପରମପ୍ରଭୁଙ୍କୁ ଲାଭ କରିବା ପାଇଁ ପ୍ରୟାସ କରିଥାନ୍ତି ତ ଆଉ କେତେକ ଭକ୍ତ ଭଜନ ଓ କୀର୍ତ୍ତନ ମାଧ୍ୟମରେ ମୋକ୍ଷ ଲାଭ କରିବା ପାଇଁ ନିବେଦନ କରନ୍ତି ଭଗବାନଙ୍କ ନିକଟରେ । ଭାରତୀୟ ବୈଷ୍ଣବ ସାଧକମାନେ 'ନବଧା ଭକ୍ତି'ର ପରିକଳ୍ପନା କରିଯାଇଛନ୍ତି । ସେହି ନବଧା ଭକ୍ତି ହେଉଛି-

"ଶ୍ରବଣ କୀର୍ତ୍ତନ ବିଷ୍ଣୋ ସ୍ମରଣଂ ପାଦସେବନମ୍
ଅର୍ଚ୍ଚନ ବନ୍ଦନଂ ଦାସ୍ୟ ସଖ୍ୟମାତ୍ମନିବେଦନମ୍ ।"

ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ ହେଉଛି ନବଧାଭକ୍ତି । ଯେଉଁ ଭକ୍ତ ଉକ୍ତ ଭକ୍ତିମାନଙ୍କ ମଧ୍ୟରୁ ଯେ କୌଣସି ମାର୍ଗ ଅବଲମ୍ବନ କଲେ ହେଁ ଲକ୍ଷ୍ୟ ହେଉଛି ଭଗବତ୍ ପ୍ରାପ୍ତି ବା ମୋକ୍ଷପ୍ରାପ୍ତି । ଉକ୍ତ ସମସ୍ତ ଭକ୍ତି ବ୍ୟତିରେକେ ସଂସାରରେ ଆଉ ଏକପ୍ରକାର ଭକ୍ତି ରହିଛି । ତାହା ହେଉଛି ବ୍ୟାଜସ୍ତୁତି ମାଧ୍ୟମରେ ପରମେଶ୍ୱରଙ୍କ ଅପାର କରୁଣା ଲାଭ କରିବା ପାଇଁ ପ୍ରୟାସ । ସାଧାରଣତଃ ଯେଉଁଠାରେ ଭଗବାନଙ୍କୁ ନିନ୍ଦା କରି, ତାଙ୍କ ପ୍ରତି ମନରେ ଅଭିମାନ ପୋଷଣ କରି ସ୍ତୁତି କରିଥାନ୍ତି, ତାହା ହେଉଛି ବ୍ୟାଜସ୍ତୁତି। କବିସୂର୍ଯ୍ୟ ବଳଦେବ ରଥ ସଂଶିତ କବିତାରେ ଏହି ବ୍ୟାଜସ୍ତୁତି ମାଧ୍ୟମରେ ହିଁ ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି ଓ ତାଙ୍କର କରୁଣା ଭିକ୍ଷା କରିଛନ୍ତି । ତେଣୁ ସମକାଳରେ ଏହି କବିତାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଅନୁଭୂତ ହୋଇଥାଏ ।

କବି ଯୋତେବେଳେ ଅନୁଭବ କରିଛନ୍ତି ଯେ, ଦୀର୍ଘ କାଳ ଧରି ପ୍ରଭୁଙ୍କୁ ପ୍ରାର୍ଥନା କରିବା ପରେ ତାଙ୍କ ନିକଟରେ ହୃଦୟର ଦାରୁଣ ବେଦନା ପ୍ରକାଶ କରିବା ପରେ ମଧ ଭଗବାନ ତାକୁ ଶୁଣିନାହାନ୍ତି ବା କୌଣସି ପ୍ରକାର ଦୟା ପ୍ରଦର୍ଶନ କରିନାହାନ୍ତି, ସେତେବେଳେ କବିଙ୍କ ହୃଦୟରେ ସୃଷ୍ଟି ହୋଇଛି ତୀବ୍ର ଅଭିମାନ । ଅଭିମାନର ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ଅଭିଯୋଗ । ତେଣୁ କବି ଅଭିଯୋଗ ବାଢ଼ିଛନ୍ତି ସେହି କରୁଣାର ସିନ୍ଧୁ ପ୍ରଭୁ ପରମେଶ୍ୱରଙ୍କ ନିକଟରେ । ସଂସାରରେ ଅନେକ ବ୍ୟକ୍ତି, ଅନେକ ଭକ୍ତ ଭଗବାନଙ୍କୁ କିଛି ନଦେଇ ମଧ ଲାଭ କରିପାରିଛନ୍ତି ତାଙ୍କର ଅପାର କରୁଣା;ମାତ୍ର ସେ ଏତେ ଦିନ ଧରି ତାଙ୍କ ଅଭୟ ପାଦ-ପଦ୍ମରେ ଅସରନ୍ତି ପ୍ରାର୍ଥନା କରି ମଧ ତହିଁରୁ କାଣିଚାଏ ସୁଦ୍ଧା ଲାଭ କରିପାରିନାହାନ୍ତି । ଏହା କବିଙ୍କ ଦୃଷ୍ଟିରେ ମନେହୋଇଛି ଅନ୍ୟାୟ, ଅବିଚାର ବୋଲି । ତେଣୁ, କବି ଅତି ଆବେଗପୂର୍ଣ୍ଣ ଭାବରେ ପ୍ରକାଶ କରିଛନ୍ତି - "କ୍ଷୀରମୟ ସିନ୍ଧୁ ଜେମା ଜୀବବନ୍ଧୁ, ତୁମ୍ଭେ ତ ଜଗତପତି

ଟେକି ସମ-ଦୃଷ୍ଟି ପତାକାକୁ ପୁଣି ଏ କି ପକ୍ଷପାତ ରୀତି
ହେ ମହାପ୍ରଭୁ !
କେ କି କଲା ମୁଁ ନ କଲି
କେ କି ଦେଲା ଅବା ମୁଁ ଅବା ନ ଦେବା ଘେନି ଏତେ ସରି ହେଲି ହେ ମହାପ୍ରଭୁ ! ।୧।"

ଯେତେବେଳେ ବ୍ୟାଧର କବଳରେ ପଡ଼ି ଗଭୀର ଅରଣ୍ୟରେ ମୃଗୁଣୀ ବ୍ୟସ୍ତ ଓ ବିକଳ ହେଉଥିଲା, ତା'ର ଯନ୍ତ୍ରଣା ସହ୍ୟ କରିନପାରି ପରମ ପ୍ରଭୁ ତାକୁ ରକ୍ଷା କରିଥିଲେ । ସେ ଭଗବାନଙ୍କ ପାଦ-ପଦ୍ମ ସ୍ମରଣ ବିନା ତ ଆଉ କିଛି କରିନଥିଲା । ହେଲେ ପରମପୁରୁଷ ତାକୁ ରକ୍ଷା କରିଥିଲେ, ଯାହାଦ୍ୱାରା କି ତାଙ୍କ ସେହି ମହାତ୍ମ୍ୟ ଯୁଗେ ଯୁଗେ ପ୍ରଚାରିତ ହେଉଅଛି । ସେହିଭଳି ହସ୍ତିନାର ରାଜ ସଭାରେ ପାପିଷ୍ଠ ଦୁର୍ଯ୍ୟୋଧନର ଆଦେଶରେ ଦୁରାତ୍ମା ଦୁଃଶାସନ ଦ୍ରୌପଦୀଙ୍କ ବସ୍ତ୍ରହରଣ କରିବା ପାଇଁ ପ୍ରୟାସ କରିଥିଲା । ସେତେବେଳେ ଯାଜ୍ଞସେନୀ ଦ୍ରୌପଦୀ ଭଗବାନଙ୍କୁ କେବଳ ଧ୍ୟାନ କରିବା ଛଡ଼ା ତ ଆଉ କିଛି କରିନଥିଲେ । ସେହି ଧ୍ୟାନରେ ମାତ୍ର ବିଗଳିତ ହୋଇ ପ୍ରଭୁ ତାଙ୍କୁ କୋଟିବସ୍ତ୍ର ପ୍ରଦାନ ପୂର୍ବକ ରକ୍ଷା କରିଥିଲେ । ପାଣ୍ଡବମାନେ କ'ଣ ଭଗବାନ ଶ୍ରୀକୃଷ୍ଣଙ୍କୁ ଏଇଥିପାଇଁ କୋଟି କୋଟି ପରିମାଣରେ ଲାଞ୍ଚ ଦେଇଥିଲେ କି ? କିଛି ନପାଇ ସୁଦ୍ଧା ଭକ୍ତମାନଙ୍କୁ ପରମେଶ୍ୱର ଆପଣାର ଅପାର ଶକ୍ତି ବଳରେ ରକ୍ଷା କରିଆସିଛନ୍ତି ।

ସେହିଭଳି କବି ସଂସାରର ଭକ୍ତମାନଙ୍କ ତାରଣ ଓ ମହାତ୍ମ୍ୟକୁ ସ୍ମରଣ ପୂର୍ବକ ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ ପ୍ରକାଶ କରିଛନ୍ତି –

"ରୂପରେ କେଳତି ଉପରେ ପତାକା ଦିଆଇଲ ଯେ କୁଜୀକି
ଯାହା ହୋଇଥିଲା ଯାହା ହେଲା ତୁମ୍ଭ ପ୍ରସାଦ ବର୍ଣ୍ଣୁ ରଜକୀ ହେ ମହାପ୍ରଭୁ !
ଜଗତେ ତ ତାହା ଜଣା
ଅନ୍ଧକୁ ନେତ୍ର ମିଳିବାରୁ ହୋଇଛି ଯଶ ଡିଣ୍ଡିମ ବାଜଣା ହେ ମହାପ୍ରଭୁ !"

ପରମେଶ୍ୱର ପରମାତ୍ମାଙ୍କ ଅଶେଷ କୃପା ବଳରେ ମଥୁରାପୁରୀର କୁବ୍‌ଜାବତୀ ରଜକିନୀ ଯୁବତୀ କୁବୁଜା, ଗୋପପୁରରେ ଦେବର୍ଷି ନାରଦଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ଗନ୍ଧର୍ବ ନଳକୁବେର ତଥା ତ୍ରେତୟା ଯୁଗରେ ଋଷି ଗୌତମଙ୍କ ଦ୍ୱାରା ଶ୍ରାପିତା ନାରୀ ଅହଲ୍ୟା ଜଡ଼ତା ପରିହାର ପୂର୍ବକ ମୁକ୍ତି ଲାଭ କରିଥିଲେ । ମାତ୍ର ସେମାନେ ଭଗବାନଙ୍କୁ କିଛି ଦେଇନଥିଲେ । କରୁଣାମୟ ଈଶ୍ୱର ସେମାନଙ୍କୁ ଆପଣାର ଦୟା ଯୋଗୁଁ ବିମୁକ୍ତ କରିଥିଲେ ତଥା ମୋକ୍ଷ ପ୍ରଦାନ କରିଥିଲେ । କେବଳ ଦ୍ୱାପର ଯୁଗରେ ପ୍ରଭୁଙ୍କ ସଖା ସୁଦାମା ଭଗବାନଙ୍କୁ ମୁଠାଏ ଖୁଦ ଉପହାର ସଦୃଶ ପ୍ରଦାନ କରିଥିଲା । କିନ୍ତୁ ତାର ପ୍ରତିବଦଳରେ ଭଗବାନ ତାକୁ କୋଟି ସମ୍ପତ୍ତି ଦେଇ ଆପଣାର ବନ୍ଧୁତ୍ୱର ଅପୂର୍ବ ପରିଚୟ ଦେଇଥିଲେ । ତାଙ୍କ ଯଶ ଓ ଖ୍ୟାତି ଦିଗବିଦିଗ ସଞ୍ଚାରିତ ହୋଇଥିଲା ।

ତେଣୁ ସଂସାରରେ ଭଗବାନଙ୍କ ଅହେତୁକ କରୁଣା ଯୋଗୁଁ ଅନେକ ଲୋକଙ୍କ କାମନାର କୁମ୍ଭ ପରିପୂର୍ଣ୍ଣ ହୋଇଛି । ଲୋକେ ଯେତିକି ଦେଇନାହାନ୍ତି, ପ୍ରଭୁଙ୍କ ନିକଟରୁ ତାଠାରୁ ଅଧିକ ପାଇଛନ୍ତି । ଯେଉଁମାନେ ଭକ୍ତି ଭାବନାରେ ଭଗବାନଙ୍କୁ ଡାକିଛନ୍ତି ଓ ତାଙ୍କଠାରୁ କୃପାବାରି ପାଇଛନ୍ତି, ତା ନୁହେଁ ଯେଉଁମାନେ ତାଙ୍କର ଅନୁଗତ ନୁହନ୍ତି, ତାଙ୍କ ପ୍ରତି କାଣିଚାଏ ସୁଦ୍ଧା ଭକ୍ତି ଭାବନା ନାହିଁ, ସେମାନେ ମଧ୍ୟ ତାଙ୍କର ଅନୁଗ୍ରହ ଲାଭ କରି ଏହି ସଂସାରରୁ ତରି ଯାଇଛନ୍ତି । ଯେଭଳି ମହାପାପୀ ଅଜାମିଳ କେବଳ ମୃତ୍ୟୁ କାଳରେ ଆପଣାର ପୁତ୍ରର ନାମ ନାରାୟଣ ବୋଲି ଉଚ୍ଚାରଣ କରି ମହାପାପରୁ ମୁକ୍ତ ହୋଇ ସ୍ୱର୍ଗଗାମୀ ହୋଇଥିଲା ।

ପରମକାରୁଣିକ ପରମେଶ୍ୱରଙ୍କ ଉକ୍ତ ମହାତ୍ମ୍ୟକୁ ସ୍ମରଣ କରି କବିଙ୍କ ହୃଦୟରେ ସୃଷ୍ଟି ହୋଇଛି ବ୍ୟାକୁଳତା । ଲୋକେ ତାଙ୍କୁ କିଛି ନଦେଇ ମଧ୍ୟ ପାଇଛନ୍ତି ଅହେତୁକ କରୁଣା । ମାତ୍ର ସେ ଏତେ କାଳ ଧରି ତାଙ୍କୁ ଡାକୁଥିଲେ ମଧ୍ୟ, ଅତି ବିନମ୍ର ଭାବରେ ବିଧି ଅନୁଯାୟୀ ତାଙ୍କୁ ପୂଜନ କରୁଥିଲେ ମଧ୍ୟ ତାଙ୍କର ବିନ୍ଦୁଏ ମାତ୍ର ଦୟା ଲାଭ କରିନାହାନ୍ତି । ତେଣୁ କବିତାର ଉପସଂହାରରେ କବି କହିଛନ୍ତି, ଭଗବାନ ଏତଦ୍ୱାରା ଭଲ କରିଛନ୍ତି କି ମନ୍ଦ କରିଛନ୍ତି ସେ ବିଷୟରେ ବିଚାର କରିବା ତାଙ୍କ ଅଧିକାରର ବାହାରେ । କାରଣ ଭଗବାନଙ୍କ ଇଚ୍ଛାଦ୍ୱାରା ଏହି ସଂସାର ପରିଚାଳିତ ହେଉଛି । ମଣିଷ ତ ନିମିତ୍ତ ମାତ୍ର । କବିଙ୍କ ଭାଷାରେ-

"ଭଲ ଅବା ମନ୍ଦ କରିବାକୁ ତ ମୁଁ ମୋହର ଆୟତ୍ତ ନୁହେଁ ହେ ମହାପ୍ରଭୁ !
ସବୁ ତୁମ ଇଚ୍ଛା ସିନା
ରଖ ବା ନରଖ ମୋହରି ଗତି ତ ପତିତପାବନ ବାନା ହେ ମହାପ୍ରଭୁ !"

କବିସୂର୍ଯ୍ୟଙ୍କ ହୃଦୟରେ ଭଗବାନଙ୍କ ପ୍ରତି ଯେଉଁ ଭାବନା ସୃଷ୍ଟି ହୋଇଛି ତାକୁ ଏଠାରେ ସେ ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବେ ପ୍ରକାଶ କରିଛନ୍ତି । ସେ ତାଙ୍କୁ ନିନ୍ଦା କରିଛନ୍ତି ସତ;ମାତ୍ର ତତ୍ ମାଧ୍ୟମରେ ଭଗବତ୍ ପ୍ରାପ୍ତିର ଭାବନା ସୃଷ୍ଟି ହୋଇଛି ତାଙ୍କ ହୃଦୟ ମଧ୍ୟରେ । ଏହା ମଧ୍ୟ ଭକ୍ତିର ଏକ ଉତ୍ତମ ଦିଗ । କାରଣ ସେହି ପରମପୁରୁଷଙ୍କୁ ସ୍ମରଣ କରିବା ମାତ୍ରେ ହିଁ ଭକ୍ତ ତାଙ୍କର ଅପୂର୍ବ କରୁଣା ଲାଭ କରିଥାଏ । ଅଚିରେ ତାର ମନୋକାମନା ପୂର୍ଣ୍ଣ ହୋଇଥାଏ । ସେହି ଦିଗରୁ ଆଲୋଚ୍ୟ କବିତାର ମୂଲ୍ୟ ଏକାନ୍ତ ଭାବରେ ମହତ୍ତ୍ୱପୂର୍ଣ୍ଣ ।

### ଗ) କବିତାରେ କବିତ୍ୱ ଓ ଆଳଙ୍କାରିକତା :

ଯେ କୌଣସି କାବ୍ୟ କବିତାରେ କବିଚାତୁରୀ କବିତ୍ୱ ଭାବେ ପରିଗଣିତ ହୋଇଥାଏ । କାବ୍ୟ-କବିତା ମଧ୍ୟରେ ନିହିତ ଭାବସମୂହକୁ କବି ଏମିତି ଚାତୁର୍ଯ୍ୟପୂର୍ଣ୍ଣ ଭାବରେ ପରିବେଷଣ କରିଥାନ୍ତି, ଯାହାକି ସହୃଦୟ ପାଠକ ହୃଦୟରେ ସୃଷ୍ଟି କରିଥାଏ ଅପୂର୍ବ ଭାବସ୍ପନ୍ଦନ । ସଂସ୍କୃତରେ ଏକ ଉକ୍ତି ରହିଛି-"ନରତ୍ୱଂ ଦୁର୍ଲଭଂ ଲୋକେ ବିଦ୍ୟା ତତ୍ର ସୁଦୁର୍ଲଭା, କବିତ୍ୱଂ ଦୁର୍ଲଭଂ ଲୋକେ ଶକ୍ତିସ୍ତତ୍ର ସୁଦୁର୍ଲଭା" ଅର୍ଥାତ୍ କବିତ୍ୱଶକ୍ତି ସଂସାରର ଏକ ଦୁର୍ଲଭ ଉପାଦାନ ଅଟେ । ଯେଉଁମାନେ ସାଧକ ବା ଦୈବୀଶକ୍ତି ସମ୍ପନ୍ନ ସେମାନେହିଁ କବିତ୍ୱ ଶକ୍ତିର ଅଧିକାରୀ ହୋଇଥାନ୍ତି । ସେମାନେ ଆପଣାର କବିତ୍ୱଶକ୍ତି ବଳରେ ଜନମନ ରଂଜନ କରିପାରିଥାନ୍ତି । କବି ଦୀନକୃଷ୍ଣଙ୍କ ଭାଷାରେ-"କବି ସତମିଛ କରି କହନ୍ତି, କବିତ୍ୱଚାତୁରୀରେ ମନ ମୋହନ୍ତି ।" କବିତ୍ୱଶକ୍ତିରେ ପରିପୂର୍ଣ୍ଣ କବିତା ହିଁ ସହୃଦୟର

ହୃଦୟକୁ ଆକର୍ଷିତ କରିଥାଏ । କବିସୂର୍ଯ୍ୟ ବଳଦେବ ରଥ ସେହି ସ୍ତରର ଏକ ଶକ୍ତିଶାଳୀ କବି । ତାଙ୍କ କାବ୍ୟ-କବିତାରେ ଏହିଭଳି ଅପୂର୍ବ କବିତ୍ୱଶକ୍ତିର ସମାବେଶ ଅନୁଭୂତ ହୋଇଥାଏ । ସଂଶିତ ଜଗନ୍ନାଥ ଜଣାଣ କବିତାରେ କିଭଳି କବିତ୍ୱର ଛଟା ଓ ଅଳଙ୍କାରର ପ୍ରୟୋଗ ଘଟିଛି, ତାକୁ ନିମ୍ନରେ ଆଲୋଚନା କରାଯାଉଛି ।

ଆଲୋଚ୍ୟ କବିତାରେ କବିତ୍ୱର ପରମ ନିଦର୍ଶନ ହେଉଛି ଏଥିରେ ନିହିତ ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତି । ଏହାର ମୁଖ୍ୟ ଭାବ ହେଉଛି କବିଙ୍କ ପରମପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ଓ ଅନୁଯୋଗ ମୂଳକ ବ୍ୟାଙ୍ଗୋକ୍ତି । ବସ୍ତୁତଃ କବି ଏହି କବିତାର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଅଭିବ୍ୟକ୍ତ କରିଛନ୍ତି ଯେ, ପୁରାଣର ବର୍ଣ୍ଣନା ଅନୁଯାୟୀ ଏ ଯାବତ୍ ଯେଉଁମାନେ ପ୍ରଭୁଙ୍କ କୃପା ପ୍ରାପ୍ତ ହୋଇଛନ୍ତି, ସେମାନେ ତାଙ୍କୁ କିଛି ଦେଇନାହାନ୍ତି । କେବଳ କେହି କେହି ଅତି ବିକଳରେ ତାଙ୍କୁ ପ୍ରାର୍ଥନା କରିଛନ୍ତି ବା ଧ୍ୟାନ କରିଛନ୍ତି । ସେତିକି ମାତ୍ର ପ୍ରଦାନ କରି ସେମାନେ ଅଶେଷ କରୁଣା ଲାଭ କରିପାରିଛନ୍ତି; ଅଥଚ କବି ସମଗ୍ର ଜୀବନ ପ୍ରଭୁଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରି ସୁଦ୍ଧା କୌଣସି ଉପାଦାନ ପାଇନାହାନ୍ତି । ଏହା ସମ୍ପୂର୍ଣ୍ଣ ଭାବରେ ହେଉଛି ଅନ୍ୟାୟ ବା ଅବିଚାର । ମାତ୍ର ଏହି ପ୍ରସଙ୍ଗକୁ କବି କଠୋର ଭାବେ ଉପସ୍ଥାପନ ନକରି ଆପଣାର ଶବ୍ଦଚାତୁରୀ ଦ୍ୱାରା ପରିବେଷଣ କରିଛନ୍ତି । ତେଣୁ ତାହା ହୃଦୟକୁ ସ୍ପର୍ଶ କରିଥାଏ । ଉଦାହରଣ ସ୍ୱରୂପ –

 କ୍ଷୀରମୟ ସିନ୍ଧୁ ଜେମା ଜୀବବନ୍ଧୁ, ତୁମ୍ଭେ ତ ଜଗତପତି
ଟେକି ସମ-ଦୃଷ୍ଟି ପତାକାକୁ ପୁଣି ଏ କି ପକ୍ଷପାତ ରୀତି
ହେ ମହାପ୍ରଭୁ !
କେ କି କଲା ମୁଁ ନ କଲି
କେ କି ଦେଲା ଅବା ମୁଁ ଅବା ନ ଦେବା ଘେନି ଏତେ ସରି ହେଲି ହେ ମହାପ୍ରଭୁ ! ।୧।

ଏଠାରେ କବି ଏଭଳି ଶବ୍ଦ ସଂଯୋଜନା କରିଛନ୍ତି, ଯାହାକି କବିଙ୍କ ଆକ୍ଷେପୋକ୍ତି ଭାବେ ଅନୁଭୂତ ହେଉନାହିଁ, ବରଂ ଏକ ସମର୍ପିତ ଭକ୍ତର ଆକୁଳ ଆକୂତି ସମ୍ମିଶ୍ରିତ ଅନୁଯୋଗ ରୂପେ ସ୍ପଷ୍ଟ ପ୍ରତିଭାତ ହେଉଛି । ଏହି ବ୍ୟଞ୍ଜନା ହିଁ ପାଠକ ହୃଦୟକୁ ବିଶେଷ ପରିମାଣରେ ଆକୃଷ୍ଟ କରିଥାଏ ।

ଆଲୋଚ୍ୟ କବିତା ମଧ୍ୟରେ ପ୍ରଯୁକ୍ତ ହୋଇଥିବା ଅଳଙ୍କାରଗୁଡ଼ିକ ମଧ୍ୟରୁ ମୁଖ୍ୟ ଅଳଙ୍କାର ହେଉଛି ବ୍ୟାଜସ୍ତୁତି । ଅଳଙ୍କାର ତତ୍ତ୍ୱ ଅନୁଯାୟୀ ଯେଉଁଠାରେ କବି ନିନ୍ଦା ଛଳରେ ସ୍ତୁତି କରିଥାନ୍ତି, ସେଠାରେ ବ୍ୟାଜସ୍ତୁତି ଅଳଙ୍କାର ହୋଇଥାଏ । ସଂଶିତ କବିତାର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ କବି ବ୍ୟାଜସ୍ତୁତି ଅଳଙ୍କାରର ପ୍ରୟୋଗ କରିଛନ୍ତି । କବି ଏଠାରେ ପରମପ୍ରଭୁ ଜଗନ୍ନାଥଙ୍କୁ ବିଭିନ୍ନ ପ୍ରକାରେ ଅଭି ଯୋଗ କରିଛନ୍ତି ସତ; ମାତ୍ର ପ୍ରତ୍ୟେକ ସ୍ଥଳରେ ପରୋକ୍ଷ ଭାବେ ତାଙ୍କ ହୃଦୟର ଭକ୍ତି ଭାବନା ପ୍ରକାଶିତ ହୋଇଅଛି । କବିତାରୁ ବ୍ୟାଜସ୍ତୁତିର ଏକ ନିଦର୍ଶନ ହେଉଛି –

ନୃପସଭା ମଧ୍ୟେ ଅସ୍ଥିର ହୁଅନ୍ତେ ଦ୍ରୁପଦ ଦୁତା ଆବର
ଧ୍ୟାନରୁ ତ ଆନ କିଛି କରିବାର କାନ ଶୁଣି ନାହିଁ ମୋର ହେ ମହାପ୍ରଭୁ !
ହିତେ ଯେ ଥାଅ ନିରତେ
ଲାଞ୍ଚ ଦେଇଥିଲେ କାଞ୍ଚନ କେତେ କି ପାଞ୍ଚ ପଣ୍ଡୁରାଜ ସୁତେ ହେ ମହାପ୍ରଭୁ ! ।୩।

ସେହିଭଳି ଏହି କବିତାରେ ପ୍ରଯୁକ୍ତ ହୋଇଥିବା ଅନ୍ୟତମ ଅଳଙ୍କାର ହେଉଛି ରୂପକାଳଙ୍କାର । ସାଧାରଣ ଲକ୍ଷଣ ଅନୁଯାୟୀ ଯେଉଁଠାରେ ଉପମାନ ଓ ଉପମେୟ ମଧ୍ୟରେ ସାଦୃଶ୍ୟ କଥିତ ହୁଏ, ସେଠାରେ ରୂପକ ଅଳଙ୍କାରର ପ୍ରତୀତି ଘଟେ । କବିତାର ଅନେକ ସ୍ଥଳରେ କବି ଅତି ରମଣୀୟ ଭାବେ ଏହି ଅଳଙ୍କାରର ପ୍ରୟୋଗ କରିଛନ୍ତି । କବିତାରେ 'ଟେକି ସମ-ଦୃଷ୍ଟି-ପତାକାକୁ ପୁଣି ଏ କି ପକ୍ଷପାତ ରୀତି ହେ', 'ଚରଣପଙ୍କଜ ସ୍ମରଣ ବିନା ସେ କିସ କରିଥିଲା ଆଉ', ଫକାହା କାମକୁମ୍ଭ ପୂରିନାହିଁ ତୁମ୍ଭ ଅହେତୁକ ଅନୁଗ୍ରହ ହେ' ଇତ୍ୟାଦି ଚରଣରେ ରୂପକ ଅଳଙ୍କାରର ସାର୍ଥକ ପ୍ରୟୋଗ ଘଟିଛି ।

ଅନୁପ୍ରାସ ଅଳଙ୍କାରର ସୁନ୍ଦର ପ୍ରୟୋଗ ଆଲୋଚ୍ୟ କବିତାକୁ ଖୁବ୍ ଲାଳିତ୍ୟପୂର୍ଣ୍ଣ କରିଛି । ସାଧାରଣତଃ ପଦ ମଧ୍ୟରେ ବ୍ୟଞ୍ଜନ ବର୍ଣ୍ଣର ପୁନଃପୁନଃ ସମାଗମ ଘଟିଲେ ଅନୁପ୍ରାସ ଅଳଙ୍କାର ହୋଇଥାଏ । କବି ସଂଶିତ କବିତାର ଅନେକ ପଦରେ ଅନୁପ୍ରାସର ପ୍ରୟୋଗ କରିଥିବା ହେତୁ ଏହା ପାଠକ ହୃଦୟକୁ ବେଶ୍ ରସାଣିତ କରୁଅଛି । କବିତାରେ ଏହି ଅଳଙ୍କାରର ପ୍ରକୃଷ୍ଟ ଉଦାହରଣ ହେଉଛି-

'କେ କି କଲା ମୁଁ ନ କଲି କେ କି ଦେଲା ଅବା ମୁଁ ଅବା ନ ଦେବା ଘେନି ଏତେ ସରି ହେଲି ହେ ମହାପ୍ରଭୁ !', 'ଲାଞ୍ଚ ଦେଇଥିଲେ କାଞ୍ଚନ କେତେ କି ପାଞ୍ଚ ପଣ୍ଡୁରାଜ ସୁତେ ହେ ମହାପ୍ରଭୁ', 'ପ୍ରହ୍ଲାଦକୁ ମହା ଆହ୍ଲାଦ ଆପଣ କରିଛ ପରା ପୁରୂବେ ହେ ମହାପ୍ରଭୁ !' ଇତ୍ୟାଦି ।

ଏହିଭଳି କବିସୂର୍ଯ୍ୟ ଆଲୋଚ୍ୟ କବିତାର ସୀମିତ ଓ ସଂକ୍ଷିପ୍ତ ପରିସର ମଧ୍ୟରେ ସୁଦ୍ଧା ଆପଣାର କବିତ୍ୱ ଓ ଆଳଙ୍କାରିକତା ସାର୍ଥକ ପ୍ରୟୋଗ କରିଛନ୍ତି । ମାତ୍ର ଏହା ରୀତିଯୁଗ ସୁଲଭ ପାଣ୍ଡିତ୍ୟପୂର୍ଣ୍ଣ ନହୋଇ ରସାଳ ଅଭିବ୍ୟକ୍ତିରେ ପାଠକ ହୃଦୟକୁ ସ୍ପର୍ଶ କରିଥାଏ ଓ ଭାବର ମାଧୁର୍ଯ୍ୟରେ ଭସାଇ ନେଇଥାଏ । ତେଣୁ ସଂଶିତ କବିତାଟି ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ଆବେଦନ ସୃଷ୍ଟି କରିଛି । ସେହି ଦୃଷ୍ଟିକୋଣରୁ କବିତାର ମୂଲ୍ୟ ଏକାନ୍ତ ଭାବରେ ଉଲ୍ଲେଖନୀୟ ଓ ପ୍ରଣିଧାନଯୋଗ୍ୟ ।

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

(୧) ଜଗନ୍ନାଥ ଜଣାଣ କବିତାରୁ କବିଙ୍କ ଭକ୍ତିଭାବନାର ପରିଚୟ ପ୍ରଦାନ କର ।

(୨) ଜଗନ୍ନାଥ ଜଣାଣ କବିତାର ମର୍ମାର୍ଥ ପ୍ରଦାନ କର ।

(୩) କବିସୂର୍ଯ୍ୟ ବଳଦେବ ରଥଙ୍କ ପରିଚୟ ପ୍ରଦାନ କର ।

(୪) ଜଗନ୍ନାଥ ଜଣାଣ କବିତାରୁ କବିଙ୍କ କବିତ୍ୱ ଓ ଆଳଙ୍କାରିକତା ବିଷୟରେ ଆଲୋଚନା କର ।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(୧) କବିଙ୍କ ପିତା ଉଜ୍ଜ୍ୱଳ ରଥଙ୍କ ସମ୍ପର୍କରେ ଲେଖ ।

(୨) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ସମ୍ପର୍କରେ ସଂକ୍ଷିପ୍ତ ଟିପ୍‌ପଣୀ ଦିଅ ।

(୩) ଭଗବାନଙ୍କ କୁବୁଜା ଉଦ୍ଧାର ସମ୍ପର୍କରେ ଲେଖ ।

(୪) ମହାପ୍ରଭୁ ଦ୍ରୌପଦୀଙ୍କୁ କିଭଳି ରକ୍ଷା କରିଥିଲେ ବର୍ଣ୍ଣନା କର

(୫) ଭଗବାନଙ୍କ ଅହଲ୍ୟା ଉଦ୍ଧାର ସମ୍ପର୍କରେ ଲେଖ ।

## ୨.୮ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ ବୃନ୍ଦାବନଚନ୍ଦ୍ର - ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ - ଗ୍ରନ୍ଥମନ୍ଦିର, କଟକ-୨୦୧୨
- କର, ଡ. ବାଉରୀବନ୍ଧୁ -ଓ ଡ଼ିଆ ସାହିତ୍ୟର ଇତିହାସ - ଫ୍ରେଣ୍ଡସ୍ ପବ୍ଲିଶର୍ସ,କଟକ-୧୯୯୮
- ମହାରଣା, ଡ.ସୁରେନ୍ଦ୍ର କୁମାର-ଓଡ଼ିଆ ସାହିତ୍ୟର ଇତିହାସ - ଓଡ଼ିଶା ବୁକ୍ ଷ୍ଟୋର୍ସ-କଟକ-୨୦୧୫

# ତୃତୀୟ ଏକକ : ଆକାଶ ପ୍ରତି – ମଧୁସୂଦନ ରାଓ

## ବିଷୟ ଗଠନ :

୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପ୍ରବେଶ
୩.୪ ଭକ୍ତକବି ମଧୁସୂଦନ ରାଓଙ୍କ ପରିଚୟ
୩.୫ ଆକାଶ ପ୍ରତି କବିତାର ପାଠ୍ୟାଂଶ
୩.୫.୧ କବିତାର ମର୍ମାର୍ଥ
୩.୬ କବିତାର ବିଭିନ୍ନ ଦିଗ
୩.୭ ଗୀତିକବିତାର ବୈଶିଷ୍ଟ୍ୟ ଓ ଆକାଶ ପ୍ରତି
୩.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୯ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତଯଶା ସାଧକ ଭକ୍ତକବି ମଧୁସୂଦନ ରାଓଙ୍କ ଏକ ବହୁ ଆଦୃତ କବିତା ହେଉଛି 'ଆକାଶ ପ୍ରତି'। 'ଓଡ୍' ବା ସମ୍ବୋଧମୂଳକ ଗୀତିକବିତାର ଶୈଳୀକୁ ଉପଜୀବ୍ୟ କରି କବି ଆଲୋଚ୍ୟ କବିତାଟି ରଚନା କରିଛନ୍ତି । କବିତାରେ କବି ଆକାଶର ବ୍ୟାପ୍ତି, ଉଦାରତା, ପ୍ରଶାନ୍ତିକୁ ଉପଲବ୍ଧି କରି ତନ୍ମଧ୍ୟରେ ସେହି ପରମପୁରୁଷ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିଛନ୍ତି । କବିତାରେ କବିଙ୍କ ଭାବନା କିଭଳି ସ୍ୱଚ୍ଛ, ନିର୍ମଳ ଓ ଉଦାର, ତାକୁ ପୁଙ୍ଖାନୁପୁଙ୍ଖ ଭାବରେ ପର୍ଯ୍ୟାଲୋଚନା କରିବା ଏହି ଆଲୋଚନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ବିଷୟ ସମ୍ପର୍କରେ ଜ୍ଞାନ ହାସଲ୍ କରିପାରିବେ-

- ଭକ୍ତକବି ମଧୁସୂଦନ ରାଓଙ୍କ ପରିଚୟ
- ଆକାଶପ୍ରତି କବିତାର ପାଠ୍ୟାଂଶ
- କବିତାର ମର୍ମାର୍ଥ
- କବିତାର ବିଭିନ୍ନ ଦିଗ-

- ଆକାଶପ୍ରତି କବିତାରେ ଭକ୍ତିଭାବନା
- ଗୀତି କବିତାର ବୈଶିଷ୍ଟ୍ୟ ଓ ଆକାଶପ୍ରତି

## ୩.୩ ବିଷୟ ପ୍ରବେଶ

ଭକ୍ତକବି ମଧୁସୂଦନ ରାଓଙ୍କ ଆକାଶ ପ୍ରତି କବିତା ହେଉଛି ଏକ 'ଓଡ୍' ବା ସମ୍ବୋଧମୂଳକ ଗୀତିକବିତା। ସାଧାରଣତଃ ଯେଉଁ କବିତାରେ ଯେ କୌଣସି ବ୍ୟକ୍ତି, ବସ୍ତୁ ବା ପ୍ରାଣୀଙ୍କୁ ସମ୍ବୋଧନ କରି କବି ଆପଣାର ମନର ଭାବକୁ ବ୍ୟକ୍ତ କରିଥାନ୍ତି, ତାହା ହେଉଛି ସମ୍ବୋଧମୂଳକ କବିତା । ଇଂରାଜୀରେ ଏହାକୁ 'ଓଡ୍' ଭାବରେ ଗ୍ରହଣ କରାଯାଇଥାଏ । ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗରେ ଅନେକ କବି ଏହିଭଳି କବିତା ରଚନା କରି ବିଶେଷ ଖ୍ୟାତି ଲାଭ କରିଛନ୍ତି । ଆଲୋଚ୍ୟ କବିତାଟି ହେଉଛି ସେହି ଧାରାର ଏକ ଉଲ୍ଲେଖନୀୟ କୃତି । ଏହି କବିତାରେ କବି ମଧୁସୂଦନ ଆକାଶକୁ ସମ୍ବୋଧନ ପୂର୍ବକ ତାର ମହିମା ଗାନ କରିବା ସଙ୍ଗେ ସଙ୍ଗେ ତନ୍ମଧ୍ୟରେ ପରମ ବିଭୁଙ୍କ ସଂସାର ପ୍ରତି ଅନିର୍ବଚନୀୟ କୃପାକୁ ଅନୁଭବ କରିଛନ୍ତି । ସେହି ଦୃଷ୍ଟିକୋଣରୁ ସଂଶିତ କବିତାଟି ଓଡ଼ିଆ ସାହିତ୍ୟରେ ବିଶେଷ ଆଦୃତି ଲାଭ କରିଅଛି ।

## ୩.୪ ଭକ୍ତକବି ମଧୁସୂଦନ ରାଓଙ୍କ ପରିଚୟ

ଓଡ଼ିଆ ସାହିତ୍ୟରୁ ପାରମ୍ପରିକ ରୀତି କାବ୍ୟଧାରାକୁ ପରିବର୍ତ୍ତନ ଓ ପରିବର୍ଜନ ପୂର୍ବକ ଓଡ଼ିଆ ସାହିତ୍ୟରେ ଯେଉଁ ଏକ ନୂତନ ଯୁଗର ଅୟମାରମ୍ଭ ହୋଇଥିଲା ତାହା ଅଧୁନିକ ଯୁଗ ଭାବରେ ପରିଚିତ । ଏହି ଯୁଗର ପ୍ରଥିତଯଶା ସାଧକ ହେଉଛନ୍ତି ଭକ୍ତକବି ମଧୁସୂଦନ ରାଓ । କବି ମଧୁସୂଦନ ରାଓ ଜନ୍ମଗ୍ରହଣ କରିଥିଲେ ୧୮୫୩ ଖ୍ରୀଷ୍ଟାବ୍ଦ ଜାନୁୟାରୀ ୨୯ ତାରିଖ ପବିତ୍ର ବସନ୍ତ ପଞ୍ଚମୀ ତିଥିରେ । ତାଙ୍କ ପିତା ଭାଗିରଥୀ ରାଓ ଓ ମାତା ହେଉଛନ୍ତି ଅମ୍ବିକା ବାଈ । ତାଙ୍କ ପିତା ଥିଲେ ମରହଟ୍ଟା ବଂଶଜ । ମାତ୍ର ଅନେକ ଦିନରୁ ତାଙ୍କ ପୂର୍ବପୁରୁଷମାନେ ପୁରୀ ଜିଲ୍ଲାର ପଥୁରିଆ ସାହିରେ ଅବସ୍ଥାନ କରୁଥିଲେ । ଭାଗିରଥୀ ରାଓ ପୋଲିସ୍ ବିଭାଗରେ ଚାକିରୀ କରୁଥିଲେ । ବିଭିନ୍ନ ସମୟରେ ତାଙ୍କର ବଦଳି ହେବାଯୋଗୁଁ ତାଙ୍କ ପରିବାର ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିଲେ । ମଧୁସୂଦନ ପାଞ୍ଚବର୍ଷ ବୟସରେ ତାଙ୍କ ମାତାଙ୍କୁ ହରାଇଥିଲେ । ତେଣୁ ତାଙ୍କ ପିତା ଉଭୟ ପିତା ଓ ମାତାଙ୍କ ସ୍ନେହ ପ୍ରଦାନ କରି ତାଙ୍କ ଦୁଇ ପୁତ୍ର ମଧୁସୂଦନ ଓ ଜଗନ୍ନାଥଙ୍କୁ ଲାଳନପାଳନ କରିଥିଲେ । ପିତା ଭାଗିରଥୀ ଗୋପ ଥାନାରେ ଚାକିରୀ କରୁଥିବା ବେଳେ ମଧୁସୂଦନଙ୍କ ବୟସ ହୋଇଥିଲା ସାତ ବର୍ଷ । ସେହି ବୟସରେ ତାଙ୍କ ବିଦ୍ୟାଶିକ୍ଷା ଆରମ୍ଭ ହୋଇଥିଲା । ତତ୍ପରେ ତାଙ୍କ ପିତାଙ୍କ ବଦଳି ହୋଇଥିଲା ଭୁବନେଶ୍ୱରକୁ ।

ମଧୁସୂଦନ ପ୍ରଥମେ ଭୁବନେଶ୍ୱରର ମିଡିଲ୍ ଭର୍ଣ୍ଣାକୁଲାର୍ ସ୍କୁଲ୍‌ରେଅଧ୍ୟୟନ କରିବା ପରେ ନଅ ବର୍ଷ ବୟସରେ ପୁରୀ ଜିଲ୍ଲା ସ୍କୁଲ୍‌ରେଅଧ୍ୟୟନ କରିଥିଲେ । ସେତେବେଳେ ପୁରୀ ଜିଲ୍ଲା ସ୍କୁଲ୍‌ର ଦ୍ୱିତୀୟ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ କବି କବିବର ରାଧାନାଥ ରାୟ । ମଧୁସୂଦନ ଆପଣାର ନମ୍ରତା ଓ ଦକ୍ଷତା ଯୋଗୁଁ ଶିକ୍ଷକ ରାଧାନାଥଙ୍କ ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କଠାରୁ ଅନୁପ୍ରେରିତ ହୋଇ ସେ ସାହିତ୍ୟ

ସାଧନାରେ ବ୍ରତୀ ହୋଇଥିଲେ । ପୁରୀ ଜିଲ୍ଲା ସ୍କୁଲରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ମଧୁସୂଦନ ୧୮୬୯ ଖ୍ରୀଷ୍ଟାବ୍ଦରେ କଟକରେ ଏଫ୍.ଏ. ଶ୍ରେଣୀରେଅଧ୍ୟୟନ କରିଥିଲେ । ଏହା ଥିଲା ତାଙ୍କ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ସମୟ । ସେଠାରେ ତାଙ୍କର ସାକ୍ଷାତ ହୋଇଥିଲା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ସହିତ । ଉଭୟ ବନ୍ଧୁ ୧୮୭୦ ମସିହାରେ ବ୍ରାହ୍ମଧର୍ମରେ ଦୀକ୍ଷିତ ହୋଇଥିଲେ । ୧୮୭୧ ମସିହାରେ କବି ମଧୁସୂଦନ ଏଫ୍.ଏ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଯାଜପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ଯୋଗ ଦେଇ ଶିକ୍ଷକ ଜୀବନ ଆରମ୍ଭ କରିଥିଲେ । ତତ୍ପରେ ସେ ବାଲେଶ୍ୱର ଜିଲ୍ଲାସ୍କୁଲ୍ ର ଦ୍ୱିତୀୟ ଶିକ୍ଷକ ରୂପେ ଯୋଗ ଦେଇଥିଲେ । ସେଠାରେ ତାଙ୍କର ସାକ୍ଷାତ୍ ହୋଇଥିଲା ଫକୀରମୋହନଙ୍କ ସହିତ । ଉଭୟେ ଉଭୟଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ପରମ ବନ୍ଧୁରେ ପରିଣତ ହୋଇଥିଲେ ।

ମଧୁସୂଦନ ୧୮୮୦ ଖ୍ରୀଷ୍ଟାବ୍ଦରେ ନିଯୁକ୍ତ ହୋଇଥିଲେ କଟକ ଜିଲ୍ଲାର ଡେପୁଟି ଇନିସ୍‌ପେକ୍ଟର୍ ଭାବରେ । ତତ୍ପରେ ୧୯୯୧ରେ ରେଭେନ୍ସା କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ, ୧୮୯୩ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱର ଜିଲ୍ଲାର ଡେପୁଟି ଇନିସ୍‌ପେକ୍ଟର ଓ କଟକ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ତଥା ଓଡ଼ିଶା ଶିକ୍ଷା ବିଭାଗର ଇନିସ୍‌ପେକ୍ଟର୍ ଭାବରେ ସ୍ୱକୀୟ କର୍ମମୟ ଜୀବନ ନିର୍ବାହ ପୂର୍ବକ ୧୯୦୯ ଖ୍ରୀଷ୍ଟାବ୍ଦରେ ଅବସର ଗ୍ରହଣ କରିଥିଲେ । ୧୯୧୨ ମସିହାରେ ସେହି ମହାନ୍ ତପସ୍ୱୀ ସାଧକ ଓଡ଼ିଆ ସାହିତ୍ୟର କର୍ଣ୍ଣଧାର ମଧୁସୂଦନଙ୍କ ମହାପ୍ରୟାଣ ଘଟିଥିଲା ।

ଭକ୍ତକବି ମଧୁସୂଦନ ପ୍ରକୃତରେ ଥିଲେ ସାଧକ ଶିଳ୍ପୀ । ବ୍ରାହ୍ମ ଧର୍ମରେ ଦୀକ୍ଷିତ ହୋଇ ସେ ତପସ୍ୱୀଙ୍କ ଭଳି ଜୀବନ ନିର୍ବାହ କରୁଥିଲେ । ସର୍ବଦା ବିଭୁ ପଦାରବିନ୍ଦରେ ପ୍ରାଣ ଉତ୍ସର୍ଗ କରିଦେବା ଥିଲା ତାଙ୍କ ଜୀବନର ମହାନ୍ ବ୍ରତ । ସେହି ଆଦର୍ଶ ଓ ଚିନ୍ତାଧାରାକୁ ସେ ପରିବେଷଣ କରିଛନ୍ତି ଆପଣାର ସାହିତ୍ୟକୃତିରେ । ତାଙ୍କ ଅମୃତଲେଖନୀ ନିଃସୃତ କୃତିନିଚୟ ହେଉଛି - ଶିଶୁଗୀତ, ଛାନ୍ଦମାଳା, ବାଳରାମାୟଣ, କବିତାବଳୀ, ବିବିଧ କବିତା, କୁସୁମାଞ୍ଜଳି, ବସନ୍ତଗାଥା, ଉତ୍କଳଗାଥା, ବାମଣ୍ଡା ରାଜପ୍ରଶସ୍ତି, ଜୟମଙ୍ଗଳାଷ୍ଟକ, ବ୍ୟଙ୍ଗ କବିତା, ଅସମ୍ପୂର୍ଣ୍ଣ କବିତା, ସଙ୍ଗୀତମାଳା, ଉତ୍ତର ରାମ ଚରିତ, ପ୍ରଣୟର ଅଦ୍ଭୁତ ପରିଣାମ, ହେମମାଳା, ସାହିତ୍ୟ କୁସୁମ, ସାହିତ୍ୟ ପ୍ରସଙ୍ଗ, ଶିଶୁବୋଧ, ବର୍ଣ୍ଣବୋଧ ଓ ବୀଜ ବୋଧ ଇତ୍ୟାଦି । କାବ୍ୟ, କବିତା, ଗଳ୍ପ, ପ୍ରବନ୍ଧ, ଅନୁବାଦ ପ୍ରତିଟି କ୍ଷେତ୍ରରେ ତାଙ୍କର ପ୍ରତିଭା ଋଦ୍ଧିମନ୍ତ । ବିଶେଷତଃ ଯେତେବେଳେ ଓଡ଼ିଆ ଭାଷାରେ ଗଦ୍ୟ ରଚନାର ଆବଶ୍ୟକତା ରହିଥିଲା, ସେହି ସମୟରେ ସେ ଗଳ୍ପ, ପ୍ରବନ୍ଧ ଇତ୍ୟାଦି ରଚନା ପୂର୍ବକ ଏହାକୁ ବଳୀବର୍ଦ୍ଧ କରିଥିଲେ ।

ଭକ୍ତକବି ମଧୁସୂଦନ ରାଓ ଆଧାତ୍ମିକ ଭାବନାସମ୍ପନ୍ନ କବି ଥିଲେ । ବୈଦିକ ଓ ଉପନିଷଦୀୟ ଚିନ୍ତାଧାରାରେ ସେ ଆପ୍ଲୁତ ହୋଇଥିଲେ । ପୁନଶ୍ଚ ବ୍ରାହ୍ମ ଧର୍ମର ଚିନ୍ତାଧାରା ତାଙ୍କ ସାହିତ୍ୟ ଚେତନାକୁ ପ୍ରଭାବିତ କରିଥିଲା ଗଭୀର ଭାବରେ । ତେଣୁ ତାଙ୍କ ସାହିତ୍ୟରେ ପରଂବ୍ରହ୍ମଙ୍କ ପାଦ-ପଦ୍ମ ତଳେ ଆପଣାକୁ ସମର୍ପି ଦେବାର ମହନୀୟ ଭାବନା ପ୍ରତଫଳିତ ହୋଇଅଛି । ସେ ପରମପ୍ରଭୁଙ୍କ ଭକ୍ତିରେ ଆପଣାକୁ ଲୀନ କରିଦେଇ ସେହି ପରମପଦ ଲାଭ କରିବା ପାଇଁ ସର୍ବଦା ବ୍ୟାକୁଳ ହୋଇଉଠିଛନ୍ତି । ଏହା ତାଙ୍କ ପ୍ରତିଟି ସାହିତ୍ୟର ମୁଖ୍ୟ ଆଭିମୁଖ୍ୟ ।

ଭକ୍ତକବି ମଧୁସୂଦନ କେବଳ ଆପେ ଈଶ୍ୱରଙ୍କ ପାଦ ତଳେ ଅସୀମ ଭକ୍ତି ଭାବ ପୋଷଣ କରିନାହାନ୍ତି ବରଂ ସଂସାରର ପ୍ରତିଟି ମଣିଷ ସେହି ଅଚିନ୍ତ୍ୟ ପରମେଶ୍ୱରଙ୍କ ପାଦ - ପଦ୍ମକୁ ସର୍ବଦା ଧ୍ୟାନ କରିବା ପାଇଁ ଉପଦେଶ ପ୍ରଦାନ କରିଛନ୍ତି । ଭୋଗ ଅପେକ୍ଷା ତ୍ୟାଗକୁ ପରମ ଓ ମହନୀୟ ବ୍ରତ ଭାବେ ପାଳନ କରିବା ପାଇଁ

ପ୍ରତ୍ୟେକ ମଣିଷଙ୍କୁ ଚରମ ବାର୍ତ୍ତା ପ୍ରଦାନ କରିଛନ୍ତି । ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକ ମଣିଷଙ୍କ ପାଇଁ ସ୍ୱତନ୍ତ୍ର ପ୍ରକାର କବିତା ରଚନା ପୂର୍ବକ ଏହି ସଂସାରର ପାପ-ତାପରୁ ମୁକ୍ତି ପାଇବା ପାଇଁ ପ୍ରୟାସ କରିବା ନିମିତ୍ତ ଦେଇଛନ୍ତି ମହନୀୟ ଉପଦେଶ ।

ନୈତିକତା ଓ ଆଦର୍ଶପୂର୍ଣ୍ଣ ଜୀବନଯାପନ କରିବା ମଣିଷର ସର୍ବଶ୍ରେଷ୍ଠ ଲକ୍ଷ୍ୟ ହେବା ଉଚିତ୍ ବୋଲି ସେ ତଦୀୟ ବିଭିନ୍ନ ସାହିତ୍ୟ ମଧ୍ୟରେ ଆପଣାର ଭାବନା ପ୍ରଦର୍ଶନ କରିଛନ୍ତି । ଭାରତର ଋଷି, ମୁନିମାନେ ଯେଉଁ ଆଦର୍ଶ ସୃଷ୍ଟି କରିଯାଇଥିଲେ ତାକୁ ଅନୁଧ୍ୟାନ ପୂର୍ବକ ତଦନୁଯାୟୀ ଜୀବନଯାପନ କରିବା ସକାଶେ ସେ ତାଙ୍କ ସାହିତ୍ୟର ପ୍ରତିଟି ଛତ୍ରଛତ୍ରେ ପ୍ରକାଶ କରିଛନ୍ତି । ନୈତିକତାପୂର୍ଣ୍ଣ ଜୀବନ, ସତ୍ୟର ଆଚରଣ ଯୋଗୁଁ ସର୍ବଶ୍ରେଷ୍ଠ ମଣିଷ ସମାଜ ସୃଷ୍ଟି ହୋଇପାରିବ ବୋଲି ତାଙ୍କର ଅଗାଧ ବିଶ୍ୱାସ । ତାର ଜାଜ୍ୱଲ୍ୟମାନ ପ୍ରମାଣ ହେଉଛି ତାଙ୍କର ସାହିତ୍ୟକୃତି । ଏତଦ୍ ବ୍ୟତୀତ ମାନବୀୟ ଚିନ୍ତାଧାରା, ଦେଶାତ୍ମବୋଧକତା, ସମାଜ ସଂସ୍କାର ମନୋଭାବ ଇତ୍ୟାଦି ତାଙ୍କ ସାହିତ୍ୟ ମଧ୍ୟରେ ନିହିତ ବିଭିନ୍ନ ଆଦର୍ଶ । ଉକ୍ତ ଚିନ୍ତାଧାରାଗୁଡ଼ିକ ଯୋଗୁଁ ସେ ଓଡ଼ିଆ ସାହିତ୍ୟର ଋଷିପ୍ରତିମ କବି ଭାବରେ ଖ୍ୟାତି ଲାଭ କରିଛନ୍ତି । "ସାହିତ୍ୟରେ ଏହି ମାର୍ଜିତ ରୁଚି ଓ ଦାର୍ଶନିକ ଭାବଧାରାର ପ୍ରବର୍ତ୍ତନ ପକ୍ଷରେ ମଧୁସୂଦନଙ୍କ ଗଭୀର ଧର୍ମବିଶ୍ୱାସ ଓ ବ୍ୟକ୍ତିଗତ ଜୀବନର ପ୍ରାଚୀନ ଭାରତୀୟ ଋଷିଜନୋଚିତ ସାରଲ୍ୟ ଏକାନ୍ତ ଭାବରେ ଦାୟୀ । ଆଧୁନିକ ଓଡ଼ିଆ ସାହିତ୍ୟରେ ମଧୁସୂଦନଙ୍କ ଗୌରବ ଜଣେ ଋଷି-କବି ଭାବରେ, ଅମୃତ ଆଲୋକର ଦ୍ରଷ୍ଟା ଓ ଜୀବନର ଆନନ୍ଦମୟ ମୁହୂର୍ତ୍ତର ସନ୍ଧାନୀ କବି ଭାବରେ ସ୍ୱୀକୃତ ହୋଇଅଛି ।" (ଓ ଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ-ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ-ପୃ.୧୭୨)

ଭକ୍ତକବି ମଧୁସୂଦନ ପ୍ରକୃତରେ ଥିଲେ ବ୍ରହ୍ମଜ୍ଞ । ପରମେଶ୍ୱରଙ୍କ ପଦାରବିନ୍ଦରେ ସେ ଉତ୍ସର୍ଗ କରି ଦେଇଥିଲେ ଆପଣାର ଜୀବନକୁ । ତେଣୁ ସେ ଆପଣାର ସାହିତ୍ୟଶିଳ୍ପରେ ପ୍ରଦାନ କରିପାରିଛନ୍ତି ମହନୀୟ ଭାବନାଗୁଡ଼ିକୁ । ତାହା ଓଡ଼ିଆ ସାହିତ୍ୟକୁ କରିଛି ଋଦ୍ଧିମନ୍ତ ଓ ଉର୍ଜସ୍ୱଳ । ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା ପୂର୍ବକ ଆଧୁନିକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଯାଇଛନ୍ତି । ସେହି ଦୃଷ୍ଟିକୋଣରୁ ଓଡ଼ିଆ ସାହିତ୍ୟର ଦୀର୍ଘ ବିକାଶରେ ତାଙ୍କ ଅବଦାନ ଏକାନ୍ତ ଭାବରେ ଉଲ୍ଲେଖନୀୟ ଓ ପ୍ରଣିଧାନଯୋଗ୍ୟ ।

## ୩.୫ ଆକାଶ ପ୍ରତି କବିତାର ପାଠ୍ୟାଂଶ

<u>ଆକାଶ ପ୍ରତି</u>

ଅନନ୍ତ ଅପାର ତୁହି ରେ ମହାଆକାଶ
ପୃଥିବୀର କୀଟ ମୁହିଁ କ୍ଷୁଦ୍ର ବୁଦ୍ଧି ନର ।
କି ମହାନ କି ଗମ୍ଭୀର ତୋହର ଆକାର
ଭାବିଲେ ସ୍ତବ୍ଧ ଚିତ୍ତ ହୁଅଇ ମୋହର ।
ନଥିଲା ସେ ଯେତେବେଳେ ବିଚିତ୍ର ଭୁବନ

ନ ଥିଲା ଏ ସୂର୍ଯ୍ୟଚନ୍ଦ୍ର ଗ୍ରହ ତାରାବଳୀ ।
ନ ଥିଲା ଧରଣୀ ଏହି ଭୂତ ନିକେତନ
ଅନନ୍ତ ଅନ୍ଧାରେ ପୂର୍ଣ୍ଣ ଥିଲା ସର୍ବସ୍ଥଳୀ ।
ଅନନ୍ତ ନିବିଡ଼ ଘୋର ଅନ୍ଧକାରମୟ
ଥିଲା ବିଶ୍ୱ ରୂପ-ରେଖ ଶୂନ୍ୟ ନିରାକାର ।
ନିସ୍ତରଙ୍ଗ ଥିଲା ଯେବେ ଅନନ୍ତ ସମୟ
ଘଟନାବିହୀନ ଘୋର କାଳ ପାରାବାର ।
ନଥିଲା ଯେ କାଳେ ସୃଷ୍ଟ ଲୀଳା ଜଗତର
କେବଳ ଜାଗ୍ରତ ଥିଲେ ଅନାଦି କାରଣ ।
ଦେଶ କାଳାତୀତ ବାକ୍ୟ-ମନ-ଅଗୋଚର
ଅନନ୍ତ ଚୈତନ୍ୟମୟ ବ୍ରହ୍ମ ସନାତନ ।
ସେ କାଳରେ ଅବଲମ୍ବି ଅନାଦି କାରଣେ
ଅନାଦି ଆକାଶ ତୁହି ମହା ମହିମାର ।
(ସେ ମହିମା, ସ୍ତବ୍ଧ ଚତ୍ତ ଯାହାର ଚିନ୍ତନେ)
ବିରାଜିତ ଥିଲୁ ବେଢ଼ି ଅନନ୍ତ ଅନ୍ଧାରେ ।
ସହସା ପ୍ରଥମ ଊର୍ମି ମହାକାଳ ନୀରେ
ଖେଳିଲା ଅନନ୍ତ ମହା-ମହେଶ ଆଦେଶେ ।
ସହସା ପ୍ରକାଶେ ଜ୍ୟୋତି-ଧାରା ତୋ ଶରୀରେ
ଶୁଭ୍ର ମନ୍ଦାକିନୀ ଯଥା ବ୍ୟୋମକଶେ କେଶେ ।
ଆଦି ସୃଷ୍ଟି କାଳୁ ଅବଗାହି ଜ୍ୟୋତି ଜଳେ
କି ସୁନ୍ଦର କି ଉଦାର ଦେହଶ୍ରୀ ତୋହର ।
କହ ବ୍ୟୋମ, କିଏ ଅଛି ଏ ବିଶ୍ୱ ମଣ୍ଡଳେ
ତୋ ରୂପେ ନୁହଇ ମୁଗ୍ଧ ଯାହାର ଅନ୍ତର ।
ସକଳ ସୌନ୍ଦର୍ଯ୍ୟ-ଲୀଳା ତୋହର ଉତ୍ସଙ୍ଗେ
ନିତ୍ୟ ଲୀଳା ଭୂମି ତୁହି କବିତା ଦେବୀର ।
ନାଚଇ ଅଗଣ୍ୟ ବିଶ୍ୱ ନିତ୍ୟ ଲୀଳା-ରଙ୍ଗେ

ତୋ ମହା ସୁନୀଳ କକ୍ଷେ ଶାସନ ବିଧିର ।
କେତେ ବେଶ ଧରି ବ୍ୟୋମ ହେଉ ପ୍ରକାଶିତ
କେତେବେଳେ ଦିଗମ୍ବର ତୁହି ନୀଳାମ୍ବର ।
ନକ୍ଷତ୍ର ଶଶାଙ୍କେ କେବେ ତୋ ଦେହ ଭୂଷିତ
କେବେ ମେଘ-ଆଡ଼ମ୍ବରେ ଦିଶୁ ଭୟଙ୍କର ।
ସୁହାସିନୀ ଉଷାଦେବୀ ଆଲୋକ ନନ୍ଦିନୀ
ବନ୍ଦେ ଭକ୍ତିଭରେ ଯେବେ ତୋର ପଦତଳେ ।
ସହସା ହସଇ ଜାଗି ଉଲ୍ଲାସେ ମେଦିନୀ
ଲାବଣ୍ୟ-ଲହରୀ ଉଚ୍ଛୁଳଇ ଜଳେ ସ୍ଥଳେ ।
ସହସା କଟାକ୍ଷେ ତୋର ତୋର ରବି ଜ୍ୟୋତିର୍ମୟ
ରଞ୍ଜାଇ ଧରଣୀ ମୁଖ କନକ କିରଣେ ।
ସହସା ଫୁଟଇ ଫୁଲ ବହଇ ମଳୟ
ବିହଗ ସଙ୍ଗୀତ ଗାଏ ସୁମଧୁର ସ୍ୱନେ ।
ରଞ୍ଜିତ ଜଳଦ-ମଞ୍ଚୁ ଯେବେ ଅବତରି
ବୁଡ଼ଇ ପଶ୍ଚିମେ ଭାନୁ କୋଳରେ ତୋହର ।
ଧୀରେ ଧୀରେ ଅନ୍ଧକାର ଚୌଦିଗ ଆବରି
ମୁଣ୍ଡଇ ନକ୍ଷତ୍ରମାଳେ ତୋର କଳେବର ।
କି ଗମ୍ଭୀର କି ପ୍ରଶାନ୍ତ ଭାବ ଶର୍ବରୀରେ
ଜାଗଇ ଭାବୁକ ମନେ ତୋର ଦରଶନେ ।
କି ମହା ନୀରବ ବେଦ ପ୍ରଚାରୁ ଗମ୍ଭିରେ
ଶୁଣଇ ନୀରବ-ବିଶ୍ୱ ଭୟ ସ୍ତବ୍ଧ ମନେ ।
କୌମୁଦୀ-ଚର୍ଚ୍ଚିତ ତୋର ନୀଳ କଳେବର
ପ୍ରଶାନ୍ତ ପବିତ୍ର ମୂର୍ତ୍ତି ଭୁବନ ମୋହନ
ନିମିଷେ କରଇ ଆହା କୁତ୍ସିତେ ସୁନ୍ଦର
ଦର୍ଶନେ ପବିତ୍ର କରେ କଳୁଷିତ ମନ ।
ଗଭୀର ନିଶୀଥ କାଳେ ନିଦ୍ରିତା ଧରଣୀ

ସ୍ୱପନେ ତୋ ମହାମୂର୍ତ୍ତି କରେ ଦରଶନ
ହସଇ ନୀରବେ ତେଣୁ ମହାନନ୍ଦେ ଧନୀ
ସୁପ୍ତ ଶିଶୁ ଦେଖି ଯେହ୍ନେ ସ୍ୱର୍ଗୀୟ ସ୍ୱପନ ।
ଧନ୍ୟ ଧନ୍ୟ ରେ ଆକାଶ ଧନ୍ୟ ତୋ ମହିମା
ମହାଭାବ ଉପୁଜଇ ତୋର ଦରଶନେ ।
ଉଦାର ପ୍ରଶାନ୍ତ ତୋର ଅନନ୍ତ ନୀଳିମା
ସଂସାରର କ୍ଷୁଦ୍ରଭାବ ବିନାଶଇ କ୍ଷଣେ ।
ମୁହୂର୍ତ୍ତକେ ଘେନୁ ମୋତେ ରେ ମହା ଗଗନ
ପରମାତ୍ମା ପ୍ରାଣ ସଖା ମହେଶ ଶ୍ରୀପଦେ ।
ମହା ପ୍ରେମାବେଶେ ଅଶ୍ରୁ ବର୍ଷେ ମୋ ନୟନ
ଲଭଇ ମୁଁ ସ୍ୱରଗର ଆନନ୍ଦ ସମ୍ପଦେ ।

## ୩.୫.୧ କବିତାର ମର୍ମାର୍ଥ

ଭକ୍ତକବି ମଧୁସୂଦନ ରାଓଙ୍କ ଆକାଶ ପ୍ରତି କବିତା ଏକ ଆଧ୍ୟାତ୍ମିକ ଭାବ ସମ୍ପନ୍ନ ସମ୍ବୋଧମୂଳକ ଗୀତିକବିତା । ଏହି କବିତାରେ କବି ଆକାଶକୁ ସମ୍ବୋଧନ ପୂର୍ବକ ତାର ବ୍ୟାପ୍ତି, ଉଦାରତା ଓ ମହନୀୟତାକୁ ପ୍ରଶଂସା କରିଛନ୍ତି । ବ୍ୟାପକ ଭାବରେ ବିଚାର କଲେ, ଅନନ୍ତ ଆକାଶ ମାଧ୍ୟମରେ କବି ପରଂବ୍ରହ୍ମ ପରେମେଶ୍ୱରଙ୍କ ମହାନ୍ ସତ୍ତାକୁ ଅନୁଭବ କରିଛନ୍ତି । କବି କହିଛନ୍ତି, ସେହି ମହାଆକାଶ ହେଉଛି ଅନନ୍ତ, ତାକୁ ପରିକଳ୍ପନା କରିବାର ଶକ୍ତି ସଂସାରରେ କାହାରି ନାହିଁ । ପୃଥିବୀର କ୍ଷୁଦ୍ରାଦପିକ୍ଷୁଦ୍ର କବି ଯିଏ କି କୀଟ ସହିତ ସମାନ, ସେ ଅବା ତାକୁ କିପରି କଳନା  କରିପାରିବେ ? ସେହି ଆକାଶର ଗମ୍ଭୀରତା, ତା'ର ବ୍ୟାପକତାକୁ କବି ଯେତେବେଳେ ଚିନ୍ତା କରିଛନ୍ତି, ସେତେବେଳେ ତାଙ୍କ ଚେତନା ବିସ୍ମୟରେ ଅଭିଭୂତ ହୋଇପଡ଼ିଛି ।

ଯେତେବେଳେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଏହି ବିଚିତ୍ର ଭୁବନ ତ ଥିଲା, ସୃଷ୍ଟି ହୋଇ ନଥିଲେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ତାରକା ସମୂହ, ଏହି ଧରଣୀର ଆଦ୍ୟ ଭିତ୍ତିଭୂମି ବି ନଥିଲା, ସେତେବେଳେ ନିରନ୍ଧ୍ର ଅନ୍ଧକାର ମଧ୍ୟରେ ପରିପୂର୍ଣ୍ଣ ହୋଇଥିଲା ସାରା ଜଗତ । ସେହି ରହସ୍ୟମୟ ବିଶ୍ୱ ମଧ୍ୟରେ ରହିଥିଲା ଘନ ଘୋର ଅନ୍ଧକାର । ଚର୍ତୁର୍ଦ୍ଦିଗରେ ଖାଲି ଅନ୍ଧକାର ଓ ଅନ୍ଧକାର । ଅନନ୍ତ କାଳ ମଧ୍ୟ ଥିଲା ସ୍ଥିର ଓ ଅବିଚଳ । କାଳ ରୂପକ ସମୁଦ୍ର ଘଟଣାଶୂନ୍ୟ ହୋଇ ରହିଥିଲା । ବ୍ରହ୍ମାଣ୍ଡର କୌଣସି ଲୀଳା ଯେତେବେଳେ ସମ୍ପାଦିତ ହେଉ ନଥିଲା ସେତେବେଳେ କେବଳ ସେହି ପରଂବ୍ରହ୍ମ, ପରମେଶ୍ୱର ଜାଗ୍ରତ ହୋଇ ରହିଥିଲେ । ସେହି ଅନାଦି କାରଣ ସମୟଠାରୁ ଉର୍ଦ୍ଧ୍ୱରେ । ବାକ୍ୟ, ମନ ଓ ଚୈତନ୍ୟଠାରୁ ଉର୍ଦ୍ଧ୍ୱରେ । ସେ ହେଉଛନ୍ତି ପ୍ରକୃତରେ ଚୈତନ୍ୟମୟ ସନାତନ ବ୍ରହ୍ମ । ସେହି ରହସ୍ୟମୟ ସମୟରେ ଅନାଦି ବ୍ରହ୍ମଙ୍କ ଆଦେଶକୁ ପାଳନ ପୂର୍ବକ ଆକାଶ ତାଙ୍କୁ ପରିବେଷ୍ଟିତ କରି ରଖିଥିଲା ।

ପରମେଶ୍ୱରଙ୍କ ରହସ୍ୟମୟ ଆଦେଶ ଅନୁଯାୟୀ କାଳର ସମୁଦ୍ରରେ ଅତର୍କିତ ଭାବେ ସୃଷ୍ଟି ହୋଇଥିଲା ପ୍ରଥମ ତରଙ୍ଗ । ସେତେବେଳେ ଆକାଶର ଅନନ୍ତ ଶରୀରରେ ଖେଳି ଯାଇଥିଲା ଦିବ୍ୟ ଆଲୋକର ଧାରା । ତାହା ପ୍ରତୀତ ହେଉଥିଲା, ସତେ ଯେପରି ପ୍ରଭୁ ମହାଦେବଙ୍କ ଜଟାରେ ଧବଳ ବର୍ଣ୍ଣ ବିଶିଷ୍ଟ ଗଙ୍ଗା ନଦୀର ଧାରା ସ୍ରାବିତ ହେଉଛି । ସେହି ଆଦି ସର୍ଜନା କାଳରୁ ଆକାଶ ସ୍ୱର୍ଗୀୟ ଆଲୋକରେ ସ୍ନାନ କରିଥିବା ଯୋଗୁଁ ତାର ରୂପ ରମଣୀୟ ଓ ଉଦାର ଜଣା ପଡୁଅଛି । କବି ଆକାଶକୁ ପ୍ରଶ୍ନ କରିଛନ୍ତି ଯେ, ଏହି ସଂସାରରେ କିଏ ଏଭଳି ମଣିଷ ଅଛି, ଯିଏ କି ଆକାଶର ସୁନ୍ଦର ଓ ପ୍ରଶାନ୍ତ ଶରୀରକୁ ଦେଖି ସମ୍ମୋହିତ ହୋଇନାହିଁ । ଆକାଶର ଶରୀରର ପ୍ରତିଟି ରନ୍ଧ୍ରରେ ଅପୂର୍ବ ସୌନ୍ଦର୍ଯ୍ୟ ଖଚିତ ହୋଇ ରହିଛି । ଆକାଶ ହେଉଛି କବିତା ରୂପକ ଦେବୀଙ୍କ ଚିରନ୍ତନ ଲୀଳାଭୂମି । ସେହି ଅନନ୍ତ ଆକାଶ ବକ୍ଷରେ ସମଗ୍ର ବିଶ୍ୱ ଅତି ଆନନ୍ଦରେ ଲୀଳା କରିଥାଏ ।

ଆକାଶ କେତେ ବିଚିତ୍ର ଓ ରମଣୀୟ ରୂପ ଧାରଣ ପୂର୍ବକ ସଂସାରରେ ପ୍ରକଟିତ ହୋଇଥାଏ । କେତେବେଳେ ନୀଳରଙ୍ଗ ଧାରଣ ପୂର୍ବକ ଦିଗମ୍ବର ହୋଇ ପ୍ରକାଶିତ ହୋଇଥାଏ । ପୁଣି କେତେକ ସମୟରେ ଚନ୍ଦ୍ର ସୂର୍ଯ୍ୟ ରୂପକ ବିଭିନ୍ନ ଅଳଙ୍କାର ଧାରଣ କରି ଧରିଥାଏ ଭୁବନମୋହନ ରୂପ । ପୁଣି କେତେକ ସମୟରେ ଭୟଙ୍କର ମେଘମାନଙ୍କୁ ବକ୍ଷରେ ଧାରଣ କରି ରୌଦ୍ର ରୂପରେ ଆବିର୍ଭୂତ ହୋଇଥାଏ ଆକାଶ । ଯେତେବେଳେ ମୁଖରେ ସ୍ମିତ ହାସ୍ୟ ଖେଳାଇ ଆଲୋକର ଦୁହିତା ଉଷାଦେବୀ ତାର ପାଦ ତଳେ ଭକ୍ତି ସହକାରେ ପ୍ରଣାମ ଜଣାନ୍ତି ସେତେବେଳେ ସମଗ୍ର ବିଶ୍ୱରେ ଖେଳିଯାଏ ଆନନ୍ଦର ଲହରୀ । ଜଣାପଡ଼େ ଯେ, ସାରା ପୃଥିବୀରେ ସତେ ଯେପରି ସୌନ୍ଦର୍ଯ୍ୟର ତରଙ୍ଗ ସୃଷ୍ଟି ହୋଇଛି । ପୁଣି ଅତର୍କିତ ଭାବେ ଆକାଶର ଶରୀରରେ ଆଲୋକମୟ ହୋଇଯାନ୍ତି ସୂର୍ଯ୍ୟ । ପୃଥିବୀର ଶରୀରକୁ ସୁବର୍ଣ୍ଣ କିରଣରେ କରିଦିଅନ୍ତି ଆଲୋକିତ । ପୁଣି ସହସା ଉପବନରେ ପୁଷ୍ପଗୁଡ଼ିକ ପ୍ରସ୍ଫୁଟିତ ହୋଇଉଠନ୍ତି, ସଞ୍ଚାରିତ ହୋଇଯାଏ ମଳୟ, ପକ୍ଷୀମାନେ ଗାଇଉଠନ୍ତି ମଧୁର ସଙ୍ଗୀତ । ମେଘ ରୂପକ ମଞ୍ଚରେ ଆବିର୍ଭୂତ ହୋଇ ଯେତେବେଳେ ସୂର୍ଯ୍ୟଦେବ ପଶ୍ଚିମ ଦିଗନ୍ତରେ ଅସ୍ତ ହୋଇଯାନ୍ତି, ସେତେବେଳେ ଚତୁର୍ଦ୍ଦିଗରେ ଛାଇଯାଏ ଗହଳ ଅନ୍ଧକାର, ତୋର ଶରୀର ତାରକା ରୂପକ ଅଳଙ୍କାରରେ ସୁଶୋଭିତ ହୋଇ ଅତ୍ୟନ୍ତ ସୁନ୍ଦର ଦେଖାଯାଇଥାଏ । ଯେତେବେଳେ ଭାବୁକମାନେ ରାତ୍ରର ସେହି ନିରନ୍ଧ୍ର ଅନ୍ଧକାର ମଧ୍ୟରେ ତୋର ରୂପକୁ ସନ୍ଦର୍ଶନ କରନ୍ତି, ସେତେବେଳେ ମନେହୁଏ ଯେ ଆକାଶ ଅତି ଗମ୍ଭୀର ଭାବରେ ନୀରବରେ ଉଚ୍ଚାରିତ କରୁଥାଏ ଶ୍ଳୋକାବିଦ୍ଧ ବେଦମନ୍ତ୍ର । ଆକାଶର କଳେବର ଚନ୍ଦ୍ରର ରୂପେଲି ଜ୍ୟୋସ୍ନାରେ ଆଚ୍ଛାଦିତ ହେଲାବେଳେ ତାର ରମଣୀୟ ଶାନ୍ତ ମୂର୍ତ୍ତି ସମଗ୍ର ଜଗତକୁ ଆମୋଦିତ କରିଥାଏ । ତାର ଦର୍ଶନରେ କଦର୍ଯ୍ୟ ମଧ୍ୟ ସୁନ୍ଦର ହୋଇଯାଏ, ପାପଗ୍ରସ୍ତ ମନ ମଧ୍ୟ ଶୁଦ୍ଧ, ପୂତ ହୋଇଯାଏ । ରାତ୍ରି ଯେତେବେଳେ ଗଭୀର ହୋଇଯାଏ, ନିଦ୍ରାରେ ଗ୍ରସ୍ତା ଧରିତ୍ରୀ ସ୍ୱପ୍ନରେ ଦର୍ଶନ କରେ ଆକାଶର ବିରାଟ ରୂପ । ଶିଶୁ ଯେପରି ସ୍ୱର୍ଗୀୟ ସ୍ୱପ୍ନ ଦର୍ଶନ ପୂର୍ବକ ଆନନ୍ଦରେ ଅଧୀର ହୋଇଯାଏ, ସେପରି ଧରଣୀ ମହା ଆନନ୍ଦରେ ହୋଇଯାଏ ବିଭୋରା । ଆକାଶର ମହିମା ହେଉଛି ଅପାର । ତାର ସେହି ପ୍ରଶସ୍ତତା ଓ ବ୍ୟାପକତା, ତାର ଅନନ୍ତ ନୀଳିମା ସମସ୍ତ ସଂସାରିକ କ୍ଷୁଦ୍ର ଭାବକୁ ଦୂରେଇ ଦିଏ ମନ ଭିତରୁ ।

କବିତାର ଉପସଂହାରରେ କବି ମହାନ୍ ଭାବନାରେ ଉନ୍ମାଦିତ ହୋଇଉଠିଛନ୍ତି । ତାଙ୍କର ମନେ ହୋଇଛି, ସତେ ଯେପରି ଆକାଶର ତାଙ୍କୁ ସେହି ପରମାତ୍ମା, ପରମେଶ୍ୱରଙ୍କ ପାଦ ଦର୍ଶନ କରିବାର ଅପୂର୍ବ ସୁଯୋଗ ପ୍ରଦାନ

କରିଛି । ମହାନ୍ ପ୍ରେମର ଆବେଗରେ ତାଙ୍କ ନୟନରୁ ଝରି ପଡ଼ିଛି ଆନନ୍ଦର ଅଶ୍ରୁ । ସ୍ୱର୍ଗୀୟ ଆନନ୍ଦରେ ବିଭୋର୍ ହୋଇଯାଇଛନ୍ତି କବି । ସତେ ଯେପରି ସେହି ଅନନ୍ତ ସତ୍ତାରେ ବିଲୀନ ହୋଇଯାଇଛି ତାଙ୍କର ହୃଦୟ ।

## ୩.୬ କବିତାର ବିଭିନ୍ନ ଦିଗ

**ଆଧ୍ୟାତ୍ମିକ ଭାବନା :**

ଭକ୍ତକବି ମଧୁସୂଦନ ରାଓ ପ୍ରକୃତରେ ହେଉଛନ୍ତି ବ୍ରହ୍ମବାଦୀ । ତାଙ୍କ କାବ୍ୟଚେତନା ଭାରତୀୟ ଆଧ୍ୟାତ୍ମିକ ଚିନ୍ତାଧାରା ଓ ଉପନିଷଦୀୟ ଭାବନାଦ୍ୱାରା ପରିପୁଷ୍ଟ ହୋଇଅଛି । ସେ ଛାତ୍ର ଜୀବନରୁ ବ୍ରାହ୍ମ ଧର୍ମରେ ଦୀକ୍ଷିତ ହୋଇ ସେହି ଦର୍ଶନରେ ଆପ୍ଲୁତ ହେବା ସଙ୍ଗେ ସଙ୍ଗେ ଭାରତୀୟ ମହାଋଷିମାନଙ୍କ ଦ୍ୱାରା ରଚିତ ହୋଇଥିବା ବିଭିନ୍ନ ଆଧ୍ୟାତ୍ମିକ ଓ ଦାର୍ଶନିକ ତତ୍ତ୍ୱ ସମ୍ପର୍କରେ ଗଭୀର ଅଧ୍ୟବସାୟ କରିଥିଲେ । ତନ୍ମଧ୍ୟରେ ନିହିତ ରହସ୍ୟବାଦୀ ଆଧ୍ୟାତ୍ମିକ ଭାବନା ପରବର୍ତ୍ତୀ କାଳରେ କବିଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି । ସେ ସମଗ୍ର ଜଗତର ପ୍ରତିଟି ବିନ୍ଦୁରେ ଅନୁଭବ କରିଛନ୍ତି ପରମେଶ୍ୱର, ପରମାତ୍ମାଙ୍କ ଅନନ୍ତ ଅକଳ୍ପନୀୟ ସତ୍ତା । ତାହା ପ୍ରକାଶିତ ହୋଇଛି ତାଙ୍କର ପ୍ରତିଟି ସାହିତ୍ୟରେ । ତାଙ୍କର ସେହି ଅଭିବ୍ୟକ୍ତି ଓଡ଼ିଆ ପାଠକମାନଙ୍କ ଚେତନାରେ ମଧ୍ୟ ଅନୁରୂପ ଭାବସ୍ପନ୍ଦନ ସୃଷ୍ଟି କରିଥାଏ । ତେବେ ଆଲୋଚ୍ୟ ଆକାଶପ୍ରତି କବିତାରେ ତାହା କିଭଳି ବିକସିତ ହୋଇଛି ତାକୁ ନିମ୍ନରେ ଆଲୋଚନା କରାଯାଉଛି ।

ଆଲୋଚ୍ୟ କବିତାରେ କବି ଆକାଶକୁ ସମ୍ବୋଧନ ପୂର୍ବକ, ତାର ଅନନ୍ତ ବ୍ୟାପକତା ଓ ମହନୀୟତାକୁ ପରିବେଷଣ କରିଛନ୍ତି । ତାଙ୍କ ଭାବନା ଅନୁଯାୟୀ, ଏହି ସମଗ୍ର ସଂସାର, ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି ହେବା ପୂର୍ବରୁ ଜଗତରେ କିଛି ନଥିଲା । ଚର୍ତୁର୍ଦ୍ଦିଗରେ ଛାଇଯାଇଥିଲା ନିରନ୍ଧ୍ର ଅନ୍ଧକାର । ସେତେବେଳେ ସମୟ ମଧ୍ୟ ଥିଲା ସ୍ଥିର ଓ ଅବିଚଳିତ । ବିଶ୍ୱ ପ ପଡ଼ିରହିଥିଲା ନିର୍ଜୀବ, ପ୍ରାଣହୀନ ଓ ଘଟଣାବିହୀନ ଭାବରେ । ମାତ୍ର ସେହି ଶୂନ୍ୟ କାଳରେ ମଧ୍ୟ ଆକାଶ ପରିବ୍ୟାପ୍ତ ହୋଇଥିଲା ସାରା ବ୍ରହ୍ମାଣ୍ଡରେ । ତାର ଅନନ୍ତ କଳେବର ମଧ୍ୟରେ କେବଳ ଜାଗ୍ରତ ହୋଇ ରହିଥିଲେ ଅନାଦି, ଅନନ୍ତ ଚୈତନ୍ୟମୟ ବ୍ରହ୍ମ ସନାତନ । ତେଣୁ ସଂସାରର ସମସ୍ତ ଉପାଦାନଠାରୁ ଆକାଶ ହେଉଛି ଅତି ପ୍ରାଚୀନ । ଗୋଟିଏ ପ୍ରକାରେ ତାହା ପରମାତ୍ମାଙ୍କ ପରିବ୍ୟାପ୍ତ ଆଧାର ।

ବିଶ୍ୱ ସୃଷ୍ଟି କାଳରେ ମଧ୍ୟ ପ୍ରାରମ୍ଭିକ ପ୍ରକାଶ ଘଟିଥିଲା ଆକାଶ ବକ୍ଷରେ । ଯେତେବେଳେ ଆଦିଦେବ ଜଗତ ସୃଷ୍ଟିର ପରିକଳ୍ପନା କଲେ ସେତେବେଳେ ଆକାଶ ଦେହରେ ହିଁ ଖେଳି ଯାଇଥିଲା ସ୍ୱର୍ଗୀୟ ଆଲୋକ । ତାହା ଦେଦୀପ୍ୟମାନ କରିଥିଲା ସାରା ବିଶ୍ୱକୁ । ସେହି ଆଲୋକରେ ଅବଗାହନ କରି ଆକାଶର ଦେହ ଅତି ରମଣୀୟ, ଅତି ପବିତ୍ର ହୋଇ ଉଠିଥିଲା । ସେହି ଅପୂର୍ବ ରୂପଶ୍ରୀକୁ ସନ୍ଦର୍ଶନ ପୂର୍ବକ ସମଗ୍ର ବିଶ୍ୱବାସୀ ବିମୁଗ୍ଧ ହୋଇ ଉଠିଥାନ୍ତି । ପରମସ୍ରଷ୍ଟା ଆକାଶରେ କଳେବରରେ ପ୍ରଦାନ କରିଛନ୍ତି ଅସରନ୍ତି ସୌନ୍ଦର୍ଯ୍ୟ । ତାହା କବିତା ଦେବୀର ନିତ୍ୟ ଲୀଳାଭୂମିରେ ପରିଣତ ହୋଇଅଛି ।

ପରମକାରୁଣିକ ପରମେଶ୍ୱରଙ୍କ ଅନିର୍ବଚନୀୟ କୃପାରୁ ଆକାଶ ନାନା ବିଚିତ୍ର ରୂପ ଧରି ସଂସାରରେ ପ୍ରକାଶିତ ହୋଇଥାଏ । କେତେବେଳେ ସୁବିସ୍ତୀର୍ଣ୍ଣ ରୂପ ଦିଗମ୍ବର ହୋଇ ରହିଥାଏ ତ କେତେବେଳେ ଅସଂଖ୍ୟ ତାରକା ଓ ଚନ୍ଦ୍ର ରୂପକ ଅଳଙ୍କାର ଦ୍ୱାରା ବିଶୋଭିତ ହୋଇ ଜନମନକୁ ହରଣ କରିଥାଏ । ପୁନଶ୍ଚ କେତେବେଳେ ଭୟଙ୍କର କଳାମେଘକୁ ବକ୍ଷରେ ଧାରଣ କରି ସଂତ୍ରସ୍ତ କରିଦିଏ ସମଗ୍ର ସଂସାରକୁ । ସେହି ଅନବଦ୍ୟ ସୌନ୍ଦର୍ଯ୍ୟକୁ ଅବଲୋକନ କରି କବି ପରିକଳ୍ପନା କରିଛନ୍ତି-

"ସୁହାସିନୀ ଉଷାଦେବୀ ଆଲୋକନନ୍ଦିନୀ
ବନ୍ଦେ ଭକ୍ତିଭରେ ଯେବେ ତୋର ପଦତଳେ ।
ସହସା ହସଇ ଜାଗି ଉଲ୍ଲାସେ ମେଦିନୀ,
ଲାବଣ୍ୟ-ଲହରୀ ଉଚ୍ଛୁଳଇ ଜଳେ ସ୍ଥଳେ ।"

କବି ଅନୁଭବ କରିଛନ୍ତି, ମହାପ୍ରଭୁଙ୍କ ବିଚିତ୍ର ଲୀଳା ସତେ ଯେପରି ଆକାଶ ବକ୍ଷରେ ସମ୍ପାଦିତ ହୋଇଥାଏ । କାରଣ ସମୟ ଅନୁଯାୟୀ ଅତର୍କିତ ଭାବେ ପରିବର୍ତ୍ତିତ ହୋଇଥାଏ ଆକାଶର । ଯେତେବେଳେ ଉଷା ଦେବୀ ଆକାଶର ଚରଣବନ୍ଦନା କରନ୍ତି, ସେତେବେଳେ ସମଗ୍ର ଧରିତ୍ରୀରେ ଖେଳିଯାଏ ଆନନ୍ଦର ଲହରୀ । ସୌନ୍ଦର୍ଯ୍ୟର ତରଙ୍ଗ ଖେଳିଯାଏ ବିଶ୍ୱର ପ୍ରତିଟି ନୈସର୍ଗିକ ବିଭବରେ । ପୁଣି ଅତର୍କିତ ଭାବରେ ସୂର୍ଯ୍ୟ ଆହୁରି ଜ୍ୟୋତିଷ୍ମାନ୍ ହୋଇ ସୁବର୍ଣ୍ଣ କିରଣରେ ଉଦ୍‌ଭାସିତ କରିଦିଏ ପୃଥିବୀକୁ । ଚତୁର୍ଦ୍ଦିଗରେ ପ୍ରସ୍ଫୁଟିତ ହୋଇଯାନ୍ତି ଅଗଣନ ପୁଷ୍ପ । ସଞ୍ଚାରିତ ହୁଏ ମଳୟ ପବନ । ବିହଙ୍ଗମମାନେ ସୁମଧୁର ସଙ୍ଗୀତ ଗାନ କରି ଶବ୍ଦମୟ କରିଦିଅନ୍ତି ସାରା ସଂସାରକୁ । କ୍ରମେ ନାରଙ୍ଗୀ ରଙ୍ଗରେ ରଞ୍ଜିତ ମେଘର ମଞ୍ଚରୁ ସୂର୍ଯ୍ୟଦେବ ଅସ୍ତ ହୋଇଯାନ୍ତି ପଶ୍ଚିମ ଦିଗନ୍ତରେ। ସେତେବେଳେ ପୁଣି ପରିବର୍ତ୍ତିତ ହୋଇଯାଏ ଗଗନର ଶୋଭା । ଅନ୍ଧକାର ଛାଇଯାଏ ଆକାଶରେ । ନକ୍ଷତ୍ରଦ୍ୱାରା ପୁନଶ୍ଚ ସୁଶୋଭିତ ହୋଇଯାଏ ତା'ର କଳେବର । କବି ଆକାଶର ସେହି ବିଚିତ୍ର ପରିବର୍ତ୍ତନକୁ ଉପଲବ୍ଧି କରି ଭାବବିଭୋର୍ ହୋଇଉଠିଛନ୍ତି -

"କି ଗମ୍ଭୀର କି ପ୍ରଶାନ୍ତ ଭାବ ଶର୍ବରୀରେ
ଜାଗଇ ଭାବୁକ ମନେ ତୋର ଦରଶନେ ।
କି ମହା ନୀରବ ବେଦ ପ୍ରଚାରୁ ଗମ୍ଭୀରେ
ଶୁଣଇ ନୀରବ ବିଶ୍ୱ ଭୟ ସ୍ତବ୍ଧ ମନେ ।"

ଯେତେବେଳେ ସମଗ୍ର ଆକାଶରେ ପରିବ୍ୟାପ୍ତ ହୋଇଯାଏ ଜହ୍ନର ରଜତ କିରଣ, ସେତେବେଳେ ଏକ ସୌମ୍ୟ ପ୍ରଶାନ୍ତ ତଥା ଶୁଦ୍ଧ ରୂପ ପ୍ରତିଭାତ ହୋଇଥାଏ । ସେହି ରୂପ ଦର୍ଶନ କଲେ ମନ ଅପୂର୍ବ ପବିତ୍ରତାରେ ଉଲ୍ଲସିତ ହୋଇଉଠେ । ସୁପ୍ତା ଧରିତ୍ରୀ ସ୍ୱପନରେ ସନ୍ଦର୍ଶନ କରେ ସେହି ରମଣୀୟ ରୂପଶ୍ରୀକୁ ଏବଂ ବିଭୋର୍ ହୋଇଯାଏ ଆନନ୍ଦରେ । କବି ଆକାଶର ସେହି ଭିନ୍ନଭିନ୍ନ ରୂପକୁ ଅନୁଭବ କରି ଏକ ସ୍ୱର୍ଗୀୟ ଭାବନାରେ

ବିମୋହିତ ହୋଇ ଉଠିଛନ୍ତି । ତାଙ୍କର ମନେ ହୋଇଛି ଯେ, ଏହା ହେଉଛି ଈଶ୍ୱରଙ୍କ ବିଚିତ୍ର ଲୀଳାର ଏକ ଅଂଶ । ଆକାଶର ସେହି ଅନନ୍ତ ସୌନ୍ଦର୍ଯ୍ୟ ତାଙ୍କ ମନରେ ଈଶ୍ୱରୀୟ ଭାବନା ସୃଷ୍ଟି କରିଛି । ଆଧ୍ୟାତ୍ମିକ ଓ ରହସ୍ୟମୟ ପୃଥିବୀରେ ବିଚରଣ ପୂର୍ବକ କବି ଆପଣାର ଜୀବନକୁ ଧନ୍ୟ ମନେ କରିଛନ୍ତି । ସେହି ଦୃଷ୍ଟିକୋଣରୁ ସଂଶିତ କବିତାର ମୂଲ୍ୟ ଏକାନ୍ତ ଭାବରେ ଉଲ୍ଲେଖନୀୟ ଓ ପ୍ରଣିଧାନଯୋଗ୍ୟ ।

## ୩.୭ ଗୀତିକବିତାର ବୈଶିଷ୍ଟ୍ୟ ଓ ଆକାଶ ପ୍ରତି

ସାଧାରଣତଃ ଯେଉଁ କବିତାରେ କବି ଯେ କୌଣସି ବ୍ୟକ୍ତି କିମ୍ବା ବସ୍ତୁକୁ ସମ୍ବୋଧନ ପୂର୍ବକ ଆପଣାର ହୃଦୟର ଭାବକୁ ପ୍ରକାଶ କରିଥାନ୍ତି ତାକୁ ସମ୍ବୋଧନମୂଳକ ଗୀତିକବିତା ଭାବରେ ଗ୍ରହଣ କରାଯାଇଥାଏ । ଇଂରାଜୀରେ ଏହାର ପ୍ରତିଶବ୍ଦ ହେଉଛି 'ଓଡ୍' । ପ୍ରାଚୀନ ଭାରତୀୟ ସାହିତ୍ୟରେ କବିମାନେ ଏହିଭଳି ବିଭିନ୍ନ ସମ୍ବୋଧନମୂଳକ କାବ୍ୟକବିତା ରଚନା କରୁଥିଲେ । ମହାକବି କାଳିଦାସଙ୍କ 'ମେଘଦୂତମ୍' କାବ୍ୟ ଏହାର ସାର୍ଥକ ଦୃଷ୍ଟାନ୍ତ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ କୋଇଲିକୁ ସମ୍ବାଧନ କରି କେତେକ କବି କବିତା ରଚନା କରିଛନ୍ତି । ଯଥା-ଶଙ୍କର ଦାସଙ୍କ 'ବାରମାସୀ କୋଇଲି', ମାର୍କଣ୍ଡେୟ ଦାସଙ୍କ 'କେଶବ କୋଇଲି' ଇତ୍ୟାଦି । ମାତ୍ର 'ଓଡ୍' ବା ସମ୍ବୋଧନମୂଳକ ଗୀତିକବିତା ବିଶେଷତଃ ଆଧୁନିକ କାଳର ସୃଷ୍ଟି ଏବଂ ଇଂରାଜୀ ସାହିତ୍ୟରେ ରଚିତ କବିତା ଆଧାରିତ ହୋଇଥିବା ଯୋଗୁଁ ଏହାର କେତେକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଅନୁଭୂତ ହୋଇଥାଏ । ଭକ୍ତକବି ମଧୁସୂଦନ ଏହି ନୂତନ ତତ୍ତ୍ୱକୁ ଆଧାର ପୂର୍ବକ ସ୍ୱକୀୟ ସମ୍ବୋଧନମୂଳକ ଗୀତିକାଗୁଡ଼ିକ ରଚନା କରିଛନ୍ତି । ବିଶେଷତଃ ଆଲୋଚ୍ୟ 'ଆକାଶ ପ୍ରତି' କବିତାଟି ଉକ୍ତ ଧାରାରେ ରଚିତ ହୋଇଅଛି । ତେଣୁ ସଂଶିତ କବିତାରେ ଆଧୁନିକ ଗୀତି କବିତାର ବୈଶିଷ୍ଟ୍ୟ କିଭଳି ରହିଛି ତାକୁ ଏଠାରେ ଆଲୋଚନା କରାଯାଉଛି ।

ଗୀତି କବିତାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଆବେଗପ୍ରବଣତା । ମୁଖ୍ୟତଃ ସମ୍ବୋଧାତ୍ମକ ଗୀତି କବିତା ସମ୍ବୋଧନାତ୍ମକ ହୋଇଥିବା ଯୋଗୁଁ ଏଥିରେ କବିଙ୍କ ଆବେଗାନୁଭୂତି ଗଭୀର ଭାବରେ ପ୍ରକାଶିତ ହୋଇଥାଏ । ବସ୍ତୁତଃ ଭାବପ୍ରକାଶ ପାଇଁ ମଣିଷ କୌଣସି ମାଧ୍ୟମ ପାଇଲେ ହୃଦୟର ଭାବତରଙ୍ଗ ଆହୁରି ଉଦ୍‌ବେଳିତ ହୋଇଥାଏ ଓ ତାକୁ ସେ ବ୍ୟାପକ ରୂପେ ପ୍ରକାଶ କରିବା ନିମିତ୍ତ ପ୍ରୟାସ କରିଥାଏ । କବି ତ ସହଜରେ ଭାବପ୍ରବଣ । ତେଣୁ ଏଠାରେ ଭାବପ୍ରକାଶ ଖୁବ୍ ଆବେଗାତ୍ମକ ମନେ ହୋଇଥାଏ । ଆଲୋଚ୍ୟ କବିତାରେ କବି ପ୍ରଶସ୍ତ ଆକାଶର ବ୍ୟାପ୍ତି ଓ ଉଦାରତା ସନ୍ଦର୍ଶନ କରି ଖୁବ୍ ଭାବପ୍ରବଣ ହୋଇ ଉଠିଛନ୍ତି । ହୃଦୟ ତାଙ୍କର ହୋଇଉଠିଛି ଆବେଗରେ ଆନ୍ଦୋଳିତ । ସେହି ଆବେଗପୂର୍ଣ୍ଣ ଭାବ ଅତି ରମଣୀୟ ଭାବେ ପ୍ରକାଶିତ ହୋଇଛି ଆଲୋଚ୍ୟ କବିତାରେ । କବିଙ୍କ ଭାବନା ଅନୁଯାୟୀ, ଯେତେବେଳେ ପୃଥିବୀରେ ଉଷା କାଳ ସମାଗତ ସେତେବେଳେ ସମଗ୍ର ଜଗତ ଉଦ୍‌ଭାସିତ ହୋଇଉଠିଛି ରମଣୀୟ ସୌନ୍ଦର୍ଯ୍ୟରେ । ସେହି କାଳର ଆକାଶ ବକ୍ଷରେ ଦେଖାଯାଉଥିବା ଅପୂର୍ବ ଶୋଭାକୁ ପରିକଳ୍ପନା କରି କବି ବର୍ଣ୍ଣନା କରିଛନ୍ତି –

"ସୁହାସିନୀ ଉଷାଦେବୀ ଆଲୋକନନ୍ଦିନୀ
ବନ୍ଦେ ଭକ୍ତିଭରେ ଯେବେ ତୋର ପଦତଳେ

ସହସା ହସଇ ଜାଗି ଉଲ୍ଲାସେ ମେଦିନୀ
ଲାବଣ୍ୟ ଲହରୀ ଉଚ୍ଛୁଳଇ ଜଳେସ୍ଥଳେ ।"

ସ୍ୱତଃସ୍ଫୂର୍ତ୍ତତା ଗୀତିକବିତାର ଅନ୍ୟତମ ପ୍ରଣିଧାନଯୋଗ୍ୟ ବୈଶିଷ୍ଟ୍ୟ । ଗୀତିକବି ସାଧାରଣତଃ କବିତାରେ ନିହିତ ଭାବର ତାରଲ୍ୟରେ ଭାସିଯାଇ ସୌନ୍ଦର୍ଯ୍ୟବୋଧାତ୍ମକ ଶବ୍ଦ ସଂଯୋଜନା ମାଧ୍ୟମରେ ତାକୁ ଅଭିବ୍ୟକ୍ତ କରିଥାନ୍ତି । ତେଣୁ କବିତା ଝରଣାର ସ୍ରୋତ କଳ କଳ ନାଦରେ ପ୍ରକାଶିତ ହୋଇଥାଏ । wordsworthଙ୍କ ମତରେ "Poetry is the spontaneous overflow of powerful feelings" ଅର୍ଥାତ୍ କବିତା ହେଉଛି କବିଙ୍କ ଶକ୍ତିଶାଳୀ ଭାବନାର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ । ସାଧାରଣତଃ ସମ୍ବୋଧନାତ୍ମକ ଗୀତିକବିତାରେ କବି ଯେତେବେଳେ ଆପଣାର ଭାବ ପ୍ରକାଶ କରନ୍ତି ତାଙ୍କ ସମ୍ମୁଖରେ ଏକ ଅବଲମ୍ବନ ଥିବା ଯୋଗୁଁ କବିତାର ଶବ୍ଦ ଓ ଭାବଗୁଡ଼ିକ ସ୍ୱତଃ ତାଙ୍କ ହୃଦୟରୁ ପ୍ରକାଶିତ ହୋଇଥାଏ । ତାହା ପାଠକ ହୃଦୟ ଭିତରେ ମଧ୍ୟ ରମଣିୟ ଆନନ୍ଦ ପ୍ରକାଶ କରିଥାଏ । କବି ଯେତେବେଳେ ଆକାଶକୁ ଅବଲୋକନ କରିଛନ୍ତି, ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କ ଲେଖନୀରୁ ଝରିପଡ଼ିଛି –

ନ ଥିଲା ସେ ଯେତେବେଳେ ବିଚିତ୍ର ଭୁବନ
ନ ଥିଲା ଏ ସୂର୍ଯ୍ୟଚନ୍ଦ୍ର ଗ୍ରହ ତାରାବଳୀ
ନ ଥିଲା ଧରଣୀ ଏହି ଭୂତ ନିକେତନ
ଅନନ୍ତ ଅନ୍ଧାରେ ପୂର୍ଣ୍ଣ ଥିଲା ସର୍ବସ୍ଥଳୀ ।

ସାଙ୍ଗୀତିକତା ଗୀତି କବିତାର ଅନ୍ୟତମ ବୈଶିଷ୍ଟ୍ୟ । ଗୀତି କବି ସ୍ୱକୀୟ କବିତା ମଧ୍ୟରେ ଏଭଳି ଶବ୍ଦ ସଂଯୋଜନା କରିଥାନ୍ତି, ଯାହାକୁ କି ଉଚ୍ଚାରଣ କରିବା ମାତ୍ରକେ ସଙ୍ଗୀତର ନିର୍ଯ୍ୟାସ ଝରି ପଡ଼େ ପାଠକର ହୃଦୟ ମଧ୍ୟରେ । ବସ୍ତୁତଃ କବିର ଆବେଗାତ୍ମକ ଅନୁଭୂତି ସଙ୍ଗୀତର ରୂପ ଧାରଣ କରେ ଏବଂ ମୋହାଚ୍ଛନ୍ନ କରିଥାଏ ପାଠକର ଚେତନାକୁ । କବି ଏକ ସୁନ୍ଦର ଛନ୍ଦକୁ ଆଶ୍ରୟ କରି କବିତାକୁ ଭାବାନୁଯାୟୀ ସଜ୍ଜିତ କରିଥାନ୍ତି । ସଂଶିତ କବିତାରେ କବି ଆକାଶର ମହିମାମୟ ସୌନ୍ଦର୍ଯ୍ୟକୁ ଯେତେବେଳେ ଅବଲୋକନ କରିଛନ୍ତି, ତାହା ଗୋଟିଏ ସାଙ୍ଗୀତିକ ଭାବରେ ଉତ୍ତୋଳିତ କରିଛି ତାଙ୍କ ଚେତନାକୁ । ସେ ଭାବବିହ୍ୱଳ ହୋଇ ଗାଇ ଉଠିଛନ୍ତି-

"କୌମୁଦୀ ଚର୍ଚ୍ଚିତ ତୋର ନୀଳ କଳେବର
ପ୍ରଶାନ୍ତ ପବିତ୍ର ମୂର୍ତ୍ତି ଭୁବନ ମୋହନ
ନିମିଷେ କରଇ ଆହା କୁସ୍ମିତେ ସୁନ୍ଦର
ଦର୍ଶନେ ପବିତ୍ର କରେ କଳୁଷିତ ମନ ।"

କବିତାରେ ସୌନ୍ଦର୍ଯ୍ୟବୋଧାତ୍ମକ ଆନନ୍ଦ (Aesthetic enjoyment) ସୃଷ୍ଟି ଗୀତି କବିତାର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ଗୀତିକବି ଆବେଗାତ୍ମକତା ଓ ଭାବପ୍ରବଣତାକୁ ଭିତ୍ତି କରି କବିତା ରଚନା କରୁଥିବା ହେତୁ ସେ କବିତା ମଧ୍ୟରେ ବିଭିନ୍ନ ସୌନ୍ଦର୍ଯ୍ୟାତ୍ମକ ଅନୁଭୂତିର ପରିବେଷଣ କରିଥାନ୍ତି । ତାହା ସ୍ୱତଃ ପାଠକ ପ୍ରାଣକୁ ଭାବପ୍ରବଣତାର ସ୍ରୋତରେ ଭସାଇ ନେଇଥାଏ । ବିଶେଷତଃ ସମ୍ବୋଧାତ୍ମକ ଗୀତି କବିତାରେ କବି ଯେଉଁ ବସ୍ତୁକୁ ଆଧାର ପୂର୍ବକ କବିତା ରଚନା କରିଥାନ୍ତି, କେତେକ ସ୍ଥଳରେ ତା'ର ସୌନ୍ଦର୍ଯ୍ୟର ଛଟାକୁ ପରିବେଷଣ କରିଥାନ୍ତି । ଆଲୋଚ୍ୟ ଆକାଶ ପ୍ରତି କବିତାରେ କବି ଆକାଶର ଅନନ୍ତ ସୌନ୍ଦର୍ଯ୍ୟ ଅବଲୋକନ କରି ବିମୋହିତ ହୋଇ ଉଠିଛନ୍ତି । ତାହା ଆଚ୍ଛନ୍ନ କରିଛି ତାଙ୍କ ହୃଦୟକୁ । ସେହି ବିମଳ ସୌନ୍ଦର୍ଯ୍ୟକୁ କବି କବିତାର ଅନେକ ପଙ୍କ୍ତିରେ ବର୍ଣ୍ଣନା କରିଛନ୍ତି । ଏହାର ଚମତ୍କାର ଉଦାହରଣ ହେଉଛି-

"ସହସା କଟାକ୍ଷେ ତୋର ରବି ଜ୍ୟୋତିର୍ମୟ
ରଞ୍ଜାଇ ଧରଣୀ ମୁଖ କନକ କିରଣେ ।
ସହସା ଫୁଟଇ ଫୁଲ ବହଇ ମଳୟ
ବିହଗ ସଙ୍ଗୀତ ଗାଏ ସୁମଧୁର ସ୍ୱନେ ।"

ଅର୍ଥାତ୍ କବି ମଧୁସୂଦନ ରାଓ ସମକାଳୀନ ସାହିତ୍ୟରେ ରଚିତ ହେଉଥିବା ଗୀତିକବିତାର ବୈଶିଷ୍ଟ୍ୟକୁ ଦୃଷ୍ଟି ସମ୍ମୁଖରେ ରଖି ସ୍ୱକୀୟ ଆକାଶ ପ୍ରତି କବିତା ରଚନା କରିଛନ୍ତି । ତେଣୁ ଏଥିରେ ଅତି ଚମତ୍କାର ଭାବେ ଗୀତି ବୈଶିଷ୍ଟ୍ୟ ପ୍ରତଫଳିତ ହେବା ସଙ୍ଗେ ସଙ୍ଗେ ଏକ ଔଚିତ୍ୟପୂର୍ଣ୍ଣ ସମ୍ବୋଧଗୀତିକା ଭାବେ ଏହା ପ୍ରତିଭାତ ହେଉଅଛି । ସେହି ଦୃଷ୍ଟିକୋଣରୁ ଏହାର ମହତ୍ତ୍ୱ ଏକାନ୍ତ ଭାବରେ ଉଲ୍ଲେଖଯୋଗ୍ୟ ।

## ୩.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

(୧) ଆକାଶ ପ୍ରତି କବିତାରେ ଆଧ୍ୟାତ୍ମିକ ଭାବନାର ପରିଚୟ ପ୍ରଦାନ କର ।

(୨) ଆକାଶପ୍ରତି କବିତାର ମର୍ମାର୍ଥ ବ୍ୟକ୍ତ କର ।

(୩) ଭକ୍ତକବି ମଧୁସୂଦନ ରାଓଙ୍କ ପରିଚୟ ପ୍ରଦାନ କର ।

(୪) ଆକାଶପ୍ରତି କବିତାରେ ଗୀତିକବିତାର ବୈଶିଷ୍ଟ୍ୟ କିଭଳି ନିହିତ ବିଚାର କର ।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ**

(୧) ରାତ୍ରିରେ ଆକାଶ କିପରି ରୂପ ଧାରଣ କରିଥାଏ ?

(୨) ଆଦି ସୃଷ୍ଟି କାଳରେ ଆକାଶର ଭୂମିକା କ'ଣ ଥିଲା ?

(୩) ସୂର୍ଯ୍ୟ ଯେତେବେଳେ ଆକାଶରେ ଜ୍ୟୋତିଷ୍ମାନ୍ ହୁଅନ୍ତି, ସେତେବେଳେ ସଂସାରରେ କଣ କଣ ହୁଏ ?

(୪) ଭକ୍ତକବି ମଧୁସୂଦନଙ୍କ ରଚନାଗୁଡ଼ିକ କଣ କଢଲ୍ଲେଖ କର ।

(୫) କବି ମଧୁସୂଦନ ରାଓଙ୍କ କାବ୍ୟାଦର୍ଶ କ'ଣ ନିରୂପଣ କର ।

## ୩.୯ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ ବୃନ୍ଦାବନଚନ୍ଦ୍ର-ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ-ଗ୍ରନ୍ଥମନ୍ଦିର, କଟକ-୨୦୧୨
- କର, ଡ.ବାଉରୀବନ୍ଧୁ-ଓଡ଼ିଆ ସାହିତ୍ୟର ଇତିହାସ-ଫ୍ରେଣ୍ଡସ୍ ପବ୍ଲିଶର୍ସ,କଟକ-୧୯୯୮
- ମହାରଣା,ଡ.ସୁରେନ୍ଦ୍ର କୁମାର-ଓଡ଼ିଆ ସାହିତ୍ୟର ଇତିହାସ-ଓଡ଼ିଶା ବୁକ୍ ଷ୍ଟୋର୍ସ-କଟକ-୨୦୧୫

# ଚତୁର୍ଥ ଏକକ : ଯାତ୍ରା ସଙ୍ଗୀତ - ବୈକୁଣ୍ଠ ନାଥ ପଟ୍ଟନାୟକ

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ
୪.୨ ଶିକ୍ଷଣୀୟ ବିଷୟ
୪.୩ ବିଷୟ ପ୍ରବେଶ
୪.୪ କବି ବୈକୁଣ୍ଠନାଥଙ୍କ ପରିଚୟ
୪.୫ କବିତାର ପାଠ୍ୟାଂଶ
୪.୬ କବିତାର ବିଭିନ୍ନ ଦିଗ
୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୪.୮ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ସବୁଜ ଯୁଗର ବରେଣ୍ୟ ସାଧକ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଏକ ବହୁ ଆଦୃତ କବିତା ହେଉଛି ଯାତ୍ରା ସଙ୍ଗୀତ । ସଂଶିତ କବିତାରେ କବିଙ୍କ ଆଧାତ୍ମିକ ଅନୁରାଗ ସହିତ ରହସ୍ୟବାଦୀ ଚେତନାର ସାର୍ଥକ ପ୍ରୟୋଗ ଘଟିଅଛି । ସାଧାରଣ ଜୀବନଠାରୁ ଉର୍ଦ୍ଧ୍ୱରେ ଏକ ଅତୀନ୍ଦ୍ରିୟ ଓ ଅଲୌକିକ ଜଗତ ରହିଛି । ସେହି ଜଗତରେ ପ୍ରଭୁ ପରମେଶ୍ୱର ବାସ କରିଥାନ୍ତି । ମନକୁ ସେହି ଦିଗକୁ ନିରନ୍ତର ସ୍ଥାପନ କଲେ ଅନନ୍ତ ବିଭୁ କୃପା ମିଳିଥାଏ, ମନରେ କୌଣସି ପ୍ରକାର ଅଶାନ୍ତି ରହେନାହିଁ । କବି ଉକ୍ତ ମହାଭାବକୁ ପରିବେଷଣ କରିଛନ୍ତି ଆଲୋଚ୍ୟ କବିତାରେ । ଯେଉଁମାନେ ସେହି ମହାନ୍ ଭାବନାର ସଂସ୍ପର୍ଶରେ ଆସନ୍ତି ସେମାନେ ପରମ ଗତି ଲାଭ କରିଥାନ୍ତି । ତେଣୁ ଓଡ଼ିଆ ଭାଷାରେ ନିହିତ ଏହିଭଳି ଗମ୍ଭୀର ଭାବ ସମ୍ବଳିତ କବିତା ବିଦ୍ୟାର୍ଥୀମାନେ ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ। ଏତଦ୍ଦ୍ୱାରା ମନରେ ଚିର ପ୍ରଶାନ୍ତି ସୃଷ୍ଟି ହୋଇପାରିବ ଓ ଜୀବନ ମହତ୍ତର ହୋଇପାରିବ।

## ୪.୨ ଶିକ୍ଷଣୀୟ ବିଷୟ

ବିଦ୍ୟାର୍ଥୀମାନେ ଏହି ଏକକରେ ନିମ୍ନଲିଖିତ ଜ୍ଞାନ ଆହରଣ କରିପାରିବେ -

- କବି ବୈକୁଣ୍ଠନାଥଙ୍କ ପରିଚୟ
- କବିତାର ପାଠ୍ୟାଂଶ
- କବିତାର ମର୍ମାର୍ଥ
- କବିତାରେ ଅଧାତ୍ମିକ ଅନୁରାଗ ଓ ରହସ୍ୟବାଦୀ ଚିନ୍ତାଧାରା

## ୪.୩ ବିଷୟ ପ୍ରବେଶ

ଓଡ଼ିଆ ସବୁଜ ଯୁଗର ଧୂରୀଣ ସାଧକ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ବହୁଳ ଭାବରେ ଆଦୃତି ଲାଭ କରିଥିବା ଏକ କବିତା ହେଉଛି ଯାତ୍ରା ସଙ୍ଗୀତ । ଆଧ୍ୟାତ୍ମିକ ରହସ୍ୟବାଦକୁ ଉପଜୀବ୍ୟ କରି କବି ସଂଶିତ କବିତାଟି ରଚନା କରିଛନ୍ତି । ବସ୍ତୁତଃ ଏହି କାଳରେ ଭାରତୀୟ କବିତା ରାଜ୍ୟରେ ଏହିଭଳି କବିତା ରଚନା କରିବାର ଏକ ପରମ୍ପରା ସୃଷ୍ଟି ହୋଇଥିଲା । ବଙ୍ଗଳା ସାହିତ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ତଥା ହିନ୍ଦୀ ସାହିତ୍ୟରେ ମହାଦେବୀ ବର୍ମା ଏହିଭଳି କବିତା ରଚନା ପୂର୍ବକ ବିଶେଷ ଯଶସ୍ୱୀ ହୋଇପାରିଥିଲେ । କବି ବୈକୁଣ୍ଠନାଥ ଏହି ଧାରାକୁ ଭିତ୍ତି କରି ଆଲୋଚ୍ୟ କବିତାଟି ରଚନା କରିଛନ୍ତି । କବିତାଟି ୧୯୩୧ ମସିହାରେ ରଚିତ ହୋଇଥିଲା । ପ୍ରଥମେ ଏହା 'ଯାତ୍ରା ସଙ୍ଗୀତ' ନାମରେ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ କାଳରେ କୌଣସି କାରଣବଶତଃ କବି ଏହାର ଶୀର୍ଷକକୁ ପରିବର୍ତ୍ତନ ପୂର୍ବକ ଶେଷଗୀତି ନାମରେ ପ୍ରକାଶିତ କରିଥିଲେ । ତେଣୁ କେତେକ ସଙ୍କଳକ ଏହି କବିତାକୁ 'ଯାତ୍ରାସଙ୍ଗୀତ' ଓ କେତେକେ 'ଶେଷଗୀତି' ଭାବେ ନାମିତ କରୁଛନ୍ତି । ତେବେ ଏହି କବିତାଟି କବି ବୈକୁଣ୍ଠନାଥଙ୍କୁ ଅନେକ ଖ୍ୟାତି ପ୍ରଦାନ କରିଅଛି ।

## ୪.୪ କବି ବୈକୁଣ୍ଠନାଥଙ୍କ ପରିଚୟ

କବି ବୈକୁଣ୍ଠନାଥ ୧୯୦୪ ମସିହା ସେପ୍ଟେମ୍ବର ୧୪ ତାରିଖ ଦିନ କଟକ ଜିଲ୍ଲାର ବଡ଼ମ୍ବା ଗଡ଼ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ହେଉଛି ନାରାୟଣ ସୁମନ୍ତ ପଟ୍ଟନାୟକ । ସେ ଥିଲେ ସଂସ୍କୃତ ଓ ପ୍ରାଚୀନ ଓଡ଼ିଆ ସାହିତ୍ୟର ଜଣେ ବିଦ୍ୱାନ୍ । ପିତାଙ୍କ ସେହି ବ୍ୟକ୍ତିତ୍ୱ ବୈକୁଣ୍ଠନାଥଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ସୁମନ୍ତ ପଟ୍ଟନାୟକ ଥିଲେ ଜଣେ କୃଷିଜୀବି । ବଡ଼ମ୍ବାରେ ସେ ଏକ କୃଷି ଫାର୍ମ କରି ଜୀବିକା ନିର୍ବାହ କରିଥିଲେ । ମାତ୍ର ତତ୍କାଳୀନ ଗଡ଼ଜାତ ଗୁଡ଼ିକରେ ପ୍ରଜାପୀଡ଼ନ ଓ ପ୍ରଜାଶୋଷଣ ଥିଲା ଏକ ସ୍ୱାଭାବିକ କଥା । ସୁମନ୍ତ ପଟ୍ଟନାୟକ କୌଣସି କାରଣବଶତଃ ରାଜରୋଷର ଶିକାର ହୋଇ ରାଜାଙ୍କଦ୍ୱାରା ନିର୍ବାସନ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ସେ କଟକ ଓ ପରେ ସତ୍ୟବାଦୀ ବନବିଦ୍ୟାଳୟକୁ ଯାଇ ସେଠାକାର ଛାତ୍ରମାନଙ୍କୁ କୃଷି-ଶିକ୍ଷା ପ୍ରଦାନ କରିଥିଲେ । ପିତା ନିର୍ବାସନ ଦଣ୍ଡ ପାଇବା ପରେ ତାଙ୍କର ପିଉସା ଦୀନବନ୍ଧୁ ପଟ୍ଟନାୟକ ତାଙ୍କୁ ସଙ୍ଗରେ ନେଇଯାଇ ତାଙ୍କ ଶିକ୍ଷାଦୀକ୍ଷାର ଭାର ବହନ କରିଥିଲେ । ବୈକୁଣ୍ଠନାଥଙ୍କ ବାଲ୍ୟଶିକ୍ଷା ତାଙ୍କ ପାଳିତ ପିତା ଦୀନବନ୍ଧୁଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ହୋଇଥିଲା । ତାଙ୍କର ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା ବଡ଼ମ୍ବାଗଡ଼ର ଏକ ମାଟିବଂଶ ଅବଧାନଙ୍କ ନିକଟରେ । ପରେ ବଡ଼ମ୍ବାଗଡ଼ରେ ଗୋଟିଏ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଓ ମଧ୍ୟ-ଭର୍ଣ୍ଣାକୁଲାର୍ ସ୍କୁଲ୍ ସ୍ଥାପିତ ହୋଇଥିଲା । କବି ସେହି ନିମ୍ନ ପ୍ରାଥମିକ ସ୍କୁଲରେ ନାମ ଲେଖାଇ ଉତ୍ତୀର୍ଣ୍ଣ ହୋଇଥିଲେ । ସେଠାରେ ତାଙ୍କ ଶିକ୍ଷା ସମାପ୍ତ କରି ସେ କଟକ କଲେଜିଏଟ୍ ସ୍କୁଲ୍‌ରେ ପଢ଼ିଲେ । କଟକରେ ନାନା ପ୍ରକାର ଅସୁବିଧା ହେବାରୁ ସେ କିଛି ଦିନ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟରେଅଧ୍ୟୟନ କରିଥିଲେ । ଉକ୍ତ ବନବିଦ୍ୟାଳୟରେଅଧ୍ୟୟନ କରିବା ବେଳେ ହରିହର ମହାପାତ୍ରଙ୍କ ସହିତ ସାକ୍ଷାତ୍ ହୋଇଥିଲା ଓ ପ୍ରଗାଢ଼ ବନ୍ଧୁତ୍ୱ ସୂତ୍ରେ ଉଭୟେ ବାନ୍ଧି ହୋଇଥିଲେ । ମାତ୍ର ତାଙ୍କ ଶାରୀରିକ ଅସୁସ୍ଥତା ହେତୁ କବି ସତ୍ୟବାଦୀ ସ୍କୁଲ୍

ପରିତ୍ୟାଗ କରି ଢେଙ୍କାନାଳ ହାଇସ୍କୁଲ୍‌ରେ ଶିକ୍ଷା ଗ୍ରହଣ କରିଥିଲେ । ସେଠାରେ ପଢ଼ିବା ବେଳେ କବି ଅନ୍ନଦାଶଙ୍କରଙ୍କ ସହିତ ତାଙ୍କର ବନ୍ଧୁତ୍ୱ ପ୍ରତିଷ୍ଠିତ ହୋଇଥିଲା । ଏହି ସ୍କୁଲ୍‌ରେଅଧ୍ୟୟନ କାଳରେ ସେ ଓଡ଼ିଆ ଓ ବଙ୍ଗଳା ସାହିତ୍ୟରେ ବିଶେଷ ପାରଦର୍ଶିତା ହାସଲ୍ କରିଥିଲେ । ୧୯୨୧ ମସିହାରେ ବୈକୁଣ୍ଠନାଥ ମେଟ୍ରିକ୍ ପାସ୍ କଲେ ।

ମେଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ କବି ଉଚ୍ଚଶିକ୍ଷା ଲାଭ କରିଥିଲେ କଟକ ରେଭେନ୍ସା ମହାବିଦ୍ୟାଳୟରେ । ସେଠାରେ କାଳିନ୍ଦୀଚରଣ, ଅନ୍ନଦାଶଙ୍କର, ହରିହର ମହାପାତ୍ର ଓ ଶରତଚନ୍ଦ୍ରଙ୍କ ସହିତ ସେ ସମ୍ମିଳିତ ହୋଇଥିଲେ । ତାଙ୍କର ସେହି ବନ୍ଧୁତା କେବଳ ବ୍ୟକ୍ତିଗତ ଜୀବନର ବନ୍ଧୁତା ନଥିଲା ବରଂ ତାହା ଓଡ଼ିଆ ସାହିତ୍ୟରେ ଉନ୍ମୋଚିତ କରିଥିଲା ଏକ ନୂତନ ଦିଗନ୍ତ । ସବୁଜ କବିତାର ବୀଜ ସେଠାରେ ହିଁ ରୋପିତ ହୋଇଥିଲା । ବୈକୁଣ୍ଠନାଥ ୧୯୨୬ ମସିହାରେ ବି.ଏ. ପାସ୍ କରି କଟକର ଟ୍ରେନିଂ କଲେଜରେ ଯୋଗ ଦେଇଥିଲେ । ସେଠାରେ ସେ ଡିପ୍ଲୋମା ଲାଭ କରି ବି.ଇଡ଼ି. ପ ଢ଼ିବା ପାଇଁ ପାଟନା ଚାଲିଗଲେ । ପାଟନାରେ ବି.ଇଡ଼ି. ଟ୍ରେନିଂ ସମାପ୍ତ ହେବା ପରେ ସେ କିଛି କାଳ ପୁରୁଲିଆ ସରକାରୀ ବିଦ୍ୟାଳୟ ଓ ପାଟନା କଲେଜିଏଟ୍ ସ୍କୁଲ୍‌ରେ ଶିକ୍ଷକତା କରିଥିଲେ । ପରବର୍ତ୍ତୀ କାଳରେ ସେ ଓଡ଼ିଶା ଆସି କଟକ ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ରେ ଶିକ୍ଷକ ରୂପେ ଯୋଗଦାନ କରିଥିଲେ । ସେ ୧୯୩୦-୩୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ୍.ଏ. ଡିଗ୍ରୀ ହାସଲ୍ କରିଥିଲେ ।

କବି ବୈକୁଣ୍ଠନାଥ ପ୍ରାୟ ୩୨ ବର୍ଷ କାଳ ଓଡ଼ିଶାର ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ଟ୍ରେନିଂ ସ୍କୁଲ୍‌ରେ ଶିକ୍ଷକତା କରିଥିଲେ । କିଛି କାଳ ରେଭେନ୍ସା କଲେଜ ଓ ବାଲେଶ୍ୱର ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ ମଧ୍ୟ କାର୍ଯ୍ୟ ନିର୍ବାହ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ତାଙ୍କୁ ସରକାରୀ ସ୍ତରରୁ ପବ୍ଲିସିଟୀ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଚାକିରୀ ଜୀବନର ଶେଷ କାଳରେ ସେ ସ୍କୁଲ୍ ଇନିସ୍‌ପେକ୍ଟର ଓ ପ୍ରୌଢ଼ ଶିକ୍ଷା ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ ଭାର ଗ୍ରହଣ କରିଥିଲେ । ୧୯୫୯ ମସିହାରେ ପରିସମାପ୍ତ ହୋଇଥିଲା ତାଙ୍କର ଚାକିରୀ ଜୀବନ । କଠିନ ଶୃଙ୍ଖଳା ଓ କର୍ତ୍ତବ୍ୟନିଷ୍ଠତାର ପ୍ରମାଣ ପ୍ରଦର୍ଶନ ପୂର୍ବକ ସେ ସେହି ବର୍ଷ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ ।

ବୈକୁଣ୍ଠନାଥ ଥିଲେ ଜଣେ କର୍ତ୍ତବ୍ୟନିଷ୍ଠ ତଥା ସଚ୍ଚୋଟ କର୍ମଚାରୀ । ମାତ୍ର ତାଙ୍କର ସ୍ପଷ୍ଟବାଦୀତା ତଥା ସ୍ୱାଧୀନ ଚିନ୍ତା ଯୋଗୁଁ ସେ ଚାକିରୀ କାଳରେ ଅନେକ ଦୁର୍ଦ୍ଦଶା ଭୋଗିଥିଲେ । ସରକାରୀ ଚାକିରୀର ବ୍ୟସ୍ତ ବହୁଳତା ସତ୍ତ୍ୱେ ସେ କଦାପି ସାହିତ୍ୟ ସାଧନାକୁ ଅବ୍ୟାହତ ରଖିଥିଲେ । ଚାକିରୀ ତାଙ୍କର ବୃତ୍ତି ଥିଲା ସତ; ମାତ୍ର ସାହିତ୍ୟ ଥିଲା ତାଙ୍କର ବ୍ରତ । ସମକାଳୀନ କବିତା ଜଗତରେ ସୃଷ୍ଟି ହୋଇଥିବା ନବଚେତନାକୁ ଉପଜୀବ୍ୟ କରି ସେ ଓ ତାଙ୍କର ସବୁଜ ବନ୍ଧୁମାନେ ଅନେକ କବିତା ରଚନା କରୁଥିଲେ । ତାହା ପୂର୍ବବର୍ତ୍ତୀ ପରମ୍ପରାକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ କରିଥିଲା । ବସ୍ତୁତଃ ଏହା କବିତା ରାଜ୍ୟରେ ନବ ପରିବର୍ତ୍ତନର ସୂତ୍ରପାତ କରିଥିଲା । କବି ଜୀବନର ଶେଷ କାଳ ପର୍ଯ୍ୟନ୍ତ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ । ତାଙ୍କ ରଚିତ କବିତାଗୁଡ଼ିକ 'କାବ୍ୟ ସଞ୍ଚୟନ' ଓ 'ଉତ୍ତରାୟଣ' ସଙ୍କଳନରେ ସନ୍ନିବଦ୍ଧ ହୋଇଅଛି । ଏତଦ୍ ବ୍ୟତୀତ କବି 'ମୁକ୍ତିପଥେ' ନାଟକ ଓ

'ଉପେକ୍ଷିତା' ଏକାଙ୍କିକା ରଚନା କରିଛନ୍ତି । ତାଙ୍କ କବିତାଗୁଡ଼ିକ ମଧ୍ୟରେ ରୋମାଣ୍ଟିକ୍ ଚିନ୍ତାଧାରା, ରହସ୍ୟବାଦ, ମାନବବାଦ, ଆଦର୍ଶବାଦ ଇତ୍ୟାଦି ବୈଶିଷ୍ଟ୍ୟ ଅନୁଭୂତ ହୋଇଥାଏ ବ ସାମଗ୍ରିକ ଭାବରେ ବିଚାର କଲେ କବି ବୈକୁଣ୍ଠନାଥ ଥିଲେ ଯୁଗ ପରିବର୍ତ୍ତନର ସୂତ୍ରଧର । ସ୍ୱଳ୍ପ ପରିମାଣରେ ସାହିତ୍ୟ ରଚନା କରିଥିଲେ ହେଁ ତାଙ୍କ କବିତାରେ ଯେଉଁ ଆବେଦନ ଦେଖାଯାଏ, ତାହା ପାଠକ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଥାଏ । ତେଣୁ ଓଡ଼ିଆ ସାହିତ୍ୟର ବିକାଶଧାରାରେ କବି ବୈକୁଣ୍ଠନାଥଙ୍କ ଅବଦାନ ଏକାନ୍ତ ଭାବରେ ମହତ୍ତ୍ୱପୂର୍ଣ୍ଣ ।

## ୪.୫ କବିତାର ପାଠ୍ୟାଂଶ

### ଯାତ୍ରା ସଙ୍ଗୀତ

ଜୀବନ ପାତ୍ର ମୋ ଭରିଛ କେତେମତେ, ନ ଦେଲ କିଛି ବୋଲି
କହିବି କି ହେ ଆଉ
ଜୀବନ ପ୍ରିୟତମ ହରିଛ ମୋ ଭରମ ତରଣୀ ମୋର ତବ
ସାଗରେ ବହିଯାଉ ।
କୂଳର ଜନ ପ୍ରାଣୀ କେତେ ମିଳାଅ ଆଣି
ନୟନ ପଲକରେ ଲୁଚାଅ ଜାଣି ଜାଣି
ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି ମରତପ୍ରବାସୀ ମୁଁ
ନ ଜାଣି ଆଣେ ଦାଉ;
ତରଣୀ ମୋର ତବ ସାଗରେ ବହିଯାଉ ।
ମାନସହଂସ ମୁଁ ମାନସେ ଯିବି ଉଡ଼ି, ମୋ ଦୋଷେ ପଥ ହୁଡ଼ି
ଭରମେ ଅବିରତ
ଅଳପ ତୃଷା କ୍ଷୁଧା ଲଭି ତୁମରି ସୁଧା ତୃପତ ହେଲା ତେବେ
ଲୋଡ଼ଇ ଏ ମରତ ।
ନିଜ ବାସନା-ଜାଲେ ବିକଳ ବିଧୃତ
ତିମିର ଅଜ୍ଞାନେ ମିଳେ କି ଅମୃତ ?
ଛାଡ଼ିବି ଦୂରେ ଯିବି ପାରାବାରେ ଭାସିବି, ଲଂଘି ହିମଗିରି
ଯିବି ଗୋ ବେଳ ଥାଉଁ;
ତରଣୀ ମୋର ତବ ସାଗରେ ବହିଯାଉ ।

ଦେଇଛ ପ୍ରିୟପ୍ରାଣେ ଅମର ପ୍ରୀତି ଭରି, ମୋ ଶିଶୁ କ୍ରନ୍ଦନେ
ଅମର ମୋର ଆଶା
ପ୍ରଭାତ ସନ୍ଧ୍ୟାରେ ଖେଳାଇ ରୂପ ଢ଼େଉ ବିକଳ କଣ୍ଠେ ମୋ
ଫୁଟାଇଛ ତ ଭାଷା
ଗାଇବି ବନ୍ଦି ମୁଁ ଚରଣ ବନ୍ଦନା
ସେ ଲାଗି ଏ ବୀଣାରେ ଦେଇଛ ମୂର୍ଚ୍ଛନା
ସେ ସୁଖ କରି ହେଳା ଲଗାଇଲି ମୁଁ ଖେଳା, ମିଳନ ମଧୁରାତି
ପାହିଲା ଚାହୁଁ ଚାହୁଁ
ମିଥ୍ୟା-ବିପଣୀରେ ବଣିଜ ମରଣ ଯେ, ନ ଚେତି ତିଳେ ଯାହା
କଲି ମୋ ମଣି ଭାଉ ।
ପଉଷ ତରୁ ମୁଁ ଗୋ ପଳିତ ମୋ ପତର, ନିରାଶା ପରଶରେ
ଝରିଛି ଅକାଳରେ,
କାହିଁ ତ ତେବେ ତିଳେ ଶୋଚନା ଖେଦ ମୋର, ମୋ ମଣି
ମୋ ହୃଦୟ
ସାଗର ଅତଳରେ
ପରାଣ କୁଞ୍ଜେ ମୋ ତାର ମୁରଲି ଧ୍ୱନି
ପରାଣ ପବନେ ମୋ ତା ଶୁଭ ଅଗମନୀ
ଜୀବନେ ଦେବା-ନେବା ଭିଆଣ ସବୁ ତାର, ସେ ମହାଦାନୀ ହସେ
ପରାଣେ ଦେଖି ନାହୁଁ ?
ତା ପରଶେ ପଉଷ ଜୀର୍ଣ୍ଣ ଜୀବତରୁ, ପଲ୍ଲବିତ ଆହା
ଶୋଚନା କିବା ଆଉ ?
ଚାଲରେ ଚାଲ ମନ ନିତ୍ୟ ବୃନ୍ଦାବନ, ଦେଖିବୁ ପ୍ରିୟ ରାସ
ଅଦୂରେ ଗୋଲୋକରେ
ଅଦୂର ପଥେ ଆଜି ମିଳନ ତାର ସାଥେ ବିଜୟ ରଥେ ତୋର
ଜୀବନ ଆଲୋକରେ
ଯାତ୍ରୀ ପଥ ତୋର ପଲକେ ହେବ ଶେଷ

ଶେଷରେ ସନ୍ଦେହ ସକଳ ତୋର କ୍ଳେଶ
ଧନ୍ୟ ହେବୁ ଆଜି ପୁଣ୍ୟ ଦରଶନେ କ୍ଷୁଣ୍ଣ ସବୁ ପାପ
ଦୁଷ୍କୃତିର ରାହୁ
ଜୀବନ-ଦେବତା ମୋ' ଜୀବନ ପଥେ ବିଜେ, ତରଣୀ ମୋର ତାର
ସାଗରେ ବହିଯାଉ ।

## ୪.୫.୧ କବିତାର ମର୍ମାର୍ଥ

କାବ୍ୟଶିଳ୍ପୀ ବୈକୁଣ୍ଠନାଥଙ୍କ 'ଯାତ୍ରାସଙ୍ଗୀତ' କବିତାଟି ଏକ ରହସ୍ୟବାଦୀ କବିତା । କବିଙ୍କ ଚିନ୍ତାଧାରା ଅନୁଯାୟୀ ଏହି ରୁକ୍ଷ ସାଧାରଣ ଧରଣୀର ଊର୍ଦ୍ଧ୍ୱରେ ରହିଛି ଏକ ରହସ୍ୟମୟ ଜଗତ । ସେହି ଜଗତରେ ବିରାଜମାନ କରିଥିବା ସ୍ୱୟଂ ଜଗତର ସ୍ୱାମୀ, ପରମାତ୍ମା ପରମେଶ୍ୱରଙ୍କୁ ଦର୍ଶନ କରିବା ନିମିତ୍ତ କବି ସେହି ଅଦୃଶ୍ୟ କଳ୍ପଜଗତକୁ ଯାତ୍ରା କରିଛନ୍ତି । ସେହି ଯାତ୍ରା ହେଉଛି ଏକ ଆଧିଭୌତିକ ଯାତ୍ରା । ତାର ଏକ ଗୀତିମୟ ଅଭିବ୍ୟକ୍ତି ହୋଇଥିବା ଯୋଗୁଁ କବି ଏହାକୁ ଯାତ୍ରାସଙ୍ଗୀତ ନାମରେ ଅଭିବ୍ୟକ୍ତ କରିଛନ୍ତି । ଭାବର ତାରଲ୍ୟ ସଂଶିତ କବିତାକୁ ବହୁଳ ଭାବେ ଅଦୃତ କରିଅଛି ।

କବିତାରେ କବି ଅଭିବ୍ୟକ୍ତ କରିଛନ୍ତି ଯେ, ସେହି ପରମ ସତ୍ତା ତାଙ୍କ ଜୀବନ ରୂପକ ପାତ୍ରକୁ ପରିପୂର୍ଣ୍ଣ କରିଦେଇଛନ୍ତି । ତେଣୁ ତାଙ୍କୁ କିଛି ଦୋଇନାହାନ୍ତି ବୋଲି ଆଦୌ କବି କହିପାରିବେ ନାହିଁ । ସେହି ଜୀବନର ପ୍ରିୟତମ ପରମ ପ୍ରଭୁ କବିଙ୍କ ସମସ୍ତ ପ୍ରକାର ସାଂସାରିକ ଭ୍ରମକୁ ଦୂର କରିଦେଇଛନ୍ତି । ତେଣୁ ତାଙ୍କ ଅନନ୍ତ ସତ୍ତା ରୂପ ସାଗରରେ ଆପଣାର ଜୀବନ ନୌକାକୁ ଅବାଧରେ ଭସାଇ ଦେବା ପାଇଁ କବି ବିନମ୍ର ନିବେଦନ କରିଛନ୍ତି। ସାଂସାରିକ ଜୀବନ ଯାପନ କରିବା ସମୟରେ ମହାପ୍ରଭୁ ଅନେକ ବ୍ୟକ୍ତିଙ୍କ ସହିତ ସମ୍ପର୍କ ସୃଷ୍ଟି କରିଛନ୍ତି । ପୁଣି ଅତର୍କିତ ଭାବରେ ସେମାନଙ୍କ ସହିତ ବିଚ୍ଛେଦ କରି ଲୁଚାଇ ଦେଇଛନ୍ତି ସମୟର ସ୍ରୋତରେ । କବି ଏହି ମର ସଂସାରର ଅଧିବାସୀ ହୋଇଥିବା ଯୋଗୁଁ ସମ୍ପର୍କକୁ ନାଇ ବୃଥା ଅଭିମାନ ମଧ୍ୟ ମନ ଭିତରେ ପୋଷଣ କରିଛନ୍ତି। ସତ୍ୟକୁ ଜାଣି ନପାରି ସେହି ସମ୍ପର୍କିତ ବ୍ୟକ୍ତିଙ୍କ ଉପରେ ଦାଉ ସାଧିବା ପାଇଁ ମଧ୍ୟ ପ୍ରୟାସ କରିଛନ୍ତି ।

କବି ପ୍ରକୃତ ସତ୍ୟକୁ ହୃଦୟଙ୍ଗମ କରିବା ପରେ ଭଗବାନଙ୍କୁ ନିବେଦନ କରିଛନ୍ତି ଯେ, ସେ ସଂସାରର ବଭିନ୍ନ କ୍ଷୁଧା ଓ ତୃଷା ମଧ୍ୟରେ ତଲ୍ଲୀନ ହୋଇ ଜୀବନ ନିର୍ବାହ କରୁଥିଲେ, ଯାହା ହେଉଛି କ୍ଷଣସ୍ଥାୟୀ ଓ ଅନିତ୍ୟ। ସେ ଉପଲବ୍‌ଧି କରିଛନ୍ତି ଯେ, ସେ ହେଉଛନ୍ତି ମାନସ ଜଗତର ହଂସ ସ୍ୱରୂପ । ମାନସ ଜଗତରେ ରହିଥିବା ଏକ ଅଦୃଶ୍ୟ ଇଲାକାକୁ ଚାଲି ଯିବା ପାଇଁ ସେ ବାସନା ପୋଷଣ କରିଛନ୍ତି । କାରଣ ଯେଉଁମାନେ ଆପଣାର କାମନାର ବିଚିତ୍ର ଜାଲ ଭିତରେ ଆବଦ୍ଧ ହୋଇ ରହିଥାନ୍ତି, ସେମାନେ ଆଦୌ ଶାନ୍ତି ପାଇପାରନ୍ତି ନାହିଁ । ଅଜ୍ଞାନତାର ଅନ୍ଧକାର ଭିତରେ ଅମୃତର ସ୍ୱାଦ କ'ଣ ଅନୁଭବ କରିହୁଏ ? ତେଣୁ କବି ଦୃଢ଼ ନିଶ୍ଚୟ ହୋଇଛନ୍ତି ଯେ ନିଜର ସମୟ ଥାଉଁ ଥାଉଁ ସେ ଏହି ସଂସାରକୁ ପରିତ୍ୟାଗ କରି ସେହି ଅନନ୍ତ ଆନନ୍ଦର ସମୁଦ୍ର ମଧ୍ୟକୁ ଚାଲିଯିବେ ଏବଂ

ପରମ କୃପା ଲାଭ କରିବା ପାଇଁ ପ୍ରୟାସ କରିବେ । ସେହି ପ୍ରିୟତମ ପ୍ରଭୁ ଜୀବନରେ ଭରି ଦେଇଛନ୍ତି ଅମର ପ୍ରୀତି । ଶିଶୁ ଭଳି କ୍ରନ୍ଦନ ପୂର୍ବକ ତାଙ୍କଠାରେ ଅନୁଯୋଗ ରହିବା ହେତୁ କବିଙ୍କ ଜୀବନର ସମସ୍ତ ଆଶା ପରିପୂର୍ଣ୍ଣ ହୋଇଅଛି । ସେ ସ୍ନିଗ୍ଧ ସକାଳରେ ତଥା ରମଣୀୟ ସନ୍ଧ୍ୟାରେ ଯେଉଁ ସୌନ୍ଦର୍ଯ୍ୟର ତରଙ୍ଗ ଖେଳାଇ ଦେଇଛନ୍ତି ପୃଥିବୀରେ କବିଙ୍କ ବିକଳ କଣ୍ଠରେ ମଧ ସ୍ଫୁରିତ ହୋଇଛି ମଧୁର ଭାଷାର ସ୍ରୋତ । ଏକ ମୁଗ୍ଧ ସ୍ତାବକ ଭଳି କବି ତାଙ୍କର ହିଁ ବନ୍ଦନା ଗାନ କରିଛନ୍ତି । ସେଥିପାଇଁ ହୁଏତ ପରମେଶ୍ୱର କବିଙ୍କ ବୀଣାରେ ସୃଷ୍ଟି କରିଛନ୍ତି ସୁମଧୁର ମୂର୍ଚ୍ଛନା । କବି ଅତ୍ୟନ୍ତ ଦୁଃଖର ସହିତ କହିଛନ୍ତି ଯେ, ସେହି ପରମାତ୍ମାଙ୍କ ଅପୂର୍ବ ଲୀଳାକୁ ହୃଦୟଙ୍ଗମ କରି ନପାରି ସାଂସାରିକ ସୁଖ ଯୋଗୁଁ ତାକୁ ଅବହେଳା କରିଛନ୍ତି । ଏବଂ ଦେଖୁଁଦେଖୁଁ ପରିସମାପ୍ତ ହୋଇଯାଇଛି ମିଳନର ମଧୁମୟ ରାତ୍ରି । ମିଥ୍ୟାର ବଜାରରେ ବଣିକର ମୃତ୍ୟୁ ସୁନିଶ୍ଚିତ । ସେ ସେହିଭଳି ସାଂସାରିକ ମିଥ୍ୟାର ବଜାର ମଧ୍ୟକୁ ପଶି ଯାଇ ଆପଣାର ଦୁର୍ମୂଲ୍ୟ ଜୀବନ ରୂପକ ମଣିର ମୂଲ୍ୟ ନିରୂପଣ କରିବାକୁ ପ୍ରୟାସ କରିଥିଲେ । ମାତ୍ର ତାଙ୍କୁ ମନେହୋଇଛି ଯେ, ମିଥ୍ୟା ମୋହ ଯୋଗୁଁ ତାଙ୍କ ମୂଲ୍ୟବାନ୍ ଜୀବନ ନଷ୍ଟବିନଷ୍ଟ ହୋଇଯାଇଛି ।

କବିଙ୍କ ଜୀବନ ସମାପ୍ତ ପ୍ରାୟ । ପୌଷ ମାସରେ ଯେମିତି ପତ୍ରଗୁଡ଼ିକ ଝଡ଼ିଯାଏ ଓ ଥୁଣ୍ଟା ହୋଇଯାଏ ବୃକ୍ଷ, ସେହିଭଳି କବିଙ୍କ ଜୀବନବୃକ୍ଷରୁ ଝଡ଼ିଯାଉଛି ଆୟୁଷର ପତ୍ରସମୂହ । ଗଭୀର ନୈରାଶ୍ୟର ସ୍ପର୍ଶରେ ହୁଏତ କେତେବେଳେ ଝଡ଼ିଯାଇଛି ଅନୁଭବ କରିପାରିନାହାନ୍ତି କବି । ତା ସତ୍ତ୍ୱେ ତାଙ୍କର ହୃଦୟ ମନସ୍ତାପ କରିନାହିଁ, ମାତ୍ର ହୃଦୟ-ସାଗରରେ ଦୁର୍ମୂଲ୍ୟ ମଣି ରହିଛି ଏବେ ତାହା ସେ ହୃଦୟଙ୍ଗମ କରିଛନ୍ତି । ଏହି ଅନୁଭବର ସ୍ତରକୁ ଆସିଲା ବେଳେ କବିଙ୍କ ମନେହୋଇଛି ଯେ, ଜୀବନର କୁଞ୍ଜ ଭିତରେ ରମଣୀୟ ସ୍ୱରେ ନିଃସ୍ୱନି ଉଠୁଛି ସେହି ପରମ ପ୍ରେମମୟଙ୍କ ବଂଶୀଧ୍ୱନି । ଜୀବନର ପ୍ରତିଟି ପଦପାତରେ ଅନୁଭୂତ ହେଉଛି ତାଙ୍କ ଆଗମନୀର ଶିହରଣ । ମଣିଷ ଜୀବନରେ ତ ସବୁ ତାଙ୍କରି ଲୀଳା । କାହାକୁ କେତେ ଦିଅନ୍ତି, କାହାଠାରୁ କେତେ ନିଅନ୍ତି ସେହି ମହାଦାନୀ ପରମେଶ୍ୱର ହିଁ ତାହା ଜାଣିପାରନ୍ତି । ତାଙ୍କର ଅମୃତମୟ ସ୍ପର୍ଶରେ ପୌଷମାସର ଜୀର୍ଣ୍ଣ ବୃକ୍ଷ ମଧ ପଲ୍ଲବିତ ହୋଇଯାଏ । ତେଣୁ ଜୀବନକୁ ସାକ୍ଷ ଦେଇ କବି ଉଲ୍ଲସିତ ହୋଇଉଠିଛନ୍ତି । କହିଛନ୍ତି ଯେ, ଆଉ ଅନୁଶୋଚନା କରିବାର ସମୟ ନାହିଁ । ସେହି ନିତ୍ୟ ବୃନ୍ଦାବନକୁ ଚାଲିଯାଇ ଅଦୂର ଗୋଲୋକ ଧାମରେ ନିତ୍ୟ ରାସ ସନ୍ଦର୍ଶନ କରିବା ନିମିତ୍ତ କବି ମନକୁ ଅନୁରୋଧ କରିଛନ୍ତି । ସେହି ଅଦୂର ରାସ୍ତାରେ ତାଙ୍କ ସହିତ ଆଜି ମିଳନ ହେବ, ଜୀବନ ହୋଇଉଠିବ ଆଲୋକିତ । ଜୀବନର ଅନେକ ସଂଘର୍ଷ, ଅନେକ ପରାଜୟ ସତ୍ତ୍ୱେ ଆଜି ହୁଏତ ଚାଖିହେବ ବିଜୟର ସ୍ୱାଦ । ହେ ମନ ରୂପକ ଅନନ୍ତ ପଥର ଯାତ୍ରୀ, ଆଜି ତୋର ଯାତ୍ରା ଶେଷ ହେବ । ଜୀବନର ଯାହା ଯାହା ସନ୍ଦେହ ରହିଛି, ଯେଉଁ କ୍ଳେଶ, ଦୁଃଖ ଯନ୍ତ୍ରଣା ରହିଛି, ଆଜି ସବୁ ସମାପ୍ତ ହୋଇଯିବ । ସେହି ପରମକାରୁଣିକଙ୍କ ଅପୂର୍ବ ଦର୍ଶନରେ ହୁଏତ ବିଦଳିତ ହୋଇଯିବ ସମସ୍ତ ପାପ । ଧ୍ୱଂସ ହୋଇଯିବ ଦୁଷ୍କୃତି ରୂପକ ରାହୁ । କବି ଅନୁଭବ କରିଛନ୍ତି ଯେ, ତାଙ୍କ ଜୀବନର ଆରାଧ ଦେବତା ଜୀବନର ଶେଷତମ ରାସ୍ତାରେ ଆବିର୍ଭୂତ ହୋଇଛନ୍ତି । ଜୀବନର ନୌକା ତାଙ୍କ ଦିଗକୁ ହିଁ ପ୍ରଧାବିତ ହେଉଛି ଲାଭ କରିବା ପାଇଁ ତାଙ୍କର ଅଶେଷ କରୁଣା ।

# ୪.୬ କବିତାର ବିଭିନ୍ନ ଦିଗ

କ) କବିତାରେ ଆଧ୍ୟାତ୍ମିକ ଅନୁଭୂତି :

କବି ବୈକୁଣ୍ଠନାଥ ତାଙ୍କ କବି ଜୀବନର ପ୍ରାରମ୍ଭ କାଳରେ ପ୍ରେମ ଓ ପ୍ରଣୟକୁ ଉପଜୀବ୍ୟ କରି ସ୍ୱକୀୟ କବିତାଗୁଡ଼ିକ ରଚନା କରିଥିଲେ । ସାଧାରଣତଃ ତାହା ଥିଲା ସେହି ଯୁଗର ବୈଶିଷ୍ଟ୍ୟ । ରୋମାଣ୍ଟିକ୍ ଚିନ୍ତାଧାରାକୁ ଭିତ୍ତି କରି ଓଡ଼ିଆ ସବୁଜ କବିବୃନ୍ଦ କବିତା ସୃଷ୍ଟି କରୁଥିବା ଯୋଗୁଁ ବୈକୁଣ୍ଠନାଥ ମଧ୍ୟ ଏହି ଧର୍ମୀ ଅନେକ ଗୀତି କବିତା ରଚନା କରିଥିଲେ । ମାତ୍ର ପରବର୍ତ୍ତୀ କାଳରେ ତାଙ୍କ କାବ୍ୟ ଚେତନାର ସ୍ୱର ପରିବର୍ତ୍ତିତ ହୋଇ ଯାଇଥିଲା । ସେ ଅନୁଭବ କରିଥିଲେ ଯେ, ଏହି ସଂସାରର ସମଗ୍ର ଉର୍ଦ୍ଧ୍ୱରେ ବିରାଜମାନ କରୁଛନ୍ତି ପରମକାରୁଣିକ ପରମେଶ୍ୱର । ତାଙ୍କର କରୁଣା ବିନା ମଣିଷର ଜୀବନ ଅସାର ଓ ମୂଲ୍ୟହୀନ । ସେହି ଗମ୍ଭୀର ଆଧ୍ୟାତ୍ମିକ ଦର୍ଶନକୁ ଆଧାର କରି ସେ କବିତାଗୁଡ଼ିକ ରଚନା କରିଥିଲେ । ସେହି କବିତା ମଧ୍ୟରୁ 'ଯାତ୍ରା ସଙ୍ଗୀତ' କବିତାଟି ସ୍ୱତନ୍ତ୍ର ମୂଲ୍ୟ ବହନ କରିଅଛି । ଏହି କବିତାରେ କବି ଆଧ୍ୟାତ୍ମିକ ଅନୁଭବର ଶେଷତମ ସ୍ତରକୁ ସ୍ପର୍ଶ କରିଛନ୍ତି । ତାହା ସ୍ୱତଃ ପାଠକ ହୃଦୟକୁ ଆକର୍ଷିତ କରିଥାଏ । ସଂଶିତ କବିତାରେ କବିଙ୍କ ଆଧ୍ୟାତ୍ମିକ ଅନୁଭବର କିଭଳି ପରିପ୍ରକାଶ ଘଟିଛି ତାକୁ ଆଲୋଚନା କରାଯାଉଛି ।

କବିଙ୍କ ଉପଲବ୍ଧି ଅନୁଯାୟୀ ସେହି ପରମେଶ୍ୱର ପରମାତ୍ମା ହେଉଛନ୍ତି ପରିପୂର୍ଣ୍ଣତାର ଆଧାର । ସେ ତାଙ୍କ ଜୀବନକୁ ସମସ୍ତ ଦିଗରୁ ପରିପୂର୍ଣ୍ଣ କରିଛନ୍ତି । ତେଣୁ କବିଙ୍କ ତାଙ୍କ ପ୍ରତି କୌଣସି ପ୍ରକାର ଅଭି ଯୋଗ ନାହିଁ। ଈଶ୍ୱର ତାଙ୍କୁ କିଛି ଦେଇନାହାନ୍ତି ବୋଲି ବୃଥା ଅଭିମାନରେ ତାଙ୍କ ମନ ବିଚଳିତ ନୁହେଁ । ବରଂ ସେହି ପରମପ୍ରଭୁ ଏହି ସଂସାରରେ କବିଙ୍କ ଯେଉଁ ଯେଉଁ ଭ୍ରମ ରହିଥିଲା ତାକୁ ବିଦୂରିତ କରିଛନ୍ତି । ତାଙ୍କର ପରିଚାଳିତ ସଂସାରର ମହତ୍ତ୍ୱକୁ ବୁଝି ନପାରି କବି ଅନେକ ସଂଶୟରେ ବିକଳ ହୋଇଛନ୍ତି । ଯେତେବେଳେ ତାଙ୍କର ଲୀଳାକୁ ଅନୁଭବ କରିଛନ୍ତି କବି ଉତ୍ତମ ରୂପେ ବୁଝି ପାରିଛନ୍ତି ଯେ, ଭଗବାନ କେତେ ବ୍ୟକ୍ତିଙ୍କୁ ତାଙ୍କ ସହିତ ମିଶେଇ ଥିଲେ । ମାତ୍ର ନିଜର ଅଜ୍ଞାନତା ଯୋଗୁଁ ସେ ତାଙ୍କ ସହିତ ସୁସମ୍ପର୍କ ରଖିପାରିନାହାନ୍ତି, ଯାହାକି ତାଙ୍କେ ଦୁଃଖର କାରଣ ହୋଇଛି। ସେହି ଭ୍ରମକୁ ଉପଲବ୍ଧି କରିବା ପରେ କବି ଗାଇ ଉଠିଛନ୍ତି –

"ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି ମରତପ୍ରବାସୀ ମୁଁ
ନ ଜାଣି ଆଣେ ଦାଉ ;
ତରଣୀ ମୋର ତବ ସାଗରେ ବହିଯାଉ ।"

କବି ଅନୁଭବ କରିଛନ୍ତି ଯେ, ସେହି ମହିମାମୟ ଅନନ୍ତ ପରମେଶ୍ୱର ଏହି ସାଂସାରିକ ଜଗତରେ ନାହାନ୍ତି। ଏହି ଜଗତର ଉର୍ଦ୍ଧ୍ୱରେ ଏକ ଅଦୃଶ୍ୟ କଳ୍ପନାର ଜଗତରେ ସେ ବିରାଜମାନ କରୁଛନ୍ତି । ମାନସ ରୂପକ ହଂସକୁ ସେ ଦିଗକୁ ଉଡ଼ାଇବାକୁ ଚେଷ୍ଟା କଲେ ଯାଇ ସେ ପ୍ରାପ୍ତ ହୋଇପାରିବେ ଓ ତାଙ୍କ ଅଶେଷ କରୁଣାଦ୍ୱାରା ତାଙ୍କୁ ପରିପୂର୍ଣ୍ଣ କରିବେ । ତେଣୁ କବି ଆପଣାର ମାନସ-ହଂସକୁ ସେହି ଅନନ୍ତବିହାରୀଙ୍କ ଉଦ୍ଦେଶ୍ୟରେ ନେବା

ପାଇଁ ବ୍ୟାକୁଳ ହୋଇଉଠିଛନ୍ତି । ଏହି ସାଂସାରିକ କ୍ଷୁଧା ତୃଷା ଅସାର, କ୍ଷଣଭଙ୍ଗୁର ମନେ ହୋଇଛି କବିଙ୍କୁ । କାରଣ ସଂସାରର ପ୍ରତ୍ୟେକ ମଣିଷ ଆପଣାର କାମନା ରୂପକ ଜାଲରେ ଆପେ ଆବଦ୍ଧ ହୋଇ ରହିଯାନ୍ତି । ସେମାନେ ଜାଣିନାହାନ୍ତି ଯେ, ଅଜ୍ଞାନତାର ଅନ୍ଧକାର ମଧ୍ୟରେ ଆଦୌ ଅମୃତର ସ୍ୱାଦ ଅନୁଭୂତ ହୁଏନାହିଁ । କବି ଯେତେବେଳେ ସେକଥା ଜାଣି ପାରିଛନ୍ତି, ସେହି ଅଦୃଶ୍ୟ ଜଗତକୁ ଚାଲିଯିବାର ଅଦମ୍ୟ କାମନାରେ ବିହ୍ୱଳ ହୋଇଉଠିଛନ୍ତି । ସମୁଦ୍ର ତଥା ବିରାଟ ଗିରିରାଜି ଭେଦ କରି ସେହି ଅତୀନ୍ଦ୍ରିୟ ଜଗତରେ ପାଦ ସ୍ଥାପିବା ପାଇଁ ମନ ତାଙ୍କର ବ୍ୟାକୁଳ ହୋଇଉଠିଛି । କବିଙ୍କ ଭାଷାରେ-

"ଛାଡ଼ିବି ଦୂରେ ଯିବି ପାରାବାରେ ଭାସିବି, ଲଂଘି ହିମଗିରି
ଯିବି ଗୋ ବେଳ ଥାଉଁ ;
ତରଣୀ ମୋର ତବ ସାଗରେ ବହିଯାଉ ।"

କବିଙ୍କ ଅନୁଭବ ଅନୁଯାୟୀ ସେହି ପ୍ରଭୁ ପରମେଶ୍ୱର ହିଁ ତାଙ୍କ ମନରେ ସୃଷ୍ଟି କରିଛନ୍ତି ସେହି ଅମୃତ ଆଶା । ସେହି ଅମର ପ୍ରୀତି ଅନୁଭବ ପୂର୍ବକ ତାଙ୍କ ହୃଦୟ ହୋଇଉଠିଛି ପୁଲକିତ । ଏହି ସଂସାରର ସମସ୍ତ ସୌନ୍ଦର୍ଯ୍ୟ ଭିତରେ କବି ତାଙ୍କର ବିମଳ ସ୍ପର୍ଶକୁ ଅନୁଭବ କରିଛନ୍ତି । ତେଣୁ ତାଙ୍କ ମନ ବୀଣାରେ ତାନ ତୋଳି ଅହରହ ତାଙ୍କର ଚରଣବନ୍ଦନା କରିବା ପାଇଁ କବି ଉଦ୍ବେଳିତ ହୋଇଉଠିଛନ୍ତି । ଯେତେବେଳେ ସେ ଏହିଭଳି ଆଧ୍ୟାତ୍ମିକ ଅନୁଭୂତି ଲାଭ କରିଛନ୍ତି, ସେତେବେଳେ ତାଙ୍କର ମନେ ହୋଇଛି ଯେ ଏତେ ଦିନ ପର୍ଯ୍ୟନ୍ତ ସେ ମିଥ୍ୟା ଓ ଭ୍ରମ ମଧ୍ୟରେ କାଳାତିପାତ କରୁଥିଲେ । ତାଙ୍କ ଭିତରେ ଯେଉଁ ଦୁର୍ମୂଲ୍ୟ ମଣି ଥିଲା, ତାକୁ ସେ ମିଥ୍ୟା ବିପଣୀରେ ମୂଲ୍ୟାୟନ କରିବା ପାଇଁ ପ୍ରୟାସ କରୁଥିଲେ । ମାତ୍ର ତାଙ୍କର ମୋହଭଙ୍ଗ ହୋଇଯାଇଛି ।  ପୌଷ ତରୁର ପତ୍ର ଭଳି ସମୟ ତାଙ୍କ ଜୀବନ ପଳିତ ପ୍ରାୟ । ଆଉ କିଛି କାଳ ପରେ ଏହି କ୍ଷଣଭଙ୍ଗୁର ଶରୀର ମିଳେଇ ଯିବ ମାଟିରେ । ସେହି ମୁହୂର୍ତ୍ତରେ ସେ ଉପଲବ୍ଧି କରିଛନ୍ତି ତାଙ୍କର ପରମସ୍ପର୍ଶ । ଜୀବନର କୁଞ୍ଜରେ ବାଜି ଉଠିଛି ତାଙ୍କ କରୁଣାର ମଧୁର ମୁରଲୀ ଧ୍ୱନି । ସେହି ଚମତ୍କାର ଅନୁଭବକୁ କବି ପ୍ରକାଶ କରିଛନ୍ତି କବିତାରେ-

"ଜୀବନେ ଦେବା-ନେବା ଭିଆଣ ସବୁ ତାର, ସେ ମହାଦାନୀ ହସେ
ପରାଣେ ଦେଖି ନାହୁଁ ?
ତା ପରଶେ ପଉଷ ଜୀର୍ଣ୍ଣ ଜୀବତରୁ, ପଲ୍ଲବିତ ଆହା
ଶୋଚନା କିବା ଆଉ ?"

ଏହିଭଳି ଆଧ୍ୟାତ୍ମିକ ଅନୁଭବର ସୁନିର୍ମଳ ଆନନ୍ଦରେ କବି ଚିତ୍ତ ହୋଇଉଠିଛି ଅତ୍ୟନ୍ତ ଆବେଗପୂର୍ଣ୍ଣ । ତେଣୁ ସେ ତାଙ୍କ ଚଞ୍ଚଳ ମନକୁ  ପରମେଶ୍ୱରଙ୍କ ନିତ୍ୟ ରାସ ସନ୍ଦର୍ଶନ କରିବା ପାଇଁ ଅନୁରୋଧ କରିଛନ୍ତି । ତାଙ୍କ ଭାବନା ଅନୁଯାୟୀ ଅଦୂରରେ, ଅତୀନ୍ଦ୍ରିୟ ଜଗତରେ ଯେଉଁ ପରମ ପୁରୁଷ ପରମାତ୍ମା ବିଦ୍ୟମାନ୍ ତାଙ୍କ ସହିତ ମିଳିତ ହୋଇପାରିଲେ ହିଁ ମିଳିବ ଜୀବନର ପରମ ଶାନ୍ତି । ସେହି ଯାତ୍ରା ହେଉଛି ଜୀବନର ଶେଷତମ ଯାତ୍ରା ।

ଯେତେବେଳେ ସେ ସେହି ଯାତ୍ରାକୁ ଆରମ୍ଭ କରିବେ ସେତେବେଳେ ଜୀବନର ସମସ୍ତ କ୍ଳେଶ, ସମସ୍ତ ଯନ୍ତ୍ରଣା ଦୂରୀଭୁତ ହୋଇଯିବ । ତାଙ୍କର ପୁଣ୍ୟମୟ ଦର୍ଶନରେ ଲାଘବ ହୋଇଯିବ ଜୀବନର ସମସ୍ତ ପାପ, ସମସ୍ତ ଦୁଷ୍କୃତି । କବିଙ୍କ ଚେତନା ଜଗତ ହୋଇଉଠିଛି ଈଶ୍ୱରମୟ । ସଂସାରର ଯାବତୀୟ ଭୋଗ ଲାଳସା ବିଦୂରିତ ହୋଇଯାଇଛି । ସେହି ଅମୃତମୟଙ୍କ କୃପା ଲାଭ କରି ଆନନ୍ଦମୟ ପଥରେ ଆପଣାକୁ ବିଲୀନ କରିଦେବା ପାଇଁ କବି ଆରମ୍ଭ କରିଛନ୍ତି ତାଙ୍କର ଶେଷତମ ଯାତ୍ରା । ଆଧାତ୍ମିକ ଅନୁଭବର ଶୀର୍ଷତା ସଂଶିତ କବିତାରେ ଅତି ଚମତ୍କାର ଭାବେ ରୂପାୟିତ ହୋଇଛି । ସେହି ଦୃଷ୍ଟିରୁ କବିତାଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

**ଖ) କବିତାରେ ରହସ୍ୟବାଦୀ ଚିନ୍ତାଧାରା :**

ସଂସାର ହେଉଛି ରହସ୍ୟପୂର୍ଣ୍ଣ । ଭୂମିଠାରୁ ଆକାଶ ପର୍ଯ୍ୟନ୍ତ ଏହି ବିଶ୍ୱସୃଷ୍ଟିର ପ୍ରତିଟି ଉପାଦାନରେ ଭରି ରହିଛି ଅନନ୍ତ ରହସ୍ୟ । ସୂର୍ଯ୍ୟ ଚନ୍ଦ୍ରଙ୍କ ଉଦୟଅସ୍ତ, ଦିବାରାତ୍ରର ସ୍ୱତଃସ୍ଫୂର୍ତ୍ତ ପରିବର୍ତ୍ତନ, ଋତୁ ପରିବର୍ତ୍ତନ, ବିଶ୍ୱବ୍ରହ୍ମାଣ୍ଡର ଉତ୍ପତ୍ତି, ମଣିଷର ଉତ୍ପତ୍ତି, ଜୀବଜନ୍ତୁଙ୍କ ସୃଷ୍ଟି ଇତ୍ୟାଦି ଯୁଗ ଯୁଗ ଧରି ସାଧାରଣ ମଣିଷର ମନ ଭିତରେ ସୃଷ୍ଟି କରିଆସିଛି ରହସ୍ୟାତ୍ମକ ବିସ୍ମୟ । ମଣିଷ ବାରମ୍ବାର ସେଗୁଡ଼ିକର ସମାଧାନ କରିବା ପାଇଁ ପ୍ରୟାସ କରିଆସିଛି ଓ ବିଫଳ ହୋଇଛି । ତାର ମନେହୋଇଛି ଯେ, ଏହି ଜାଗତିକ ସଂସାରର ଊର୍ଦ୍ଧ୍ୱରେ ରହିଛନ୍ତି କୌଣସି ଏକ ଅଲୌକିକ ଶକ୍ତି ଓ ସେ ହିଁ ନିୟନ୍ତ୍ରିତ, ପରିଚାଳିତ କରୁଛନ୍ତି ସମଗ୍ର ସଂସାରକୁ । ତେଣୁ ସେହି ଅତୀନ୍ଦ୍ରିୟ ଜଗତକୁ ପ୍ରସାରିତ କରିବା ପାଇଁ ଦୁର୍ବାର ପ୍ରଚେଷ୍ଟା କରିଆସିଛି ଯୁଗ ଯୁଗ ଧରି । ସେହି ରହସ୍ୟକୁ ଉନ୍ମୋଚନ କରିବା ତଥା ସେ ଦିଗରେ ଆପଣାର ଚେତନାକୁ ସମ୍ପ୍ରସାରିତ କରିବାର ତତ୍ତ୍ୱ ହେଉଛି ରହସ୍ୟବାଦ । ପ୍ରାଚୀନ ଭାରତର ସମସ୍ତ ତତ୍ତ୍ୱ ଓ ତଥ୍ୟ ଏହି ରହସ୍ୟବାଦର ମୂଳ ଭିତ୍ତି ଉପରେ ହିଁ ସୃଷ୍ଟି ହୋଇଛି । ପ୍ରାଚୀନ କାଳଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଋଷି ମୁନି ତଥା ପ୍ରାଜ୍ଞ କବିମଣ୍ଡଳୀ ସେହି ରହସ୍ୟର ବଳୟ ମଧ୍ୟରେ ସ୍ୱକୀୟ ଚେତନାକୁ ବିଳସିତ କରିଛନ୍ତି । କେବଳ ପ୍ରାଚ୍ୟ ଚିନ୍ତନରେ ନୁହେଁ ପାଶ୍ଚାତ୍ୟ ଜଗତର ଚିନ୍ତାମନିଷୀ ତଥା କବିବୃନ୍ଦ ଏହାକୁ ଏକ ଦର୍ଶନ ଭାବରେ ଗ୍ରହଣ ପୂର୍ବକ ଆପଣାର ଭାବ ପ୍ରକାଶ କରିଛନ୍ତି । ପାଶ୍ଚାତ୍ୟ ମୂଲ୍ୟବୋଧରେ ଏହା Mysticism ଭାବରେ ଗୃହୀତ ହୋଇଅଛି । ପାଶ୍ଚାତ୍ୟ କବି ଉସକ୍ଷକ୍ଷସବଜ୍ଞ ଈକ୍ଷବଳର ଏହି ସମଗ୍ର ଜଗତକୁ ବିନ୍ଦୁ ଭିତରେ ଅନୁଭବ ପୂର୍ବକ କହିଛନ୍ତି " To see this world in a grain of sand" ବିଶ୍ୱର ଅନେକ କବି ଓ ସାହିତ୍ୟିକ ରହସ୍ୟବାଦକୁ ସାହିତ୍ୟର ଏକ ପ୍ରୟୋଗାତ୍ମକ ତତ୍ତ୍ୱ ଭାବେ ଗ୍ରହଣ ପୂର୍ବକ ଏହାର ବିଭିନ୍ନ ସିଦ୍ଧାନ୍ତ ନିରୂପଣ କରିଯାଇଛନ୍ତି । ତେବେ, କବି ବୈକୁଣ୍ଠନାଥଙ୍କ ଆଲୋଚ୍ୟ ଯାତ୍ରାସଙ୍ଗୀତ କବିତାରେ ରହସ୍ୟବାଦୀ ଚିନ୍ତାଧାରର କିଭଳି ପ୍ରୟୋଗ ଘଟିଛି, ତାକୁ ନିମ୍ନରେ ବିଚାର କରାଯାଉଛି ।

କବି ବୈକୁଣ୍ଠନାଥଙ୍କ ଚିନ୍ତାଧାରା ଅନୁଯାୟୀ, ଏହି ଜାଗତିକ ସଂସାରର ଊର୍ଦ୍ଧ୍ୱରେ ରହିଛି ଆଉ ଏକ ଅତୀନ୍ଦ୍ରିୟ ଜଗତ । ସେହି ଜଗତ ସାଧାରଣ ବ୍ୟକ୍ତିଙ୍କ ପାଇଁ ହୁଏତ ରହସ୍ୟପୂର୍ଣ୍ଣ ହୋଇପାରେ; ମାତ୍ର ସେହି ଜଗତ ମଧ୍ୟରେ ବିରାଜମାନ କରୁଛନ୍ତି ସେହି ପରମପୁରୁଷ ଅଲୌକିକ ସ୍ରଷ୍ଟା । ମଣିଷ ଜୀବନରେ ଯାହା ଯାହା ସଂଘଟିତ ହେଉଛ, ସେ ହେଉଛନ୍ତି ସେ ସବୁର ନିୟାମକ, ପରିଚାଳକ । କବି ଯେତେବେଳେ ଏହି ବିଚିତ୍ର ରହସ୍ୟକୁ ଅନୁଭବ କରିଛନ୍ତି, ସେତେବେଳେ ଶିହରିତ ହୋଇଯାଇଛି ତାଙ୍କର ତନୁମନ । ସଂସାର ସମ୍ପର୍କରେ ତାଙ୍କର ସମସ୍ତ

ଭ୍ରମ ଦୂରୀଭୂତ ହୋଇଯାଇଛି । ସେ ଯେଉଁ ଅଭିମାନ ଧାରଣ ପୂର୍ବକ ଏହି ସଂସାରରେ ଜୀବନଧାରଣ କରୁଥିଲେ ତାହା ବିଧ୍ୱଂସ ହୋଇଯାଇଛି । ତେଣୁ ତାଙ୍କ ପାଦତଳେ ସମ୍ପୂର୍ଣ୍ଣ ଭାବେ ସମର୍ପି ଦେଇଛନ୍ତି ଆପଣାକୁ । କବିଙ୍କ ଭାଷାରେ-

"ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି ମରତପ୍ରବାସୀ ମୁଁ
ନ ଜାଣି ଆଣେ ଦାଉ ;
ତରଣୀ ମୋର ତବ ସାଗରେ ବହିଯାଉ ।"

ଏହି ସାଧାରଣ ସଂସାରକୁ ପରିତ୍ୟାଗ କରି ସେହି ଅଦୃଶ୍ୟ କଳ୍ପଲୋକକୁ ଚାଲିଯାଇ ସେହି ଶକ୍ତିଶାଳୀ ପରମପୁରୁଷଙ୍କ ସାନ୍ନିଧ ଲାଭ ପାଇଁ ପ୍ରୟାସ ରହସ୍ୟବାଦର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ । କବି ସାଧାରଣ ସଂସାରରେ ଥାଇ କେବଳ ଅନୁଭବ ମଧ୍ୟରେ ଜୀବନ ନିର୍ବାହ କରେନାହିଁ, ବରଂ ସେହି ଅତୀନ୍ଦ୍ରିୟ ଜଗତକୁ ଚାଲିଯାଇ ବିଶ୍ୱସ୍ରଷ୍ଟାଙ୍କ ସ୍ୱରୂପ ଜାଣିବା ପାଇଁ ପ୍ରଚେଷ୍ଟା କରିଥାଏ । କବି ବୈକୁଣ୍ଠନାଥଙ୍କ ମାନସ ରୂପକ ହଂସ ମଧ୍ୟ ସ୍ଥିର ରହିନାହିଁ । ସେହି ଅଦୃଶ୍ୟ ଜଗତକୁ ଚାଲିଯିବା ପାଇଁ ବ୍ୟାକୁଳ ହୋଇଉଠିଛି । ଏହି ଜଗତର ସମସ୍ତ ପ୍ରକାର ବାସନା ତ୍ୟାଗ କରି ସେହି ଜଗତକୁ ସଞ୍ଚାଳିତ ହେବା ପାଇଁ ଅଧୀର ହୋଇଯାଇଛନ୍ତି କବି-

"ମାନସହଂସ ମୁଁ ମାନସେ ଯିବି ଉଡ଼ି, ମୋ ଦୋଷେ ପଥ ହୁଡ଼ି
ଭରମେ ଅବିରତ
ଅଳପ ତୃଷା କ୍ଷୁଧା ଲଭି ତୁମରି ସୁଧା ତୃପତ ହେଲା ତେବେ
ଲୋଡ଼ଇ ଏ ମରତ ।"

କଳ୍ପ-ଜଗତ ମଧ୍ୟରେ କେବଳ ସେହି ପରମସ୍ରଷ୍ଟାଙ୍କ ଉପସ୍ଥିତିକୁ ଅନୁଭବ କରିବା ରହସ୍ୟବାଦର ଅନ୍ୟତମ ଉଲ୍ଲେଖନୀୟ ଲକ୍ଷଣ । ରହସ୍ୟବାଦୀ କବି ଯେତେବେଳେ ସଂସାରର ସମସ୍ତ କାମନା, ସମସ୍ତ ବାସନାକୁ ପରିତ୍ୟାଗ କରି ସେହି ଅଲୌକିକ ଜଗତରେ ମନକୁ ସ୍ଥିର ରଖେ ସେତେବେଳେ ତାଙ୍କର ରହସ୍ୟମୟ ସ୍ଥିତି ତାର ଅନୁଭବ ସ୍ତରକୁ ଆସି ତାକୁ ଆନନ୍ଦିତ, ଉଲ୍ଲସିତ କରିଥାଏ । ଏହି ସାଧାରଣ ଜଗତ ଲାଗେ ମାୟାଗ୍ରସ୍ତ ବୋଲି । ଗୋଟିଏ ଆନନ୍ଦର ରହସ୍ୟମୟ ଜଗତରେ ସେ ସର୍ବଦା ବିଚରଣ କରିଥାଏ । କବି ବୈକୁଣ୍ଠନାଥ ସେହି ଅନୁଭବର ସ୍ତରକୁ ଆସି ବିହ୍ୱଳିତ ହୋଇଉଠିଛନ୍ତି । ତାଙ୍କ ଭାଷାରେ –

"ପରାଣ କୁଞ୍ଜେ ମୋ ତାର ମୁରଲି ଧ୍ୱନି
ପରାଣ ପବନେ ମୋ ତା ଶୁଭ ଆଗମନୀ
ଜୀବନେ ଦେବା-ନେବା ଭିଆଣ ସବୁ ତାର, ସେ ମହାଦାନୀ ହସେ
ପରାଣେ ଦେଖି ନାହୁଁ ?"

ରହସ୍ୟବାଦୀ କବିର ପରମ ଆକାଂକ୍ଷା ହେଉଛି, ସେହି ଅଲୌକିକ ଜଗତରେ ବିରାଜମାନ କରୁଥିବା ପରମପୁରୁଷଙ୍କ ସହିତ ଚିରନ୍ତନ ମିଳନ । ସେହି ମିଳନ ମଧ୍ୟରେ ହି ତା'ର କାମନା ପରିପୂର୍ଣ୍ଣ ହୋଇଥାଏ । କବି ଆଲୋଚ୍ୟ କବିତାରେ ଚାଲିଯାଇଛନ୍ତି ସେହି ଭାବନାର ସ୍ତରକୁ । ସେ ତାଙ୍କର ମାନସ-ହଂସକୁ ଆମନ୍ତ୍ରଣ କରିଛନ୍ତି ସେହି ଅଦୃଶ୍ୟ ଗୋଲୋକରେ ପ୍ରଭୁଙ୍କ ନିତ୍ୟ ରାସ ସନ୍ଦର୍ଶନ କରିବା ନିମିତ୍ତ । ତାକୁ ଦର୍ଶନ କରିବା ପରେ ତାଙ୍କ ସହିତ ମିଳନ ହେବ ଏବଂ ପରମ ଆନନ୍ଦରେ ପୁଲକିତ ହୋଇଯିବ ତାଙ୍କର ଶରୀର । ସେହି ମିଳନରେ ହିଁ ପରିସମାପ୍ତ ହୋଇଯିବ ସମସ୍ତ କାମନାର, ସମସ୍ତ ପାପର । ସେହି ମିଳନ ହେବ ପରମାତ୍ମାଙ୍କ ସହିତ ଆତ୍ମାର ବିମୁଗ୍ଧ ମିଳନ । କବି ଅତ୍ୟନ୍ତ ଆବେଗରେ ଉତ୍ତୋଳିତ ହୋଇ ଗାଇ ଉଠିଛନ୍ତି –

"ଚାଲରେ ଚାଲ ମନ ନିତ୍ୟ ବୃନ୍ଦାବନ, ଦେଖିବୁ ପ୍ରିୟ ରାସ
ଅଦୂରେ ଗୋଲୋକରେ
ଅଦୂର ପଥେ ଆଜି ମିଳନ ତାର ସାଥେ ବିଜୟ ରଥେ ତୋର
ଜୀବନ ଆଲୋକରେ
ଯାତ୍ରୀ ପଥ ତୋର ପଲକେ ହେବ ଶେଷ ।"

କବି ବୈକୁଣ୍ଠନାଥ ପ୍ରକୃତରେ ହେଉଛନ୍ତି ରହସ୍ୟବାଦୀ । ସେ ସାଂସାରିକ ଜୀବନ ନିର୍ବାହ କରୁଥିଲେ ମଧ୍ୟ ଆପଣାର ଚେତନାକୁ ସମ୍ପ୍ରସାରିତ କରିପାରିଛନ୍ତି ଏକ ଅତୀନ୍ଦ୍ରିୟ ଜଗତକୁ । ସଂସାରର ସମସ୍ତ କାମନାବାସନା ପରିତ୍ୟାଗ ପୂର୍ବକ ସେହି ପରମସ୍ରଷ୍ଟାଙ୍କ ପାଦତଳେ ଆପଣାକୁ ସମର୍ପି ଦେବାପାଇଁ ସେ କରିଚନ୍ତି ଦୁର୍ବାର କାମନା । କେବଳ ସେ ଆପଣା ଉପଲବ୍ଧି ମଧ୍ୟରେ ସ୍ଥିର ହୋଇ ରହିନାହାନ୍ତି, ବରଂ ସମଗ୍ର ବିଶ୍ୱବାସୀଙ୍କୁ ସେହି ମହାନ୍ ସ୍ରଷ୍ଟାଙ୍କ ପାଦ-ପଦ୍ମ ତଳେ ଆପଣାକୁ ସମର୍ପି ଦେବା ପାଇଁ ଦେଇଛନ୍ତି ଚରମ ବାର୍ତ୍ତା । ସେହି ଦୃଷ୍ଟିକୋଣରି ସଂଶିତ ଯାତ୍ରାସଙ୍ଗୀତ କବିତା ଯେ ଏକ ପ୍ରକୃଷ୍ଟ ରହସ୍ୟବାଦୀ କବିତା, ଏହା ଏକାନ୍ତ ଭାବରେ ଗ୍ରହଣ କରାଯାଇପାରେ ।

## ୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(୧) କବି ବୈକୁଣ୍ଠନାଥଙ୍କ ଯାତ୍ରାସଙ୍ଗୀତ କବିତାରୁ ତାଙ୍କ ଆଧ୍ୟାତ୍ମିକ ଅନୁଭବର ପରିଚୟ ଦିଅ ।

(୨) ଯାତ୍ରା ସଙ୍ଗୀତ କବିତାରେ ରହସ୍ୟବାଦ କିଭଳି ପରିଲକ୍ଷିତ ଆଲୋଚନା କର ।

(୩) କବି ବୈକୁଣ୍ଠନାଥଙ୍କ ପରିଚୟ ପ୍ରଦାନ କର ।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(୧) କବି ବୈକୁଣ୍ଠନାଥଙ୍କ କେତୋଟି କବିତା ସଙ୍କଳନ ଅଛି ? ତାଙ୍କ କାବ୍ୟ ବୈଶିଷ୍ଟ୍ୟ ବିଷୟରେ ଆଲୋଚନା କର ।

(୨) ଯାତ୍ରା ସଙ୍ଗୀତର ନାମକରଣର ସାର୍ଥକତା ପ୍ରତିପାଦନ କର ।

(୩) କବି ତାଙ୍କ ମାନସ-ହଂସକୁ କ'ଣ କରିବା ପାଇଁ କହିଛନ୍ତି ?

(୪) ପରମେଶ୍ୱରଙ୍କ ସମ୍ପର୍କରେ କବିଙ୍କ ଧାରଣା କ'ଣ ?

(୫) କବିଙ୍କ ସଂସାର ସମ୍ପର୍କରେ ଭ୍ରମ କିଭଳି ଦୂର ହୋଇଛି ?

## ୪.୮ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ ବୃନ୍ଦାବନଚନ୍ଦ୍ର-ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ - ଗ୍ରନ୍ଥମନ୍ଦିର, କଟକ-୨୦୧୨
- କର, ଡ.ବାଉରୀବନ୍ଧୁ-ଓଡ଼ିଆ ସାହିତ୍ୟର ଇତିହାସ-ଫ୍ରେଣ୍ଡସ୍ ପବ୍ଲିଶର୍ସ,କଟକ-୧୯୯୮
- ମହାରଣା,ଡ.ସୁରେନ୍ଦ୍ର କୁମାର-ଓଡ଼ିଆ ସାହିତ୍ୟର ଇତିହାସ-ଓଡ଼ିଶା ବୁକ୍ ଷ୍ଟୋର୍ସ-କଟକ-୨୦୧୫

# ପଞ୍ଚମ ଏକକ : ମୌସୁମୀ - ରାଧାମୋହନ ଗଡ଼ନାୟକ

**ବିଷୟ ଗଠନ :**

୫.୧ ପଠନର ଉଦ୍ଦେଶ୍ୟ
୫.୨ ଶିକ୍ଷଣୀୟ ବିଷୟ
୫.୩ ବିଷୟ ପ୍ରବେଶ
୫.୪ କବି ରାଧାମୋହନ ଗଡ଼ନାୟକଙ୍କ ପରିଚୟ
୫.୫ କବିତାର ପାଠ୍ୟାଂଶ
୫.୫.୧ କବିତାର ମର୍ମାର୍ଥ
୫.୬ ମୌସୁମୀ କବିତାରେ ରୋମାଣ୍ଟିକ୍ ଚିନ୍ତାଧାରା
୫.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୫.୮ ସହାୟକ ଗ୍ରନ୍ଥସୂଚୀ

## ୫.୧ ପଠନର ଉଦ୍ଦେଶ୍ୟ

ସବୁଜ ଯୁଗ ସମକାଳୀନ ଓଡ଼ିଆ ସାହିତ୍ୟର ଯଶସ୍ୱୀ ସାଧକ କବି ରାଧାମୋହ ଗଡ଼ନାୟକଙ୍କ ଏକ ବହୁ ପ୍ରସିଦ୍ଧ କବିତା ହେଉଛି 'ମୌସୁମୀ' । ଏହି କବିତାଟି ଏକ ଆତ୍ମମୂଳକ ସୌନ୍ଦର୍ଯ୍ୟବୋଧାତ୍ମକ କବିତା । ମୌସୁମୀ ସଂସାରର ଏକ ମଙ୍ଗଳକାରୀ ପ୍ରାକୃତିକ ଉପାଦାନ । ତା'ର ଆଗମନଦ୍ୱାରା ପୃଥିବୀରେ ଦେଖାଦିଏ ମେଘମାଳା । ମେଘ ଘନଘୋର ବର୍ଷାଦ୍ୱାରା ଆର୍ଦ୍ର କରିଦିଏ ସମଗ୍ର ଧରିତ୍ରୀକୁ । ପୃଥିବୀ ହୋଇଯାଏ ଶସ୍ୟ ଶ୍ୟାମଳା । ସଂସାରର ସମସ୍ତ ପ୍ରାଣୀ ତାର ଆଗମନୀ ସଙ୍ଗୀତ ଗାଇ ବିଭୋର୍ ହୋଇଯାନ୍ତି ଆନନ୍ଦରେ । ମୌସୁମୀ ଆସିଲେ ପୃଥିବୀର ଯେଉଁ ବିଚିତ୍ର ପରିବର୍ତ୍ତନ ସୃଷ୍ଟି ହୋଇଥାଏ ମୌସୁମୀର ଆତ୍ମୋକ୍ତି ମାଧ୍ୟମରେ କବି ଏଠାରେ ବ୍ୟକ୍ତ କରିଛନ୍ତି । ସଂଶିତ କବିତାରଅଧ୍ୟୟନ ଦ୍ୱାରା ମୌସୁମୀର ରୂପ କେତେ ବୈଚିତ୍ର୍ୟପୂର୍ଣ୍ଣ ଓ ତା'ର ଆଗମନ ଯୋଗୁଁ ସଂସାରର କେଉଁ ମଙ୍ଗଳ ସାଧିତ ହୋଇଥାଏ ତାହା ହୃଦୟଙ୍ଗମ କରିହୁଏ । ପୁନଶ୍ଚ ତାଙ୍କ ଅପୂର୍ବ ସୌନ୍ଦର୍ଯ୍ୟ ମନ ଭିତରେ ସୃଷ୍ଟି କରିଥାଏ ଭିନ୍ନ ଭାବସ୍ପନ୍ଦନ ।

## ୫.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନ ଲିଖିତ ଜ୍ଞାନ ଲାଭ କରିପାରିବେ

- କବି ରାଧାମୋହନ ଗଡ଼ନାୟକଙ୍କ ପରିଚୟ
- କବିତାର ପାଠ୍ୟାଂଶ

- କବିତାର ମର୍ମାର୍ଥ
- କବିତାର ବିଭିନ୍ନ ଦିଗ

## ୫.୩ ବିଷୟ ପ୍ରବେଶ

କବି ରାଧାମୋହନ ଗଡ଼ନାୟକଙ୍କ ଏକ ଶ୍ରେଷ୍ଠ କବିତା ହେଉଛି ମୌସୁମୀ । ଆଙ୍ଗିକ ଦୃଷ୍ଟିରୁ ଏହା ହେଉଛି ଏକ ଆତ୍ମମୂଳକ ଗୀତିକବିତା । ସମକାଳୀନ କବିତାର ଧାରାରେ ଏକ ଭିନ୍ନ ଆବେଗାତ୍ମକ ଭାବଧାରା ସଂଶିତ କବିତାରେ ନିହିତ । ବସ୍ତୁତଃ ମୌସୁମୀର ଆଗମନ କାଳରେ ସମଗ୍ର ଧରିତ୍ରୀର ଯେଉଁ ପ୍ରାକୃତିକ ପରିବର୍ତ୍ତନ ସୃଷ୍ଟି ହୋଇଥାଏ ମୌସୁମୀର ମୁଖରେ କବି ତାକୁ ଅତି ରମଣୀୟ ଭାବେ ପରିବେଷଣ କରିଛନ୍ତି । ମୌସୁମୀର ଆଗମନ ହେଲେ ସାଧାରଣତଃ ଆକାଶରେ ଛାଇ ଯାଇଥାଏ ନିରନ୍ଧ୍ର ଅନ୍ଧକାର । ମେଘର ଗୁରୁଗମ୍ଭୀର ଧ୍ୱନି ଜଗତବାସୀଙ୍କ ମନ ଭିତରେ ସୃଷ୍ଟି କରିଥାଏ ଗଭୀର ସଂତ୍ରସ୍ତତା । ଆକାଶ ରୌଦ୍ର ରୂପ ଧାରଣ କରିଥାଏ । ମାତ୍ର ମୌସୁମୀର ସେହି ରୌଦ୍ର ରୂପ ଭିତରେ ସୁଦ୍ଧା ରହିଥାଏ ମଙ୍ଗଳକାରୀ ଉପାଦାନ । ତା'ର ଆଗମନରେ ବର୍ଷାର ଧାରା ଝରିଯାଇ ସଂସାରର କଲ୍ୟାଣ କରିଥାଏ । କବି ଆଲୋଚ୍ୟ କବିତାରେ ସେହି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଛନ୍ତି ।

## ୫.୪ କବି ରାଧାମୋହନ ଗଡ଼ନାୟକଙ୍କ ପରିଚୟ

ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ ଓଡ଼ିଆ ସବୁଜ ଯୁଗ ସମସାମୟିକ ଏକ ଯଶସ୍ୱୀ ସାଧକ । ସେ ଜନ୍ମଗ୍ରହଣ କରିଥିଲେ ୨୫ ଅଗଷ୍ଟ ୧୯୧୧ ମସିହାରେ । ତାଙ୍କ ପିତା ମହାଦେବ ଗଡ଼ନାୟକ ଥିଲେ ଅନୁଗୁଳ ଜିଲ୍ଲାର କଳଣ୍ଡାପାଳ ଗ୍ରାମ ବାଘସିଂହ ବଂଶର ପ୍ରଭାବଶାଳୀ ବ୍ୟକ୍ତି । ମାତା ଗୋଲୋକମଣି ଦେବୀଙ୍କ ଚତୁର୍ଥ ସନ୍ତାନ ଭାବରେ ରାଧାମୋହନ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପୂର୍ବଜମାନେ ଗଡ଼ନାୟକ ଉପାଧି ପ୍ରାପ୍ତ ହୋଇଥିବାରୁ ତାଙ୍କର ସଂଜ୍ଞା ଗଡ଼ନାୟକ ହୋଇଅଛି । ପ୍ରତିପତ୍ତିଶାଳୀ ବଂଶର ଉତ୍ତରାଧିକାରୀ ହୋଇଥିବାରୁ କବିଙ୍କ ବାଲ୍ୟ ଜୀବନ ଖୁବ୍ ସ୍ୱଚ୍ଛନ୍ଦରେ ଅତିବାହିତ ହୋଇଥିଲା ।

କବିଙ୍କ ବାଲ୍ୟ ଶିକ୍ଷା ଜୀବନ ଅୟମାରମ୍ଭ ହୋଇଥିଲା କଳଣ୍ଡପାଳ ନିକଟବର୍ତ୍ତୀ ଅରାହାଟ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ । ସେଠାରୁ ଉତ୍ତୀର୍ଣ୍ଣ ହେବା ପରେ ସେ ଅନୁଗୁଳ ଏମ୍.ଇ. ସ୍କୁଲ୍ ରେ ତାଙ୍କ ମାଧ୍ୟମିକ ଶିକ୍ଷା ଲାଭ କରିଥିଲେ । ଏମ୍.ଇ. ରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବା ପରେ ସେ ବୃତ୍ତି ଛାତ୍ର ଭାବରେ ଅନୁଗୁଳ ହାଇସ୍କୁଲରେ ଯୋଗଦାନ କରିଥିଲେ । ହାଇସ୍କୁଲ୍‌ରେଅଧ୍ୟୟନ କରିବା ସମୟରେ ତାଙ୍କର ସାକ୍ଷାତ୍ ହୋଇଥିଲା ବିଶିଷ୍ଟ ସମାଜସେବୀ ତଥା ପଦ୍ମଶ୍ରୀ ଉପାଧିପ୍ରାପ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ସହିତ । ତାଙ୍କର ବ୍ୟକ୍ତିତ୍ୱଦ୍ୱାରା ସେ ଖୁବ୍ ପ୍ରଭାବିତ ହୋଇଥିଲେ ଓ ସମାଜ ପାଇଁ କିଛି କରିବା ନିମିତ୍ତ ଦୃଢ଼ ସଂକଳ୍ପ ଗ୍ରହଣ କରିଥିଲେ । ବାଲ୍ୟ କାଳରୁ ତାଙ୍କ ଭିତରେ କବିତ୍ୱ ଶକ୍ତିର ବିକାଶ ହୋଇଥିଲା । ସେ ହାଇସ୍କୁଲ୍‌ରେଅଧ୍ୟୟନ କରୁଥିବା ବେଳେ ଅନେକ ଇଂରାଜୀ କବିତା ଅନୁବାଦ କରିଥିଲେ । ସାହିତ୍ୟ ପ୍ରତି ଖୁବ୍ ଅନୁରାଗୀ ହୋଇଥିବା ଯୋଗୁଁ ସେ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ଭାବେ ଅବହେଳା କରିଥିଲେ । ତେଣୁ ସେ ପାଠପଢ଼ାରେ ଅକୃତକାର୍ଯ୍ୟ ହୋଇଥିଲେ । ତେଣୁ ଅନୁଗୁଳ ହାଇସ୍କୁଲ୍‌ରୁ ଦେବଗଡ଼

ହାଇସ୍କୁଲ୍‌କୁ ତାଙ୍କର ସ୍ଥାନାନ୍ତରିତ ହୋଇଥିଲା । ସେ ଗଣିତରେ ଖୁବ୍ ଦୁର୍ବଳ ଥିଲେ । ତେଣୁ ବାରମ୍ବାର ମେଟ୍ରିକ୍ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ଖୁବ୍ ଶ୍ରମସାଧନା କରି ମେଟ୍ରିକ୍ ପରୀକ୍ଷା ଦେଇଥିଲେ ଓ  କୃତକାର୍ଯ୍ୟ ହୋଇଥିଲେ ।

ମେଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପରିଣତ ବୟସରେ ସେ କଟକ ଖ୍ରୀଷ୍ଟ କଲେଜ୍‌ର ଆଇ.ଏ. ଶ୍ରେଣୀରେ ନାମ ଲେଖାଇଲେ । ସେ ପାଠ ପଢ଼ିବା ସମୟରେ ତାଙ୍କର ଅଧ୍ୟାପକମାନେ ତାଙ୍କଠାରୁ ବୟସରେ ସାନ ଥିଲେ । ସେହି ସମୟରେ ତାଙ୍କର କାବ୍ୟ-ପ୍ରତିଭାର ବିକାଶ ସାଧିତ ହୋଇସାରିଥିଲା । ତେଣୁ କଲେଜର ଅଧ୍ୟାପକମାନେ ମଧ୍ୟ ତାଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ମେଟ୍ରିକ୍ ପରୀକ୍ଷାର ଅକୃତକାର୍ଯ୍ୟତା ଯୋଗୁଁ ତାଙ୍କ ମନରେ ପରୀକ୍ଷା ପ୍ରତି ଗୋଟିଏ ପ୍ରକାର ଅହେତୁକ ଭୟ ସୃଷ୍ଟି ହୋଇଥିଲା । ତେଣୁ ସେ ଆଇ.ଏ. ପରୀକ୍ଷା ଦେଇ ନଥିଲେ । ଓକିଲାତି କରିବା ଥିଲା ତାଙ୍କ ଜୀବନର ସ୍ୱପ୍ନ । ମାତ୍ର ଶିକ୍ଷାଗତ ଯୋଗ୍ୟତା ନହେବା ଯୋଗୁଁ ସେ ସେଦିଗରୁ ନିବୃତ୍ତ ହୋଇଥିଲେ ।

୧୯୩୦ ମସିହାରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା ଚକୋରୀ ଦେବୀଙ୍କ ସହିତ । ବିବାହ ପରେ ସେ ନିଷ୍ପତ୍ତି ନେଇଥିଲେ ଯେ, କୃଷିକର୍ମ କରିବେ ଏବଂ ତା ସହିତ ସମାଜସେବା କରିବେ । ସାଂସାରିକ ଜୀବନରେ ଅର୍ଥର ଅଭାବ ଅନୁଭବ କରି ସେ ୧୯୩୪ ମସିହାରେ ଅନୁଗୁଳର ରେକର୍ଡ ଅଫିସର୍ ଭାବରେ ସେ ଯୋଗ ଦେଲେ । ମାତ୍ର ସେହି କର୍ମ ପ୍ରତି ତାଙ୍କର ରୁଚି ନଥିଲା । ତେଣୁ ଚାକିରୀ ପରିତ୍ୟାଗ କରି କୃଷିକର୍ମ ଓ ସମାଜ ସେବାରେ ମନୋନିବେଶ କଲେ । ସମାଜ ସେବା ସହିତ ଜାତିର ସେବା କରିବା ନିମିତ୍ତ ମଧ୍ୟ ତାଙ୍କ ମନରେ ବ୍ୟାକୁଳତା ଦେଖାଯାଉଥିଲା । ସେ ୧୯୩୮ ମସିହାରେ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଇଥିଲେ । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବିଶିଷ୍ଟ ନାରୀ ବିପ୍ଳବୀ ମାଳତୀ ଚୌଧୁରୀ । ଏହିଭଳି ପରବର୍ତ୍ତୀ କାଳରେ ମଧ୍ୟ ସେ ଓଡ଼ିଶାର ବିଭିନ୍ନ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରିଥିଲେ ।

ଉକ୍ତ ସମସ୍ତ କର୍ମର ବ୍ୟସ୍ତତାରେ ସୁଦ୍ଧା କବି ଗଡ଼ନାୟକ ସାହିତ୍ୟ ପ୍ରତି ଆଦୌ ଅବହେଳା କରିନଥିଲେ । ଲେଖନୀ ତାଙ୍କ ଥିଲା ଚିରଚଞ୍ଚଳ । ସେ ସମକାଳୀନ ଓଡ଼ିଆ ସାହିତ୍ୟରେ ବିକଶିତ ହୋଇଥିବା ରୋମାଣ୍ଟିକ୍ କବିତାର ଧାରାକୁ ଉପଜୀବ୍ୟ କରି କବିତା ରଚନା କରୁଥିଲେ । ପରବର୍ତ୍ତୀ କାଳରେ ଭାରତୀୟ କାହାଣୀ ଓ କିମ୍ବଦନ୍ତୀକୁ ଉପଜୀବ୍ୟ କରି ଅନେକ ଗାଥା କବିତା ରଚନା କରିଥିଲେ, ଯାହାକି ଓଡ଼ିଆ ପାଠକମାନଙ୍କୁ ଗଭୀର ଭାବରେ ସ୍ପର୍ଶ କରିଥାଏ । ବସ୍ତୁତଃ ସେ ଓଡ଼ିଆ ସାହିତ୍ୟର ଧୂରୀଣ ଗାଥା କବି ଭାବେ ପରିଚିତ ହୋଇଛନ୍ତି । ତାଙ୍କଦ୍ୱାରା ବିରଚିତ ଅମର କୃତିଗୁଡ଼ିକ ହେଉଛି ଉତ୍କଳିକା, ସ୍ୱରଣିକା, କାବ୍ୟନାୟିକା, କୈଶୋରିକା, ଧୂସର ଭୂମିକା, ପଶୁପକ୍ଷୀର କାବ୍ୟ, ଗାନ୍ଧୀଗାଥା, ଶାମୁକାର ସ୍ୱପ୍ନ, ସୂର୍ଯ୍ୟ ଓ ଅନ୍ଧକାର, ଅବାଚୀର ତାରା, ମୌସୁମୀ ଇତ୍ୟାଦି । ଏତଦ୍‌ବ୍ୟତୀତ ସେ ଅନୁବାଦରେ ମଧ୍ୟ ମନୋନିବେଶ କରିଥିଲେ । ମେଘଦୂତ, କୁମାରସମ୍ଭବ ତଥା ସୋରାବ୍ ଓ ରୁସ୍ତମ୍ ତାଙ୍କର ଉଲ୍ଲେଖ ଯୋଗ୍ୟ ଅନୁବାଦ ଗ୍ରନ୍ଥ । ତାଙ୍କର ସୂର୍ଯ୍ୟ ଓ ଅନ୍ଧକାର ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ତାଙ୍କର ସାମଗ୍ରିକ କୃତି ପାଇଁ ସେ ପଦ୍ମଶ୍ରୀ, ଉତ୍କଳ ରତ୍ନ ଓ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନରେ ଭୂଷିତ ହୋଇଛନ୍ତି ।

କବି ରାଧାମୋହନ ଗଡ଼ନାୟକ ବାସ୍ତବରେ ଥିଲେ ବାଗ୍‌ଦେବୀଙ୍କ ବରପୁତ୍ର । ସାହିତ୍ୟ ସେବା ଥିଲା ତାଙ୍କ ଜୀବନର ପରମ ବ୍ରତ । ବିଶେଷତଃ ତାଙ୍କ କବିତାଗୁଡ଼ିକରେ ନିହିତ ଉପାଦାନ ପାଠକ ପ୍ରାଣରେ ସୃଷ୍ଟି କରିଥାଏ ଭିନ୍ନ ଏକ ଭାବସ୍ପନ୍ଦନ । ରୋମାଣ୍ଟିକ୍ ଚେତନା ସହିତ ମାନବବାଦୀ, ଦେଶାତ୍ମବୋଧକ, ଆଦର୍ଶବୋଧ, ଐତିହ୍ୟ ପ୍ରୀତି, ମଣିଷ ପ୍ରୀତି ଇତ୍ୟାଦି ଉପାଦାନ ତାଙ୍କ ସାହିତ୍ୟକୁ ଅମର କରି ଗଢ଼ି ତୋଳିଛି । ତେଣୁ ଓଡ଼ିଆ ସାହିତ୍ୟର ବିକାଶରେ ତାଙ୍କ ଅବଦାନ ଏକାନ୍ତ ଭାବରେ ଉଲ୍ଲେଖନୀୟ ଓ ପ୍ରଣିଧାନଯୋଗ୍ୟ ।

## ୫.୫ କବିତାର ପାଠ୍ୟାଂଶ

### ମୌସୁମୀ

ତୂର୍ଣ୍ଣ ଗତିର ହିଲ୍ଲୋଳେ ଆଜି ପୂର୍ଣ୍ଣ ବଳେ
ଧାଇଁ ଆସିଅଛି ମୌସୁମୀ ମୁହିଁ ସୃଷ୍ଟି ପରେ
ପ୍ରବାହେ ମୋହର କୃଷ୍ଣ ବାଦଲ ଦେଇଛି ଖୋଲି
ମଣୁଛ କି ମତେ
ଆଲୁଳିତ-କେଶ
ବିଲୁଳିତ-ବେଶ
ଦୈତ୍ୟ ବୋଲି ?
ଡରୁଛ କି ମତେ
ଡାକୁଅଛି ମୁଁ ଯେ ମନ୍ଦ୍ର ଭାଷେ,
ହସି ଦେଉଅଛି ବଜ୍ର-ବିଜୁଳି-ଅଟ୍ଟହାସେ
ବରଷି ଦେଉଛି ତୁମୁଳ କରକା ତୀବ୍ରତର
ମତାଇ ଦେଉଛି ଅକାଳ ପ୍ରଳୟ-ବରଷା-ଝଡ଼ ।
ଡରନି ମୋତେରେ
ଡରନି ମୋତେ ରେ
ମର୍ତ୍ତ୍ୟ ଜୀବ,
ରୁଦ୍ର ସିନା ଏ ମୂର୍ତ୍ତି ମୋହର
ମୁହିଁ ତ ଶିବ ।
ନୀଳ ସୁନ୍ଦର ମହାସିନ୍ଧୁର ଉରସ ପରେ
ବୋଲୁଥିଲି ମୁହିଁ ହରଷଭରେ ।

ଉର୍ମି-ସହୀର ଚିକୁରେ ଚିବୁକେ,
ପୀରତିର ରସ-ହାସ-କୌତୁକେ
ଲଗାଇ ପାଣି,
କହି ଉଠୁଥିଲି-"ରାଣୀ ଗୋ ରାଣୀ" ।
ପ୍ରଣୟ-ମୁଗ୍ଧା କଳ-ଉଚ୍ଛ୍ୱାସେ
କହି ଉଠୁଥିଲା ରସ-ଉଲ୍ଲାସେ
"ପ୍ରିୟ ହେ ପ୍ରିୟ,
ଆହୁରି ଦିଅ ସେ ମଦିର-ପରଶ, ଆହୁରି ଦିଅ ।"
ଲୋଟି ପଡ଼ି ତାର ନଗନ ଜଘନ ବକ୍ଷ ପରେ
ଫେନ-ହାସ ତାର ପିଇପିଇ ଓଠ ଚୁମ୍ବନରେ
ହେଉଥିଲି ରସ ରଙ୍ଗେ ଭୋଳ
ତପତ କାହାର ନିଶ୍ୱାସ
ବୁକୁ ବେଦନାର ଉଚ୍ଛ୍ୱାସ
ସହସା ବାଜିଲା ଅଙ୍ଗେ ମୋର ।
ଚଞ୍ଚଳ ମୁହିଁ ଚକିତେ ଫେରି
ଅନାଇ ଦେଖିଲି ଦୃଷ୍ଟି ମେଲି
ତମାଳ ତାଳୀର କାନନିକା ଛାଡ଼ି ବଳାକାରାଶି
ମହାସିନ୍ଧୁର ବନ୍ଧୁର ବୁକେ ପଡୁଛି ଝାସି
ଧରଣୀର ତଳ ଖର ଉତାପେ ଉଠୁଛି ଭରି
ଶସ୍ୟ-ଶସ୍ପ-ପୁଷ୍ପ ବିତାନ ଯାଉଛି ଜଳି ।
ଧୂଳିର କୁହେଳି କୁହୁଳି କୁହୁଳି ଥରକୁ ଥର
ଧୂମ୍ର ଧୂସର କରି ଦେଉଅଛି ଗଗନ ତଳ ।
ଶୈବାଳିନୀର ସୈକତ ବୁକେ ରସର ରେଖା
ଶୁଖି ଯାଉଅଛି-ଯାଉନି ଦେଖା ।
ନୀଳ ସୁନ୍ଦର ଶଇଳପୁଞ୍ଜ
ଫୁଲ ବିକଚ ଅଟବୀକୁଞ୍ଜ

ପ୍ରଳୟ ଭଳି -
ଦାବ ଦହନରେ ଯାଉଛି ଜଳି ।
ତୃଷ୍ଣା-କାତର ଚାତକ-କଣ୍ଠ ଯାଉଛି ଫାଟି
ଆଁ କରି ଏବେ ଶୂନ୍ୟେ ଚାହିଁଛି ଜୀର୍ଣ୍ଣ ମାଟି ।
ମାଟିର ଭକତ ଅମ୍ବରେ ଚାହିଁ ବାରକୁ ବାର
ଢାଳି ଦେଉଅଛି ହା-ହା-କାର ।
ମୁହିଁ ନ ଦେଖୁଣୁ ପ୍ରେୟସୀ ମୋହର କହିଲା "ଏ କି" ?
ମୁଁ କହିଲି "ଥାଅ, ଚାଲିଲି ଏବେ ।"
ସେ କହି ଉଠିଲା, "ମୁଁ ଯିବି ତେବେ,
ମୁହିଁ କି କେବଳ ଜୀବନର ତୁମ
ନର୍ମମୟୀ
ହୋଇପାରିବିନି କର୍ମ-ସହୀ ?
ହେ ମୋର ପ୍ରିୟ
ସଙ୍ଗେ ନିଅ ।"
ବିପୁଳ ପୁଲକ-ପରଶ-ଭରେ ମୁଁ ହରଷ ଭରେ
ପ୍ରିୟାରେ ମୋହର ଆଶ୍ଳେଷି ନେଲି ଉରସ ପରେ ।
ଆଉ ତ କାହିଁ
ଘନ ବନ୍ଧନ ଟିଲା ନାହିଁ ।
ଦିଓଟି ଜୀବନ ମିଶିଯାଇ ଆଜି ମିଶ୍ର ରାଗେ
ଧାଇଁ ଆସିଅଛି ମୌସୁମୀ ମୁହିଁ ଧରଣୀ ଭାଗେ ।
ନମ୍ର ନୁହ, କମ୍ର ନୁହଇ, ନୁହଇ ଧୀର,
ଉଗ୍ର ମୁଁ ଆଜି, ବ୍ୟଗ୍ର ମୁଁ ଆଜି ଅଗ୍ରସର ।
ସାଗର ବନ୍ଧୁ ବହି ଆଣିଅଛି ସଲୀଳଧାରା,
ଦୂର ଦିଗନ୍ତୁ ଉଡ଼ାଇ ଆଣିବି ବାରିଦମାଳା ।
ପୀଡ଼ିତ ପ୍ରାଣର ମଙ୍ଗଳ ଲାଗି ଜୀବନ ଦେଇ
ଦୁର୍ଦ୍ଦିନ ମୁହିଁ

ସୃଷ୍ଟିର ତଳେ

ଦୁର୍ଦ୍ଦିନ ମୁହିଁ

ଆଣିଛି ଏଇ.........

## ୫.୫.୧ କବିତାର ମର୍ମାର୍ଥ

ଏହି ସମଗ୍ର ସଂସାର ଉଦ୍ଦେଶ୍ୟରେ ମୌସୁମୀ ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବେ କହୁଛି ଯେ, ମୁଁ ଅଶ୍ୱର ହ୍ରେଷା ରବ ଭଳି ଗର୍ଜ୍ଜନ କରି ପୂର୍ଣ୍ଣ ଶକ୍ତିରେ ଆଗମନ କରିଛି ଏହି ଧରିତ୍ରୀକୁ । ମୋର ତୀବ୍ର ପ୍ରବାହରେ ସୃଷ୍ଟି ହୋଇଛି ଘନକୃଷ୍ଣ ମେଘମାଳା । ମୋର ଏହି ଭୟଙ୍କର ମୂର୍ତ୍ତି ଦେଖି, ବିପର୍ଯ୍ୟସ୍ତ କେଶ, ବିଚିତ୍ର ବେଶ ପରିପାଟୀ ଦେଖି କ'ଣ ମୋତେ ଦୈତ୍ୟ ବୋଲି ମନେ କରୁଛ କି ? ମୁଁ ଗୁରୁ ଗମ୍ଭୀର ଭାଷାରେ ଗର୍ଜ୍ଜନ କରୁଛି, ବଜ୍ର ଓ ବିଜୁଳିର ଚମକରେ ଛାତି ଥରେଇ ଦେଉଛି, ତୀବ୍ର ଗତିରେ ବର୍ଷାପାତ କରୁଛି କୁଆ ପଥରର, ବର୍ଷା, ଝଡ଼ ଓ ବାତ୍ୟାରେ ପ୍ରଳୟ କରିଦେଉଛି ସମଗ୍ର ସୃଷ୍ଟିରେ । ତାହା ହୁଏତ ତମ ଭିତରେ ସୃଷ୍ଟି କରୁଛି ସଂତ୍ରସ୍ତତା । ମାତ୍ର ହେ ମର୍ତ୍ତ୍ୟର ପ୍ରାଣୀକୁଳ ! ମୋତେ ଆଦୌ ଭୟ କରନାହିଁ । ମୁଁ ସିନା ଏ ଭୟଙ୍କର ମୂର୍ତ୍ତି ଧାରଣ କରିଅଛି । କିନ୍ତୁ ମୁଁ ହେଉଛି ସର୍ବଦା ଜଗତର ମଙ୍ଗଳକାରୀ ।

ମୁଁ ରମଣୀୟ ନୀଳାଭ ମହା ସମୁଦ୍ରର ବକ୍ଷ ଉପରେ ଅତି ଆନନ୍ଦରେ କ୍ରୀଡ଼ା କରୁଥିଲି । ମୋର ପ୍ରିୟତମା ଊର୍ମି ବା ତରଙ୍ଗର ଗଣ୍ଡଦେଶରେ ଆଙ୍କି ଦେଉଥିଲି ସରୁ ଚୁମ୍ବନ । ପ୍ରେମର ମଧୁମୟ ରସରେ ହାସରେ କୌତୁକରେ ରସସିକ୍ତ କରି ତାକୁ ପ୍ରୀତିବୋଳା କଣ୍ଠରେ ରାଣୀ ବୋଲି ସମ୍ବୋଧନ କରୁଥିଲି । ଆବେଗର ଉଚ୍ଛ୍ୱାସରେ, ପ୍ରଣୟରେ ବିମୁଗ୍ଧା ଆପଣାର କଳ ନିନାଦରେ, ପ୍ରେମ ରସର ମାଦକତାରେ ସେ ହୋଇ ଉଠୁଥିଲା ବିହ୍ୱଳା । ପ୍ରେମ ରସାଶ୍ରିତ କଣ୍ଠରେ ସେ ମୋତେ ଆହୁରି ମଧୁର ଆଶ୍ଳେଷ ଦେବା ପାଇଁ ଅନୁରୋଧ କରୁଥିଲା । ତାର ଉଲଗ୍ନ ଊରୁ ଓ ବକ୍ଷ ଉପରେ ଲୋଟି ଯାଉଥିଲି ମୁଁ । ଓଷ୍ଠର ଚୁମ୍ବନରେ ପାନ କରୁଥିଲି ତା'ର ଫେନ ରୂପକ ହାସ । ପ୍ରେମର ମାଦକତାରେ ହୋଇ ଯାଉଥିଲି ବିଭୋର ।

ଠିକ୍ ଏହିଭଳି ଏକ ରସସିକ୍ତ ମୁହୂର୍ତ୍ତରେ ଅତର୍କିତ ଭାବେ ମୁଁ ଅନୁଭବ କଲି କାହାର ଉତ୍ତପ୍ତ ନିଃଶ୍ୱାସ, କାହାର ହୃଦୟରୁ ଉଦ୍‌ଗତ ହେଉଥିବା ବେଦନାର ତୀବ୍ର ଉଚ୍ଛ୍ୱାସ । ମୋର ଶରୀରରେ ତାହା ବାଜି ସୃଷ୍ଟି କଲା ଭିନ୍ନ ଏକ ଭାବସ୍ପନ୍ଦନ । ଅତି ବିସ୍ମୟ ଚତ୍ତରେ ଦୃଷ୍ଟି ଫେରାଇ ଦେଖିଲି ତମାଳ ବୃକ୍ଷ ସମୂହର ଗଭୀର ଅରଣ୍ୟକୁ ଛାଡ଼ି ଦେଇ ମେଘମାଳ ଝାସ ଦେଉଛନ୍ତି ଅନନ୍ତ ମହାସିନ୍ଧୁର ବକ୍ଷ ଉପରେ । ପୃଥିବୀର ଭୂଭାଗରେ ଅନୁଭୁତ ହେଉଛି ପ୍ରଚଣ୍ଡ ଉତ୍ତାପ । ଶସ୍ୟ କ୍ଷେତ୍ର ଓ ସୁନ୍ଦର ପୁଷ୍ପ ଉପବନ ପ୍ରଜ୍ୱଳିତ ହୋଇ ଉଠୁଛନ୍ତି । ଘୂର୍ଣ୍ଣିବାୟୁ ଦ୍ୱାରା ଧୂଳିର କୁଜ୍ଝଟିକା ବାରମ୍ବାର ଉତ୍ତୋଳିତ ହେଉଛି ଉର୍ଦ୍ଧ୍ୱକୁ । ସମଗ୍ର ଜଗତ ଧୂଳିରେ ଧୂସରିତ ହୋଇ ଯାଉଛି । କୁଳୁକୁଳୁ ନାଦରେ ବହି ଯାଉଥିବା ତଟିନୀର ବାଲୁବନ୍ତରେ ଜଳଧାରା ଶୁଷ୍କ ହୋଇଯାଇଛି । ପୃଥିବୀର ନୀଳାଭ ପର୍ବତମାଳା, ପୁଷ୍ପଦ୍ୱାରା

ଶୋଭିତ ହୋଇଥିବା ଉପବନ ପ୍ରଳୟ ଭଳି ଜଳି ଯାଉଛନ୍ତି ପ୍ରଚଣ୍ଡ ରୌଦ୍ରତାପରେ । ଫାଟିଯାଉଛି ଗଭୀର ଶୋଷରେ ବିହ୍ୱଳା ଚାତକର କଣ୍ଠ । ସଂସାରର ଜୀର୍ଣ୍ଣମାଟି ଫାଟି ଯାଇ ଆଁ କରି ଚାହିଁଛି ଶୂନ୍ୟକୁ ।

ମାଟିର ଭକ୍ତ ମଣିଷକୁଳ ବାରମ୍ବାର ବର୍ଷାର ଆଶାରେ ଅନାଉଛନ୍ତି ଆକାଶକୁ । ତାଙ୍କର ଆଶା ପୂରଣ ନହେବା ଯୋଗୁଁ ନୈରାଶ୍ୟରେ ଜର୍ଜରିତ ହୋଇ ହାହାକାର କରିଉଠୁଛନ୍ତି । ଏହି ସମସ୍ତ ଦୃଶ୍ୟ ସନ୍ଦର୍ଶନ କରି ଆଶ୍ଚର୍ଯ୍ୟଚକିତ ହୋଉଠିଲା ମୋର ପ୍ରିୟ ସଖୀ ଉର୍ମି । ଏହିଭଳି ବିଘଟଣ କାହିଁକି ବୋଲି ଅତି ଆକୁଳ କଣ୍ଠରେ ମୋତେ ପ୍ରଶ୍ନ କଲା । ତା'ର ଉତ୍ତର ପ୍ରଦାନ କରିବା ପୂର୍ବରୁ ମୁଁ ତାକୁ କହିଲି –'ମୋତେ ବିଦାୟ ଦିଅ ପ୍ରିୟତମା ! ତମେ ଏଠାରେ ଥାଅ, ମୁଁ ଚାଲିଲି ମୋର ଗନ୍ତବ୍ୟ ପଥକୁ ।' ମାତ୍ର ସେ ସମ୍ପୂର୍ଣ୍ଣ ଭାବେ ମନା କଲା । କହିଲା ମୁଁ ମଧ ତୁମ ସଙ୍ଗରେ ଯିବି । ମୁଁ କ'ଣ କେବଳ ତୁମର ପ୍ରେମର ସଙ୍ଗିନୀ ଅଟେ କି ? କ'ଣ ତୁମର କର୍ମ-ସଙ୍ଗିନୀ ହୋଇପାରିବି ନାହିଁ ? ମୋତେ ମଧ ତୁମ ସଙ୍ଗରେ ନିଅ । ତାର ସେହି ଉଲ୍ଲସିତ ପ୍ରେମପୂର୍ଣ୍ଣ ସ୍ପର୍ଶରେ ଆନନ୍ଦିତ ହୋଇ ଉଠିଲି ମୁଁ । ତାକୁ ମୁଁ ଆବଦ୍ଧ କରିନେଲି ଘନ ଆଲିଙ୍ଗନରେ ।

ଆଜି ମୋର ପ୍ରିୟତମା ଉର୍ମି ସହିତ ମିଶି ଗଭୀର ଆବେଗରେ ମୁଁ ମୌସୁମୀ ପୃଥିବୀକୁ ଧାଇଁ ଆସିଛି । ମୁଁ ନମନୀୟ ବା କମନୀୟ ନୁହେଁ । ମୁଁ ହେଉଛି ଉଗ୍ର, ଚଳଚଞ୍ଚଳ । ଅନନ୍ତ ସମୁଦ୍ର ଗର୍ଭରୁ ମୁଁ ବହନ କରିଆସିଛି ଅସରନ୍ତି ଜଳଧାରା । ସୁଦୂର ଦିଗନ୍ତରୁ ଅସଂଖ୍ୟ ମେଘମାଳାକୁ ଉଡ଼ାଇ ଆଣିବି । ଏହି ସଂସାରରେ କଷ୍ଟ, ଯନ୍ତ୍ରଣା ଭୋଗୁଥିବା ପ୍ରାଣୀର ମଙ୍ଗଳ ପାଇଁ ଏ ମୋର ଦୁର୍ବାର ଅଭିଯାନ । ପ୍ରାଣୀର ଯାବତୀୟ ମଙ୍ଗଳ ସକାଶେ ମୁଁ ହୁଏତ ବିସର୍ଜନ କରିଦେବି ଆପଣାର ଜୀବନକୁ । ସଂସାରର ଦୁର୍ଦ୍ଦିନକୁ ଧ୍ୱଂସ କରିଦେବା ପାଇଁ ମୋର ଏ ଅଭିଯାନ । ମୁଁ ହୁଏତ ବିଶ୍ୱବାସୀଙ୍କ ପାଇଁ ଦୁର୍ଦ୍ଦିନ ହୋଇପାରେଁ ; ମାତ୍ର ଏହି ସୃଷ୍ଟିର ମଙ୍ଗଳ ମୋର ଏକାନ୍ତ କାମ୍ୟ ।

କବି ଗଡ଼ନାୟକ ସ୍ୱତନ୍ତ୍ର ଭଙ୍ଗୀରେ ପ୍ରକୃତିର ଏକ ରହସ୍ୟକୁ ସଂଶିତ କବିତା ମଧ୍ୟରେ ପରିବେଷଣ କରିଛନ୍ତି । ଏହାରି ମଧ୍ୟରେ ନିହିତ ମୌସୁମୀର ଭାବପ୍ରବଣତା ଓ ଆବେଗାତ୍ମକତା ସ୍ୱତଃ ପାଠକର ହୃଦୟରେ ସୃଷ୍ଟି କରିଥାଏ ଭିନ୍ନ ଏକ ଭାବସ୍ପନ୍ଦନ । ସେହି ଦୃଷ୍ଟିକୋଣରୁ କବିତାଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଛି ।

## ୫.୬ ମୌସୁମୀ କବିତାରେ ରୋମାଣ୍ଟିକ୍ ଚିନ୍ତାଧାରା

କବି ରାଧାମୋହନ ଗଡ଼ନାୟକ ହେଉଛନ୍ତି ଜଣେ ଯଶସ୍ୱୀ ରୋମାଣ୍ଟିକ୍ କବି । ଯେଉଁ ସମୟରେ ଓଡ଼ିଆ ସାହିତ୍ୟରେ ରୋମାଣ୍ଟିକ୍ ଚେତନାର ସ୍ରୋତ ପ୍ରବାହିତ ହେଉଥିଲା ସେତେବେଳେ ସେ ଲେଖନୀ ଧାରଣ କରିଥିଲେ । ମାତ୍ର ସବୁଜ କବିମାନଙ୍କଠାରୁ ତାଙ୍କ ଚିନ୍ତାଧାରା ଥିଲା ସମ୍ପୂର୍ଣ୍ଣ ଭିନ୍ନ । ବସ୍ତୁତଃ ଇଂରେଜୀ ସାହିତ୍ୟରେ କବିତା ରଚନା କରୁଥିବା ରୋମାଣ୍ଟିକ୍ କବି ଓ୍ୱାର୍ଡସ୍‌ଓ୍ୱାର୍ଥ, କୀଟ୍‌ସ, ଶେଲୀ, ବାଇରନ୍ ପ୍ରମୁଖଙ୍କ କବିତାଅଧ୍ୟୟନର ସୁଯୋଗ ଲାଭ କରିଥିଲେ । ତେଣୁ ସେମାନଙ୍କ କବିତାରେ ନିହିତ ରୋମାଣ୍ଟିକ୍ ଚେତନା କବିଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ସେ ସେହି ସ୍ରୋତକୁ ଉପଜୀବ୍ୟ କରି ସ୍ୱକୀୟ କବିତାଗୁଡ଼ିକ ରଚନା କରିଛନ୍ତି । ତାଙ୍କ ଆଲୋଚ୍ୟ ମୌସୁମୀ କବିତାରେ ରୋମାଣ୍ଟିକ୍ ଚିନ୍ତାଧାରାର କିପରି ପ୍ରତିଫଳନ ଘଟିଛି, ତାକୁ ନିମ୍ନରେ ଆଲୋଚନା କରାଯାଉଛି ।

ରୋମାଣ୍ଟିକ୍ ଚେତନାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ପ୍ରକୃତିପ୍ରୀତି ପ୍ରବଣତା । ରୋମାଣ୍ଟିକ୍ କବିମାନେ ନିସର୍ଗର ରମଣୀୟ ବୈଚିତ୍ର୍ୟକୁ ଭିତ୍ତି କରି ସ୍ୱକୀୟ କବିତାଗୁଡ଼ିକ ରଚନା କରିଥାନ୍ତି । ସେମାନଙ୍କ ଦୃଷ୍ଟିଭଙ୍ଗୀରେ ପ୍ରକୃତି ଏକ ଜଡ଼ ବା ନିର୍ଜୀବ ପଦାର୍ଥ ନୁହେଁ । ପ୍ରକୃତି ହେଉଛି ମଣିଷ ପରି ଜୀବନ୍ତ ଓ ଚଳଚଞ୍ଚଳ । ସେ ମଣିଷ ପରି ବ୍ୟବହାର ପ୍ରଦର୍ଶନ କରିଥାଏ ଓ ସର୍ବଥା ମଣିଷର ମଙ୍ଗଳ ସକାଶେ ହିଁ ପ୍ରାଣବନ୍ତ ହୋଇଥାଏ । କବି ଗଡ଼ନାୟକ ଏହି ଚେତନାକୁ ଭିତ୍ତି କରି ଆଲୋଚ୍ୟ ମୌସୁମୀ କବିତାରେ ମୌସୁମୀକୁ ମାନବୀୟ ଭାବନାରେ ଆପ୍ଲୁତ କରିଛନ୍ତି । ମୌସୁମୀ ଜଗତବାସୀଙ୍କ ଉଦ୍ଦେଶ୍ୟରେ ଆପଣାର ଅନୁଭବ ପ୍ରକାଶ କରିଛି, ନିଜ ପ୍ରେମ ଓ ପ୍ରଣୟର ରୋମାଞ୍ଚକୁ ଅଭିବ୍ୟକ୍ତ କରିଛି ଏବଂ ସଂସାରର ମଙ୍ଗଳ ସକାଶେ ତା'ର ଶୁଭ ଆଗମନର ବାର୍ତ୍ତା ପ୍ରେରଣ କରିଛି -

"ଉଗ୍ର ମୁଁ ଆଜି, ବ୍ୟଗ୍ର ମୁଁ ଆଜି ଅଗ୍ରସର ।  
ସାଗର ବନ୍ଧୁ ବହି ଆଣିଅଛି ସଲୀଳଧାରା,  
ଦୂର ଦିଗନ୍ତୁ ଉଡ଼ାଇ ଆଣିବି ବାରିଦମାଳା ।  
ପୀଡ଼ିତ ପ୍ରାଣର ମଙ୍ଗଳ ଲାଗି ଜୀବନ ଦେଇ ।"

ମୌସୁମୀର ଏହି ଅଭିବ୍ୟକ୍ତି ମାଧ୍ୟମରେ କବି ଆପଣାର ପ୍ରକୃତି-ପ୍ରୀତିକୁ ଅତି ଚମତ୍କାର ଭାବେ ପରିବେଷଣ କରିଛନ୍ତି । ମୌସୁମୀ ସତେ ଯେପରି ଜଡ଼ ନୁହେଁ, ବରଂ ମଣିଷଠାରୁ ମଧ୍ୟ ଆହୁରି ଜୀବନ୍ତ, ଆହୁରି ଶକ୍ତିଶାଳୀ । ଏକ ଧୂରୀଣ ରୋମାଣ୍ଟିକ୍ କବି ଭାବରେ କବି ଗଡ଼ନାୟକ ଏହି ଉପଲବ୍ଧିକୁ ଏଠାରେ ପରିବେଷଣ କରିଛନ୍ତି ।

ସ୍ନିଗ୍ଧ ପ୍ରେମ ଓ ପ୍ରଣୟର ଭାବନା ରୋମାଣ୍ଟିକ୍ କବିତାର ଅନ୍ୟତମ ଉଲ୍ଲେଖନୀୟ ବୈଶିଷ୍ଟ୍ୟ । କବି ସ୍ୱକୀୟ କବିତାରେ ପ୍ରେମ ଉପଲବ୍ଧିକୁ ଅତି ରସପୂର୍ଣ୍ଣ ଭାବରେ ପରିବେଷଣ କରିଥାନ୍ତି । ତାହା ପାଠକ ହୃଦୟକୁ ରୋମାଞ୍ଚିତ ଓ ଆବେଗାଚ୍ଛନ୍ନ କରିଥାଏ । ଆଲୋଚ୍ୟ କବିତାରେ କବି ଗଡ଼ନାୟକ ମୌସୁମୀର ଉପଲବ୍ଧି ମାଧ୍ୟମରେ ମାନବୀୟ ପ୍ରେମଭାବନାକୁ ଅତି ଆବେଗାତ୍ମକ ଭାବେ ପରିବେଷଣ କରିଛନ୍ତି । ମୌସୁମୀ କହିଛି ଯେ, ସେ ଏହି ପୃଥିବୀକୁ ଆସିବା ପୂର୍ବରୁ ନୀଳାଭ ସମୁଦ୍ରର ବକ୍ଷ ଉପରେ ତାର ପ୍ରିୟତମା ଊର୍ମି ସହିତ ପ୍ରେମର ନିବିଡ଼ ରସରେ ମଜ୍ଜି ଯାଇଥିଲା । ସେ ଅତି ଆବେଗପୂର୍ଣ୍ଣ ଭାବରେ ଆଲିଙ୍ଗନବଦ୍ଧ କରିଥିଲା ଊର୍ମିକୁ । ତାର ଗଣ୍ଡଦେଶକୁ ସ୍ପର୍ଶ କରି ବିଭୋର୍ ହୋଇଯାଉଥିଲା ପ୍ରେମରେ । ଊର୍ମି ମଧ୍ୟ ମୌସୁମୀର ସେହି ମଧୁର ସ୍ପର୍ଶ ଲାଭ କରି ହୋଇଉଠୁଥିଲା ବିହ୍ୱଳା । ସେହି ମଧୁର ଆଶ୍ଲେଷକୁ ମନ ଭରି ଉପଭୋଗ କରୁଥିଲା । ସତେ ଯେପରି ତନ୍ମଧ୍ୟରେ ସେ ଲାଭ କରୁଥିଲା ପରମ ତୃପ୍ତି । କବିଙ୍କ ଭାଷାରେ -

"ପ୍ରଣୟ-ମୁଗ୍ ଧା କଳ-ଉଚ୍ଛ୍ୱାସେ  
କହି ଉଠୁଥିଲା ରସ-ଉଲ୍ଲାସେ  
"ପ୍ରିୟ ହେ ପ୍ରିୟ,

ଆହୁରି ଦିଅ ସେ ମଦିର-ପରଶ, ଆହୁରି ଦିଅ ।"
ଲୋଟି ପଡ଼ି ତାର ନଗନ ଜଘନ ବକ୍ଷ ପରେ
ଫେନ-ହାସ ତାର ପିଇପିଇ ଓଠ ଚୁମ୍ବନରେ ।"

ମୌସୁମୀ ଓ ଉର୍ମି ଉଭୟଙ୍କୁ ପ୍ରେମିକ ପ୍ରେମିକା ଭାବରେ ପରିକଳ୍ପନା କରି କବି ଆପଣାର କଳ୍ପନାବିଳାସର ଯଥାର୍ଥ ପରିଚୟ ପ୍ରଦାନ କରିଛନ୍ତି । ଏହା ହିଁ ସମର୍ଥ ରୋମାଣ୍ଟିକ୍ କବିର କଳ୍ପନା । ଏଠାରେ କବି ଏତେ ରସପୂର୍ଣ୍ଣ ଭାବେ ମୌସୁମୀର ପ୍ରେମ ଉପଲବ୍ଧିକୁ ପରିବେଷଣ କରିଛନ୍ତି, ଯାହାକି ମାନବ ପ୍ରୀତିର ଉର୍ଦ୍ଧ୍ୱରେ ବୋଲି ମନେ ହୋଇଥାଏ । ପ୍ରେମପରାୟଣତାର ଏହା ହେଉଛି ସାର୍ଥକ ଦୃଷ୍ଟାନ୍ତ ।

ରୋମାଣ୍ଟିକ୍ କବିତାର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ସୌନ୍ଦର୍ଯ୍ୟ ପ୍ରୀତି । ବିଶିଷ୍ଟ ସୌନ୍ଦର୍ଯ୍ୟ ଦାର୍ଶନିକ କ୍ରୋଚେଙ୍କ ସିଦ୍ଧାନ୍ତ ଅନୁଯାୟୀ, 'ସୌନ୍ଦର୍ଯ୍ୟ କେବଳ ବସ୍ତୁର ବାହ୍ୟ ରୂପରେ ସୀମିତ ଓ ସୀମାବଦ୍ଧ ନୁହେଁ, ବରଂ ବାହ୍ୟ ରୂପ ମଧ୍ୟରେ ଭବ୍ୟତା (Sublimation) ଏହାର ମୁଖ୍ୟ ଆଭିମୁଖ୍ୟ । କବି ରାଧାମୋହନ ସେହି ରୋମାଣ୍ଟିକ୍ ସୌନ୍ଦର୍ଯ୍ୟବୋଧକୁ ସଂଶିତ କବିତାରେ ଅତି ଚମତ୍କାର ଭାବେ ପରିବେଷଣ କରିଛନ୍ତି । କବିଙ୍କ ଭାଷାରେ-

ଡରୁଛ କି ମତେ
ଡାକୁଅଛି ମୁଁ ଯେ ମନ୍ଦ୍ର ଭାଷେ,
ହସି ଦେଉଅଛି ବଜ୍ର-ବିଜୁଳି-ଅଟ୍ଟହାସେ
ବରଷି ଦେଉଛି ତୁମୁଳ କରକା ତୀବ୍ରତର
ମତାଇ ଦେଉଛି ଅକାଳ ପ୍ରଳୟ-ବରଷା-ଝଡ଼ ।
ଡରନି ମୋତେରେ
ଡରନି ମୋତେ ରେ
ମର୍ତ୍ତ୍ୟ ଜୀବ,
ରୁଦ୍ର ସିନା ଏ ମୂର୍ତ୍ତି ମୋହର
ମୁହିଁ ତ ଶିବ ।

କବି ଏଠାରେ ମୌସୁମୀ ଆଗମନକାଳୀନ ବାସ୍ତବ ଓ ଜୀବନ୍ତ ରୂପକୁ ପରିବେଷଣ କରିବା ସଙ୍ଗେସଙ୍ଗେ ତନ୍ମଧ୍ୟରେ ନିହିତ ଅନ୍ତଃସୌନ୍ଦର୍ଯ୍ୟକୁ ପରିବେଷଣ କରିଛନ୍ତି । କବିଙ୍କ ଭାବନା ଅନୁଯାୟୀ ମୌସୁମୀର ଆଗମନ କାଳରେ ଗୁରୁ ଗମ୍ଭୀର ଗର୍ଜନ ଶୁଣାଯାଏ, ବଜ୍ରବିଜୁଳି ଉଦ୍‌ଭାସିତ ହୋଇ ସମଗ୍ର ଧରିତ୍ରୀକୁ ସଂତ୍ରସ୍ତ କରିଦେଇଥାଏ, ବର୍ଷାର ତାଣ୍ଡବ ସୃଷ୍ଟି ହୋଇଥାଏ । ତାହା ହୁଏତ ପୃଥିବୀବାସୀଙ୍କୁ ଭୟଗ୍ରସ୍ତ କରିଥାଏ ; ମାତ୍ର ତନ୍ମଧ୍ୟରେ ନିହିତ ଥାଏ ମୌସୁମୀର ମଙ୍ଗଳକାରୀ ରୂପ । କବି ସେହି ଭବ୍ୟତା ବା ଅନ୍ତଃସୌନ୍ଦର୍ଯ୍ୟକୁ ଏଠାରେ ସ୍ପଷ୍ଟ କରିଛନ୍ତି ।

ବର୍ଣ୍ଣନାତ୍ମକ ବ୍ୟଞ୍ଜନା ଓ ଉପଯୁକ୍ତ ଶବ୍ଦ ପ୍ରୟୋଗ ମାଧ୍ୟମରେ ସୌନ୍ଦର୍ଯ୍ୟ ସୃଷ୍ଟି ରୋମାଣ୍ଟିକ୍ କାବ୍ୟ ଚେତନାର ଏକ ମହତ୍ତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ରୋମାଣ୍ଟିକ୍ କବି ଆପଣାର ଭାବର ବ୍ୟଞ୍ଜନାରେ କବିତା ରଚନା କରେ ଓ ଶବ୍ଦ ସଂଯୋଜନା ମାଧ୍ୟମରେ ଅପୂର୍ବ ଭାବର ପରିବେଶ ସୃଷ୍ଟି କରିଥାଏ । ଆଲୋଚ୍ୟ କବିତାରେ ଅନୁରୂପ ଭାବେ କବି ଭାବ ବ୍ୟଞ୍ଜନା ସୃଷ୍ଟି କରିଛନ୍ତି ଶବ୍ଦ ମାଧ୍ୟମରେ । ନିମ୍ନ ଉଦାହରଣରୁ ତାହା ସ୍ପଷ୍ଟ ହୋଇପାରିବ –

"ବିପୁଳ ପୁଲକ-ପରଶ-ଭରେ ମୁଁ ହରଷ ଭରେ
ପ୍ରିୟାରେ ମୋହର ଆଶ୍ଲେଷି ନେଲି ଉରସ ପରେ ।
ଆଉ ତ କାହିଁ
ଘନ ବନ୍ଧନ ଫିଟିଲା ନାହିଁ ।"

ପ୍ରିୟା ଉର୍ମିର ଅନୁଯୋଗ ଶୁଣିବା ପରେ ମୌସୁମୀର ଯେଉଁ ପ୍ରୀତିମୂଳକ ଅନୁଭବ ସୃଷ୍ଟି ହୋଇଛି କବି ସୁନ୍ଦର ଶବ୍ଦ ସଂଯୋଜନା ମାଧ୍ୟମରେ ତାର ସ୍ୱାଭାବିକତାକୁ ଏଠାରେ ଅଭିବ୍ୟକ୍ତ କରିଛନ୍ତି । ତାହା ଭାବନାର ଚମତ୍କାରୀ ବ୍ୟଞ୍ଜନା ସୃଷ୍ଟି କରିଅଛି ।

ଉକ୍ତ ପର୍ଯ୍ୟାଲୋଚନାରୁ ସ୍ପଷ୍ଟ ଭାବରେ ପ୍ରତିପାଦିତ ହେଉଛି ଯେ, କବି ଗଡ଼ନାୟକ ସମକାଳୀନ ରୋମାଣ୍ଟିକ୍ ଚିନ୍ତାଧାରାକୁ ଉପଜୀବ୍ୟ କରି ତଦୀୟ କବିତାଟି ରଚନା କରିଛନ୍ତି । ତେଣି ତନ୍ମଧ୍ୟରେ ରୋମାଣ୍ଟିକ୍ ଚିନ୍ତାଧାରାର ସାର୍ଥକ ପ୍ରୟୋଗ ଘଟିଅଛି । ବର୍ଣ୍ଣନାରେ ଆବେଗାତ୍ମକତା ଓ ଉଲ୍ଲସିତ ଅଭିବ୍ୟକ୍ତି କବିତାକୁ ବହୁ ମାତ୍ରାରେ ରୋମାଣ୍ଟିକ୍ କରିଅଛି । ତେଣୁ ମୌସୁମୀ କବିତା ଏକ ସଫଳ ରୋମାଣ୍ଟିକ୍ କବିତା ଏହା ଏକାନ୍ତ ଭାବରେ ଗ୍ରହଣ କରାଯାଇପାରେ ।

## ୫.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(୧) ମୌସୁମୀ କବିତାରେ ରୋମାଣ୍ଟିକ୍ ଚିନ୍ତାଧାରା କିଭଳି ପ୍ରତଫଳିତ ଆଲୋଚନା କର ।

(୨) କବି ରାଧାମୋହନ ଗଡ଼ନାୟକଙ୍କ ପରିଚୟ ପ୍ରଦାନ କର ।

(୩) ମୌସୁମୀ କବିତାରୁ ମୌସୁମୀର ଅଭିବ୍ୟକ୍ତି ଲେଖ ।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(୧) ପୃଥିବୀକୁ ଆଗମନ ପୂର୍ବରୁ ମୌସୁମୀ କ'ଣ କରୁଥିଲା ଉଲ୍ଲେଖ କର

(୨) ମୌସୁମୀର ଆଗମନ ପୂର୍ବରୁ ପୃଥିବୀର ପରିବେଶ କିପରି ଥିଲା ?

(୩) ମୌସୁମୀ ଧରଣୀକୁ କିପରି ଆସିଥିଲା ?

(୪) 'ରୁଦ୍ର ସିନା ଏ ମୂର୍ତ୍ତି ମୋହର ମୁହିଁ ତ ଶିବ'– ଯଥାର୍ଥତା କ'ଣ ?

## ୫.୮ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ ବୃନ୍ଦାବନଚନ୍ଦ୍ର - ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ - ଗ୍ରନ୍ଥମନ୍ଦିର, କଟକ -୨୦୧୨
- କର, ଡ. ବାଉରୀବନ୍ଧୁ - ଓଡ଼ିଆ ସାହିତ୍ୟର ଇତିହାସ-ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ - ୧୯୯୮
- ମହାରଣା, ଡ. ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ - ଓଡ଼ିଶା ବୁକ୍ ଷ୍ଟୋର୍ସ - କଟକ - ୨୦୧୫


●●●



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in